


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-166 ♦FRIDAY ♦12 DECEMBER 2025 ♦PAGE-12 ♦₹ 6.00 | PANIKOILI | ♦ବର୍ଷ-୪୩ ♦ସଂଖ୍ୟା-୧୬୬ ♦ଶୁକ୍ରବାର ♦୧୨ ଡିସେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


**ନାଗରିକତା ସଂଶୋଧନ**

# ଓଡ଼ିଶାର ୩୫ ଜଣଙ୍କୁ ମିଳିଲା ନାଗରିକତ୍ୱ

■ ଭୁବନେଶ୍ୱର, ୧୧।୧୨ (ସମିସ): ନାଗରିକତା (ସଂଶୋଧନ) ଆଇନ ୨୦୧୯ ଅନୁଯାୟୀ ଓଡ଼ିଶାରେ ୩୫ ଜଣଙ୍କୁ ନାଗରିକତା ପ୍ରମାଣପତ୍ର ପ୍ରଦାନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଗୁରୁବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମ ପଡ଼ୋଶୀ ରାଷ୍ଟ୍ରମାନଙ୍କରେ ଧାର୍ମିକ ନିର୍ଯାତନାର ଶିକାର ହେଉଥିବା ସଂଖ୍ୟାଲଘୁମାନଙ୍କ ପାଇଁ ନାଗରିକତା (ସଂଶୋଧନ) ଆଇନ ୨୦୧୯ ହେଉଛି ପାପନାଶିନୀ ଓ ଦୁଃଖନାଶିନୀ ପବିତ୍ର ଗଙ୍ଗା ପରି। ଏହି ପବିତ୍ର ଆଇନ ବର୍ଷ ବର୍ଷ ଧରି ନିର୍ଯାତିତ ସଂଖ୍ୟାଲଘୁମାନଙ୍କ ପାଇଁ ଆଶା ଓ ଆଶ୍ୱାସନାର ମାର୍ଗ ପ୍ରଦାନ କରିଛି ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି।

ଭାରତ ସରକାରଙ୍କ ଗୃହ ମନ୍ତ୍ରାଳୟ ମାଧ୍ୟମରେ ନାଗରିକତା ସଂଶୋଧନ ଆଇନ ୨୦୧୯ ଅଧୀନରେ ଯୋଗ୍ୟ ଆବେଦନକାରୀଙ୍କୁ ଭାରତୀୟ ନାଗରିକତା ପ୍ରଦାନ ପ୍ରକ୍ରିୟା ଆରମ୍ଭ ହୋଇଛି। ୨୦୨୪ ମାର୍ଚ୍ଚ ୧୧ ରେ ବିଜ୍ଞାପିତ ହୋଇଥିବା ନିୟମାବଳୀ ଅନୁଯାୟୀ ବାଙ୍ଗଲାଦେଶ, ପାକିସ୍ତାନ ଓ ଆଫଗାନିସ୍ତାନରୁ ୨୦୧୪ ଡିସେମ୍ବର ୩୧ ମଧ୍ୟରେ ଭାରତକୁ ପ୍ରବେଶ କରିଥିବା ସଂଖ୍ୟାଲଘୁ ସମ୍ପ୍ରଦାୟର ବ୍ୟକ୍ତିମାନେ ଭାରତୀୟ ନାଗରିକତା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଭୁବନେଶ୍ୱର କୃଷି ଭବନ ପ୍ରେକ୍ଷାଳୟରେ ଓଡ଼ିଶାର ଜନଗଣନା ନିର୍ଦ୍ଦେଶାଳୟ ଏବଂ ଭାରତ ସରକାରଙ୍କ ଗୃହ ମନ୍ତ୍ରାଳୟର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଆଜି ନବରଙ୍ଗପୁର ଜିଲ୍ଲାର ୩୫ ଜଣଙ୍କୁ ନାଗରିକତା ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ନାଗରିକତା ପ୍ରମାଣପତ୍ର ପ୍ରଦାନ ମାଧ୍ୟମରେ ଭାରତ ବର୍ଷର ସଦା ପରମ୍ପରାଗତ କରୁଣା, ମାନବତା ଓ ଆଶ୍ରୟଦାନର ମୂଲ୍ୟବୋଧ ପୁଣି ଥରେ ଉଜ୍ଜିବୀତ ▶ପୃଷ୍ଠା-୭

# ୫ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏସ୍‌ଆଇଆର ସମୟସୀମା ବଢ଼ିଲା

**ପଶ୍ଚିମ ବଙ୍ଗ ଅବଧିରେ ପରିବର୍ତ୍ତନ ନାହିଁ**

■ ନୂଆଦିଲ୍ଲୀ, ୧୧।୧୨ (ଏଜେନ୍ସି): ଦେଶର ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟା ଚାଲୁ ରହିଛି। କେରଳକୁ ବାଦ୍ ଦେଲେ ବାକି ୧୧ଟି ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶରେ ଏସ୍‌ଆଇଆର୍‌ର ଫର୍ମ ଜମା କରିବାର ଶେଷ ତାରିଖ ଆଜି ଅର୍ଥାତ ଗୁରୁବାର ରହିଥିଲା। ନିର୍ବାଚନ କମିସନ ଗୁରୁବାର ଫର୍ମ ଡିଜିଟାଇଜେସନ ଓ ଜମା କରିବାର ପ୍ରକ୍ରିୟା ନେଇ ସମୀକ୍ଷା କରିବା ସହିତ ୫ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳରେ ଏସ୍‌ଆଇଆର୍‌ର ସମୟସୀମା ବଢ଼ାଇବାକୁ ନିଷ୍ପତ୍ତି ନେଇଛନ୍ତି। ମଧ୍ୟପ୍ରଦେଶ, ଛତିଶଗଡ଼ ଓ ଆଣ୍ଡାମାନ- ନିକୋବରରେ ଡିସେମ୍ବର ୧୮ ପର୍ଯ୍ୟନ୍ତ ଏସ୍‌ଆଇଆର ଫର୍ମ ପୂରଣ କରାଯାଇପାରିବ। ସେହିପରି ଉତ୍ତରପ୍ରଦେଶରେ ଡିସେମ୍ବର ୨୬, ଗୁଜରାଟ ଓ ତାମିଲନାଡୁରେ ଡିସେମ୍ବର ୧୪ ପର୍ଯ୍ୟନ୍ତ ଫର୍ମ ପୂରଣ କରାଯାଇପାରିବ। ନିର୍ବାଚନ କମିସନ ସୂଚନା ଦେଇଛନ୍ତି ଯେ ଗୋଆ, ▶ପୃଷ୍ଠା-୭

**୩ ଡିଗ୍ରୀକୁ ଖସିଲା ପାରଦ**

# ସଞ୍ଜ ନଇଁଲେ ଶୀତ ରାଜୁତି

## ୧୦ ଡିଗ୍ରୀ ତଳେ ରାଜ୍ୟର ୧୬ ସହରର ତାପମାତ୍ରା

■ ଭୁବନେଶ୍ୱର, ୧୧।୧୨ (ସମିସ): ମାଘ ମାସ ନୁହେଁ, ଏଥର ଶେଷ ମାର୍ଗଶିରରେ ଶୀତ ଆସିଛି ବାଘ ପରି। ଉପକୂଳରୁ ଉପାନ୍ତ ପର୍ଯ୍ୟନ୍ତ ସବୁଠୁ ଖସିଛି ପାରଦ। ସାରା ରାଜ୍ୟକୁ କଲବଲ କରୁଛି ଅସହ୍ୟ ଥଣ୍ଡା। ଅଧିକାଂଶ ସ୍ଥାନରେ ତାପମାତ୍ରା ସ୍ୱାଭାବିକ ତୁଳନାରେ ୫ରୁ ୭ ଡିଗ୍ରୀ ପର୍ଯ୍ୟନ୍ତ କମ୍ ରହୁଛି। ଫଳରେ ଗତ ୨୪ ଘଣ୍ଟାରେ ରାଜ୍ୟରେ ତାପମାତ୍ରା ୩ ଡିଗ୍ରୀକୁ ଖସିଥିବା ବେଳେ ଆସନ୍ତା ୨ ସପ୍ତାହ ପର୍ଯ୍ୟନ୍ତ ପ୍ରବଳ ଶୀତ ଜାରି ରହିବାର ସମ୍ଭାବନା ସୃଷ୍ଟି ହୋଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟାରେ ସେମିଳିଗୁଡ଼ାରେ ରାଜ୍ୟର ସବୁଠୁ କମ୍ ତାପମାତ୍ରା ରେକର୍ଡ ହୋଇଥିବା ବେଳେ ଏଠାରେ ପାରଦ ୩.୫ ଡିଗ୍ରୀକୁ ଖସିଛି। ସେହିପରି ଜି. ଉଦୟଗିରିର ତାପମାତ୍ରା ୪ ଡିଗ୍ରୀ ରେକର୍ଡ ହୋଇଛି। ଏହାସହ ଫୁଲବାଣୀରେ ୫.୨ ଡିଗ୍ରୀ, ରାଉରକେଲାରେ ୬.୬ ଡିଗ୍ରୀ, ଝାରସୁଗୁଡାରେ ୬.୮ ଡିଗ୍ରୀ, ଦାରିଙ୍ଗବାଡିରେ ୭ ଡିଗ୍ରୀ, ଭବାନୀପାଟଣାରେ ୮ ଡିଗ୍ରୀ, ଅନୁଗୁଳରେ ୮ ଡିଗ୍ରୀ, ନବରଙ୍ଗପୁରରେ ୮.୬ ଡିଗ୍ରୀ, ବଲାଙ୍ଗିରରେ ତାପମାତ୍ରା ୯.୩ ଡିଗ୍ରୀ, ସୁନ୍ଦରଗଡ଼ରେ ୯.୬ ଡିଗ୍ରୀ ରେକର୍ଡ ହୋଇଛି। ଏହି ତାପମାତ୍ରା ସହ ଚଳିତ ବର୍ଷ ପ୍ରଥମ ଥର ପାଇଁ ପାରଦ ୩ ଡିଗ୍ରୀକୁ ଖସିବା ସହ ଆଜି ମୋଟ୍ ୧୬ ଟି ସହରରେ ତାପମାତ୍ରା ୧୦ ଡିଗ୍ରୀ କିମ୍ବା ଏହାଠାରୁ ତଳେ ରହିଛି। ଟ୍ୱିନ ସିଟିରେ ମଧ୍ୟ ତାପମାତ୍ରା ୧୧ ଡିଗ୍ରୀକୁ ଖସିଛି। କଟକରେ ତାପମାତ୍ରା ୧୧.୬ ଡିଗ୍ରୀ ଓ ଭୁବନେଶ୍ୱରରେ ୧୧.୮ ଡିଗ୍ରୀରେ ପହଞ୍ଚିଛି। ରାଜ୍ୟର ଏକାଧିକ ସ୍ଥାନରେ ତାପମାତ୍ରା ସ୍ୱାଭାବିକ ତୁଳନାରେ କମ୍ ▶ପୃଷ୍ଠା-୭

- ଆହୁରି ପନ୍ଦର ଦିନ ପର୍ଯ୍ୟନ୍ତ ଜାରିରହିବ ସମାନ ସ୍ଥିତି
- ଏବେ ସୁଦ୍ଧା ୯ ଦିନରେ ପହଞ୍ଚିଲାଣି ଶୀତ ଲହରୀ
- ୧୧ରେ ପହଞ୍ଚିଲା ଦ୍ୱୈତନଗରୀର ସର୍ବନିମ୍ନ ତାପମାତ୍ରା

## ଶିମିଳିପାଳରେ ୩ ଡିଗ୍ରୀ

■ ବାରିପଦା/ରାଇରଙ୍ଗପୁର, ୧୧।୧୨ (ସମିସ): ମୟୂରଭଞ୍ଜରେ ଶୀତ ଲହରୀ ଜାରି ରହିଥିବା ବେଳେ ଶିମିଳିପାଳରେ ପାରଦ ପୁଣିଥରେ ୩ ଡିଗ୍ରୀକୁ ଖସିଛି। ଗୁରୁବାର ସକାଳ ୬ଟାରେ ଅଭୟାରଣ୍ୟର ଉତ୍ତର ବନଖଣ୍ଡର ଉପର ବାର୍‌ହାକାମୁଡ଼ା (ୟୁବିକେ) ରେଞ୍ଜରେ ୩ ଡିଗ୍ରୀ, ଚହଲା ରେଞ୍ଜରେ ୫ଡିଗ୍ରୀ, ରାମତୀର୍ଥରେ ୧୨ ଡିଗ୍ରୀ, ଗୁଡୁଗୁଡିଆରେ ୭ଡିଗ୍ରୀ, କିଆଝରୀରେ ୧୩ଡିଗ୍ରୀ ଓ ସାତକୋଶିଆରେ ୧୨ ଡିଗ୍ରୀ ରେକର୍ଡ କରାଯାଇଛି।

ଉତ୍ତରା ପବନ ପ୍ରବାହିତ ହେଉଥିବାରୁ ଦିନକୁ ଦିନ ଜିଲ୍ଲାରେ ଥଣ୍ଡାର ପ୍ରଭାବ ବଢ଼ି ଚାଲିଛି। ଜିଲ୍ଲାର ୨୬ଟି ବ୍ଲକ୍ ମଧ୍ୟରୁ ଅଧିକାଂଶ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରି ପାଖାପାଖି ରହୁଛି। ସକାଳୁ ଅନେକ ସମୟ ପର୍ଯ୍ୟନ୍ତ କୁହୁଡ଼ି ମଧ୍ୟ ପରିଲକ୍ଷିତ ହେଉଛି। ଆଗକୁ ତାପମାତ୍ରା ଆହୁରି ନିମ୍ନଗାମୀ ହେବା ସହ ଆହୁରି ଥଣ୍ଡା ▶ପୃଷ୍ଠା-୭

**ଅରୁଣାଚଳରେ ୧୦୦୦ ଫୁଟ୍ ଖାଇକୁ ଖସିଲା ଟ୍ରକ୍**

# ୨୨ ମୃତ, ୧୮ ମୃତଦେହ ଉଦ୍ଧାର



■ ନୂଆଦିଲ୍ଲୀ, ୧୧।୧୨ (ଏଜେନ୍ସି): ଅରୁଣାଚଳ ପ୍ରଦେଶର ଅଞ୍ଜା ଜିଲ୍ଲାର ହାୟୁଲିଆଙ୍ଗ ଅଞ୍ଚଳରେ ଏକ ବଡ଼ ଧରଣର ଦୁର୍ଘଟଣା ଘଟିଛି। ଗୋଟିଏ ଟ୍ରକ୍ ୧୦୦୦ ଫୁଟ ଖାଇକୁ ଖସିଯିବାରୁ ଡ୍ରାଇଭର ଓ କ୍ଲିନରଙ୍କ ସମେତ ମୋଟ୍ ୨୧ ଜଣ ଶ୍ରମିକ ପ୍ରାଣ ହରାଇଛନ୍ତି। ଉଦ୍ଧାରକାରୀ ଦଳ ଏପର୍ଯ୍ୟନ୍ତ ୧୮ ଜଣଙ୍କ ମୃତଦେହ ଉଦ୍ଧାର କରିଛନ୍ତି। ଦୁର୍ଘଟଣାରୁ ବର୍ତ୍ତିଯାଇଥିବା ଜଣେ ବ୍ୟକ୍ତି ଦୁଇଦିନ ପରେ ସେନା ଶିବିରରେ ପହଞ୍ଚିବା ପରେ ଏହି ଖବର ସାମନାକୁ ଆସିଛି। ସୂଚନା ଅନୁସାରେ ଦୁର୍ଘଟଣା ଗତ ୮ ତାରିଖରେ ଘଟିଥିଲା। ବର୍ତ୍ତିଯାଇଥିବା ଶ୍ରମିକ ଜଣକ କୌଣସି ପ୍ରକାର ଚାଲିଚାଲି ୧୦ ତାରିଖ ରାତିରେ ଚିପରା ସିଆରପିଏଫ୍ କ୍ୟାମ୍ପରେ ପହଞ୍ଚିଥିଲେ। ଖବର ମିଳିବା ପରେ ସେନାର ଉଦ୍ଧାରକାରୀ ଦଳ ଦୁର୍ଘଟଣାସ୍ଥଳକୁ ଯାଇଛନ୍ତି। ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ଖୋଜିବା ପାଇଁ ସେନାକୁ ୪ ଘଣ୍ଟା ସମୟ ଲାଗିଥିଲା। ଉଦ୍ଧାର କାର୍ଯ୍ୟରେ ସେନାକୁ କଷ୍ଟକର ସ୍ଥିତିର ସମ୍ମୁଖୀନ ହେବାକୁ ପଡୁଛି। ୧୮ ଜଣଙ୍କ ମୃତଦେହକୁ ଦଉଡି ସାହାଯ୍ୟରେ ଉପରକୁ ଅଣାଯାଉଛି। ଘଟଣାସ୍ଥଳରେ ମେଡିକାଲ ଟିମ୍, ଜିଆରଇଏଫ୍ ପ୍ରତିନିଧି, ସ୍ଥାନୀୟ ପୁଲିସ ଓ ଏନ୍‌ଡିଆରଏଫ୍ ଟିମ୍ ଉପସ୍ଥିତ ରହି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ଏବେ ପୁଲିସ ଚଗଲଗାମର ଠିକାଦାରଙ୍କୁ ଅଟକ ରଖି ପଚରା ଉଚରା କରୁଛି। ମୃତ ଶ୍ରମିକମାନଙ୍କ ମିଳିନାହିଁ।

**ମାଲକାନଗିରି ଗୋଷ୍ଠୀ ସଂଘର୍ଷ**

# ତଥ୍ୟ ସଂଗ୍ରହ କରିବ ବିଜେଡି ଅନୁଧ୍ୟାନ କମିଟି

■ ଭୁବନେଶ୍ୱର, ୧୧।୧୨ (ସମିସ): ମାଲକାନଗିରି ହିଂସାକାଣ୍ଡ ଓ ଦୁଇଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ଘଟଣାରେ ବିଜେଡି ଏକ ତଥ୍ୟ ଅନୁସନ୍ଧାନକାରୀ ଦଳ ଗଠନ କରିଛି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଗଠନ କରାଯାଇଥିବା ଏହି ତଥ୍ୟ ଅନୁସନ୍ଧାନ କମିଟି ମାଲକାନଗିରି ଯାଇ ସେଠାରେ ତଥ୍ୟ ଅନୁଧ୍ୟାନ କରିବେ। ସେଠାରେ ଘଟିଥିବା ହିଂସାକାଣ୍ଡ ଏବଂ ମୁଣ୍ଡ ବିହୀନ ଶବ ବାବାଦରେ ବିଶଦ୍ ଭାବେ ତଥ୍ୟ ସଂଗ୍ରହ କରିବେ।

**ପ୍ରଭାବିତ ଅଞ୍ଚଳକୁ ଯିବେ, ସ୍ଥିତି ଅନୁଧ୍ୟାନ କରିବେ**

ଏହି ଟିମରେ ବିଧାୟକ ମାନସ ମାଡକାମୀ ଓ ମନୋହର ରାନ୍ଧାରୀ, ପୂର୍ବତନ ମନ୍ତ୍ରୀ ରମେଶ ମାଝୀ, ରବି ନନ୍ଦ, ପୂର୍ବତନ ସାଂସଦ ପ୍ରଦୀପ ମାଝୀ, ଦଳର ବରିଷ୍ଠ ନେତା ଇଶ୍ୱର ପାଣିଗ୍ରାହୀ, ଲକ୍ଷ୍ମୀପ୍ରିୟା ନାୟକ ପ୍ରମୁଖ ସଦସ୍ୟ ରହିଛନ୍ତି। ଏହି ଟିମ ପ୍ରଭାବିତ ଅଞ୍ଚଳ ଗସ୍ତ କରିବା ସହ ବର୍ତ୍ତମାନର ସ୍ଥିତି ଅନୁଧ୍ୟାନ କରିବେ। ଏହାପରେ ଏକ ପୂର୍ଣ୍ଣାଙ୍ଗ ରିପୋର୍ଟ ଦଳର ସଭାପତିଙ୍କୁ ପ୍ରଦାନ କରିବେ। ସୂଚନାଯୋଗ୍ୟ ଯେ ଏହି ହିଂସାକାଣ୍ଡ ଘଟଣାରେ ଏଯାବତ୍ ୫୦ଟି ଘର ଜଳିଥିବା ବେଳେ ୧୬୦ଟି ଘର କ୍ଷତିଗ୍ରସ୍ତ ହୋଇଛି। ସେହିପରି ଶତାଧିକ ଲୋକେ ନିଜ ଘରଦ୍ୱାର ଛାଡ଼ି ନିକଟସ୍ଥ ଗ୍ରାମରେ ଆଶ୍ରୟ ନେଇଛନ୍ତି।

# ୱାଟ୍‌କୋ ପାଇପ୍ ଫାଟି ୮୦୦ ବସ୍ତା ଧାନ ଜଳମଗ୍ନ

**ଉଜୁଡ଼ିଗଲା ବର୍ଷଯାକର ପରିଶ୍ରମ ● ଚାଷୀ ମୁଣ୍ଡରେ ଚଡ଼କ**





■ ସମ୍ବଲପୁର, ୧୧।୧୨ (ସମିସ): ବର୍ଷତମାମ ଝାଳବୁହା ପରିଶ୍ରମ କରି ଚାଷୀ ସୁନାର ଫସଲ ଫଳାଇଥିଲା। ବହୁ ବାଧାବିଘ୍ନ ଅତିକ୍ରମ କରି ଧାନକୁ ଖଳା ପର୍ଯ୍ୟନ୍ତ ସୁରକ୍ଷିତ ଭାବେ ଆଣିଥିଲା। ୭ଦିନ ପରେ ମଣ୍ଡିରେ ଧାନ ଦେଇ ସବୁ ଚିନ୍ତାରୁ ମୁକ୍ତ ହୋଇଥା'ନ୍ତା ବୋଲି ଯୋଜନା କରିଥିଲା। କିନ୍ତୁ ଚାଷୀର ସବୁ ଯୋଜନା, ସବୁ ପରିଶ୍ରମକୁ ନିମିଷକରେ ଧୋଇନେଲା ୱାଟ୍‌କୋ। ୱାଟ୍‌କୋର ବେପରୁଆ କାମ ପାଇଁ ପିଏଚ୍‌ଡି ପାଇପ୍ ପାଣି ମାଡ଼ି ଜଣେ ଚାଷୀଙ୍କ ୮୦୦ ବସ୍ତା ଧାନ ଜଳମଗ୍ନ ହୋଇଯାଇଛି। ସମ୍ବଲପୁର ମହାନଗର ନିଗମ ଭତରା ଗ୍ରାମର କୁବେର ଭୁକ୍ତାଙ୍କ ଉପରେ ଏପରି ଅଦିନିଆ ବଜ୍ର ପଡ଼ିଛି। କୁବେର ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ମଣ୍ଡିରେ କଟ୍‌ନୀଛଟ୍‌ନୀ ସମସ୍ୟା ଲାଗି ରହିଥିବା ବେଳେ ଏବେ ଧାନ ନଷ୍ଟ ହୋଇଯାଇଥିବାରୁ କ'ଣ କରିବେ, କାହାକୁ କହିବେ; କିଛି ବୁଝିପାରୁନାହାନ୍ତି। ଚତୁର୍ଦ୍ଦିଗ ତାଙ୍କୁ ଅନ୍ଧାର ଦିଶୁଛି। ସୂଚନାନୁସାରେ, ୱାଟ୍‌କୋ ▶ପୃଷ୍ଠା-୭

**ଧାନ ଉଠାଇବ ତ ମିଲର୍?**

# ମୋକିମ୍ ଝଡ଼: କଂଗ୍ରେସ ଅଣନିଃଶ୍ୱାସୀ

## ଏକାଠି ହେଉଛନ୍ତି ବିଦ୍ରୋହୀ, ଦିଲ୍ଲୀ ଗଲେ ଭକ୍ତ

■ ଭୁବନେଶ୍ୱର, ୧୧।୧୨ (ସମିସ): ମୋକିମ୍‌ଙ୍କ ଚିଠି ଝଡ଼ରେ ଅଣନିଶ୍ୱାସୀ କଂଗ୍ରେସ। ଦଳର ଘର କଳି ତୀବ୍ର ହୋଇଥିବାବେଳେ କିଏ କେଉଁ ପଟରେ ରହିଛନ୍ତି ତାହା ସ୍ପଷ୍ଟ ହୋଇ ନ ଥିଲେ ହେଁ ମୋକିମ୍‌ଙ୍କ ଚିଠି ଦଳରେ ଅସନ୍ତୁଷ୍ଟ ଗୋଷ୍ଠୀଙ୍କୁ ବଳ ଦେଇଛି। ଭକ୍ତଙ୍କ ବିରୋଧୀ ଏକାଠି ହୋଇଥିବାବେଳେ ଏହି ସୁଯୋଗରେ ଅସନ୍ତୁଷ୍ଟଙ୍କୁ ଜବତ କରିବାକୁ ପିସିସି ସଭାପତି ଭକ୍ତଚରଣ ଦିଲ୍ଲୀ ଗସ୍ତ କରିଛନ୍ତି। ମୋକିମ ତାଙ୍କ ଚିଠିରେ ଦଳର ଶୀର୍ଷ ନେତୃତ୍ୱ ରାହୁଲ ଗାନ୍ଧୀ ଓ ମଲ୍ଲିକାର୍ଜୁନ୍ ଖଡ଼୍‌ଗେଙ୍କୁ ନିଶାଣ କରିଥିବାରୁ ରାଜ୍ୟ କଂଗ୍ରେସର ଅଧିକାଂଶ ନେତା ମୋକିମଙ୍କୁ ଖୋଲାଖୋଲି ସମର୍ଥନ କରିବାକୁ ପଛଘୁଞ୍ଚା ଦେଇଛନ୍ତି। ଏପରିକି ଦଳର ବହୁ ବରିଷ୍ଠ ନେତା ରାହୁଳ ଓ ଖଡ଼୍‌ଗେଙ୍କୁ ନିଶାଣକୁ ନାପସନ୍ଦ ମଧ୍ୟ କରିଛନ୍ତି।

କଂଗ୍ରେସ କଳି ଦାଣ୍ଡରେ ପଡ଼ି ହାଟରେ ଗଡୁଥିବା ଯୋଗୁଁ ଦଳର ଭବିଷ୍ୟତକୁ ନେଇ ମଧ୍ୟ ସନ୍ଦେହ ସୃଷ୍ଟି ହୋଇଛି। କଂଗ୍ରେସର ବରିଷ୍ଠ ନେତା ଶରତ ରାଉତ କହିଛନ୍ତି ଯେ ଏହି ଗଣ୍ଡଗୋଳ ଯୋଗୁଁ ଦଳର କ୍ଷତି ହେଉଛି। ପିସିସି ସଭାପତି ତୁରନ୍ତ ପିଏସି ଓ ବରିଷ୍ଠ ନେତାମାନଙ୍କ ସହ ଆଲୋଚନା କରିବା ଦରକାର। ଘରର କଳି ଘର ଭିତରେ ସମାଧାନ କରିବାକୁ ସେ ପ୍ରସ୍ତାବ ଦେଇଛନ୍ତି।

**କେନ୍ଦ୍ରୀୟ ନେତାଙ୍କୁ ନିଶାଣକୁ ବରିଷ୍ଠଙ୍କ ନାପସନ୍ଦ**

**ବିବାଦ ବଢ଼ାଇଲା ବିଧାୟକଙ୍କ ବିରୋଧରେ ଏତଲା**

ଅନ୍ୟପଟେ ବରିଷ୍ଠ କଂଗ୍ରେସ ନେତା ଅନନ୍ତ ସେଠୀ ମଧ୍ୟ ଏହି ବିବାଦକୁ ନେଇ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ମୋକିମ୍ ତାଙ୍କ ସମସ୍ୟା ହାଇକମାଣ୍ଡଙ୍କୁ ଜଣାଇବା ଠିକ୍, ମାତ୍ର ମିଡ଼ିଆକୁ ଜଣାଇବା ଠିକ୍ ନୁହେଁ। ଏଥିପାଇଁ ମୁଁ ମୋକିମ୍‌ଙ୍କ କାର୍ଯ୍ୟକୁ ନାପସନ୍ଦ କରୁଛି।

ସେପଟେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କହିଛନ୍ତି ଭକ୍ତଚରଣ ଦାସ ଓ ମୋକିମଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦକୁ ଘର ଭିତରେ ସମାଧାନ କରିବା ଆବଶ୍ୟକ। ମୋକିମ ସିଧାସଳଖ ସୋନିଆ ଗାନ୍ଧୀଙ୍କୁ ଚିଠି ଲେଖିବା ଓ ଗଣମାଧ୍ୟମରେ ପ୍ରତିକ୍ରିୟା ଦେବା ଠିକ୍ ହୋଇ ନାହିଁ। ମୋକିମ ଅସନ୍ତୋଷ ପ୍ରକାଶ କରିବାର ଢ଼ାଞ୍ଚା ଭୁଲ ଓ ଏହା ସହିତ ସେ ଏକମତ ନୁହନ୍ତି ବୋଲି ଜୟଦେବ କହିଛନ୍ତି। ▶ପୃଷ୍ଠା-୭


## ଆପଣଙ୍କ ପୁରୁଣା ବ୍ୟାଙ୍କ ଖାତାରେ ଟଙ୍କା ରଖି ଭୁଲିଯାଇଛନ୍ତି କି?



ଯାହା ଆପଣଙ୍କର ତାହାକୁ ପ୍ରାପ୍ତ କରିବାରେ ଆର୍‌ବିଆଇ ଆପଣଙ୍କୁ ସାହାଯ୍ୟ କରିବ ।

ଆପଣଙ୍କ ବ୍ୟାଙ୍କରେ ଅଚଳ ଖାତା (2 ବର୍ଷରୁ ଅଧିକ ଓ 10 ବର୍ଷ ପର୍ଯ୍ୟନ୍ତ ସମୟ ଧରି ନିଷ୍କ୍ରିୟ ଥିବା)ରେ ପଡ଼ିରହିଥିବା ଟଙ୍କା / ଦାବିହୀନ ଜମା (10 ବର୍ଷରୁ ଅଧିକ ସମୟ ଧରି)ଗୁଡ଼ିକୁ ଆର୍‌ବିଆଇର ଡିଇଏ ପାଣ୍ଠିକୁ ସ୍ଥାନାନ୍ତର କରିଦିଆଯାଇଥାଏ । ଆପଣ କିମ୍ବା ଆପଣଙ୍କର ଆଇନଗତ ଉତ୍ତରାଧିକାରୀ ତାହାକୁ ଯେକୌଣସି ସମୟରେ ଦାବି କରିପାରିବେ ।

### ନିଜ ଟଙ୍କାକୁ ଦାବି କରିବାର 3ଟି ସହଜ ସୋପାନ

1. ଆପଣଙ୍କ ବ୍ୟାଙ୍କର ଯେକୌଣସି ଶାଖା ପରିଦର୍ଶନ କରନ୍ତୁ, ତାହା ଆପଣଙ୍କ ନିୟମିତ ଶାଖା ନ ହୋଇଥିଲେ ମଧ୍ୟ କିଛି ଅସୁବିଧା ନାହିଁ
2. କେୱାଇସି ଦସ୍ତାବିଜ (ଆଧାର, ପାସ୍‌ପୋର୍ଟ, ମତଦାତା ପରିଚୟପତ୍ର କିମ୍ବା ଡ୍ରାଇଭିଂ ଲାଇସେନ୍ସ) ସହ ଏକ ଫର୍ମ ଦାଖଲ କରନ୍ତୁ
3. ଯାଞ୍ଚ ପରେ, ଯଦି ଆପଣଙ୍କର କୌଣସି ଅର୍ଥରାଶି ପ୍ରାପ୍ୟ ହୋଇଥାଏ ତେବେ ତାହାକୁ ସୁଧ ସହ ପ୍ରାପ୍ତ କରନ୍ତୁ

### ଆପଣଙ୍କର ଦାବିହୀନ ଜମାକୁ ଠାବ କରିବା ପାଇଁ

ଆପଣଙ୍କ ବ୍ୟାଙ୍କର ୱେବ୍‌ସାଇଟ୍‌ରେ ସନ୍ଧାନ କରନ୍ତୁ କିମ୍ବା ସମ୍ପ୍ରତି 30ଟି ବ୍ୟାଙ୍କକୁ ଅନ୍ତର୍ଭୁକ୍ତ କରୁଥିବା ଆର୍‌ବିଆଇର ଉଦ୍‌ଗମ ପୋର୍ଟାଲ (https://udgam.rbi.org.in) ଯାଞ୍ଚ କରନ୍ତୁ ।

ଅକ୍ଟୋବରରୁ ଡିସେମ୍ବର 2025 ମଧ୍ୟରେ ସାରାଦେଶରେ ସମସ୍ତ ଜିଲ୍ଲାରେ ଆୟୋଜିତ ହେଉଥିବା ସ୍ୱତନ୍ତ୍ର ଦାବିହୀନ ପରିସମ୍ପତ୍ତି ଶିବିର ପରିଦର୍ଶନ କରନ୍ତୁ




ଅଧିକ ବିବରଣୀ ପାଇଁ, ପରିଦର୍ଶନ କରନ୍ତୁ: https://rbikehtahai.rbi.org.in
ମତାମତ ପାଇଁ, rbikehtahai@rbi.org.in କୁ ଲେଖନ୍ତୁ
କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ
ଆନୁଷ୍ଠାନିକ ହ୍ୱାଟ୍ସଆପ୍ ନମ୍ବର 99990 41935

ଜନହିତରେ ଜାରି କରିଛନ୍ତି
भारतीय रिज़र्व बैंक
RESERVE BANK OF INDIA
www.rbi.org.in






# ବନ୍ଧାହେଲେ ଗୋଆ ନାଇଟ୍‌କ୍ଲବ୍ ମାଲିକ




- ଥାଇଲାଣ୍ଡରେ ଗିରଫ: ହାତରେ ଲାଗିଲା ହାତକଡ଼ି
- ଆଣିବାକୁ ଫୁକେଟ୍ ଗଲା ଗୋଆ ପୁଲିସ
- ଅଗ୍ନିକାଣ୍ଡ ପରେ ଦୁଇ ଭାଇ ପଳାୟନ କରିଥିଲେ

**ନୂଆଦିଲ୍ଲୀ,୧୧।୧୨(ଏଜେନ୍ସି):** ଗୋଆରେ ନାଇଟ୍ କ୍ଲବର ଅଗ୍ନିକାଣ୍ଡକୁ ୫ ଦିନ ବିତିବା ପରେ ଗୁରୁବାର କ୍ଲବର ମାଲିକ ସୌରଭ ଲୁଥରା ଓ ଗୌରବ ଲୁଥରାଙ୍କୁ ଥାଇଲାଣ୍ଡରେ ଗିରଫ କରାଯାଇଛି। ଥାଇଲାଣ୍ଡ ପୁଲିସ ଏହି ଦୁଇ ଭାଇଙ୍କ ଫଟୋ ଜାରି କରିଛି। ଏଥିରେ ଦୁଇଭାଇଙ୍କ ହାତରେ ହାତକଡ଼ି ପଡିଛି ଓ ସେମାନେ ସେମାନଙ୍କର ପାସ୍‌ପୋର୍ଟ ହାତରେ ଧରିଥିବାର ଦେଖାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ଭାରତୀୟ ଅଧିକାରୀମାନଙ୍କ ଏକ ଟିମ୍ ଥାଇଲାଣ୍ଡ ଯାତ୍ରା କରିଛନ୍ତି ଓ ୨୪ ଘଣ୍ଟା ମଧ୍ୟରେ ଦୁଇଭାଇଙ୍କୁ ଧରି ଭାରତ ଫେରିବେ। ଦୁଇଭାଇଙ୍କୁ ଭାରତ ଆଣିବା ପରେ ସେମାନଙ୍କୁ ଗୋଆ ପୁଲିସ ଗିରଫ କରିବ ବୋଲି କୁହାଯାଇଛି। ଉଲ୍ଲେଖଥାଉ କି, ବିର୍ଚ ନାଇଟ୍ କ୍ଲବରେ ଡିସେମ୍ବର ୬ରେ ନିଆଁ ଲାଗିବାର କାରଣରୁ ୨୫ ଜଣ ଲୋକ ମୃତ୍ୟୁବରଣ କରିଥିଲେ। ଘଟଣା ପରେ ଏହି ଦୁଇ ଭାଇ ଭାରତ ଛାଡି ଥାଇଲାଣ୍ଡ ପଳାଇ ଯାଇଥିଲେ। ଦୁଇଜଣଙ୍କ ବିରୋଧରେ ବିନା ଉଦ୍ଦେଶ୍ୟରେ ହତ୍ୟା ଓ ଅବହେଳାର ମାମଲା ରୁଜୁ କରାଯାଇଛି। ଯାଞ୍ଚ ଏଜେନ୍ସି ଦେଇଥିବା ସୂଚନା ଅନୁସାରେ ନାଇଟ୍ କ୍ଲବରେ ନିଆଁ ଲାଗିବା ପରେ ଦଳକଳ ବାହିନୀ ନିଆଁ ଲିଭାଇବାକୁ ଓ ମୃତ ଲୋକଙ୍କୁ ଉଦ୍ଧାର କରିବାକୁ ପ୍ରୟାସ କରୁଥିବା ବେଳେ ଦୁଇ ଭାଇ ଥାଇଲାଣ୍ଡ ଯିବାକୁ ଟିକଟ୍ ବୁକ୍ କରୁଥିଲେ। ଡିସେମ୍ବର ୬ ତାରିଖ ରାତି ୧.୧୭ରେ ଦୁହେଁ ଅନ୍‌ଲାଇନ୍ ଟ୍ରାଭେଲ କମ୍ପାନୀର ୱେବସାଇଟ୍‌ରେ ଲଗ୍‌ଇନ୍ କରିଥିଲେ। ଦୁଇଜଣ ସକାଳ ୫.୩୦ରେ ଇଣ୍ଡିଗୋ ବିମାନ ୬ଇ ୧୦୭୩ରେ ଦିଲ୍ଲୀରୁ ଥାଇଲାଣ୍ଡର ଫୁକେଟକୁ ଯାତ୍ରା କରିଥିଲେ। ଏହାପରେ ଗୋଆ ପୁଲିସ ବୈଦେଶିକ ମନ୍ତ୍ରଣାଳୟ ଓ ସିବିଆଇ ଜରିଆରେ ଇଣ୍ଟରପୋଲ୍‌କୁ ଦୁଇଭାଇଙ୍କୁ ଗିରଫ କରିବାକୁ ଅପିଲ କରିଥିଲା। ଏହାପରେ ଇଣ୍ଟରପୋଲ ଦୁଇ ଭାଇଙ୍କ ବିରୋଧରେ ବ୍ଲୁ କର୍ଣ୍ଣର ନୋଟିସ ଜାରି କରିଥିଲା। ଦୁଇଭାଇ, ସେମାନଙ୍କ ବ୍ୟବସାୟିକ ସହଯୋଗୀ, ପରିଚାଳକ ଓ ଅନ୍ୟକେତେକ କର୍ମଚାରୀ ଦିଲ୍ଲୀର ବାସିନ୍ଦା। ଖାସ୍ ଏଥିପାଇଁ ଗୋଆ ପୁଲିସ ସହିତ ଦିଲ୍ଲୀ ପୁଲିସ ମଧ୍ୟ ଏହି ଅଗ୍ନିକାଣ୍ଡ ମାମଲାର ମିଳିତ ଭାବେ ଯାଞ୍ଚ କରୁଛି। ଦିଲ୍ଲୀରେ ମଧ୍ୟ ଏକ ମାମଲା ରୁଜୁ କରାଯାଇଛି। ଇତିମଧ୍ୟରେ ଦୁଇଭାଇ ଦିଲ୍ଲୀର ରୋହିଣୀ କୋର୍ଟରେ ଆଗୁଆ ଜାମିନ ପାଇଁ ଆବେଦନ କରିଛନ୍ତି ଓ ଗତକାଲି ଏହାର ଶୁଣାଣି ହୋଇଥିଲା। ଏଥିରେ ଅଭିଯୁକ୍ତଙ୍କ ଓକିଲ କହିଥିଲେ ଯେ, ସେମାନେ ଭାରତ ଫେରିବାକୁ ଚାହୁଁଛନ୍ତି। ଏହି ମାମଲାରେ ଏପର୍ଯ୍ୟନ୍ତ ଦୁଇଭାଇଙ୍କ ବ୍ୟବସାୟିକ ସହଯୋଗୀଙ୍କ ସମେତ ୬ ଜଣ ଗିରଫ ହୋଇଛନ୍ତି।

## ବାଂଲାଦେଶରେ ହେବ ଫେବୃଆରୀରେ ନିର୍ବାଚନ

**ଢାକା,୧୧।୧୨(ଏଜେନ୍ସି):** ବାଂଲାଦେଶ ଆସନ୍ତାବର୍ଷ ଫେବୃଆରୀ ୧୨ରେ ସାଧାରଣ ନିର୍ବାଚନ ଆୟୋଜନ ହେବ। ଦେଶର ମୁଖ୍ୟ ନିର୍ବାଚନ କମିଶନ ଏଏମ୍‌ଏମ୍ ନାସିରୁଦ୍ଦିନ ଗୁରୁବାର ଏ ନେଇ ଘୋଷଣା କରିଛନ୍ତି। ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କୁ ଗାଦିଚ୍ୟୁତ କରାଯିବାର ଦେଢ଼ ବର୍ଷ ପରେ ମତଦାନ ହେବା ସ୍ପଷ୍ଟ ହୋଇଛି। ହସିନା ୨୦୨୪ ଅଗଷ୍ଟ ୫ରେ ବାଂଲାଦେଶ ଛାଡି ଭାରତରେ ଶରଣ ନେଇଛନ୍ତି। ସେବେଠାରୁ ମୁଖ୍ୟ ଉପଦେଷ୍ଟା ମହମ୍ମଦ ୟୁନୁସଙ୍କ ନେତୃତ୍ୱରେ ବାଂଲାଦେଶରେ ମଧ୍ୟବର୍ତ୍ତୀକାଳୀନ ସରକାର ଚାଲୁଛି। ବାଂଲାଦେଶର ସର୍ବବୃହତ ରାଜନୈତିକ ଦଳ ହସିନାଙ୍କ ଆୱାମୀ ଲିଗ୍ ଏହି ନିର୍ବାଚନରେ ଅଂଶଗ୍ରହଣ କରିପାରିବ ନାହିଁ। ୨୦୨୫ ମେରେ ନିର୍ବାଚନ କମିଶନ ଏହି ପାର୍ଟିର ପଞ୍ଜୀକରଣକୁ ବାତିଲ କରିଛି ଓ ଦଳର କେତେଜଣ ବରିଷ୍ଠ ନେତାଙ୍କୁ ଗିରଫ ମଧ୍ୟ କରାଯାଇଛି। ଆୱାମୀ ଲିଗ୍ ନିର୍ବାଚନ ଲଢ଼ିବା ଓ ରାଜନୈତିକ ଗତିବିଧି ଉପରେ ରୋକ ଲଗାଯାଇଛି। ମୁଖ୍ୟ ନିର୍ବାଚନ କମିଶନ କହିଛନ୍ତି ଯେ, ଜୁଲାଇ ଚାର୍ଟରକୁ ନେଇ ଜନମତ ସଂଗ୍ରହ କରାଯିବ। ଜୁଲାଇ ଚାର୍ଟର ହେଉଛି ସମ୍ବିଧାନିକ ଓ ରାଜେନୈତିକ ସୁଧାର ପ୍ରକ୍ରିୟାରେ ଏକ ଦଲିଲ୍। ଏଥିରେ ରାଜନୈତିକ ଓ ଶାସନ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ପାଇଁ ୨୬ଟି ପଏଣ୍ଟ ଉଲ୍ଲେଖ ରହିଛି। ଉଲ୍ଲେଖଥାଉ କି, ବାଂଲାଦେଶରେ ଭାରତ ଭଳି ନିର୍ବାଚନ ପ୍ରକ୍ରିୟା ଅବଲମ୍ବନ କରାଯାଇଥାଏ। ବାଂଲାଦେଶ ସଂସଦରେ ମୋଟ୍ ୩୫୦ଟି ଆସନ ରହିଛି। ଏଥିରେ ୫୦ଟି ଆସନ ମହିଳାଙ୍କ ପାଇ ସଂରକ୍ଷିତ ରହିଛି। ସଂରକ୍ଷିତ ଆସନରେ ନିର୍ବାଚନ ହୋଇ ନଥାଏ। କିନ୍ତୁ ବାକି ୩୦୦ ଆସନରେ ନିର୍ବାଚନ ହୋଇଥାଏ। ବାଂଲାଦେଶ ସଂସଦରେ କେବଳ ଗୋଟିଏ ଗୃହ ରହିଛି। କିନ୍ତୁ ଭାରତରେ ଲୋକସଭା ଓ ରାଜ୍ୟସଭା ରହିଛି।



## ଭଉଣୀଙ୍କ ବିବାହ ପାଇଁ ଖାଲିଦଙ୍କୁ ୧୪ ଦିନ ପାଇଁ ଜାମିନ୍

**ନୂଆଦିଲ୍ଲୀ,୧୧।୧୨(ଏଜେନ୍ସି):** ୨୦୨୦ ଦିଲ୍ଲୀ ଦଙ୍ଗାର ଅନ୍ୟତମ ଅଭିଯୁକ୍ତ ତଥା ଜେନେୟୁ ପୂର୍ବତନ ଛାତ୍ର ନେତା ଉମର ଖାଲିଦଙ୍କୁ ଦିଲ୍ଲୀର ଏକ କୋର୍ଟ ମଧ୍ୟବର୍ତ୍ତୀକାଳୀନ ଜାମିନ ପ୍ରଦାନ କରିଛନ୍ତି। ଭଉଣୀ ବାହାଘରରେ ଯୋଗ ଦେବା ପାଇଁ ତାଙ୍କୁ କୋର୍ଟ ଜାମିନ ଦେଇଛନ୍ତି। ଅତିରିକ୍ତ ସେସନ ଜଜ୍ ସମୀର ବାଜପେୟୀ ଡିସେମ୍ବର ୧୬ରୁ ୧୪ ଦିନ ପାଇଁ ଜେଲ ବାହାରେ ରହିବାକୁ ଅନୁମତି ପ୍ରଦାନ କରିଛନ୍ତି। ଅର୍ଥାତ ସେ ୨୯ ତାରିଖ ପର୍ଯ୍ୟନ୍ତ ବାହାରେ ରହିପାରିବେ। ଏହି ସମୟରେ ଖାଲିଦ କୌଣସି ସାମାଜିକ ଗଣମାଧ୍ୟମ ସହିତ ଜଡ଼ିତ ନ ହେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସେ କେବଳ ତାଙ୍କ ପରିବାର ସଦସ୍ୟ ଓ ପରିଜନ ଓ ବନ୍ଧୁମାନଙ୍କୁ ଭେଟିପାରିବେ ବୋଲି କୁହାଯାଇଛି। ପୁଣି ସେ କେବଳ ବିବାହ ସ୍ଥାନରେ ରହିବେ ଓ ଅନ୍ୟ କୌଣସି ସ୍ଥାନକୁ ଯାଇପାରିବେ ନାହିଁ ବୋଲି କୁହାଯାଇଛି। ଖାଲିଦ ନିଜ ଭଉଣୀଙ୍କ ବାହଘରରେ ଯୋଗ ଦେବାକୁ ଡିସେମ୍ବର ୧୪ରୁ ୨୯ ତାରିଖ ମଧ୍ୟରେ ଜାମିନ ପାଇଁ ଆବେଦନ କରିଥିଲେ। ତାଙ୍କ ଭଉଣୀଙ୍କ ବାହାଘର ଡିସେମ୍ବର ୨୭ରେ ଆୟୋଜନ ହେବ। ଦିଲ୍ଲୀ ଦଙ୍ଗାର ଷଡଯନ୍ତ୍ର ଅଭିଯୋଗରେ ଖାଲିଦ୍‌ଙ୍କୁ ୨୦୨୦ ସେପ୍ଟେମ୍ବରେ ଗିରଫ କରାଯାଇଥିଲା। ଏହା ପୂର୍ବରୁ ୨୦୨୪ ଡିସେମ୍ବରରେ ତାଙ୍କ ବନ୍ଧୁଙ୍କ ବାହାଘରରେ ଯୋଗ ଦେବାକୁ କୋର୍ଟ ତାଙ୍କୁ ୭ ଦିନ ପାଇଁ ଜାମିନ ପ୍ରଦାନ କରିଥିଲେ।



## ସଲମାନଙ୍କ ବ୍ୟକ୍ତିତ୍ୱ ଅଧିକାର ସଂପର୍କରେ ହାଇକୋର୍ଟଙ୍କ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୧୧।୧୨(ଏଜେନ୍ସି):** ବଲିଉଡ୍ ଅଭିନେତା ସଲମାନ ଖାନଙ୍କୁ ବ୍ୟକ୍ତିତ୍ୱ ଅଧିକାର ନେଇ ଦିଲ୍ଲୀ ହାଇକୋର୍ଟଙ୍କ ସମର୍ଥନ ମିଳିଛି। କୋର୍ଟ ଗୁରୁବାର ସବୁ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ ଓ ଅନ୍‌ଲାଇନ୍ କମ୍ପାନୀଗୁଡିକୁ ସଲମାନଙ୍କ ବ୍ୟକ୍ତିତ୍ୱ ଅଧିକାର ଯେପରି କ୍ଷତିଗ୍ରସ୍ତ ନ ହୁଏ, ସେଥିପାଇଁ ୩ ଦିନ ମଧ୍ୟରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ବ୍ୟକ୍ତିତ୍ୱ ଅଧିକାର ନେଇ ସଲମାନ ଦିଲ୍ଲୀ ହାଇକୋର୍ଟରେ ଆବେଦନ କରିଥିଲେ। କିଛି ଲୋକ ତାଙ୍କ ଛବି, ନାମ, ଫଟୋ ଓ ପରିଚୟକୁ ବ୍ୟବହାର କରି ଭୁଲ ଉପାୟରେ ପ୍ରଚାର ପ୍ରସାର କରି ବ୍ୟକ୍ତିଗତ ଫାଇଦା ହାସଲ କରୁଛନ୍ତି ବୋଲି ସଲମାନ ଅଭିଯୋଗ କରିଥିଲେ। ବିଚାରପତି ମନମିତ ପ୍ରୀତମ ସିଂ ଆରୋରା କହିଛନ୍ତି ଯେ, କୋର୍ଟ ଏ ନେଇ ବିସ୍ତୃତ ଭାବେ ଆଦେଶ ଜାରି କରିବେ। ଯେଉଁ ଲୋକମାନେ ସଲମାନଙ୍କ ନାମ ଓ ପରିଚୟକୁ ଭୁଲ ଭାବେ ବ୍ୟବହାର କରିଛନ୍ତି, ସେମାନଙ୍କ ବିରୋଧରେ ଆଦେଶ ଜାରି କରାଯିବ। ସାମାଜିକ ଗଣମାଧ୍ୟମରେ ସଲମାନଙ୍କ ବ୍ୟକ୍ତିତ୍ୱ ଅଧିକାରକୁ ଲଗାତର ଭାବେ ଉଲ୍ଲଂଘନ କରାଯାଉଛି ବୋଲି ତାଙ୍କ ଓକିଲ ସନ୍ଦୀପ ସେଠୀ କହିଛନ୍ତି। ଉଲ୍ଲେଖଥାଉ କି, ଏହି ମାମଲାରେ ସଲମାନଙ୍କ ପୂର୍ବରୁ ଅମିତାଭ ବଚ୍ଚନ, ଅନିଲ କପୁର, ଐଶ୍ୱର୍ଯ୍ୟା ରାୟ, ଅଭିଷେକ ବଚ୍ଚନ, ଜୟା ବଚ୍ଚନ, ଋତିକ ରୋଶନ, ଅଜୟ ଦେବଗନ, ନାଗାର୍ଜୁନ, ଜୁନିଅର ଏନ୍‌ଟିଆର, କରଣ ଜୋହର, କୁମାର ସାନୁଙ୍କ ଭଳି ବଲିଉଡ୍ ସେଲିବ୍ରିଟି ବ୍ୟକ୍ତିତ୍ୱ ଅଧିକାର ନେଇ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।



# ଟ୍ରମ୍ପଙ୍କ ସହ କଥା ହେଲେ ମୋଦୀ



**ନୂଆଦିଲ୍ଲୀ, ୧୧।୧୨(ଏଜେନ୍ସି):** ବାଣିଜ୍ୟକୁ ନେଇ ଭାରତ ଓ ଆମେରିକା ମଧ୍ୟରେ ସଂପର୍କ ତିକ୍ତତା ଚରମ ସୀମାରେ ରହିଥିବା ବେଳେ ଆଜି ଫୋନରେ କଥା ହୋଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ବାଣିଜ୍ୟ ସହିତ ସାମରିକ ଓ କୂଟନୈତିକ ସଂପର୍କ ନେଇ ସେମାନଙ୍କ ମଧ୍ୟରେ ଆଲୋଚନା ହୋଇଛି। ବାଣିଜ୍ୟ କ୍ଷେତ୍ର ରହିଥିବା ପ୍ରତିବନ୍ଧକକୁ ଦୂର କରିବା ସହିତ ଦୁଇ ଦେଶ ମଧ୍ୟରେ ସଂପର୍କକୁ କିପରି ଆହୁରି ମଜବୁତ କରାଯାଇପାରିବ ସେସଂପର୍କରେ ଦୁଇ ନେତା ଗୁରୁତ୍ୱ ଦେଇଛନ୍ତି। ବାଣିଜ୍ୟ ଚୁକ୍ତି ସଂପର୍କରେ ଆଲୋଚନା ପାଇଁ ଆମେରିକାରୁ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଭାରତ ଆସିଛନ୍ତି। ନୂଆଦିଲ୍ଲୀରେ ଭାରତୀୟ ପ୍ରତିନିଧି ଦଳ ସହିତ ସେମାନେ ବୈଠକ କରିବାକୁ ଯାଉଥିବା ବେଳେ ଆଜି ସନ୍ଧ୍ୟାରେ ମୋଦୀ ଓ ଟ୍ରମ୍ପଙ୍କ ମଧ୍ୟରେ ଟେଲିଫୋନରେ ବାର୍ତ୍ତାଳାପକୁ ବିଶେଷ ଗୁରୁତ୍ୱ ଦିଆଯାଉଛି।

ୱାସିଂଟନରେ ଆମେରିକାର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ବାଣିଜ୍ୟ ସଂପର୍କରେ ଅଚଳାବସ୍ଥା ଦୂର କରିବା ଲାଗି ଭାରତ ପକ୍ଷରୁ ପ୍ରସ୍ତାବ ଆସିଛି। ତେବେ ଭାରତୀୟ ବଜାରରେ ଆମେରିକାର କୃଷିଜାତ ଦ୍ରବ୍ୟ ବିଶେଷ କରି ମାଂସ ଓ ଦୁଗ୍ଧ ସାମଗ୍ରୀର ପ୍ରବେଶ ନେଇ ଏବେ ବି ପ୍ରତିବନ୍ଧକ ରହିଛି। ଏହି ପ୍ରତିବନ୍ଧକକୁ ଦୂର କରିବା ଲାଗି ଦିଲ୍ଲୀରେ ଆଲୋଚନା ହେବ। ଏହାର ଫଳାଫଳ ଉପରେ ବାଣିଜ୍ୟ ସଂପର୍କ ନିର୍ଭର କରୁଛି ବୋଲି ସେ କହିଛନ୍ତି।

ଇତିମଧ୍ୟରେ ଟ୍ରମ୍ପଙ୍କ ସହ ଆଲୋଚନା ସଂପର୍କରେ ମୋଦୀ କହିଛନ୍ତି ଯେ ଆଜିର କଥାବାର୍ତ୍ତା ଫଳପ୍ରଦ ରହିଛି। ଆମେ ଆନ୍ତର୍ଜାତିକ ଓ ଆଞ୍ଚଳିକ ସୁରକ୍ଷା ଉପରେ ଆଲୋଚନା କରିଛୁ। ଦ୍ୱିପାକ୍ଷିକ ବାଣିଜ୍ୟ ସଂପର୍କର ସମୀକ୍ଷା କରାଯାଇଛି। ବିଶ୍ୱ ଶାନ୍ତି, ସ୍ଥିରତା ଓ ସମୃଦ୍ଧି ଲାଗି ଦୁଇ ଦେଶ ମିଳିତ ହୋଇ କାର୍ଯ୍ୟ କରିବୁ ବୋଲି ଆମେ ସଂକଳ୍ପ ନେଇଛୁ। ପ୍ରଧାନମନ୍ତ୍ରୀ ମୋଦୀ 'ଏକ୍ସ'ରେ ଏହି ସୂଚନା ଦେଇଛନ୍ତି।

## ପୂର୍ବତନ ଆଇଏସ୍‌ଆଇ ମୁଖ୍ୟ ହମିଦଙ୍କୁ ୧୪ ବର୍ଷ ଜେଲ୍



**ଇସଲାମାବାଦ, ୧୧।୧୨ (ଏଜେନ୍ସି):** ପାକିସ୍ତାନର ଏକ ମିଲିଟାରୀ କୋର୍ଟ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇର ପୂର୍ବତନ ମୁଖ୍ୟ ଫୈଜ ହମିଦଙ୍କୁ ୧୪ ବର୍ଷର ଜେଲ୍ ଦଣ୍ଡରେ ଦଣ୍ଡିତ କରିଛି। ହମିଦଙ୍କ ବିରୋଧରେ ପାଖାପାଖି ୧୫ ମାସ ପର୍ଯ୍ୟନ୍ତ କୋର୍ଟ ମାର୍ଶାଲର କାର୍ଯ୍ୟକ୍ରମ ଚାଲୁ ରହିଥିଲା। ତାଙ୍କ ବିରୋଧରେ ୪ଟି ଗୁରୁତର ଅଭିଯୋଗ ନେଇ କେସ୍ ଚାଲୁଥିଲା। ସେ ରାଜନୈତିକ ଗତିବିଧିରେ ସାମିଲ ହେବା, ଅଫିସିଆଲ ସିକ୍ରେଟ ଆକ୍ଟର ଉଲ୍ଲଂଘନ କରି ଦେଶର କ୍ଷତି ପହଞ୍ଚାଇବା, ସରକାରୀ ଅଧିକାର ଓ ସଂଶାଧନର ଦୂରୁପୋଯୋଗ କରିବା ଓ ବ୍ୟକ୍ତିଗତ ଭାବେ ଲୋକଙ୍କୁ କ୍ଷତି ପହଞ୍ଚାଇବାର ଅଭିଯୋଗ ହୋଇଥିଲା। ଏହି ସବୁ ଅଭିଯୋଗରେ କୋର୍ଟ ହମିଦଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି ବୋଲି ସେନା ତରଫରୁ କୁହାଯାଇଛି। ତେବେ ଏହି ରାୟ ବିରୋଧରେ ତାଙ୍କୁ ଅପିଲ୍ କରିବାର ଅଧିକାର ଅଛି ବୋଲି କୋର୍ଟଙ୍କ ତରଫରୁ କୁହାଯାଇଛି। ହମିଦଙ୍କୁ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କ ନିକଟତର ବୋଲି ବିବେଚନା କରାଯାଏ। ଗତବର୍ଷ ଅଗଷ୍ଟ ୧୨ରେ ହମିଦଙ୍କୁ ହାଉସିଂ ଦୁର୍ନୀତି ମାମଲାରେ ଗିରଫ କରାଯାଇଥିଲା।

## ଏସ୍‌ଆଇଆର୍ ବିରୋଧରେ ଲଢ଼େଇ ପାଇଁ ଆହ୍ୱାନ



**କୋଲକାତା,୧୧।୧୨(ଏଜେନ୍ସି):** ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ସମାଲୋଚନା କରିଛନ୍ତି। ସେ ମହାଭାରତର ଦୁର୍ଯୋଧନ ଓ ଦୁଃଶାସନଙ୍କ ଭଳି ଭୟଙ୍କର ବୋଲି ମମତା କହିଛନ୍ତି। ତାଙ୍କର ଗୋଟିଏ ଆଖିରେ ଦୁର୍ଯୋଧନ ଓ ଅନ୍ୟ ଆଖିରେ ଦୁଃଶାସନ ଦେଖାଯାଉଛନ୍ତି ବୋଲି ସେ ଗୁରୁବାର କ୍ରିଷ୍ଣାନଗରରେ ଏକ ରାଲିରେ ଭାଷଣ ଦେବା ଅବସରରେ କହିଛନ୍ତି। ମମତା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) ନେଇ ରାଜ୍ୟର ମହିଳାଙ୍କୁ ସତର୍କ କରାଇବାକୁ ପ୍ରୟାସ କରିଥିଲେ। କେନ୍ଦ୍ର ସରକାର ଏସ୍‌ଆଇଆର୍‌କୁ ବାହାନା କରି ମା ଓ ଭଉଣୀଙ୍କ ଅଧିକାର ଛଡାଇନେବାକୁ ପ୍ରୟାସ କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଭୋଟର ତାଲିକାରୁ ନିଜ ନାମ କଟିବାକୁ ନ ଦେବାକୁ ସେ ମହିଳାଙ୍କୁ ଅପିଲ କରିଛନ୍ତି। ଏସ୍‌ଆଇଆର୍ ବିରୋଧରେ ଲଢ଼େଇ କରିବାକୁ ସେ ମହିଳାଙ୍କୁ କହିଛନ୍ତି। ମହିଳା ଆଗକୁ ଆସି ଲଢିବେ ଓ ପୁରୁଷ ତାଙ୍କ ପଛରେ ରହିବେ। ଆସନ୍ତବର୍ଷ ଅର୍ଥାତ ୨୦୨୬ରେ ବିଧାନସଭା ନିର୍ବାଚନ ଆୟୋଜନ ହେବାକୁ ଯାଉଥିବା ବେଳେ ଏସ୍‌ଆଇଆର୍‌କୁ ଏକ ଅସ୍ତ୍ର ଭାବେ ବ୍ୟବହାର କରିବାକୁ ବିଜେପି ଯୋଜନ କରିଛି।

# ଭେନେଜୁଏଲା ବିରୋଧରେ କାର୍ଯ୍ୟାନୁଷ୍ଠାନ

**ସମୁଦ୍ର ମଝିରେ ତୈଳ ଟ୍ୟାଙ୍କରକୁ ଜବତ କଲା ଆମେରିକା**

**ୱାସିଂଟନ, ୧୧।୧୨ (ଏଜେନ୍ସି):** ଲାଟିନ ଆମେରିକୀୟ ଦେଶ ଭେନେଜୁଏଲା ବିରୋଧରେ ଆମେରିକା ବଡ଼ ଧରଣର ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଭେନେଜୁଏଲା ଉପକୂଳରେ ଆମେରିକା ସମୁଦ୍ର ମଝିରେ ଏକ ବହୁତ ବଡ଼ ଆଶୋଧିତ ତୈଳ ଟ୍ୟାଙ୍କରକୁ ଜବତ କରିଛି। ବୁଧବାର ଆମେରିକାର ଅଟର୍ଣ୍ଣି ଜେନେରାଲ ପାମ ବଣ୍ଡି ସାମାଜିକ ଗଣମାଧ୍ୟମରେ ଏହି ଅପରେସନର ୪୫ ସେକେଣ୍ଡର ଭିଡିଓ ଜାରି କରିଛନ୍ତି। ଦୁଇଟି ସାମରିକ ହେଲକପ୍ଟର ଦ୍ରୁତଗତିରେ ଉଡିବା ସହ ଟ୍ୟାଙ୍କରକୁ ଘେରାଉ କରିଥିବା ଭିଡିଓରେ ଦେଖାଯାଇଛି। ଏଥିରୁ ଏକାଧିକ କମାଣ୍ଡୋ ରଶି ସାହଯ୍ୟରେ ଟ୍ୟାଙ୍କର ଉପରେ ଓହ୍ଲାଇବା ସହ କିଛି ସମୟ ମଧ୍ୟରେ ଟ୍ୟାଙ୍କରକୁ ନିଜ କବ୍‌ଜାକୁ ନେଉଛନ୍ତି। ହ୍ୱାଇଟ ହାଉସ୍‌ରେ ସାମ୍ବାଦିକଙ୍କ ସହ କଥା ହେଉଥିବା ବେଳେ ରାଷ୍ଟ୍ରପତି ଟ୍ରମ୍ପ ଏ ନେଇ ସୂଚନା ଦେଇଛନ୍ତି। ଅନ୍ୟପଟେ ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋ ଆମେରିକାର ଏହି କାର୍ଯ୍ୟାନୁଷ୍ଠାନକୁ ସମାଲୋଚନା କରିଛନ୍ତି। ଏହା ଏକ ସାମୁଦ୍ରିକ ଡାକାୟତି ଓ ଖୋଲାଖୋଲି ଚୋରି ବୋଲି ସେ କହିଛନ୍ତି। ଏବେ ଟ୍ୟାଙ୍କରର ତୈଳକୁ ଆମେ ରଖିନେବୁ ବୋଲି ଟ୍ରମ୍ପ କହିଛନ୍ତି। ବେଆଇନ୍ ଭାବେ ଭେନେଜୁଏଲା ଏହି ଟ୍ୟାଙ୍କର ମାଧ୍ୟମରେ ତୈଳ ନେଉଥିବାର ଆମେରିକା ଅଭିଯୋଗ କରିଛି।

## ହନୁମାନଙ୍କୁ ମିଛ ଦେବତା କହିଥିବା ଆମେରିକୀୟ ସାଂସଦ ଫେଲ୍

**ଟେକ୍ସାସ,୧୧।୧୨(ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ରିପବ୍ଲିକାନ ପାର୍ଟି ନେତା ତଥା ଟେକ୍ସାସର ସାଂସଦ ପ୍ରାର୍ଥୀ ଆଲେକଜାଣ୍ଡାର ଡନକାନଙ୍କ ନିର୍ବାଚନ ଯାତ୍ରା ଆରମ୍ଭ ହେବା ପୂର୍ବରୁ ହିଁ ଶେଷ ହୋଇଛି। ତାଙ୍କୁ ପ୍ରାଥମିକ ନିର୍ବାଚନରେ ସ୍ଥାନ ହାସଲ କରିବାକୁ ଆବଶ୍ୟକ ସମର୍ଥନ ମିଳିପାରି ନଥିଲା। ଡନକାନ୍ ଟେକ୍ସାସର ଶୁଗାର ଲ୍ୟାଣ୍ଡସ୍ଥିତ ଶ୍ରୀ ଅଷ୍ଟଲକ୍ଷ୍ମୀ ମନ୍ଦିରରେ ସ୍ଥାପିତ ହୋଇଥିବା ୯୦ ଫୁଟ ଉଚ୍ଚର ଭଗବାନ ହନୁମାନ ପ୍ରତିମାକୁ ମିଛ ଭଗବାନ ଓ ମିଛି ପ୍ରତିମା ବୋଲି କହି ଚର୍ଚ୍ଚାକୁ ଆସିଥିଲେ। ସେତେବେଳେ ସେ ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଥିଲେ ଯେ, ଟେକ୍ସାସରେ ଏକ ମିଥ୍ୟା ହିନ୍ଦୁ ଦେବତାଙ୍କ ମିଥ୍ୟା ପ୍ରତିମା ସ୍ଥାପିତ କରିବାକୁ ଅନୁମତି କାହିଁକି ଦିଆଯାଉଛି? ଆମ ଦେଶ ଏକ ଖ୍ରୀଷ୍ଟିଆନ ଦେଶ ହୋଇଥିବାରୁ ଏହାକୁ ରୋକା ଯାଉ ବୋଲି ସେ ଅପିଲ କରିଥିଲେ। ଫଳରେ ହିନ୍ଦୁ ସମ୍ପ୍ରଦାୟରେ ଅସନ୍ତୋଷ ଦେଖା ଦେଇଥିଲା। ତାଙ୍କୁ ପାର୍ଟିରୁ ବହିଷ୍କାର କରିବାକୁ ଦାବି ହୋଇଥିଲା। ଏବେ ଟେକ୍ସାସରେ ରିପବ୍ଲିକାନ ପାର୍ଟି ତରଫରୁ ପ୍ରାଥମିକ ପ୍ରାର୍ଥୀ ହେବା ପାଇଁ ୩ ଜଣ ଦୌଡ଼ରେ ଅଛନ୍ତି। ୨୦୨୬ ମାର୍ଚ୍ଚ ୩ରେ ସଂସଦ ପାଇଁ ପ୍ରାଥମିକ ନିର୍ବାଚନ ହେବ। ଉଲ୍ଲେଖଥାଉ କି, ଟେକ୍ସାସରେ ଭଗବାନ ହନୁମାନଙ୍କର ୯୦ ଟନ୍ ଓଜନର ୯୦ ଫୁଟ ଉଚ୍ଚର ମୂର୍ତ୍ତି ସ୍ଥାପିତ ହୋଇଛି। ଏହାକୁ 'ଷ୍ଟାଚ୍ୟୁ ଅଫ୍ ୟୁନିୟନ' କୁହାଯାଉଛି। ବିଦେଶରେ ଏହା ହନୁମାନଙ୍କର ଉଚ୍ଚତମ ମୂର୍ତ୍ତିର ମାନ୍ୟତା ପାଇଛି।

## ଆମେରିକା ସଂସଦରେ ମୋଦୀ-ପୁତିନଙ୍କ ଚିତ୍ର

**ୱାସିଂଟନ,୧୧।୧୨(ଏଜେନ୍ସି):** ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କ ଭାରତ ଗସ୍ତକୁ ଆମେରିକାରେ ଏବେ ମଧ୍ୟ ଚର୍ଚ୍ଚା ଚାଲୁଛି। ଆମେରିକା ସଂସଦରେ ମଧ୍ୟ ଏ ନେଇ ଗରମାଗରମ ଆଲୋଚନା ହେଉଛି। ଜଣେ ଡେମୋକ୍ରାଟ୍ ସାଂସଦ ଭାରତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ପୁତିନଙ୍କ ସେଲ୍‌ଫିର ଫଟୋ ଦେଖାଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିଦେଶ ନୀତିକୁ ନେଇ ସମାଲୋଚନା କରିଛନ୍ତି। ଆମେରିକା ସଂସଦର ପ୍ରତିନିଧି ସିଡନୀ କାମାଲଗେର- ଡୋଭ ମୋଦୀ ଓ ପୁତିନଙ୍କ ଏହି ଚିତ୍ରକୁ ଇସାର କରି କହିଛନ୍ତି ଯେ, ଏହି ଫଟୋ ହଜାର ଶବ୍ଦ ସହ ସମାନ। ଏଥିସହ ସେ ଟ୍ରମ୍ପଙ୍କ ଭାରତ ନୀତିକୁ ନେଇ କଡ଼ା ସମାଲୋଚନା କରିଛନ୍ତି। ଟ୍ରମ୍ପଙ୍କ ଭାରତ ନୀତି ହିଁ ଆମେରିକାକୁ କ୍ଷତି ପହଞ୍ଚାଉଛି। ଚାପ ପକାଇ ସହଭାଗୀତା କରିବା ମହଙ୍ଗା ସାବ୍ୟସ୍ତ ହେଲା। ଏହି ଫଟୋ ଏହାର ସବୁଠୁ ବଡ଼ ପ୍ରମାଣ। ଆମେରିକାର ଚାପ ପକାଇବା ନୀତି ହିଁ ଭାରତ ଓ ରୁଷିଆର ସମ୍ପର୍କକୁ ଆହୁରି ଦୃଢ଼ କରିଛି ବୋଲି ସେ କହିଛନ୍ତି। ପୁଣି ଟ୍ରମ୍ପ ନୋବେଲ ଶାନ୍ତି ପୁରସ୍କାର ପାଇବାର ହକ୍‌ଦାର ବୋଲି ବାରମ୍ବାର କହିଛନ୍ତି ଓ ଏହାକୁ ମଧ୍ୟ ଡୋଭ ପରିହାସ ଛଳରେ ସମାଲୋଚନା କରିଛନ୍ତି। ଭାରତ- ପାକିସ୍ତାନ ସମେତ ବିଶ୍ୱରେ ୮ଟି ଯୁଦ୍ଧ ରୋକିଛନ୍ତି ବୋଲି ଟ୍ରମ୍ପ ଦାବି କରୁଛନ୍ତି। କିନ୍ତୁ ଟ୍ରମ୍ପଙ୍କ ଭୁଲ ବିଦେଶ ନୀତି କାରଣରୁ ଭାରତ ଭଳି ବଡ଼ ସହଯୋଗୀ ଏବେ ଦୂର ହୋଇଛି। ତେଣୁ ତାଙ୍କୁ ନୋବେଲ ପୁରସ୍କାରର ହକ୍‌ଦାର ବୋଲି କିପରି କୁହାଯିବ ବୋଲି ସେ କହିଛନ୍ତି।

# ପ୍ରେମିକା ଘରେ ଇଞ୍ଜିନିୟରିଂ ଛାତ୍ରଙ୍କୁ ହତ୍ୟା

**ବ୍ୟାଟ୍‌ରେ ବାଡେଇ ନେଲେ ଜୀବନ**



**ହାଇଦରାବାଦ, ୧୧।୧୨ (ଏଜେନ୍ସି):** ତେଲଙ୍ଗାନାର ସଙ୍ଗାରେଡ୍ଡୀ ଜିଲ୍ଲାରେ ଜଣେ ଇଞ୍ଜିନିୟରିଂ ଛାତ୍ରଙ୍କୁ ତାଙ୍କ ପ୍ରେମିକାଙ୍କ ପରିବାରଲୋକେ କ୍ରିକେଟ ବ୍ୟାଟ୍‌ରେ ପିଟିପିଟି ହତ୍ୟା କରିଛନ୍ତି। ମୃତକ ଛାତ୍ର ହେଉଛନ୍ତି ୧୯ ବର୍ଷୀୟ ଜ୍ୟୋତି ଶ୍ରୀବନ ସାଇ। ମଙ୍ଗଳବାର ତାଙ୍କ ସହ ମାଡ଼ପିଟ୍ ହୋଇଥିଲା ଓ ବୁଧବାର ସେ ମୃତ୍ୟୁବରଣ କରିଥିଲେ। ପୁଲିସ ଦେଇଥିବା ସୂଚନା ଅନୁସାରେ ଅମିନପୁରରେ ରହୁଥିବା ୧୯ ବର୍ଷୀୟା ଶ୍ରୀଜା ଓ ଶ୍ରୀବନ ଗତକେତେ ବର୍ଷ ହେବ ପରସ୍ପର ସହ ସମ୍ପର୍କ ରକ୍ଷା କରିଆସୁଥିଲେ। ୧୦ମ ଶ୍ରେଣୀରୁ ଦୁହେଁ ଦୁହିଁଙ୍କୁ ଜାଣିଥିଲେ। ଦୁଇଜଣଙ୍କ ପରିବାର ଲୋକଙ୍କୁ ସେମାନଙ୍କ ସମ୍ପର୍କ ବିଷୟ ଜଣାଥିଲା। ଶ୍ରୀଜାଙ୍କ ଘର ଲୋକେ ଏ ନେଇ ଦୁହିଁଙ୍କୁ ଏକାଧିକବାର ଚେତାବନୀ ମଧ୍ୟ ଦେଇଥିଲେ। କିନ୍ତୁ କିଛିଦିନ ତଳେ ଶ୍ରୀଜା ୩ ମାସର ଗର୍ଭବତୀ ଥିବା ତା'ର ପରିବାର ଲୋକ ଜାଣିବାକୁ ପାଇଥିଲେ। ମଙ୍ଗଳବାର ଶ୍ରୀଜାଙ୍କ ପିତାମାତା ବିବାହର ବାହାନା କରି ଶ୍ରୀବନଙ୍କୁ ଘରକୁ ଡାକିଥିଲେ। କିନ୍ତୁ ଶ୍ରୀବନ ଘରେ ପହଞ୍ଚିବା ପରେ ହିଁ ଶ୍ରୀଜାଙ୍କ ପରିବାର ଲୋକେ ତାଙ୍କୁ ବ୍ୟାଟ୍‌ରେ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଗୋଡ ଓ ହାତର ହାଡ଼ ମଧ୍ୟ ଭାଙ୍ଗିଯାଇଥିଲା। ତାଙ୍କୁ କୁକଟପଲ୍ଲୀର ଏକ ଘରୋଇ ହସ୍ପିଟାଲକୁ ଅଣାଯାଇଥିଲା ଓ ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ପୁଲିସ କହିବା ଅନୁସାରେ ସକାଳ ୧୦.୩୦ରେ ଶ୍ରୀବନ ଶ୍ରୀଜାଙ୍କ ଘରେ ପହଞ୍ଚିଥିଲେ। ଏହାପରେ ଗର୍ଭଧାରଣ ନେଇ ଶ୍ରୀଜାଙ୍କ ମା ସହ ତାଙ୍କ ଝଗଡ଼ା ଓ ଯୁକ୍ତି ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ମା ଶ୍ରୀଜା ଓ ଶ୍ରୀବନଙ୍କ ଉପରେ ବ୍ୟାଟ୍‌ରେ ଆକ୍ରମଣ କରିଥିଲେ। ଶ୍ରୀଜାଙ୍କୁ ବଞ୍ଚାଇବାକୁ ଯାଇ ଶ୍ରୀବନଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ଶ୍ରୀଜାଙ୍କ ଡାହାଣ ହାତ ମଧ୍ୟ ଭାଙ୍ଗିଯାଇଛି। ମାଡପିଟ୍ ପରେ ଶ୍ରୀବନ ନିଜ ଘରକୁ ଚାଲିଯାଇଥିଲେ। କିନ୍ତୁ ଅପରାହ୍ଣ ୩.୩୦ରେ ସେ ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ କରିଥିଲେ। ଫଳରେ ତାଙ୍କୁ ତୁରନ୍ତ ହସ୍ପିଟାଲ ନିଆଯାଇଥିଲା। ଏହାପରେ ତାଙ୍କୁ ଆଉ ଏକ ଘରୋଇ ହସ୍ପିଟାଲକୁ ରେଫର କରାଯାଇଥିଲେ ମଧ୍ୟ ସେ ଜୀବନ ହରାଇଥିଲେ। ପୁଲିସ୍ ଏହି ଘଟଣାର ଯାଞ୍ଚ କରୁଛି।

## ସଂସଦରେ ତୃଣମୂଳ ସାଂସଦ ଇ- ସିଗାରେଟ ଟାଣୁଛନ୍ତି: ଠାକୁର

**ନୂଆଦିଲ୍ଲୀ, ୧୧।୧୨ (ଏଜେନ୍ସି):** ସଂସଦର ଚଳିତ ଶୀତକାଳୀନ ଅଧିବେଶନର ୯ମ ଦିନରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସାଂଦସ ଇ- ସିଗାରେଟକ ପାନ କରିଛନ୍ତି ବୋଲି ବିଜେପି ସାଂସଦ ଅନୁରାଗ ଠାକୁର ବାଚସ୍ପତି ଓମ ବିର୍ଲାଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବାଚସ୍ପତି ପ୍ରତିଶ୍ରୁତି ଦେଇଛନ୍ତି। ଏହାପରେ ସଂସଦ ପରିସରରେ ସମ୍ବାଦିକମାନଙ୍କ ଉତ୍ତର ଦେବା ଅବସରରେ ଟିଏମ୍‌ସି ସାଂସଦ ସ୍ୱାଗତ ରାଏ କହିଛନ୍ତି ଯେ, ଆମେ ସଂସଦ ପରିସରରେ ଇ- ସାଗାରେଟ ପାନ କରିପାରିବୁ। କିନ୍ତୁ ସଂସର ସୌଧ ଭିତର ପାନ କରିପାରବୁ ନାହିଁ। କିନ୍ତୁ ବାହାରେ ପାନ କରିପାରିବୁ। ଉଲ୍ଲେଖଥାଉ କି, କିଛିବର୍ଷ ତଳେ ଇ- ସିଗାରେଟ ପାନକୁ ବାରଣ କରାଯାଇଥିଲା। ଶୀତକାଳୀନ ଅଧିବେଶନ ଡିସେମ୍ବର ୧ରୁ ଆରମ୍ଭ ହୋଇ ୧୯ରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି।

## ଶିମିଳିପାଳରୁ ୫ କୁଖ୍ୟାତ ଶିକାରୀ ଗିରଫ



ବାରିପଦା/କରଞ୍ଜିଆ,୧୧।୧୨(ସମିସ): ଶିମିଳିପାଳ ଜାତୀୟ ଉଦ୍ୟାନରୁ ୫ଜଣ କୁଖ୍ୟାତ ଶିକାରୀ ଧରାପଡ଼ିଛନ୍ତି। ସେମାନେ ହେଲେ, ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ଥାନା ଅନ୍ତର୍ଗତ ଡେଙ୍ଗାମ ଜଡ଼ିଦର ଗ୍ରାମର ବୀରସିଂ ହୋ(୩୩), ଚରଣ ହୋ(୪୩), ଛଲେ ହୋ(୨୩), ସାଗର ହୋ(୨୯) ଓ ସୁକ୍ରା ହୋ(୩୨)। ସେମାନଙ୍କ ନିକଟରୁ ୨ଟି ଟର୍ଚ୍ଚଲାଇଟ୍, ୭ଟି ଫାଶ, ଗୋଟିଏ ବନ୍ଧୁକ ନଳି, ୫୩୫ଗ୍ରାମ୍ ଶୁଖିଲା ବଣୁଆ ମାଂସ, ଗୋଟିଏ ପଲିଥିନ୍ ସିଟ୍, ଘର ପଛପଟେ ଲୁଚାଇ ରଖିଥିବା ୧୩୦ସେ.ମି ଲମ୍ବର ଗୋଟିଏ ଦେଶୀ ବନ୍ଧୁକ ସହ ୨ଟି ସିସା ଗୁଳି ଓ ୧୪ଟି ସାଇକେଲ ବଲ୍ ଜବତ ହୋଇଛି।

**ବନ୍ଧୁକ ଓ ଗୁଳି ଜବତ**

ଶିକାରୀମାନେ ଶିମିଳିପାଳ ଦକ୍ଷିଣ-ବନଖଣ୍ଡ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ପ୍ରବେଶ କରି ବନ୍ୟଜନ୍ତୁ ଶିକାର କରିଥିଲେ। ଏ.ଆଇ କ୍ୟାମେରାରୁ ଏହାର ଫଟୋ ମିଳିବା ପରେ ପ୍ରକଳ୍ପର ଉପ-ନିର୍ଦ୍ଦେଶକ ସମ୍ରାଟ ଗୌଡ଼ାଙ୍କ ନିର୍ଦ୍ଦେଶକ୍ରମେ ବନ ବିଭାଗ ଅଧିକାରୀମାନେ ଶିକାରୀମାନଙ୍କୁ ଚିହ୍ନଟ କରିଥିଲେ। ଜେନାବିଲ ରେଞ୍ଜର୍ ଓ ଟିମ୍‌କୁ ଖୁଣ୍ଟା ଥାନା ଅଞ୍ଚଳର ଜଡ଼ିଦର ଗ୍ରାମରେ ଚଢ଼ଉ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଗତ ୯ ତାରିଖରେ ଚଢ଼ଉ କରି ଉକ୍ତ ସାମଗ୍ରୀ ଜବତ କରାଯାଇଛି। ବନ୍ୟଜନ୍ତୁ ସୁରକ୍ଷା ଆଇନରେ ବନ ବିଭାଗ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ବେଳେ ଗିରଫ ଶିକାରୀଙ୍କୁ ବାରିପଦାସ୍ଥିତ ସିଜେଏମ୍ କୋର୍ଟରେ ହାଜର କରାଯାଇଛି।

## ମକା ବ୍ୟବସାୟୀ ଘରୁ ୧୫ ଲକ୍ଷ ଚୋରି

ନାରାୟଣପାଟଣା, ୧୧।୧୨(ସମିସ): ଘରେ କଳାକନା ବୁଲାଇଲେ ଚୋର। ରାତି ଅଧରେ ବାରିପଟ କବାଟ ତାଡ଼ି ଆଲମିରାରୁ ନେଇଗଲେ ନଗଦ ୧୫ ଲକ୍ଷ ଟଙ୍କା। ନାରାୟଣପାଟଣା ବ୍ଲକ୍ ଅନ୍ତର୍ଗତ ବାଲିପେଟା ପଞ୍ଚାୟତ ସଦର ମହକୁମାର ବି. ଲୋକେଶଙ୍କ ଘରୁ ଏପରି ଏକ ବଡ଼ଧରଣର ଚୋରି ହୋଇଛି। ବଡ଼ଭାଇ ବି ଲୋକନାଥ ସାବରିମାଳା ଯାଇଥିବା ବେଳେ ସାନ ଓ ମଝିଆ ଭାଇ ଘରେ ରହି ମକା ବେପାର କରୁଥିଲେ। ଗତରାତିରେ ସମସ୍ତେ ଘରେ ଶୋଇଥିବା ବେଳେ ଦୁର୍ବୃତ୍ତମାନେ ଟଙ୍କା ଚୋରି କରିନେଇଛନ୍ତି। ସୁନା ଅଳଙ୍କାର ଥିବା ଆଲମାରିକୁ ଛାଡ଼ି ଟଙ୍କା ଥିବା ଆଲମାରିରେ କଳାକନା ବୁଲାଇଛନ୍ତି। ଏନେଇ ଆଜି ପରିବାର ପକ୍ଷରୁ ଥାନାରେ ଅଭିଯୋଗ ପରେ ସାଇଣ୍ଟିଫିକ୍ ଓ ଡଗ୍ ସ୍କ୍ୱାଡ୍ ସହ ଏଏସ୍ଆଇ ନରସିଂହ ପାଢ଼ୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

## ଔଷଧ ଦୋକାନରୁ ବିଦେଶୀ ମଦ ଜବତ



ଭଦ୍ରକ, ୧୧।୧୨(ସମିସ): ଭଦ୍ରକ ସହରର ସାଳନ୍ଦୀ ବାଇପାସ୍ ଛକ ନିକଟରେ ଥିବା ଏକ ଔଷଧ ଦୋକାନରୁ ଆଜି ବିଦେଶୀ ମଦ ଜବତ ହୋଇଛି। ଏହି ଘଟଣା ସମଗ୍ର ସହରରେ ଚର୍ଚ୍ଚାର ବିଷୟ ହୋଇଛି। ସୂଚନାନୁଯାୟୀ, ଟାଉନ୍ ଥାନା ଅଧୀନ ସାଳନ୍ଦୀ ବାଇପାସ୍‌ଠାରେ ଥିବା ଶ୍ରୀଗଣେଶ ଔଷଧ ଦୋକାନଟି ଗତ ୩ ବର୍ଷ ହେବ ଲାଇସେନ୍ସ ନବୀକରଣ କରୁନଥିବା ଜାଣି ବାଲେଶ୍ୱରସ୍ଥିତ ଆସିଷ୍ଟାଣ୍ଟ ଡ୍ରଗ୍ସ କଣ୍ଟ୍ରୋଲର ଜଗନ୍ନାଥ ମଲ୍ଲିକ, ଭଦ୍ରକ ଡ୍ରଗ୍ସ ଇନ୍ସପେକ୍ଟର(୧) ଦୀପକ କୁମାର ଜେନା ଓ ଡ୍ରଗ୍ସ ଇନ୍ସପେକ୍ଟର (୨) ଦୀପ୍ତି ରଞ୍ଜନ ମହାପାତ୍ର ଦୋକାନ ଉପରେ ଚଢ଼ଉ କରିଥିଲେ। ପୁଲିସ ଉପସ୍ଥିତିରେ ଔଷଧ ଦୋକାନ ଯାଞ୍ଚ କରାଯାଇଥିଲା। ଏହି ମିଳିତ ଚଢ଼ଉ ବେଳେ ଔଷଧ ଦୋକାନରୁ ପୁଳାପୁଳା ମଦ ବୋତଲ ବାହାରିଥିଲା। ବିଭିନ୍ନ ବ୍ରାଣ୍ଡର ୧୫ଲିଟର ବିଦେଶୀ ମଦକୁ ଭଦ୍ରକ ଟାଉନ ଥାନା ପୁଲିସ ଜବତ କରିଥିଲା। ଏଥିସହ ଦୋକାନର ମାଲିକ ବୀରେନ ମହାପାତ୍ରଙ୍କୁ ଗିରଫ କରାଯାଇଥିଲା।

**■ ଲାଇସେନ୍ସ ବାତିଲ**
**■ ୩ବର୍ଷ ହୋଇନଥିଲା ନବୀକରଣ**

କେବେଠାରୁ ଏହି ଦୋକାନରେ ମଦ ବିକ୍ରି ଆରମ୍ଭ ହୋଇଛି ଓ କେଉଁଠୁ ଚୋରାରେ ମଦ ଆଣୁଥିଲେ, ସେନେଇ ପୁଲିସ ତଦନ୍ତ ଚଳାଇଛି। ଡ୍ରଗ୍ସ ଇନ୍ସପେକ୍ଟର୍ ଶ୍ରୀ ଜେନାଙ୍କ ସୂଚନାନୁଯାୟୀ, ଉକ୍ତ ଦୋକାନକୁ ସିଲ୍ କରାଯିବା ସହ ଲାଇସେନ୍ସକୁ ବାତିଲ କରାଯାଇଛି। ଅନ୍ୟପକ୍ଷରେ ଜିଲ୍ଲାର ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଥିବା ଔଷଧ ଦୋକାନଗୁଡ଼ିକ ଉପରେ ଚଢ଼ଉ କରାଯିବାର ଆବଶ୍ୟକତା ରହିଛି। ଜିଲ୍ଲାରେ ଅନେକ ଔଷଧ ଦୋକାନ ବେଆଇନ ଭାବରେ ବିନା ଲାଇସେନ୍ସରେ ଚାଲିଛି। ବିଶେଷକରି, ବହୁ ଘରୋଇ କ୍ଲିନିକ ଓ ନର୍ସିଂହୋମମାନଙ୍କରେ ମଧ୍ୟ ବିନା ଲାଇସେନ୍ସରେ ମେଡିସିନ୍ ଚାଲିଥିବା ଅଭିଯୋଗ ହେଉଛି। ଏସବୁର ଚଢ଼ଉ ହେବାର ଆବଶ୍ୟକତା ରହିଛି।

# 'ଗାଡ଼ିଧୁଆ' ବଚସାରୁ ଯୁବକଙ୍କୁ ଗୁଳି

**ସାଙ୍ଗକୁ ପିଟି ଦରମରା କଲେ**

ଅନୁଗୋଳ, ୧୧।୧୨ (ସମିସ): ରାସ୍ତା ଉପରେ ଗାଡ଼ିଧୁଆ ବଚସାରୁ ଯୁବକଙ୍କୁ ଗୁଳିମାଡ଼। ବୁଧବାର ରାତି ପ୍ରାୟ ୧୧ଟାରେ ଅନୁଗୋଳ ଇକୋ-ପାର୍କ ସମ୍ମୁଖରେ ଏପରି ଏକ ଆପରାଧିକ ଘଟଣା ଘଟିଛି। ଗୁଳିମାଡ଼ର ଶିକାର ଯୁବକଜଣଙ୍କ ହେଲେ, ଶିକ୍ଷକପଡ଼ାର ଭବାନୀ ଶଙ୍କର ପ୍ରଧାନ। ଭବାନୀଙ୍କ ପେଟରେ ଗୋଟିଏ ଗୁଳି ବାଜିଛି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଅନୁଗୋଳ ମେଡିକାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଅବସ୍ଥା ସଂକଟାପନ୍ନ ହେବାରୁ କଟକ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାରେ ଭବାନୀଙ୍କ ବନ୍ଧୁ ବିଶ୍ୱଜିତ ମିତ୍ର ମଧ୍ୟ ଦୁର୍ବୃତ୍ତଙ୍କ ଆକ୍ରମଣର ଶିକାର ହୋଇ ଗୁରୁତର ହୋଇଛନ୍ତି। ତାଙ୍କୁ ଅନୁଗୋଳ ମେଡିକାଲରେ ଭର୍ତ୍ତି କରାଯାଇଛି। ଅନୁଗୋଳ ଟାଉନ ଥାନା ପୁଲିସ ଏହାର ତଦନ୍ତ ଆରମ୍ଭ କରିଛି। ଅପରପକ୍ଷେ, ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳି ଯାଇଛି।

ସୂଚନା ମୁତାବକ, ଶିକ୍ଷକପଡ଼ାର ବିଶ୍ୱଜିତ ଜଣେ ଟ୍ରାଭେଲର୍ ମାଲିକ। ଗତରାତିରେ ଇକୋ-ପାର୍କ ସମ୍ମୁଖ ରାସ୍ତାରେ ସେ ଗାଡ଼ି ଧୋଉଥିଲେ। ସେହି ସମୟରେ ବାଇକ୍‌ରେ ଯାଉଥିବା ଦୁଇ ଯୁବକଙ୍କ ସହ ତାଙ୍କର ଗାଡ଼ିଧୁଆକୁ ନେଇ ବଚସା ହୋଇଥିଲା। ପାଟିତୁଣ୍ଡ ଶୁଣି ବିଶ୍ୱଜିତଙ୍କ ବନ୍ଧୁ ଭବାନୀ ସେଠାରେ ପହଞ୍ଚି ଯାଇଥିଲେ। ବଚସା ବଢ଼ିବାରୁ ବିଶ୍ୱଜିତ ଯୁବକଦ୍ୱୟଙ୍କୁ ଚାପୁଡ଼ା ମାରିଥିଲେ। ପରେ ଉକ୍ତ ଯୁବକଦ୍ୱୟ ରାଜକିଶୋରପଡ଼ା ଆଡ଼କୁ ପଳାଇଥିଲେ। କିଛି ସମୟ ପରେ ସେମାନେ ପୁଣି ସେଠାକୁ ଫେରି ବିଶ୍ୱଜିତ୍‌ଙ୍କୁ ଗୁଳି କରିଥିଲେ। କିନ୍ତୁ, ଗୁଳିଟି ଲକ୍ଷ୍ୟଚ୍ୟୁତ ହୋଇ ପାଖରେ ଠିଆ ହୋଇଥିବା ଭବାନୀଙ୍କ ପେଟରେ ବାଜିଥିଲା। ପରେ ଯୁବକ ଦ୍ୱୟ ଲୁହାରଡ୍‌ରେ ବିଶ୍ୱଜିତଙ୍କୁ ଆକ୍ରମଣ କରିଥିଲେ। ଏଥିରେ ବିଶ୍ୱଜିତଙ୍କ ଗୋଡ଼ ଭାଙ୍ଗିଯାଇଛି। ଏହି କାଣ୍ଡ ଭିଆଇବା ପରେ ଦୁର୍ବୃତ୍ତଦ୍ୱୟ ଫେରାର୍ ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ବିଶ୍ୱଜିତ ଓ ଭବାନୀଙ୍କୁ ଉଦ୍ଧାର କରି ପ୍ରଥମେ ଅନୁଗୋଳ ମେଡିକାଲରେ ଭର୍ତ୍ତି କରାଇଥିଲେ। ଭବାନୀଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

**ଦିଲ୍ଲୀ ବାୟୁର ମାନ ସୃଷ୍ଟି କରୁଛି ସାଂଘାତିକ ସ୍ୱାସ୍ଥ୍ୟ ସମସ୍ୟା**

## ଅନ୍ୟତ୍ର ସ୍ଥାନାନ୍ତର ହେଉ ସଂସଦର ଦୁଇଟି ଅଧିବେଶନ

**■ ସ୍ୱଚ୍ଛ ସହରରେ କରାଯାଉ ଶୀତ ଓ ବଜେଟ୍ ଅଧିବେଶନ**
**■ ରାଜ୍ୟସଭାରେ ପ୍ରସ୍ତାବ ଦେଲେ ବିଜେଡି ସାଂସଦ ମାନସ**



ଭୁବନେଶ୍ୱର,୧୧।୧୨(ସମିସ): ଦିଲ୍ଲୀରେ ବାୟୁର ମାନ ଅତି ବିପଦଜନକ ସ୍ଥିତିରେ ଥିବାବେଳେ ଏହାକୁ ନେଇ ରାଜ୍ୟସଭାରେ ଗଭୀର ଉଦବେଗ ପ୍ରକାଶ କରିଛନ୍ତି ବିଜେଡି ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ। ଦିଲ୍ଲୀର ପ୍ରଦୂଷଣ ସାଂଘାତିକ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରୁଥିବାରୁ ବାୟୁର ମାନ ସ୍ୱାଭାବିକ ସ୍ଥିତିକୁ ଆସିବା ପର୍ଯ୍ୟନ୍ତ ସଂସଦର ଶୀତ ଓ ବଜେଟ ଅଧିବେଶନକୁ ଅନ୍ୟତ୍ର ସ୍ଥାନାନ୍ତରିତ କରିବା ପାଇଁ କେନ୍ଦ୍ର ସରକାରଙ୍କ ପ୍ରସ୍ତାବ ରଖିଛନ୍ତି ମାନସ।

ଗୁରବାର ଶୂନ୍ୟକାଳରେ ଉପରୋକ୍ତ ପ୍ରସଙ୍ଗ ଉଠାଇ ସେ କହିଛନ୍ତି ଯେ ପ୍ରତ୍ୟେକ ଶୀତ ଋତୁରେ ଦିଲ୍ଲୀ କେବଳ ପ୍ରଦୂଷଣର ସମ୍ମୁଖୀନ ହୁଏ ନାହିଁ, ବରଂ ଏହା ଏକ ଜନସ୍ୱାସ୍ଥ୍ୟଗତ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥାଏ। ଶୀତ ଦିନରେ ଦିଲ୍ଲୀରେ ବାୟୁର ମାନ ଲଗାତାର ଭାବେ ୪୦୦ରୁ ୫୦୦ ଏକ୍ୟୁଆଇ ଉପରେ ରହୁଛି। ତେଣୁ ଏହାକୁ କେବଳ ଖରାପ ବାୟୁ କୁହାଯାଇ ପାରିବ ନାହିଁ, ଏହା ଅତ୍ୟନ୍ତ ବିଷାକ୍ତ ବାୟୁରେ ପରିଣତ ହୋଇଛି। ଏହା ପିଲାମାନଙ୍କ ସହ ବରିଷ୍ଠ ନାଗରିକ ଓ ରାସ୍ତାରେ ଚଳପ୍ରଚଳ କରୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ କ୍ଷତି ପହଞ୍ଚାଉଛି। ଓଡ଼ିଶା ଭଳି ଏକ ବନ୍ୟା, ବାତ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରୁଥିବା ରାଜ୍ୟରୁ ଆସିଥିବାରୁ ଦିଲ୍ଲୀ ପ୍ରଦୂଷଣର ଅବସ୍ଥାକୁ ମୁଁ ବୁଝିପାରୁଛି। ତେବେ ପ୍ରତିବର୍ଷ ଏପରି ମନୁଷ୍ୟକୃତ ବିପର୍ଯ୍ୟୟ ସ୍ଥିତି ସୃଷ୍ଟି ହେଉଥିବା ବେଳେ ଏହି ସମୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସଂସଦୀୟ ଅଧିବେଶନ ଆୟୋଜନ କରିଚାଲିଛୁ। ଗୃହର ସଦସ୍ୟ, ଅଧିକାରୀ, ଡ୍ରାଇଭର, ସଫେଇ କର୍ମଚାରୀ ଏବଂ ସୁରକ୍ଷା କର୍ମୀମାନେ ଏହି ଗୃହକୁ କାର୍ଯ୍ୟକ୍ଷମ ରଖିବା ପାଇଁ ପ୍ରତିଦିନ ଏହି ବିଷାକ୍ତ ବାୟୁକୁ ନିଃଶ୍ୱାସ ପ୍ରଶ୍ୱାସ ନେଉଛନ୍ତି। ଆମେ ସେମାନଙ୍କ କଷ୍ଟକୁ ଅଣଦେଖା କରିପାରିବା ନାହିଁ। ତେଣୁ ସ୍ଥିତି ସ୍ୱାଭାବିକ ହେବା ଓ ଦିଲ୍ଲୀ ନିରାପଦ ସାବ୍ୟସ୍ତ ନହେବା ପର୍ଯ୍ୟନ୍ତ ସଂସଦର ଶୀତ ଅଧିବେଶନ ଓ ବଜେଟ ଅଧିବେଶନକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ସେ ସରକାରଙ୍କୁ ଅନୁରୋଧ କରିଛନ୍ତି। ଭୁବନେଶ୍ୱର, ହାଇଦ୍ରାବାଦ, ଗାନ୍ଧୀନଗର, ବେଙ୍ଗାଲୁରୁ, ଗୋଆ, ଡେରାଡୁନ ଆଦି ଅନେକ ସହରର ବାୟୁ ସ୍ୱଚ୍ଛ ଓ ଭିତ୍ତିଭୂମି ମଧ୍ୟ ସୁଦୃଢ଼ ରହିଛି। ପ୍ରାକୃତିକ ବିପର୍ଯ୍ୟୟ ବେଳେ ଓଡ଼ିଶା ଲକ୍ଷ ଲକ୍ଷ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ସହ ସେମାନଙ୍କ ଜୀବନ ରକ୍ଷା କରିପାରୁଛି, ତେବେ ସଂସଦର ଏହି ଦୁଇଟି ଅଧିବେଶନକୁ ଆମେ ଅନ୍ୟତ୍ର ସ୍ଥାନାନ୍ତର କରିପାରିବା ବୋଲି ସେ ଯୁକ୍ତି ବାଢ଼ିଛନ୍ତି। ଏହାଦ୍ୱାରା ଆମେ ଆମ ସାଂସଦଙ୍କ ସହ ଅନ୍ୟ ଅଧିକାରୀ ଓ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷିତ ରଖିପାରିବା। ଏଥିରେ କୌଣସି ରାଜନୈତିକ ଉଦ୍ଦେଶ୍ୟ ନାହିଁ। ଏହା ଜୀବନ ଏବଂ ସଦସ୍ୟଙ୍କ ଅଧିକାରର କଥା। ସଂସଦ ଏନେଇ ଆଗକୁ ଆସିବା ଆବଶ୍ୟକ। ତେଣୁ ବିଳମ୍ବ ନକରି ଏହାକୁ ତୁରନ୍ତ ଏନେଇ ପଦକ୍ଷେପ ନେବାକୁ ସେ ଅନୁରୋଧ କରିଛନ୍ତି।

**■ ୪୦୦୦ କେଜି ବିସ୍ଫୋରକ ଡକାୟତି ମାମଲା**

## ୧୧ମାଓବାଦୀଙ୍କ ବିରୋଧରେ ଏନ୍ଆଇଏର ଚାର୍ଜସିଟ୍

ଭୁବନେଶ୍ୱର, ୯।୧୨(ସମିସ): ପଥର ଖଣିରୁ ୪ହଜାର କେଜି ବିସ୍ଫୋରକ ଲୁଟ୍ ମାମଲାରେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ଏନ୍ଆଇଏ ୧୧ମାଓବାଦୀଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଛି। ଜର୍ଜ ମୁଣ୍ଡା, ଅନ୍‌ମୋଲ୍ ଓରଫ୍ ଲାଲଚାନ୍ଦ ହେମ୍ବ୍ରମ୍, ରମେଶ ଓରଫ ପ୍ରୀତମ ମାଝୀ, ପିଣ୍ଟୁ ଲୋହରା, ଲାଲଜିତ ଓରଫ ଲଲୁ, ଶିବା ବୋଦରା, ଅମିତ ମୁଣ୍ଡା ଓରଫ ଶୁକ୍ଲାଲାଲ୍, ରବି ଓରଫ ବିରେନ୍ ସିଂହ, ରାଜେସ ମନସିଦ୍, ସୋହନ ରାଙ୍ଗା ପୁନେମ୍, ଅପତାନ୍ ଚନ୍ଦ୍ରମୋହନ ହାଂସଦାଙ୍କ ନାମରେ ଚାର୍ଜସିଟ୍ ଦାଖଲ ହୋଇଛି।

ଗତ ମେ ୨୭ତାରିଖରେ ଝାଡଖଣ୍ଡ ରାଜ୍ୟରେ ବାଙ୍କୋ ଅଞ୍ଚଳରେ ଥିବା ପଥର ଖଣିକୁ ବିସ୍ଫୋରକ ସାମଗ୍ରୀ ନେଇ ଯାଉଥିବା ଏକ ଟ୍ରକ୍‌କୁ ସରଣ୍ଡା ଜଙ୍ଗଲରେ ମାଓବାଦୀମାନେ ରୋକିଥିଲେ। ଏଥିରେ ଚାଲାଣ ହେଉଥିବା ୨୦ କେଜି ଲେଖାଏଁ ଓଜନ ବିଶିଷ୍ଟ ୨୦୦ ପ୍ୟାକେଟ୍ ବିସ୍ଫୋରକକୁ ସେମାନେ ଲୁଟି ନେଇଥିଲେ। ଜର୍ଜ ମାଓବାଦୀ ମାନଙ୍କୁ ଟ୍ରକ୍‌ର ଗତିବିଧି ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଆଧାରରେ ମାଓନେତା ଅନମୋଲ ଓ ତାଙ୍କ ସହଯୋଗୀ ଟ୍ରକ୍‌ରୁ ବିସ୍ଫୋରକ ସାମଗ୍ରୀ ଲୁଟ୍ କରିଥିଲେ।

ଓଡ଼ିଶା ଓ ଝାଡ଼ଖଣ୍ଡ ପୁଲିସ ଏହାର ତଦନ୍ତ କରି ରାଉରକେଲାରୁ ଜର୍ଜ ମୁଣ୍ଡାଙ୍କୁ ଗିରଫ କରିଥିଲା। ଏତେ ପରିମାଣର ବିସ୍ଫୋରକ୍ ମାଓବାଦୀଙ୍କ ହାତରେ ଲାଗିଯିବାରୁ ଏହା ଦେଶର ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହୋଇଥିଲା। ଏଣୁ ଏହି ମାମଲା ଏନ୍ଆଇଏକୁ ହସ୍ତାନ୍ତର କରାଯାଇଥିଲା। ଏନ୍ଆଇଏ ଏହି ମାମଲାର ତଦନ୍ତ କରିବା ସହ ଗୁରୁବାର ଚାର୍ଜସିଟ୍ ଦାଖଲ କରିଛି।

**■ ଶିମିଳିପାଳରେ ବେଆଇନ ଗୃହ ନିର୍ମାଣ ଓ ଗଛକଟା ପ୍ରସଙ୍ଗ**

## କାର୍ଯ୍ୟାନୁଷ୍ଠାନ ପାଇଁ ଚିଠି ଲେଖିଲା କେନ୍ଦ୍ର ଜଙ୍ଗଲ ମନ୍ତ୍ରାଳୟ

ବାରିପଦା, ୧୧।୧୨(ସମିସ): ଜାତୀୟ ଉଦ୍ୟାନ ଶିମିଳିପାଳ ପାଦଦେଶର ସମ୍ବେଦନଶୀଳ ଅଞ୍ଚଳରେ ବେଆଇନ ଗୃହ ନିର୍ମାଣ ଓ ଗଛକଟାକୁ ନେଇ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ଅତିରିକ୍ତ ଶାସନ ସଚିବଙ୍କୁ ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ୟୁଥ୍ ୟୁନାଇଟେଡ୍ ଫର୍ ସଷ୍ଟେନେବଲ୍ ଏନ୍‌ଭିରନ୍‌ମେଣ୍ଟ ଟ୍ରଷ୍ଟର ସଦସ୍ୟ ଶାନ୍ତନୁ କୁମାର ଭୁକ୍ତାଙ୍କ ଅଭିଯୋଗକୁ ଭିତ୍ତି କରି ମନ୍ତ୍ରଣାଳୟ ପକ୍ଷରୁ ଫାଇଲ୍ ନଂ ୭(୨୮)-୨୦୨୫-ଏଫ୍‌ସିଇ(ଶିମିଳିପାଳ) ୨୦୨୫ ଡିସେମ୍ବର ୧ରେ ଚିଠି ଯୋଗେ ଅବଗତ କରାଯାଇଛି। ଏହାସହ କାର୍ଯ୍ୟାନୁଷ୍ଠାନ ପାଇଁ ବିଭାଗ ପକ୍ଷରୁ ନିଆଯାଇଥିବା ତଥ୍ୟର ରିପୋର୍ଟ ପ୍ରଦାନ କରିବାକୁ ଅବଗତ କରାଯାଇଛି।

ସୂଚନାଯୋଗ୍ୟ, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ (ଏସ୍‌ଟିଆର୍) ପ୍ରକଳ୍ପର ଇକୋ-ସେନ୍‌ସିଟିଭ୍ ଜୋନ୍‌ରେ ବ୍ୟବସାୟ ପାଇଁ ବେଆଇନ ନିର୍ମାଣ ଜାରି ରହିଛି। ପିଠାବଟାଠାରୁ ଲୁଲୁଙ୍ଗ ପର୍ଯ୍ୟନ୍ତ ଯିବା ବାଟରେ ଅନେକ ରିସୋର୍ଟ ନିର୍ମାଣ ଜାରି ରହିଛି। ଏପରିକି, ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳରେ ଥିବା ବିଭିନ୍ନ ରାସ୍ତାକୁ ମଧ୍ୟ କଂକ୍ରିଟ୍ କରାଯାଉଛି। ପର୍ଯ୍ୟଟକମାନେ ବୁଲିବାକୁ ଆସି ବହୁ ପରିମାଣର ପ୍ଲାଷ୍ଟିକ୍ ଆବର୍ଜନା ଏଣେତେଣେ ଫିଙ୍ଗିଥିବା ବେଳେ ଏହାର ତଦାରଖ କରାଯାଉନାହିଁ। ସେହିପରି ବେଆଇନ ନିର୍ମାଣକୁ ନେଇ ଅନିୟନ୍ତ୍ରଣ ଗଛକଟା, କଂକ୍ରିଟ ଗୃହ ନିର୍ମାଣ ଓ ବୋଟିଂ ଖୋଲା ହୋଇଛି। ଏହା ଇକୋ-ସେନ୍‌ସିଟିଭ୍ ଜୋନ୍‌ର ମାର୍ଗଦର୍ଶିକାକୁ ଅଣଦେଖା କରୁଛି ବୋଲି ଅଭିଯୋଗରେ ଦର୍ଶାଯାଇଛି।

## ପାଞ୍ଚ ବର୍ଷରେ ପୂରଣ ହେବ ଦେଢ଼ଲକ୍ଷ ପଦ: ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର,୧୧।୧୨(ସମିସ): ଗତ ବର୍ଷ ଜୁନ୍ ମାସରୁ ଆଜି ଭିତରେ ଅର୍ଥାତ ୧୮ ମାସ ମଧ୍ୟରେ ୩୭ ହଜାର ୯୧୬ ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ଆଗାମୀ ୬ ମାସ ମଧ୍ୟରେ ଆଉ ୩୦ ହଜାର ପଦବୀ ପୂରଣ କରିବା ପାଇଁ କାର୍ଯ୍ୟ ଜାରି ରହିଛୁ। ୫ ବର୍ଷରେ ଖାଲିଥିବା ସମସ୍ତ ୧.୫ ଲକ୍ଷ ପଦ ସହ ଦୁଇ ବର୍ଷ ଭିତରେ ୬୫ ହଜାର ସରକାରୀ ପଦବୀ ପୂରଣ କରିବା ପାଇଁ ଆମ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଓୟୁଏଟି ସ୍ଥିତ କୃଷି ଶିକ୍ଷା ସଦନଠାରେ ଆୟୋଜିତ ନିଯୁକ୍ତି ମେଳା ୨୦୨୫ରେ ମୁଖ୍ୟମନ୍ତ୍ରୀ ତିନୋଟି ବିଭାଗରେ ୫୯୧ ଜଣଙ୍କୁ ନିଯୁକ୍ତି ପ୍ରଦାନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୨୪୮୮ କୋଟି ଟଙ୍କାର ଜଳ ସେଚନ ପ୍ରକଳ୍ପର ଶୁଭାରମ୍ଭ ସହ ୪୨୫ କୋଟି ଟଙ୍କାର ପ୍ରକଳ୍ପ ଉଦ୍‌ଘାଟିତ କରିଛନ୍ତି। ସେହିପରି ୨୦୬୩ କୋଟି ଟଙ୍କାର ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ମଧ୍ୟ କରାଯାଇଛି।


**■ ୩ ବିଭାଗର ୫୯୧ ଜଣଙ୍କୁ ନିଯୁକ୍ତି ପତ୍ର ପ୍ରଦାନ**
**■ ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ତିଆରି ଯୋଜନା ଲୋକାର୍ପିତ**
**■ ୫ ବର୍ଷରେ ନିର୍ମାଣ ହେବ ୩ ହଜାର ଚେକ୍ ଡ୍ୟାମ୍**
**■ ୨୦୬୩ କୋଟି ଟଙ୍କାର ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପିତ**

ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ 'ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ତିଆରି ଯୋଜନା-୩.୦' ମଧ୍ୟ ଲୋକାର୍ପିତ କରିଛନ୍ତି। ଏହି ଯୋଜନା ପାଇଁ ୨୭୩୮ କୋଟି ଟଙ୍କା ମଞ୍ଜୁର କରାଯାଇଛି ଏବଂ ଏହାଦ୍ୱାରା ଆଗାମୀ ୫ ବର୍ଷରେ ୩ ହଜାର ନୂଆ ଚେକ୍ ଡ୍ୟାମ୍ ନିର୍ମାଣ ହେବା ସହିତ ୨ ହଜାର ପୁରୁଣା ଚେକ୍ ଡ୍ୟାମ୍‌ର ପୁନଃରୁଦ୍ଧାର କରାଯିବ। ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ଯୋଜନାରେ ଆଜି ରାଜ୍ୟର ୨୨ ଟି ଜିଲ୍ଲାରେ ୧୦୧ ଟି ଚେକ୍‌ଡ୍ୟାମ୍ ଲୋକାର୍ପିତ କରାଯାଇଛ ଓ ଯୋଜନା ୩.୦ ରେ ଆଜି ପ୍ରଥମ ପର୍ଯ୍ୟାୟରେ ୧୫ଟି ଜିଲ୍ଲାରେ ୨୦୧ ଟି ଚେକ୍‌ଡ୍ୟାମ୍ ପାଇଁ ଭିତ୍ତିପ୍ରସ୍ତର ମଧ୍ୟ ରଖାଯାଇଛି।

ଆଜିର କାର୍ଯ୍ୟକ୍ରମରେ୧୨୫ କୋଟି ଟଙ୍କା ବିନିଯୋଗରେ ମୟୂରଭଞ୍ଜ ଓ ଗଜପତି ଜିଲ୍ଲାରେ ଦୁଇଟି ବୃହତ୍ ଉଠା ଜଳସେଚନ ପ୍ରକଳ୍ପର ଉଦ୍‌ଘାଟନ କରାଯାଇଛି। ଉଦ୍‌ଘାଟିତ ହୋଇଥିବା ଜଳସେଚିତ ପ୍ରକଳ୍ପ ଗୁଡ଼ିକ ଦ୍ୱାରା ୧୬,୨୫୨ ହେକ୍ଟର ଚାଷଜମିରେ ଜଳସେଚନର ସୁବିଧା ସହିତ ୬୪ ହଜାର ଚାଷୀ ଉପକୃତ ହେବେ। ସେହିପରି ଭିତ୍ତିପ୍ରସ୍ତର ରଖାଯାଇଥିବା ପ୍ରକଳ୍ପ ଦ୍ୱାରା ୧, ୫୫,୩୬୦ ହେକ୍ଟର ଜମିରେ ଜଳସେଚନ ସୁବିଧାର ବିକାଶ ହେବ ଏବଂ ପ୍ରାୟ ୬୩ ହଜାର କୃଷକ ଉପକୃତ ହେବେ। ସମୁଦାୟ ପ୍ରାୟ ୧ ଲକ୍ଷ ୨୭ ହଜାର କୃଷକ ଉପକୃତ ହେବେ। କାର୍ଯ୍ୟକ୍ରମରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର, ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଉନ୍ନୟନ କମିଶନର ଅନୁ ଗର୍ଗ ପ୍ରମୁଖ ଅଭିଭାଷଣ ରଖିଥିଲେ।

# ହାତୀ ପାଦ ତଳେ ଗଲା ୨ ଜୀବନ

## ହାତୀଙ୍କୁ ଡାକୁଛି ପାଚିଲା ଧାନ ବାସ୍ନା



**■ ଯୁବକଙ୍କୁ ଦଳିଦେଲା ହାତୀ**
**■ ହାତୀ ଭୟରେ ୧୦୦ ଗ୍ରାମର ଲୋକେ ଆତଙ୍କିତ**
**■ ପାଳି କରି ଜଗୁଛନ୍ତି ଗାଁ**

ରାଇରଙ୍ଗପୁର/କରଞ୍ଜିଆ,୧୧।୧୨(ସମିସ): ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବନଖଣ୍ଡ ଅଞ୍ଚଳରେ ହାତୀ ଆକ୍ରମଣରେ ପୁଣି ଜଣଙ୍କ ଜୀବନ ଯାଇଛି। ମୃତକ ହେଲେ, ରରୁଆଁ ବ୍ଲକ୍ ଅନ୍ତର୍ଗତ ଜବାସାହିର ରାଜୁ ପୂର୍ତ୍ତି। ସେ ଝାଡ଼ଖଣ୍ଡ ରାଜ୍ୟ ମଝିଆ ଅଞ୍ଚଳ ସାଦମାସାଇ ଗ୍ରାମର ମାଲି ପୂର୍ତ୍ତିଙ୍କ ପୁଅ। ହାତୀପଲଙ୍କୁ ଘଉଡ଼ାଇବାକୁ ରାଜୁ ଧାନ କ୍ଷେତକୁ ଯାଇଥିବା ବେଳେ ଏକ ହାତୀ ହାବୁଡ଼ରେ ପଡ଼ି ଯାଇଥିଲେ। ହାତୀଟି ରାଜୁଙ୍କୁ ଟେକି କଚାଡ଼ି ଦେବା ପରେ ପାଦରେ ଦଳି ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

ସୂଚନାଯୋଗ୍ୟ, ଏବେ ଧାନ ଅମଳ ଚାଲିଥିବା ବେଳେ ପାଚିଲା ଧାନ ବାସ୍ନା ହାତୀପଲଙ୍କୁ ଜନବସତିକୁ ଟାଣି ଆଣୁଛି। କରଞ୍ଜିଆ ବନଖଣ୍ଡ ଅଞ୍ଚଳରେ କିଛି ଦିନ ହେବ ୫୧ ଟିକିଆ ଏକ ଝାଡ଼ଖଣ୍ଡୀ ହାତୀପଲ ଚଳପ୍ରଚଳ କରୁଛନ୍ତି। ବନଖଣ୍ଡର ପୃଥକ୍ ପୃଥକ୍ ସ୍ଥାନରେ ଏମାନେ ଦଳଦଳ ହୋଇ ଘୂରି ବୁଲି ଉପଦ୍ରବ କରୁଛନ୍ତି। ଦିନସାରା ଜଙ୍ଗଲରେ ରହୁଥିବା ବେଳେ ରାତିରେ ପାଚିଲା ଧାନ ଖାଇବାକୁ କ୍ଷେତ ଓ ଜନବସତିମୁହାଁ ହେଉଛନ୍ତି। ହାତୀପଲଙ୍କ ଚଳପ୍ରଚଳ ଯୋଗୁଁ ୧୦୦ରୁ ଊର୍ଦ୍ଧ୍ୱ ଗ୍ରାମର ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଧାନ କ୍ଷେତରେ ପଶି ଯେତିକି ଫସଲ ଖାଉଛନ୍ତି, ତା'ଠାରୁ ବେଶି ଦଳି ଚକଟି ନଷ୍ଟ କରୁଛନ୍ତି। ଏହାକୁ ରୋକିବାକୁ ପ୍ରୟାସ କରି ହାତୀ ପାଦତଳେ ଲୋକଙ୍କ ଜୀବନ ଯାଉଛି। ଅପରପକ୍ଷେ, ରାତି ଅଧରେ ହାତୀପଲ ଗାଁରେ ପଶି ଯାଉଥିବାରୁ ଗ୍ରାମବାସୀ ପାଳି କରି ଗାଁ ଜଗୁଛନ୍ତି। ରାତିତମାମ ଲୋକେ ଘରେ ନ ଶୋଇ ନିଆଁ ଜାଳି ଜଗି ରହୁଛନ୍ତି। ଅପରପକ୍ଷେ ହାତୀପଲଙ୍କ ଉପଦ୍ରବ ଯୋଗୁଁ ବନ ବିଭାଗ ନାକେଦମ୍ ହେଉଛି। ହାତୀମାନଙ୍କ ଗତିବିଧି ଉପରେ ବନ ବିଭାଗ ଟିମ୍ ନଜର ରଖିଛନ୍ତି। ସେମାନଙ୍କୁ ଜନବସତିଠାରୁ ଦୂରକୁ ନେବାକୁ ନିୟମିତ ପ୍ରୟାସ କରୁଛନ୍ତି। କିନ୍ତୁ ହାତୀପଲ ବାରମ୍ବାର ଜନବସତି ନିକଟତର ହେଉଛନ୍ତି।

## ଘରୁ ଟାଣି ଆଣି ମହିଳାଙ୍କୁ ଦଳିଦେଲା

ତୁରେକେଲା, ୧୧।୧୨(ସମିସ): ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ରେଞ୍ଜ ଛତରଦାଣ୍ଡି ଜଙ୍ଗଲରେ ୩୦ ଟିକିଆ ହାତୀ ପଲଙ୍କ ଉପଦ୍ରବ ବୃଦ୍ଧି ପାଇଛି। ହାତୀପଲ ଗାଁ ଗାଁରେ ପଶି ଘରଦ୍ୱାର ଭାଙ୍ଗୁଛନ୍ତି। ବୁଧବାର ମଧ୍ୟ ରାତିରେ ବଙ୍ଗୋମୁଣ୍ଡା ରେଞ୍ଜ ତୁରେକେଲା ଥାନା ସାନବାଙ୍କୀ ଗାଁରୁ ଅଳ୍ପ ଦୂରରେ ଥିବା ଜଣେ ମହିଳାଙ୍କୁ ଘରୁ ଟାଣି ଆଣି ହାତୀ ଦଳି ଦେଇଛି। ମୃତ ମହିଳାଜଣଙ୍କ ହେଲେ, ମନ୍ଦାର ପୁଟେଲ। ସେ ଘରେ ଶୋଇଥିବା ବେଳେ ଏହି ଘଟଣା ଘଟିଥିଲା। ତାଙ୍କୁ ଉଦ୍ଧାର କରିବା ବେଳେ ତାଙ୍କ ସ୍ୱାମୀ ଏବଂ ଶଶୁର ମଧ୍ୟ ହାତୀ ଆକ୍ରମଣର ଶିକାର ହୋଇଛନ୍ତି। ସ୍ଥାନୀୟ ଲୋକ ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

# ବିଧାନସଭା ସମ୍ମୁଖରେ ଗର୍ଜିଲେ ଆଶା କର୍ମୀ

**ଭତ୍ତାବୃଦ୍ଧି, ବୟସସୀମା ବୃଦ୍ଧି ଓ ଅନ୍ୟାନ୍ୟ ଦାବିରେ ବିଶାଳ ବିକ୍ଷୋଭ**



ଭୁବନେଶ୍ୱର, ୧୧।୧୨(ସମିସ): ଭତ୍ତା ବୃଦ୍ଧି ଓ ନିୟମିତ ଭତ୍ତା ପ୍ରଦାନ ଦାବିରେ ଏଆଇଟିୟୁସି ସହବନ୍ଧିତ ନିଖିଳ ଓଡ଼ିଶା ଆଶା କର୍ମୀ ସଂଘ, ପଶ୍ଚିମ ଓଡ଼ିଶା ଆଶାକର୍ମୀ ସଂଘକୁ ନେଇ ଗଠିତ ଆଶାକର୍ମୀ ୟୁନିୟନ୍ ସଂଯୁକ୍ତ ମୋର୍ଚ୍ଚା ପକ୍ଷରୁ ବିଧାନସଭା ସମ୍ମୁଖରେ ଅନୁଷ୍ଠିତ ହୋଇଛି ବିଶାଳ ବିକ୍ଷୋଭ। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ହଜାର ହଜାର ଆଶାକର୍ମୀ ବ୍ୟାନର ଓ ପତାକା ଧରି ମାଷ୍ଟରକ୍ୟାଣ୍ଟିନ୍ ଛକଠାରୁ ଶୋଭାଯାତ୍ରାରେ ବାହାରି ପିଏମଜି ଛକରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିକ୍ଷୋଭ ସ୍ଥଳରେ ବିଜୟ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଏଆଇଟିୟୁସି ସହବନ୍ଧିତ ଆଶାକର୍ମୀ ସଂଘର ସାଧାରଣ ସମ୍ପାଦିକା ନମିତା ସାହୁ, ଏନ୍ଏଫ୍ଆଇଟିୟୁ ନେତା ବାଳକୃଷ୍ଣ ଭୋଇ ପ୍ରମୁଖ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଆଶା କର୍ମୀଙ୍କ ଭତ୍ତା ବୃଦ୍ଧି ଓ ନିୟମିତ ଭାବେ ସମସ୍ତ ଭତ୍ତା ପ୍ରଦାନ, ମାସିକ ସୁନିଶ୍ଚିତ ଭତ୍ତା ପରିବର୍ତ୍ତେ ଭତ୍ତା ଧାର୍ଯ୍ୟ କରିବା, ବିଭିନ୍ନ ଇନ୍‌ସେନ୍‌ଟିଭକୁ ମାସିକ ସୁନିଶ୍ଚିତ ଭତ୍ତା ସହ ଯୋଗ କରି ଭତ୍ତା ପ୍ରଦାନ, ଅବସର ବୟସ ସୀମା ୬୫ ବର୍ଷକୁ ବୃଦ୍ଧି ସହ ସହାୟତା ରାଶି ୫ଲକ୍ଷ ଟଙ୍କା ପ୍ରଦାନ, ପେନ୍‌ସନ୍ ମାସିକ ୩ହଜାର, ମୃତ୍ୟୁକାଳୀନ ସହାୟତା ରାଶି ୩ଲକ୍ଷ ଟଙ୍କାରୁ ୫ଲକ୍ଷ ଟଙ୍କାକୁ ବୃଦ୍ଧି, ସହରାଞ୍ଚଳ କର୍ମୀଙ୍କୁ ଜନନୀ ସୁରକ୍ଷା ଦେୟ ପ୍ରଦାନ, କେନ୍ଦ୍ର ସରକାରଙ୍କ ସୁପାରିଶ ଅନୁଯାୟୀ ଏଏନ୍ଏମ୍ ପ୍ରମୋଶନ, ନର୍ସିଂ ତାଲିମ୍ ପାଇଁ କୋଟା ଧାର୍ଯ୍ୟ ସହ ନୂତନ ୫ଜି ମୋବାଇଲ ଓ ଅନ୍‌ଲିମିଟେଡ୍ ଡାଟା ପ୍ୟାକ୍ ପ୍ରଦାନ ସହ ବଜାର ଦର ଅନୁସାରେ ରିଚାର୍ଜ ଦେୟ ପ୍ରଦାନ ଆଦି ଦାବି କରାଯାଇଥିଲା। ରମଣୀରଞ୍ଜନ ରାଉତରାୟ, ମାତିଲ୍ଦା କୁଲୁ, ତୀର୍ଥ ପ୍ରଧାନ, ଲକ୍ଷ୍ମୀ ମହାରଣା, ରଶ୍ମୀତା ପଣ୍ଡା ପ୍ରମୁଖ ନେତୃତ୍ୱ ନେଇଥିଲେ। ଏହି ବିକ୍ଷୋଭରେ ସିପିଆଇ ରାଜ୍ୟ ସମ୍ପାଦକ ଡ. ପ୍ରଶାନ୍ତ କୁମାର ମିଶ୍ର, ଏଆଇଟିୟୁସି ନେତା ସୁର ଜେନା ପ୍ରମୁଖ ବକ୍ତବ୍ୟ ଦେଇଥିଲେ।

# ଅସୁସ୍ଥ ହାତୀକୁ ଛାଡ଼ି ଚାଲିଗଲେ ଝାଡ଼ଖଣ୍ଡୀ ହାତୀପଲ

ନୀଳଗିରି, ୧୧।୧୨ (ସମିସ)

ପ୍ରତିବର୍ଷ ଭଳି ଚଳିତବର୍ଷ ଝାଡ଼ଖଣ୍ଡର ଦଲମା ଜଙ୍ଗଲରୁ ଏହି ହାତୀପଲ ବୁଧବାର ଭୋର ସମୟରେ ନୀଳଗିରି ରେଞ୍ଜ ଅଯୋଧ୍ୟା ପିଚୁ ରାସ୍ତା ପାର କରି ତିନିକୋଶିଆ ଓ ଗୋପାଳପୁର ସଂରକ୍ଷିତ ଜଙ୍ଗଲରେ ପ୍ରବେଶ କରିଥିଲେ। ଏହି ସଂରକ୍ଷିତ ଜଙ୍ଗଲ ଚତୁଃପାର୍ଶ୍ୱକୁ ସଂଲଗ୍ନ ଥିବା ଚାଷଜମିରେ ପାଚିଲା ଧାନକୁ ଯେତିକି ଖାଇଥିଲେ, ତା'ଠୁ ଅଧିକ ଦଳି ମକଚି ନଷ୍ଟ କରିଥିଲେ। ପରେ ଗୁରୁବାର ଭୋର ସମୟରେ ଗୋଟିଏ ଅସୁସ୍ଥ ହାତୀକୁ ଛାଡ଼ି, ହାତୀ ପଲ ଦଳ ଦଳ ହୋଇ ନୀଳଗିରି ରେଞ୍ଜ ସୀମା ପାର ହୋଇ ମୟୂରଭଞ୍ଜ ଅଞ୍ଚଳକୁ ଫେରି ଯାଇଥିଲାବେଳେ ଜଗିରହିଛି ଗୋଟିଏ ଦନ୍ତା ହାତୀ। ନୀଳଗିରି ବନ ବିଭାଗ ଏହି ଛୁଆ ହାତୀର ମୁହଁ ଫୁଲିବା ସହ ପାଟି ଭିତରେ ଗଭୀର କ୍ଷତ ସୃଷ୍ଟି ହେବା ସହ ପାଟିରୁ ରକ୍ତ ସ୍ରାବ ହେଉଥିବା ନଜରକୁ ଆସିଥିଲା।

ପରେ ଏହି ଘଟଣା ଜିଲ୍ଲା ବନଖଣ୍ଡ ଅଧିକାରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କୁ ଜଣାଯାଇଥିଲା। ବନଖଣ୍ଡ ଅଧିକାରୀ ଶ୍ରୀ ମଲ୍ଲିକଙ୍କ ନିର୍ଦ୍ଦେଶରେ ନୀଳଗିରି ରେଞ୍ଜର ନନ୍ଦନ ଖାଁ ଓ ପଶୁଚିକିତ୍ସକ ଅଭିଲାସ ଆଚାର୍ଯ୍ୟଙ୍କ ଉପସ୍ଥିତିରେ ତା'ର ସ୍ୱାସ୍ଥ୍ୟ ଯାଞ୍ଚ କରାଯିବା ସହ ପ୍ରାଥମିକ ତଦନ୍ତରୁ ହାତୀର

**ଜଗିରହିଛି ଗୋଟିଏ ଦନ୍ତା**

ବୟସ ୫ରୁ ୬ ବର୍ଷ ହେବ ଏବଂ ହାତୀର ପାଟି ଭିତରେ କୌଣସି ପ୍ରକାର ଗଭୀର କ୍ଷତ ସୃଷ୍ଟି ହୋଇଛି। ଫଳରେ ଛୁଆ ମାଈ ହାତୀଟି ଅତି ଦୁର୍ବଳ ହୋଇପଡ଼ିଛି। ବିଲରେ ବନ୍ଧା ଯାଇଥିବା ବାଛୁରୀ ଛୁଆକୁ ହାତୀ ପାଖରେ ଦଳି ଦେଇଛି। ଅସୁସ୍ଥ ହାତୀକୁ ନୀଳଗିରି ବନବିଭାଗ ଜଗି ରହିଥିବା ଜଣାପଡ଼ିଛି। ଅସୁସ୍ଥ ହାତୀର ସୁରକ୍ଷା ପାଇଁ ହାତୀର ଚତୁଃପାର୍ଶ୍ୱରେ ଫରେଷ୍ଟର, ଫରେଷ୍ଟ ଗାର୍ଡ଼, ସବୁଜବାହିନୀ ଜଗି ରହିଛନ୍ତି।



# ଧାନ କ୍ଷେତରେ ନିଆଁଲାଗି ଶସ୍ୟ ନଷ୍ଟ, ଥାନାରେ ମାମଲା

ଜଳେଶ୍ୱର, ୧୧।୧୨ (ସମିସ) : ଜଳେଶ୍ୱର ବ୍ଲକ ଉପାନ୍ତ ନେତୁଆ ପଞ୍ଚାୟତ କପାସୁଦା ନିକଟ ଧାନ କ୍ଷେତରେ ନିଆଁ ଲାଗି ବ୍ୟାପକ କ୍ଷୟକ୍ଷତି ଘଟିଛି। ନେତୁଆ ଗାଁର ଲକ୍ଷ୍ମୀଧର ଜେନା ତାଙ୍କ ଜମିରେ ଧାନ ଅମଳ ପରେ କୁଟାରେ ନିଆଁ ଲଗାଇଥିଲେ। ପବନରେ ନିଆଁ ନିକଟ ଜମିକୁ ସମ୍ପ୍ରସାରିତ ହୋଇ ବ୍ୟାପକ ଜମିରେ କ୍ଷୟକ୍ଷତି ଘଟାଇଥିଲା। ସୂଚନା ପାଇ ଦମକଳ ବାହାନି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ କପାସୁଦା ଗାଁର ସୁଧିର କୁମାର ପ୍ରଧାନଙ୍କ ୩୦ ଡିସିମିଲ ଓ ଭାଗଚାଷୀ ବିଜୟ କୁମାର ପାତ୍ରଙ୍କ ୪୨ ଡିସିମିଲ ଜମିର ଧାନ ପୋଡି ପାଉଁଶ ହୋଇଯାଇଛି। ସେହିପରି ଶ୍ରୀକୃଷ୍ଣ ପାତ୍ରଙ୍କ ୨ଏକର, ରାମଚନ୍ଦ୍ର ପାତ୍ରଙ୍କ ୨ଏକର, ରାଜେଶ ମହାନ୍ତିଙ୍କ ୩ଏକର, ଶ୍ରୀହରୀ ପାତ୍ରଙ୍କ ୩ଏକର, ପ୍ରଦୀପ ପାତ୍ରଙ୍କ ୨ ଏକର, ପ୍ରଶାନ୍ତ ପାତ୍ର ୩ ଏକର, ଶଙ୍କର ପ୍ରଧାନଙ୍କ ୨ଏକର, ସିତାଂଶୁ ଭୂୟାଁ ୩ଏକର, ମଧୁସୂଦନ ପାତ୍ର ୩ଏକର, ହେମନ୍ତ ମହାନ୍ତି ୧ଏକର, ସୁଶାନ୍ତ ମହାନ୍ତି ୪ ଏକର, ଲକ୍ଷ୍ମଣ ପାତ୍ରଙ୍କ ୨ ଏକର, ସଞ୍ଜିତା ସ୍ୱାଇଁ ୨ ଏକର ଜମିରେ ଥିବା କୁଟା ପୋଡ଼ି ଭସ୍ମୀଭୂତ ହୋଇଯାଇଛି। ନିକଟରେ ଥିବା ନିତ୍ୟାନନ୍ଦ ମହାନ୍ତିଙ୍କ ଏକ ମିନି ସେଲୋରେ ମଧ୍ୟ ନିଆଁ ଲାଗି ସମସ୍ତ ଯନ୍ତ୍ରପାତି ଭସ୍ମୀଭୂତ ହୋଇ ଯାଇଛି। ନିକଟସ୍ଥ ପଞ୍ଚାୟତ ପୋଖରୀ ହୁଡାରେ ଥିବା ପ୍ରାୟ ୫୦ଟି ଆକାଶି ଗଛ ମଧ୍ୟ ପୋଡ଼ି ନଷ୍ଟ ହୋଇଛି। ସେହିପରି ବିଜୟ ପାତ୍ର ଓ ରାମଚନ୍ଦ୍ର ପାତ୍ର ବାଡିରେ ଲାଗିଥିବା ୩୦ଟି ଆକାଶିଆ ଗଛ ନଷ୍ଟ ହୋଇଯାଇଛି। ନଷ୍ଟ ହୋଇଥିବା ଶଷ୍ୟର ମୂଲ୍ୟ ୫୦ହଜାର ଟଙ୍କା ହୋଇଥିବା ବେଳେ ବହୁ ମୂଲ୍ୟବାନ ଗଛ ନଷ୍ଟ ହୋଇଥିବା ଯାଇଛି। ଏ ସମ୍ପର୍କରେ କ୍ଷତିଗ୍ରସ୍ତ ଚାଷୀମାନେ ନାମ୍ପୋ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି।



# ଖଣି ଅଧିକାରୀଙ୍କୁ ଅଟକ ରଖିଲେ ମାଟି ମାଫିଆ

ରାଜଘାଟ, ୧୧।୧୨(ସମିସ): ଘରୋଇ ଚାଷ ଜମିରୁ ବେଆଇନ ଭାବେ ମାଟି ଖନନ କରୁଥିବା ବେଳେ ଗୋଟିଏ ଜେସିବି ଏବଂ ଦୁଇଟି ଟ୍ରାକ୍ଟର ଜବତ କଲା ଖଣି ବିଭାଗ। ହେଲେ ଖଣି ବିଭାଗ ଅଧିକାରୀଙ୍କୁ ଅଟକ ରଖିଲେ ମାଟି ମାଫିଆ। ଉଦ୍ଧାର କଲା ପୁଲିସ୍, ଗାଡ଼ି ଛାଡ଼ି ଚାଳକ ଫେରାର। ବସ୍ତା ଥାନା ପୁରୁଷୋତ୍ତମପୁର ଗ୍ରାମର ଏକ ଘରୋଇ ଜମିରୁ ବେଆଇନ ଭାବରେ ଜେସିବି ଏବଂ ଟ୍ରାକ୍ଟରରେ ମାଟି ଖୋଳି ମୟୂରଭଞ୍ଜକୁ ଚାଲାଣ ହେଉଥିବା ବେଳେ ଅଭିଯୋଗ ପାଇ ବସ୍ତା ଖଣି ଅଧିକାରୀ ସତ୍ୟଚିନ୍ମୟଜେନା ଏବଂ ଜଳେଶ୍ୱର ଖଣି ଅଧିକାରୀ ତାପସ କୁମାର ବେହେରା ପହଞ୍ଚି ଟ୍ରାକ୍ଟର ଏବଂ ଜେସିବି ଜବତ କରିଥିଲେ। ଫଳରେ ମାଟି ମାଫିଆ ମାନେ ଉଭୟ ଖଣି ଅଧିକାରୀଙ୍କୁ ଅଟକ ରଖିଥିଲେ। ଯାହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ଦେଖା ଦେଇଥିଲା। ଖବର ପାଇ ବସ୍ତା ପୁଲିସ ପହଞ୍ଚି ଉଭୟ ଖଣି ଅଧିକାରୀଙ୍କୁ ଉଦ୍ଧାର କରିବା ସହିତ ଟ୍ରାକ୍ଟର ଏବଂ ଜେସିବି ଜବତ କରିଛନ୍ତି। ଘଟଣାସ୍ଥଳରେ ମାଫିଆଙ୍କ ସହିତ ସମସ୍ତ ଗାଡ଼ିର ଚାଳକ ଫେରାର ହୋଇଯାଇଛନ୍ତି।

# ଶିରାଦେବୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପ୍ରସ୍ତୁତି

ଖଇରା, ୧୧।୧୨ (ସମିସ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଶ୍ୟାମସୁନ୍ଦରପୁର ଗ୍ରାମ ପଞ୍ଚାୟତ ଅଧୀନ ଶ୍ରୀରାମପୁର ଖେଳ ପଡ଼ିଆରେ ଆସନ୍ତା ୨୯ ତାରିଖରୁ ୩୧ତମ ମା ଶିରାଦେବୀ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇ ଜାନୁଆରୀ ୧ ତାରିଖରେ ଉଦଯାପିତ ହେବ। ଉକ୍ତ ଟୁର୍ନାମେଣ୍ଟରେ ସୋର ବ୍ଲେଣ୍ଡର୍ସ ପ୍ରାଇଡ, ବାଲେଶ୍ୱର ଏଫଏମ ୱାରିଅରସ୍, ଜେସିସି ବାସୁଦେବପୁର, କେନ୍ଦୁଝର ଚିକୁ ଚେଞ୍ଜର, ଏମସିସି ମୟୂରଭଞ୍ଜ, ଜେଡି କ୍ଲବ ହରିଚନ୍ଦନପୁର, ଇଲେଭେନ ଷ୍ଟାର ବୁଢାଗଡ଼ିଆ, ପ୍ରଗତି ସ୍ପୋର୍ଟିଂ ଭଦ୍ରକ ଭଳି ଟିମ୍ ଅଂଶଗ୍ରହଣ କରିବେ। ଏହି ପରିପ୍ରେକ୍ଷୀରେ ଏକ ପ୍ରସ୍ତୁତି ବୈଠକ ବୁଧବାର ଦିନ କମିଟି ସଭାପତି ବିଷ୍ଣୁମୋହନ ମୁଦୁଲିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ବୈଠକରେ ସଭ୍ୟ ରାଜେନ୍ଦ୍ର ସେଠୀ, ସୁଧାଂଶୁ ଶେଖର ମୁଦୁଲି, ପ୍ରହଲ୍ଲାଦ ପୃଷ୍ଟି, ଲିପୁ ଦାସ, ତନ୍ମୟ ପଣ୍ଡା, କମଳାକାନ୍ତ ପୃଷ୍ଟି, ଦେବବ୍ରତ ମୁଦୁଲି, ବବୁଲୁ ସାହୁ, ଗଣେଶ ମୁଦୁଲି, ଭଗବାନ ପାତ୍ର, ସିପକ ମୁଦୁଲି, ଗୁରୁପଦ ମୁଦୁଲି, ଦିପକ ମୁଦୁଲି ଓ ମାନସ ମଦୁଲି ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଗୋପାଳ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ବିସିସିଆଇ ୧୯ ବର୍ଷରୁ କମ୍ ଦଳରେ ଶୁଭଲକ୍ଷ୍ମୀ



ନୀଳଗିରି, ୧୧।୧୨ (ସମିସ): ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡର ଡାକରା ପାଇ ଆଗାମୀ ଅଭ୍ୟାସ ମ୍ୟାଚ ଖେଳିବାକୁ କେରଳ ଯାଇଛନ୍ତି ନୀଳଗିରି ବ୍ଲକ ସିଆଡିମାଳ ଗ୍ରାମର ଆଦିବାସୀ ଝିଅ ଶୁଭଲକ୍ଷ୍ମୀ ସିଂ। ପ୍ରାଥମିକ ଶିକ୍ଷକ ଭାବେ କାର୍ଯ୍ୟରତ ବାବୁଲା ସିଂଙ୍କ ଏକମାତ୍ର ଝିଅର କ୍ରିକେଟ ପ୍ରତି ଦୁର୍ବଳତା ଦେଖି ବାପା ଝିଅର ସ୍ୱପ୍ନକୁ ପୂରଣ କରିବା ପାଇଁ ଘର ସମ୍ମୁଖସ୍ଥ ମାଟିଗୁଡି ପଡ଼ିଆରେ ଅଭ୍ୟାସ ପାଇଁ ନିଜକୁ ସାମିଲ କରିବା ସହିତ ଝିଅକୁ ଉତ୍ସାହିତ କରିଥିଲେ। ଧୀରେଧୀରେ ଜିଲ୍ଲାସ୍ତରରେ ଖେଳିବାର ସୁଯୋଗ ପାଇଥିଲେ। ପରେ ଓସିଏ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନିଜର ଶ୍ରେଷ୍ଠ ପ୍ରତିପାଦନ କରି ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏବେ ବିସିସିଆଇ ଡାକରା ପାଇ ଗତ ୯ତାରିଖ କେରଳ ଯାଇଛନ୍ତି। ପାଞ୍ଚମ୍ୟାଚ୍ ବିଶିଷ୍ଟ ଏହି ଅଭ୍ୟାସ ମ୍ୟାଚରେ ପ୍ରଥମ ତିନୋଟି ମ୍ୟାଚ ପାଇଁ ଶୁଭଲକ୍ଷ୍ମୀ ମନୋନୀତ ହୋଇଥିବା ବେଳେ ପ୍ରଥମମ୍ୟାଚ ଚଳିତମାସ ୧୩ତାରିଖ ଗୁଜରାଟ, ୨ୟ ମ୍ୟାଚ୍ ଆସାମ ଏବଂ ତୃତୀୟ ମ୍ୟାଚ୍ ରାଜସ୍ଥାନ ସହିତ ଖେଳିବାର ସମ୍ଭାବନା ରହିଛି। ଚୟନକର୍ତ୍ତା ଓ କୋଚ୍ ଶୁଭଲକ୍ଷ୍ମୀଙ୍କ ଦକ୍ଷତାକୁ ଦେଖି ତା'ର ସଠିକ୍ ବ୍ୟାଟିଂକ୍ରମ ନିର୍ଦ୍ଧାରଣ କଲେ ସେ ଉପଯୁକ୍ତ ପ୍ରଦର୍ଶନ ଦେଖାଇପାରିବେ ତେଣୁ ଏଥିପ୍ରତି ବିସିସିଆଇ ଦୃଷ୍ଟିଦେବାକୁ ନୀଳଗିରି ଅଞ୍ଚଳର କ୍ରୀଡାପ୍ରେମୀ ଦାବି କରିଛନ୍ତି।

# ବଳପୂର୍ବକ ଘରେ ପଶି ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ଉଦ୍ୟମ

ରୂପସା, ୧୧।୧୨ (ସମିସ): ବସ୍ତା ବିଦ୍ୟୁତ ବିଭାଗର ଅଜବ ନୀତି। ତିନି ମାସ ତଳେ ଜନୈକ ବ୍ୟକ୍ତି ଲାଇନ ସଂଯୋଗ କରିଥିବା ବେଳେ ଲାଇନ ଗୋଟେ ବର୍ଷର ଫାଇନ ଲଗାଉଛନ୍ତି। ଘରେ ମହିଳା ମାନେ ଥିବା ସମୟରେ ବାବୁ ଜଣକ ଟାଟା ପାୱାର କର୍ମଚାରୀ କହି ବିଭିନ୍ନ ଉପାୟରେ ଘରକୁ ପଶନ୍ତି, ଆଉ ତାଙ୍କ କଥାରେ ରାଜି ନହେଲେ ଫାଇନ ପକାନ୍ତି, ଏମିତି ଏକ ଘଟଣା ଘଟିଛି ବାଲେଶ୍ୱର ସଦର ଆଙ୍କ ଗାଁର ସ୍ୱର୍ଗତ ଗୌରହରି ରାଉତଙ୍କ ବାସ ଭବନରେ। ତାଙ୍କ ପୁତ୍ର ଚାନସେଲର ରାଉତ ତିନି ମାସ ପୂର୍ବେ ଲାଇନ ନେଇଥିଲେ। ଟାଟା ପାୱାର ଖାମ ଖିଆଲି ନୀତି ଯୋଗୁଁ ଏକ ବର୍ଷର ୭୫୦୦୦ ଫାଇନ ଲଗେଇ ବିଲ ଦେଇଛନ୍ତି। ଏ ବିଷୟରେ ଜେଇ ଓ ଏସଡିଓଙ୍କୁ ପଚାରିବାରୁ କୌଣସି ସନ୍ତୋଷ ଜନକ ଉତ୍ତର ଦେଇ ନ ଥିଲେ। କିନ୍ତୁ ପ୍ରତ୍ୟେକ ମାସ ବକେୟା ବିଲ ଦେଉଥିଲେ। ବାଧ ହୋଇ ସ୍ୱର୍ଗତ ଶ୍ରୀ ରାଉତ ଏକ ମାତ୍ର ପୁତ୍ର ଚାନସେଲର ରାଉତ ଏନେଇ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। କୋର୍ଟ ମଧ୍ୟ ଷ୍ଟେ ଅର୍ଡର ଦେଇଛନ୍ତି, କିନ୍ତୁ କୋର୍ଟ କଥାକୁ ଅବମାନନା କରି ଜୋର ଜବରଦସ୍ତ ଜେଇ ବାବୁ ଜଣକ ସଦଳବଳେ ଆସି ଜୋର ଜବରଦସ୍ତି ଘର ଭିତରକୁ ପଶିବାକୁ ଉଦ୍ୟମ କରୁଥିଲେ ଏବଂ ଲାଇନ କାଟିବାକୁ ଚେଷ୍ଟା କରୁ ଥିଲେ। ଶ୍ରୀ ରାଉତ ଲାଇନ କାଟିବାକୁ ଆସିଥିବା ଜେଇ ସମସ୍ତ କର୍ମଚାରୀଙ୍କୁ ଷ୍ଟେ ହୋଇଥିବା କଥା କରିବା ସତ୍ତ୍ୱେ ବାରମ୍ବାର ଯୁକ୍ତି କରିବା ସହ କାଟିବାକୁ ଉଦ୍ୟମ କରୁଥିଲେ। ଶେଷରେ ଶିଶୁପାଳ ହୋଇ ଫେରିଗଲେ।

**ଘଟଣାସ୍ଥଳରେ ଉତ୍ତେଜନା**

ଶ୍ରୀ ରାଉତଙ୍କୁ ପଚାରିବାରୁ ଯଦି କୋର୍ଟରେ ବିଚାର ଧୀନ ଥିବା ବେଳେ ବିଦ୍ୟୁତ ବିଭାଗ ବାରମ୍ବାର ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରିବାକୁ ଆସୁଥିବା ଯୋଗୁଁ ମୋର ମାନସମ୍ମାନ ପ୍ରତି ଘୋର ଆଘାତ ଦେଇଛି। ବିଦ୍ୟୁତ ବିଭାଗର ଉଚ୍ଚ ପଦାଧିକାରୀ ବିହିତ ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ଧାରଣାରେ ବସିବା ସହ ମୋର ପରିବାରର ସମ୍ମାନ ପ୍ରତି ଘୋର ଆଘାତ ଦେଇଥିବାରୁ ମାନହାନି ମକଦ୍ଦମା ରୁଜୁ କରିବେ ବୋଲି ପ୍ରକାଶ କରିଛନ୍ତି।

# ମଧୁସୂଦନ ଉଚ୍ଚ ବିଦ୍ୟାଳୟରେ ସାଂସଦ ଖେଳ ମହୋତ୍ସବ




ଭୋଗରାଇ, ୧୧।୧୨(ସମିସ): ଭୋଗରାଇର ମଧୁସୂଦନ ସରକାରୀ ଉଚ୍ଚ ବିଦ୍ୟାଳୟ ଶଙ୍ଖାରୀରେ ବୁଧବାର ଜୋନସ୍ତରୀୟ ସାଂସଦ ଖେଳ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସକାଳ ୮ଟାରେ ଆନୁଷ୍ଠାନିକ ଭାବେ ଶ୍ରଦ୍ଧାପୁର ସିଆରସିସି ଦେବକୁମାର ପାତ୍ର ଉଦଘାଟନ କରିଥିବା ବେଳେ ଅତିଥି ଭାବେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ହରେକୃଷ୍ଣ ଜେନା, ଶଙ୍ଖାରୀ ସିଆରସିସି ନୁନା ହେମ୍ବ୍ରମ, ହାଡିଗୋଛିଆ ସିଆରସିସି ନାଭଡେଶ୍ୱର ମାଝିଙ୍କ ସହ ସାଂସଦ ଖେଳ ମହୋତ୍ସବ ସମ୍ପାଦକ ତଥା କ୍ରୀଡ଼ା ଶିକ୍ଷକ ହିମାଂଶୁ ଶେଖର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଆଦର୍ଶ ବିଦ୍ୟାଳୟ ସମେତ ୧୪ଟି ସ୍କୁଲର ପିଲାମାନେ ୮ଟି ଇଭେଣ୍ଟରେ ଭାଗନେଇଥିଲେ। ଖୋଖୋ, କବାଡି, ଭଲିବଲ, ଫୁଟବଲ ଖେଳରୁ ୧୨ଜଣ କରି ଓ ୧୦୦ମି, ୮୦୦ମି, ସଟପୁଟ ଓ ଲମ୍ବଡିଆଁରୁ ୩ଜଣ କରି ମୋଟ ୬୦ଜଣ ଖେଳାଳି ବ୍ଲକ ସ୍ତରକୁ ଉନ୍ନୀତ ହୋଇଛନ୍ତି। କ୍ରୀଡା ଶିକ୍ଷକ ସୁନିଲ କୁମାର ସି, ଇପ୍ସିତା ପାତ୍ର, ସୁଶାନ୍ତ ସାହୁ, ସୁରେନ୍ଦ୍ର ସାହୁ, ସୁଶାନ୍ତ ବାରିକ, ଭଗବାନ ମଣ୍ଡଳ, ଶ୍ରୀଦେବ ଦାସ, କାର୍ତ୍ତିକ ଦାସ ଅଧିକାରୀ, ଅରବିନ୍ଦ ଜେନା, ରାଧାଶ୍ୟାମ ପ୍ରଧାନ ପ୍ରମୁଖ କ୍ରୀଡା ପରିଚାଳନା କରିଥିବା ବେଳେ ଶିକ୍ଷକ ଧ୍ରୁବଚରଣ ପ୍ରଧାନ, ଯଜ୍ଞେଶ୍ୱର ପୃଷ୍ଟି, ଅଳକା ଜେନା, ଲଳିତା ଆଇଚ, ଝରଣା ମାଝି, ଦୀପକ ଦିଣ୍ଡା, ପଦ୍ମାବତୀ ଜେନା, ଗୌରସୁନ୍ଦର ପାତ୍ର, ଦେବେନ୍ଦ୍ର ମଲ୍ଲିକ, ଜଗଦିଶ କୁଣ୍ଡୁ, ରାମକୃଷ୍ଣ ପାତ୍ର, କାଳିକୁମାର ଜେନା, ଗୀତାରାଣୀ ପରିଡ଼ା, ତରୁଣ ଜେନା ପ୍ରମୁଖ ସହଯୋଗ କରିଥିଲେ।

# ଶ୍ରୀଜଗନ୍ନାଥଙ୍କ ୩୨ ବେଶ ସମାରୋହ ଉଦ୍‌ଘାଟିତ



ଜଳେଶ୍ୱର, ୧୧।୧୨(ସମିସ): ଜଳେଶ୍ୱରରେ ୧୦ ଦିନ ବ୍ୟାପୀ ଆଧ୍ୟାତ୍ମିକ ମହୋତ୍ସବ ଓ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ୩୨ ବେଶ ପୁରୁଣା କୋର୍ଟ ବଜାରଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଉତ୍ସବରେ କମିଟିର ସଭାପତି ପତିତ ପାବନ ପ୍ରଧାନ ପୌରୋହିତ୍ୟ କରିଥିଲେ। ଉଦଘାଟକ ରୂପେ ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତି ଯୋଗ ଦେଇ ବଳଭଦ୍ର, ସୁଭଦ୍ରା ଓ ଶ୍ରୀଜଗନ୍ନାଥଙ୍କ ବିଭିନ୍ନ ବେଶ ଓ ତାହାର ଯଥାର୍ଥତା ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ରୂପେ ଜଳେଶ୍ୱରର ଏସଡିପିଓ ସୁବ୍ରତ ବେହେରା, ସମ୍ମାନିତ ଅତିଥି ରୂପେ ଜଳେଶ୍ୱର ଆଇଆଇସି ଅଶୋକ ବାରିକ, ଅବସରପ୍ରାପ୍ତ କେନ୍ଦ୍ର ପେଟ୍ରୋଲିୟମ ବିଭାଗ ନିର୍ଦ୍ଦେଶକ ସୁଧା ରଞ୍ଜନ ସାହୁ, ବରିଷ୍ଠ ଆଇନଜୀବୀ ଅନିଲ ପରିଡ଼ା, ସିଦ୍ଧାର୍ଥ ଶଙ୍କର ପାଲ, ଆଇନଜୀବୀ ଗିରିଜା ଶଙ୍କର ଦାସ, ଲାୟନ୍ସ କ୍ଲବ୍ ସଭାପତି ପ୍ରଶାନ୍ତ ପ୍ରଧାନ, କାଉନସିଲର ପ୍ରତିନିଧି ଆନନ୍ଦ କର ପ୍ରମୁଖ ଯୋଗ ଦେଇ ଅଭିଭାଷଣ ପ୍ରଦାନ କରିଥିଲେ। କାଉନସିଲର ଚନ୍ଦନ ଦାସ, ଆଇନଜୀବୀ ସୁକୁମାର ରଣା ଓ ସୁଶାନ୍ତ ଦାସ, ଶିକ୍ଷାବିତ୍ ରତ୍ନାକର ରାୟ, ସମରେନ୍ଦ୍ର ଦାସ, ଅଧ୍ୟାପକ ନୀଳକଣ୍ଠ ଖଣ୍ଡା, ଜ୍ୟୋତି ମହାପାତ୍ର, ସୁବାସ ଦାସ, ବଂହିମାନ ଦାସ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୂର୍ବରୁ ମହିଳା ମାନଙ୍କର ଏକ ପଟୁଆର କୀର୍ତ୍ତନର ତାଳେତାଳେ ମଙ୍ଗଳାତୋଳା ନିକଟରୁ ବାହାରି ସହର ପରିକ୍ରମା କରିବା ପରେ ଉତ୍ସବ ନିକଟରେ ପହଞ୍ଚିବା ପରେ ବିଧିବଦ୍ଧ ଭାବେ ୩୨ ବେଶ କାର୍ଯ୍ୟକ୍ରମକୁ ତହସିଲଦାର ଶ୍ରୀ ମହାନ୍ତି ଓ ଅନ୍ୟ ଅତିଥି ଉଦ୍‌ଘାଟନ କରିଥଲେ। ପ୍ରାରମ୍ଭରେ ଚନ୍ଦନ ବେଜ୍ ଅତିଥି ମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରି ଥିବା ବେଳେ ଲୋକନାଥ ଧର, ନଳିନୀ ମହାପାତ୍ର, ଦେବବ୍ରତ ପାଣିଗ୍ରାହୀ ପ୍ରମୁଖ ପୂଜକ ମାନେ ପୂଜା କାର୍ଯ୍ୟ ପରିଚାଳନା କରିଥିଲେ।

# ଭୋଗରାଇ ବ୍ରାହ୍ମଣ ସମିତିର ବୈଠକ

ଭୋଗରାଇ, ୧୧।୧୨(ସମିସ): ଭୋଗରାଇ ବ୍ଲକ ବ୍ରାହ୍ମଣ ସମିତିର ଜରୁରୀ ବୈଠକ ଗୁନାଇବସାଣ ଗ୍ରାମର ଶ୍ରୀକୃଷ୍ଣ ପଣ୍ଡାଙ୍କ ବାସଭବନରେ ଅନୁଷ୍ଠିତ ହୋଇଛି। ବ୍ଲକ ସଭାପତି ପଣ୍ଡିତ ଭୃଗୁରାମ କରଶର୍ମା ବୈଠକରେ ସଭାପତିତ୍ୱ କରିଥଲେ। ଏଥିରେ ସମିତିର ବାର୍ଷିକ ସାଧାରଣ ସଭା ଓ ବିଭିନ୍ନ ସମସ୍ୟା ଓ ସମାଧାନ ସମ୍ପର୍କରେ ଆଲୋଚନ ହୋଇଥିଲା। ଜିଲ୍ଲା ସମ୍ପାଦକ ଗୌରଚନ୍ଦ୍ର ଦାଶ ଓ ସଂଗଠନ ସମ୍ପାଦକ ପଣ୍ଡିତ ବୈଦ୍ୟନାଥ ଆଚାର୍ଯ୍ୟ ଓ ବ୍ଲକ କାର୍ଯ୍ୟକାରୀ ସଭାପତି ସୁଶାନ୍ତ କୁମାର ପାଣିଗ୍ରାହୀ ଯୋଗଦେଇ ବିଭିନ୍ନ ପରାମର୍ଶ ଦେଇଥିଲେ। ସମିତିର ବାର୍ଷିକ ସାଧାରଣ ସଭା ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଥାନା ଛକସ୍ଥିତ ଡାକ୍ତର ଶ୍ରୀଶ କୁମାର ଦାସଙ୍କ ବାସଭବନରେ ଅନୁଷ୍ଠିତ ହେବାର ସିଦ୍ଧାନ୍ତ ହୋଇଥିଲା। ରଞ୍ଜନ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ପଣ୍ଡିତ ଶାନ୍ତନୁ କୁମାର ପତିଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା ଓ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପଣ୍ଡିତ ରାଜେନ୍ଦ୍ର କୁମାର ପଣ୍ଡା, ଶ୍ୟାମାପଦ ପଣ୍ଡା, ଦିଲ୍ଲୀପ ପାଣିଗ୍ରାହୀ, ଗଣେଶ ପଣ୍ଡା, ଅନନ୍ତ ଗାଙ୍ଗୁଲି ଯୋଗଦେଇଥିଲେ।

# ଉତ୍ତରେଶ୍ୱର ଫଳ ଗୋଦାମରୁ ଚୋରି ଅଭିଯୋଗ


ସୋର, ୧୧।୧୨(ସମିସ): ସୋର ପୌରପାଳିକା ଅନ୍ତର୍ଗତ ଉତ୍ତରେଶ୍ୱରରେ ଥିବା ଫଳ ଗୋଦାମର କବାଟ ଭାଙ୍ଗି ଚୋରି ହୋଇଥିବା ନେଇ ସୋର ଥାନାରେ ଅଭିଯୋଗ ହୋଇଛି। ଉତ୍ତରେଶ୍ୱରରେ ଥିବା ଫାଇଜାନ ଫ୍ରୁଟ କମ୍ପାନୀ ଦୋକାନର ମାଲିକ ସେକ ସୁଲତାନ ଗତକାଲି ରାତିରେ ଦୋକାନ ବନ୍ଦ କରି ଯାଇଥିଲେ। କିନ୍ତୁ ଆଜି ସକାଳେ ତାଙ୍କ ପୁଅ ଦୋକାନ ଖୋଲିବାକୁ ଆସିଥିବାବେଳେ ଦୋକାନ କବାଟ ଭାଙ୍ଗି ଦୋକାନ ମଧ୍ୟରେ ପଶି ଚୋର ମାନେ କ୍ୟାସ ଡ୍ରୟାରରେ ଥିବା ନଗଦ ୧୦ ହଜାରରୁ ଅଧିକ ଟଙ୍କା ଚୋରି କରି ନେଇଥିବା ଜାଣିବାକୁ ପାଇଥିଲେ। ଏ ବାବଦରେ ବାପା ସୁଲତାନଙ୍କୁ ଜଣାଇବା ପରେ ମଧ୍ୟାହ୍ନରେ ସେ ସୋର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ମୂଳେ ପୁଲିସ ଏକ ମାମଲା ରୁଜୁ କରି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଆଗରୁ ଉତ୍ତରେଶ୍ୱର ସମେତ ବିଭିନ୍ନ ସ୍ଥାନରେ ହୋମଗାର୍ଡ ମାନେ ଡ୍ୟୁଟି କରୁଥିବାରୁ ବଜାରରେ ଚୋରି କମୁଥିଲା। କିନ୍ତୁ ପ୍ରଶାସନ ଏବେ ହୋମଗାର୍ଡଙ୍କୁ ଡ୍ୟୁଟିରେ ଲଗାଉ ନ ଥିବାରୁ ଚୋରି ବଢ଼ିବାର ସମ୍ଭାବନା ସୃଷ୍ଟି ହୋଇଛି। ପ୍ରଶାସନର ଏହି ନିଷ୍ପତ୍ତିକୁ ସାଧାରଣରେ ନାପସନ୍ଦ କରାଯାଇଛି।


ଜିଲ୍ଲା ସଂସ୍କୃତି ପରିଷଦ, ନବରଙ୍ଗପୁର

ବାର୍ତ୍ତା


ମଣ୍ଡେଇ

ମହୋତ୍ସବ-୨୦୨୫ର ଶୁଭକାମନା




ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ନବରଙ୍ଗପୁର ଜିଲ୍ଲାର କଳା,ସଂସ୍କୃତି, ଐତିହ ଓ ପରମ୍ପରାର ସାଂସ୍କୃତିକ ଉତ୍ସବ "ମଣ୍ଡେଇ ମହୋତ୍ସବ-୨୦୨୫" ଏବଂ "ପଲ୍ଲୀଶ୍ରୀ ମେଳା" ମହା ଉଲ୍ଲାସ ଓ ଉଦ୍ଦୀପନା ମଧ୍ୟରେ ସ୍ଥାନୀୟ ନୂତନ ମଣ୍ଡେଇ ପଡିଆ ହିର୍ଲି ଠାରେ ଆସନ୍ତା ଡ଼ିସେମ୍ବର ୧୨ ତାରିଖ ରୁ ୧୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସମଗ୍ର ଜିଲ୍ଲାର ଭିନ୍ନ ଭିନ୍ନ ଅଞ୍ଚଳର ନୃତ୍ୟ, ସଙ୍ଗୀତ, ବାଦ୍ୟ, ଲୋକଗୀତ ତଥା ସଂସ୍କୃତିକୁ ନିଜସ୍ୱ ଢଙ୍ଗରେ ବଞ୍ଚେଇ ରଖିବା ଏବଂ ଏହାର ପ୍ରଚାର ପ୍ରସାର ଦିଗରେ "ମଣ୍ଡେଇ" ଏକ ବଳିଷ୍ଠ ମଞ୍ଚ ଯାହା କେବଳ ରାଜ୍ୟ କାହିଁକି ସାରା ଭାରତ ବର୍ଷରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ମହୋତ୍ସବର ଅନ୍ୟତମ ଆକର୍ଷଣ "ପଲ୍ଲୀଶ୍ରୀ ମେଳା" ରାଜ୍ୟ ତଥା ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, କାରିଗରଙ୍କ ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବା ସହ "ମଣ୍ଡେଇ ସ୍ମରଣିକା" ପ୍ରକାଶନ ପାଠକମାନଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବ ବୋଲି ଆଶା କରୁଛି।


ଏହି ଅବସରରେ ମୁଁ ନବରଙ୍ଗପୁର ଜିଲ୍ଲାର ସମସ୍ତ ଭାଇଭଉଣୀଙ୍କୁ ମଣ୍ଡେଇ-୨୦୨୫ର ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ ସହ ଏହି ସାଂସ୍କୃତିକ ମହୋତ୍ସବରେ ବହୁ ସଂଖ୍ୟାରେ ଯୋଗଦେଇ ସମସ୍ତ କାର୍ଯ୍ୟକ୍ରମକୁ ଉପଭୋଗ କରିବା ପାଇଁ ସ୍ୱାଗତ କରୁଛି।



ଡ଼ଃ ମହେଶ୍ୱର ସ୍ୱାଇଁ
ଜିଲ୍ଲାପାଳ ତଥା
ଜିଲ୍ଲା ମାଜିଷ୍ଟ୍ରେଟ
ନବରଙ୍ଗପୁର ଜିଲ୍ଲା



କପିଳେନ୍ଦ୍ର ସାସମଲ୍
ସମ୍ପାଦକ
ନିୟନ୍ତ୍ରିତ ବଜାର କମିଟି
ନବରଙ୍ଗପୁର ଜିଲ୍ଲା



ପ୍ରକାଶ କୁମାର ମିଶ୍ର
ଉପ-ଜିଲ୍ଲାପାଳ ତଥା
ଅଧ୍ୟକ୍ଷ ନିୟନ୍ତ୍ରିତ ବଜାର କମିଟି
ନବରଙ୍ଗପୁର ଜିଲ୍ଲା


# ସାମ୍ବାଦିକଙ୍କୁ ଆକ୍ରମଣ ଘଟଣାକୁ ୩ ଦିନ ବିତିଲା

ଭୋଗରାଇ, ୧୧।୧୨(ସମିସ)

ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଅଞ୍ଚଳର ଦୁର୍ନୀତି ବିରୋଧରେ ଖବର ପ୍ରକାଶ କରି କେତେକ ଦୁର୍ବୃତ୍ତଙ୍କ ଦ୍ୱାରା ଅତର୍କିତ ଆକ୍ରମଣର ଶିକାର ହୋଇଥିବା ସାମ୍ବାଦିକ ଅଶ୍ରୁମୋଚନ ଘୋଷ ଏବେ ଚିକିତ୍ସାଧୀନ ଅଛନ୍ତି। ଏଭଳି ସ୍ଥିତିରେ କର୍ତ୍ତବ୍ୟରତ ଜଣେ ସାମ୍ବାଦିକଙ୍କୁ ଆକ୍ରମଣ କରାଯିବା ଘଟଣାକୁ ଭୋଗରାଇ ମିଳିତ ସାମ୍ବାଦିକ ସଂଘ ପକ୍ଷରୁ ଘୋର ନିନ୍ଦା କରାଯିବା ସହିତ ଅବିଳମ୍ବେ ଏହି ଘଟଣାର ନିରପେକ୍ଷ ତଦନ୍ତ ଓ ଆକ୍ରମଣକାରୀ ବ୍ୟକ୍ତିମାନଙ୍କୁ ଗିରଫ କରି ଶାସ୍ତି ପ୍ରଦାନ ତଥା ଆହତ ହୋଇଥିବା ସାମ୍ବାଦିକ ଶ୍ରୀ ଘୋଷଙ୍କୁ ସୁରକ୍ଷା, ଉଚ୍ଚମାନର ଚିକତ୍ସା ପ୍ରଦାନ କରାଯିବାକୁ ସରକାର ଓ ପ୍ରଶାସନ ଠାରେ ସାମ୍ବାଦିକ ମାନେ ଦାବି କରିଛନ୍ତି।

ସୂଚନାଯୋଗ୍ୟ ଯେ ସାମ୍ବାଦିକ ଶ୍ରୀ ଘୋଷ ଖୁଆଡ ଗ୍ରାମରେ ପୂର୍ବରୁ ହୋଇଥିବା ଏକ ଗୋଷ୍ଠୀ କେନ୍ଦ୍ରରେ ୨୦୨୪- ୨୫ ଆର୍ଥିକ ବର୍ଷରେ କେବଳ ରଙ୍ଗ ଦେଇ ଏକ ଲକ୍ଷ ଟଙ୍କାର ବିଲ୍ ଅର୍ଥ ଉଠାଇନେବା ସମ୍ପର୍କରେ ଗ୍ରାମବାସୀ ଜଳେଶ୍ୱର ବ୍ଲକରେ ହୋଇଥିବା ଜନଶୁଣାଣୀ ଶିବିରରେ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଭାବେ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଭିତ୍ତି କରି ସାମ୍ବାଦିକ ଅଶ୍ରୁମୋଚନ ଘୋଷ ଖବର ପ୍ରକାଶ କରିଥିଲେ। ତେବେ ଗତ ୮ତାରିଖ ସକାଳ ୯ଟା ସମୟରେ ସାମ୍ବାଦିକ ଶ୍ରୀ ଘୋଷ ନିଜ କର୍ମକ୍ଷେତ୍ରକୁ ମଟର ସାଇକେଲରେ ଯାଉଥିବା ସମୟରେ ଖୁଆଡ଼ ଗ୍ରାମର ମଲ୍ଲିକ ଛକ ନିକଟରେ ଖୁଆଡ ଗ୍ରାମର ରାଜ କିଶୋର ଗିରି, ଅର୍ଜୁନ ରଣା, ଶିବ ଶଙ୍କର ସାହୁ, ରାଜୀବ ପାତ୍ର ପ୍ରମୁଖ ତାଙ୍କ ଉପରେ ସଂଘବଦ୍ଧ ଭାବେ ଆକ୍ରମଣ କରିବା ସହ ଗାଡ଼ି ଅଟକାଇ ଥିଲେ।

**ଅଭିଯୁକ୍ତଙ୍କୁ ଗିରଫ କରୁନି ପୁଲିସ**

ଫଳରେ ଅଶ୍ରୁମୋଚନ ଗୁରୁତର ଆହତ ହୋଇ ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। କେବଳ ସେତିକି ନୁହଁ ତାଙ୍କୁ ଜୀବନରୁ ମାରି ଦେବାର ଧମକ ଦେଇଥିଲେ ବୋଲି ରାଇବଣିଆ ଥାନାରେ ଶ୍ରୀ ଘୋଷ ଲିଖିତ ଭାବେ ଏତଲା ଦେଇଥିଲେ। ଏ ସମ୍ପର୍କରେ ରାଇବଣିଆ ଥାନାରେ ଏକ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ କରୁଛି। ମାତ୍ର ଏହି ଘଟଣାକୁ ୩ ଦିନ ବିତିଥିବାବେଳେ ଅଭିଯୁକ୍ତକୁ ଗିରଫ ନ କରିବା ପୁଲିସର ସ୍ୱଚ୍ଛତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଭୋଗରାଇ ମିଳିତ ସାମ୍ବାଦିକ ସଂଘ ପକ୍ଷରୁ ଗୁରୁବାର ଥାନାଛକ ସ୍ଥିତ ଏକ ଗୃହରେ ଜରୁରୀ ବୈଠକ କରାଯାଇ ସରକାରଙ୍କଠାରେ ବିଭିନ୍ନ ଦାବି ଉପସ୍ଥାପନ କରାଯାଇଛି। ଏହି ବୈଠକରେ ବରିଷ୍ଠ ସାମ୍ବାଦିକ ପ୍ରଦୀପ କୁମାର ଦାସ, ବିକାଶ ପାଣିଗ୍ରାହୀ, ବିଶ୍ୱମ୍ବର ଦାସ, ଅଜିତ ଦାସ, ଅଂଶୁମାନ ରାଉତ, ଦିଲ୍ଲୀପ ଦାସ, ବିଶ୍ୱଜିତ ମହାନ୍ତି, ପ୍ରଦୀପ ମହାନ୍ତି, ଶମ୍ଭୁନାଥ ଦାସ, ନରନାରାୟଣ ମିଶ୍ର, ସୁଶାନ୍ତ ମଣ୍ଡଳ ପ୍ରମୁଖ ସମସ୍ତ ବୈଦ୍ୟୁତିକ ଓ ଛାପା କାଗଜର ଖବରଦାତାମାନେ ସାମିଲ ଥିଲେ।

## ଖୋଲିନି ମଣ୍ଡି, ମାତିଲେଣି ଦଲାଲ

# ସୀମାନ୍ତ ଚାଷୀଙ୍କ ଉପରେ ଝାଡ଼ଖଣ୍ଡ ମିଲରଙ୍କ ନଜର

**ରାଇରଙ୍ଗପୁର, ୧୧।୧୨(ସମିସ)**



ମୟୂରଭଞ୍ଜ ଜିଲ୍ଲାରେ ଆସନ୍ତା ୨୬ରୁ ଧାନ ମଣ୍ଡି ଖୋଲିବାକୁ ଥିବାବେଳେ ବାମନଘାଟି ଉପଖଣ୍ଡର ସୀମାନ୍ତ ଅଞ୍ଚଳରେ ଝାଡ଼ଖଣ୍ଡ ମିଲରମାନଙ୍କ ଦଲାଲଙ୍କ ଉପଦ୍ରବ ଆରମ୍ଭ ହୋଇଗଲାଣି। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଚାଷୀଙ୍କୁ ଟୋକନ ପ୍ରଦାନ କରିବା ପରେ ମଣ୍ଡିରେ ଚାଷୀମାନେ ନିଜର ଖରିଫ ଧାନ ବିକ୍ରୟ କରିବେ। ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ନିଷ୍ପତ୍ତିକ୍ରମେ ପଞ୍ଜିକୃତ ଚାଷୀମାନଙ୍କଠାରୁ ମଣ୍ଡି ଓ ଲାମ୍ପସ ମାଧ୍ୟମରେ ଧାନ ସଂଗ୍ରହ କରାଯିବ। ଯେଉଁଥିରେ କି ୧୮ ଜଣ ମିଲର ଅଂଶଗ୍ରହଣ କରିବେ। କିନ୍ତୁ ଏହା ପୂର୍ବରୁ ବାମନଘାଟି ଉପଖଣ୍ଡର ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତବର୍ତ୍ତୀ ଅଞ୍ଚଳର ଚାଷୀଙ୍କ ଧାନ ଉପରେ ଝାଡ଼ଖଣ୍ଡ ମିଲରମାନଙ୍କ ନଜର ପଡ଼ିଛି। ଯାହାକୁ ନେଇ ତିରିଂ, ଜାମଦା, ବହଳଦା, ରାଇରଙ୍ଗପୁର ଆଦି ସ୍ଥାନର ଗ୍ରାମରେ ଦଲାଲମାନଙ୍କ ଉପଦ୍ରବ ଜାରି ରହିଛି।

ବାମନଘାଟି ଉପଖଣ୍ଡରେ ୧୬ ହଜାର ୯୮୫ଜଣ ଚାଷୀ ଧାନ ବିକ୍ରୟ କରିବେ। ପୂର୍ବ ବର୍ଷ ଅପେକ୍ଷା ଚଳିତ ବର୍ଷ ବାମନଘାଟି ଉପଖଣ୍ଡରେ ଭଲ ଅମଳ ମଧ୍ୟ ହୋଇଛି। ଯାହାକୁ ଦଲାଲ ନଜର କରି ଚାଷୀଙ୍କୁ ବୁଝେଇବା ଆରମ୍ଭ କରିଛନ୍ତି। ପଞ୍ଜିକୃତ ଚାଷୀଙ୍କୁ ଧାନ ବିକ୍ରି ନେଇ ଟୋକନ୍ ମିଳିବା ପୂର୍ବରୁ ଝାଡ଼ଖଣ୍ଡ ମିଲରମାନେ ବିଶୃଙ୍ଖଳା ସୃଷ୍ଟି କରିବାକୁ ପ୍ରୟାସ ଆରମ୍ଭ କରିଦେଲେଣି। ଚାଷୀମାନେ ଧାନ ମଣ୍ଡିରେ ବିକ୍ରି କରିବା ପୂର୍ବରୁ ନିଜ ନିଜ ରାଇସ୍ ମିଲ୍ ଗୋଦାମରେ ଧାନ ଗଦା କରିବାକୁ ଝାଡ଼ଖଣ୍ଡ ଦଲାଲ ବି ସକ୍ରିୟ ରହିଛନ୍ତି। ସୀମାନ୍ତ ଗ୍ରାମର ଆଦିବାସୀ ଚାଷୀଙ୍କୁ ଲୋଭ ଦେଖାଇ ଦଲାଲମାନେ ଧାନ କିଣୁଛନ୍ତି। ତାହା ପୁଣି ମଣ୍ଡିଠାରୁ କମ୍ ଦରରେ। ଦଲାଲ୍ ଧରା ନ ପଡ଼ିବାକୁ ଟ୍ରକ୍ ପରିବର୍ତ୍ତେ ଛୋଟ ଛୋଟ ଗାଡ଼ିରେ ଧାନ ସଂଗ୍ରହ କରି ସୀମା ପାର୍ ହେଉଛନ୍ତି। ସୀମାନ୍ତ ବିଭିନ୍ନ ଗଳାବାଟ ଦେଇ ଝାଡ଼ଖଣ୍ଡକୁ ଧାନ ଯାଉଛି। ଯାହାକୁ ଜାଣି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ଯୋଗାଣ ବିଭାଗ କିମ୍ବା ଲାମ୍ପସ କର୍ମଚାରୀ ବିଫଳ ହେଉଛନ୍ତି। ଶୀତ ଦିନ ଥିବାରୁ ବିଶେଷ କରି ବିଳମ୍ବିତ ରାତି ଓ ବଡ଼ି ଭୋର୍ ସମୟରେ ଓଡ଼ିଶାରୁ ଝାଡ଼ଖଣ୍ଡକୁ ଧାନ ଯାଉଛି। ଚଳିତ ବର୍ଷ ରାଜ୍ୟ ସରକାର କ୍ୱିଣ୍ଟାଲ ପିଛା ୩୧୬୯ ଟଙ୍କାରେ ଧାନ କିଣିବାକୁ ଯାଉଛନ୍ତି। କିନ୍ତୁ ଏହାପରେ ମଧ୍ୟ ଦଲାଲମାନେ ଚାଷୀଙ୍କ ଘରୁ ସିଧାସଳଖ ଧାନ କିଣି ନେଉଛନ୍ତି। ମଣ୍ଡି ଖୋଲିବାକୁ ବିଳମ୍ବ ଥିବାବେଳେ ଏତେ ଦିନ ଅମଳ ଧାନ ଗଚ୍ଛିତ କରି ରଖିବା, ପୁଣି ଗାଡ଼ିରେ ନେଇ ମଣ୍ଡିରେ ବିକ୍ରି କରିବା ପାଇଁ ଅପେକ୍ଷା କରି ରହିବା କଥା ଭାବି ଚାଷୀମାନେ ଧାନକୁ ଜଲ୍ଦି ବିକ୍ରୟ କରି ଦେଉଛନ୍ତି। ଚାଷୀମାନେ ମଣ୍ଡିରେ ଅଧିକ ଟଙ୍କା ପାଇ ଲାଭବାନ ହେବା ବଦଳରେ କମ୍ ଦରରେ ବିକ୍ରି ନେଇ ଯୋଜନା କରିଛନ୍ତି। ବଡ଼ ବଡ଼ ଟୋକନ୍ ଚାଷୀଙ୍କୁ ଦଲାଲ୍‌ମାନେ ନଜର ପକାଇଛନ୍ତି। ଆଉ ସେହି ଚାଷୀମାନଙ୍କୁ ଦଲାଲ୍‌ମାନେ ଟାର୍ଗେଟ କରୁଛନ୍ତି। ସେମାନଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଧାନକୁ ଝାଡ଼ଖଣ୍ଡ ରାଇସ୍ ମିଲ୍‌ରେ ବିକ୍ରି କରିବାକୁ କହୁଛନ୍ତି। ଉକ୍ତ ଦଲାଲି କାର୍ଯ୍ୟରେ ସ୍ଥାନୀୟ ଗ୍ରାମର କିଛି ଦଲାଲ୍ ମଧ୍ୟ ମିଶିକି ରହୁଛନ୍ତି। ଚାଷୀମାନଙ୍କ ସୁବିଧା ପାଇଁ ମଣ୍ଡିରେ ଶୀଘ୍ର ଧାନ ଉଠିବାକୁ ପର୍ଯ୍ୟାପ୍ତ ସୁବିଧା ନେଇ ପଦକ୍ଷେପ ଗ୍ରହଣ କରାଯାଇଛି। କିନ୍ତୁ ତାହା ପୂର୍ବରୁ ଧାନ ଚୋରା ଚାଲାଣ ଆରମ୍ଭ ହୋଇଗଲାଣି। ଅସାଧୁ ବ୍ୟକ୍ତି ଧାନ ସଂଗ୍ରହ ପ୍ରକ୍ରିୟାରେ ହସ୍ତକ୍ଷେପ କରୁଛନ୍ତି। ତେଣୁ ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି।

## ଗିଦିଘାଟି ସ୍ୱାସ୍ଥ୍ୟ ଉପକେନ୍ଦ୍ରରୁ ଚୋରି

**ବହଳଦା, ୧୧।୧୨(ସମିସ):** ତିରିଂ ଥାନା ଝରାଡିହି ଫାଣ୍ଡି ଅନ୍ତର୍ଗତ ଗିଦିଘାଟି ସ୍ୱାସ୍ଥ୍ୟ ଉପକେନ୍ଦ୍ରର ତାଲା ଭାଙ୍ଗି ବୁଧବାର ରାତିରେ ଦୁର୍ବୃତ୍ତମାନେ ଏକ ଇନ୍‌ଭର୍ଟର ଓ ବ୍ୟାଟେରି ଚୋରାଇ ନେଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ, ପ୍ରତ୍ୟେକ ଦିନ ପରି କର୍ମଚାରୀମାନେ ସ୍ୱାସ୍ଥ୍ୟ ଉପକେନ୍ଦ୍ରକୁ ସଫାସୁତରା କରିବା ପାଇଁ ପହଞ୍ଚିଲା ବେଳକୁ ଗ୍ରୀଲ୍ ଓ ମୁଖ୍ୟ କବାଟ ଖୋଲାଥିବା ଦେଖିବାକୁ ପାଇଥିଲେ। ପରେ ଚୋରି ହୋଇଥିବା ଜାଣିବାକୁ ପାଇ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଅଧିକାରୀଙ୍କ ପକ୍ଷରୁ ଝରାଡିହି ଫାଣ୍ଡିରେ ଲିଖିତ ଅଭିଯୋଗ କରାଯାଇଥିଲା। ଅଭିଯୋଗ ପାଇବା ପରେ ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରିବା ସହ ଚୋରିଜନିତ ଏକ ମାମଲା ରୁଜୁ କରାଯାଇଛି। ସ୍ୱାସ୍ଥ୍ୟ ଉପକେନ୍ଦ୍ର ନିକଟରେ ଥିବା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଦୁର୍ବୃତ୍ତମାନେ ବାରମ୍ବାର ଚୋରି ଘଟଣା ଭିଆଉଥିବାବେଳେ ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ପ୍ରଥମ ଥର ଚୋରି ହୋଇଛି। ତେବେ ଗିଦିଘାଟି ଛକରେ ଥିବା ଦୋକାନ ବଜାର ସହିତ କାନାଡ଼ା ବ୍ୟାଙ୍କ, ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ, ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଓ ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ବାରମ୍ବାର ଚୋରି ଘଟଣା ଘଟୁଥିବାବେଳେ ପୁଲିସ୍ ପ୍ରଶାସନ ଏଥିରେ ଅଙ୍କୁଶ ଲଗାଇବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି।

## ଠାକୁରମୁଣ୍ଡାରୁ ନିଖୋଜ ଛାତ୍ର ଖଣ୍ଡଗିରିରୁ ଉଦ୍ଧାର

**ମହୁଲଡିହା, ୧୧।୧୨(ସମିସ):** ଠାକୁରମୁଣ୍ଡା ବ୍ଲକ ଠାକୁରମୁଣ୍ଡା ଥାନା ଭୈରଣିବେଡ଼ା ଗ୍ରାମରୁ ନବମ ଶ୍ରେଣୀର ନିଖୋଜ ନାବାଳକକୁ ଭୁବନେଶ୍ୱରରୁ ଉଦ୍ଧାର କରିଛି ଠାକୁରମୁଣ୍ଡା ପୁଲିସ। ଘଟଣାରୁ ପ୍ରକାଶ, ଖଣ୍ଡବନ୍ଧ ଗ୍ରାମ ପଞ୍ଚାୟତ ଭୈରଣିବେଡ଼ା ଗ୍ରାମର ବାବୁଲାଲ ମହାନ୍ତଙ୍କ ପୁତ୍ର ବିଶ୍ୱଜିତ୍ (୧୪) ଗତ ନଭେମ୍ବର ୧୮ରେ ସ୍କୁଲ ଯିବାକୁ ଘରୁ ବାହାରି ଆଉ ଘରକୁ ଫେରି ନ ଥିଲା। ପରିବାର ଲୋକେ ଆଖପାଖ ଅଞ୍ଚଳରେ ଖୋଜାଖୋଜି କରି ନ ପାଇ ଥାନାରେ ନଭେମ୍ବର ୨୫ରେ ଲିଖିତ ଅଭିଯୋଗ କରିଥିଲେ। ଠାକୁରମୁଣ୍ଡା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲେ। ବିଶେଷ ସୂତ୍ରରୁ ଖବର ପାଇ ଠାକୁରମୁଣ୍ଡା ଥାନା ଏସ୍‌ଆଇ ଅନିତା ସ୍ୱାଇଁ ପୁଲିସ ବାହିନୀ ସହିତ ବରମୁଣ୍ଡା ଫାଣ୍ଡି ସହଯୋଗରେ ଖଣ୍ଡଗିରି ଅଞ୍ଚଳରୁ ଉଦ୍ଧାର କରି ଠାକୁରମୁଣ୍ଡା ଥାନାକୁ ଆଣି ପରିବାରକୁ ହସ୍ତାନ୍ତର କରିଥିଲେ। ବିଶ୍ୱଜିତକୁ ପରିବାର ଲୋକ ପାଠ ପଢ଼ିବାକୁ ତାଗିଦ୍ କରିବାରୁ ଡରିଯାଇ ଭୁବନେଶ୍ୱରରେ ଥିବା ସାଙ୍ଗପାଖକୁ ଯାଇଥିବା ତାଙ୍କ ବାପା ବାବୁଲାଲ କହିଛନ୍ତି।

## ‘ଆସ ସ୍କୁଲ ଯିବା’ ଶିକ୍ଷା ସଭା

**ରାଇରଙ୍ଗପୁର, ୧୧।୧୨(ସମିସ):** ଯଶିପୁର ବ୍ଲକ ଅନ୍ତର୍ଗତ ମାଟିଆଗଡ଼ ଗ୍ରାମର ରାମରାଜପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ‘ଆସ ସ୍କୁଲ ଯିବା’ କାର୍ଯ୍ୟକ୍ରମ ନେଇ ଶିକ୍ଷା ସଭା ଅନୁଷ୍ଠିତ ହୋଇଛି। ମାଟିଆଗଡ଼ ସିଆର୍‌ସିସି ଯତୀନ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ସିଂ, ପ୍ରଧାନଶିକ୍ଷକ ପ୍ରଦୀପ କୁମାର ସେଠୀ, ଆଦିବାସୀ ହରିଜନ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିକାଶ କୁମାର ପଟ୍ଟନାୟକ, ବିଆର୍‌ଟି ଆନନ୍ଦ ମହାପାତ୍ର ପ୍ରମୁଖ ଯୋଗଦେଇ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ୍ କରିବା ପାଇଁ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ବାବଦରେ ଅତିଥିମାନେ ମତପ୍ରକାଶ କରିଥିଲେ। ଆଞ୍ଚଳିକ ସାଧନ କେନ୍ଦ୍ର ପରିସରରେ



ସିଟିଏସ୍ ସର୍ଭେ ମାଧ୍ୟମରେ ଚିହ୍ନଟ ହୋଇଥିବା ୧୭ଜଣ ପିଲାଙ୍କ ମଧ୍ୟରେ ପୂର୍ବରୁ ୯ଜଣ ଓ ଆଜି ୩ ଜଣଙ୍କୁ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ୍ କରାଯାଇଛି। ଅନ୍ୟମାନଙ୍କୁ ସାମିଲ୍ କରିବା ନେଇ ପ୍ରୟାସ ଜାରି ରହିଥିବା ସିଆର୍‌ସିସି ଶ୍ରୀ ସେଠୀ କହିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଆଞ୍ଚଳିକ ସାଧନ କେନ୍ଦ୍ରର ସମସ୍ତ ପ୍ରଧାନଶିକ୍ଷକ, ସିଟିଏସ୍, ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବରିଷ୍ଠ ଶିକ୍ଷକ ପବିତ୍ର ମୋହନ ବାରିକ ଧନ୍ୟବାଦ ଦେଇଥିଲେ।

### ସର୍ବଭାରତୀୟ ଟି-ଟ୍ୱେଣ୍ଟି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ଭୁବନେଶ୍ୱର ଓ ରାଉରକେଲା ବିଜୟୀ



**ବାରିପଦା, ୧୧।୧୨(ସମିସ):** ସ୍ଥାନୀୟ ପ୍ରଫୁଲ୍ଲନଗରସ୍ଥିତ ଲେଟ୍ କଟ୍ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ସର୍ବଭାରତୀୟ ଟି-ଟ୍ୱେଣ୍ଟି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ୨ୟ ଦିନର ୧ମ ମ୍ୟାଚ୍‌ରେ ଟିସିସି, ଭୁବନେଶ୍ୱର ୫ ୱିକେଟ୍‌ରେ ବାରିପଦାର ଡିଆର୍‌କେ ଟିମ୍‌କୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରି ଡିଆର୍‌କେ ୨୦ ଓଭରରେ ୮ ୱିକେଟ୍ ହରାଇ ୧୫୮ ରନ୍ ସଂଗ୍ରହ କରିଥିଲେ। ଜବାବରେ ଟିସିସି, ଭୁବନେଶ୍ୱର ୧୭.୪ ଓଭରରେ ୫ ୱିକେଟ୍ ହରାଇ ୧୫୯ ରନ୍ କରି ବିଜୟୀ ହୋଇଥିଲା। ରାମଚନ୍ଦ୍ର ବେହେରା ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ମୁଖ୍ୟ ଅତିଥି ଭାବେ ସମାଜସେବୀ ରାକେଶ ସିଂହ ଓ କ୍ରୀଡ଼ା ସଂଗଠକ ତଥା ସିନେ ପ୍ରଯୋଜକ ସଞ୍ଜୀବ ଦ୍ୱିବେଦୀ ଏହି ମ୍ୟାଚ୍‌କୁ ଉଦ୍‌ଘାଟନ କରିବା ସହ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କମିଟିର ସଭାପତି ଗିରିଶ ଚନ୍ଦ୍ର ଦାସ, କାର୍ଯ୍ୟକାରୀ ସଭାପତି ଲଲାଟେନ୍ଦୁ ବେହେରା, ଉପସଭାପତି ଦାମୋଦର କରଣ, ସମ୍ପାଦକ ଦୀପକ କୁମାର ଦାଶ, ବରିଷ୍ଠ ସଦସ୍ୟ ବିଜୟ କୁମାର ରାୟ, ସହସମ୍ପାଦକ ଲକ୍ଷ୍ମୀଧର ନାୟକ ଉପସ୍ଥିତ ଥିଲେ। ୨ୟ ମ୍ୟାଚ୍‌ରେ ରାଉରକେଲା ୪ ୱିକେଟ୍‌ରେ ଆନ୍ଧ୍ରପ୍ରଦେଶକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରି ଆନ୍ଧ୍ରପ୍ରଦେଶର ରାଜମୁନ୍ଦ୍ରି ୱରିୟର୍ସ ୧୯ ଓଭରରେ ୭ ୱିକେଟ୍ ହରାଇ ୧୮୬ ରନ୍ ସଂଗ୍ରହ କରିଥିଲା। ଜବାବରେ ରାଉରକେଲା ୧୭.୩ ଓଭରରେ ୬ ୱିକେଟ୍ ହରାଇ ୧୯୧ ରନ୍ କରି ବିଜୟୀ ହୋଇଥିଲା। ଗୌତମ ସୁନା ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଅତିଥି ଭାବେ ସମାଜସେବୀ ଦୀପା ରାଉତରାୟ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସମରପ୍ରୀତ ପ୍ରଧାନ, ବିଶ୍ୱମ୍ଭର ମହାକୁଡ଼ ଓ ଇନ୍ଦ୍ରଜିତ୍ ପ୍ରସାଦ ଖେଳ ପରିଚାଳନା କରିଥିବାବେଳେ ସୌରଜିତ୍ ସାହୁ ସ୍କୋରିଂରେ ସହାୟତା କରିଥିଲେ। ସୁରେଶ ସାଣ୍ଡିଲ, ବୁବୁ ସିହ୍ନା ଓ ପଙ୍କଜ ମହାକୁଡ଼ ଧାରାବିବରଣୀ ପ୍ରଦାନ କରିଥିଲେ। ଶୁକ୍ରବାର ୧ମ ମ୍ୟାଚ୍ କୋଲକାତାର ଏଲ୍‌ଆର୍‌ଏସ୍ ଓ ବିଶାଖାପାଟଣାର ଇଷ୍ଟ କୋଷ୍ଟ ରେଲ୍‌ୱେ ଏବଂ ୨ୟ ମ୍ୟାଚ୍ ସମ୍ବଲପୁରର ଏମ୍‌ଏମ୍‌ସିସି ଓ ଖଡ଼ଗପୁରର ସେର୍ସା ଟିମ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି।

## ଛତୁ ଉତ୍ପାଦନ ଓ ଚାଷ ପ୍ରଣାଳୀ ତାଲିମ ଶିବିର



**ବାରିପଦା, ୧୧।୧୨(ସମିସ):** ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କ୍ୟାରିଅର୍ କାଉନ୍‌ସେଲିଂ ସେଲ ଦ୍ୱାରା ‘ଛତୁ ଉତ୍ପାଦନ ଏବଂ ଚାଷ ପ୍ରଣାଳୀ’ ଶୀର୍ଷକ ଏକ ସପ୍ତାହବ୍ୟାପୀ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ। କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥି ମୁଖ୍ୟ ପୃଷ୍ଠପୋଷକ ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଓୟୁଏଟିର ପ୍ଲାଣ୍ଟ ପାଥୋଲୋଜିର ପୂର୍ବତନ ପ୍ରଫେସର କେ.ବି. ମହାପାତ୍ର କହିଥିଲେ ଯେ, ଛତୁ ଚାଷ ଏକ ଲାଭଜନକ ଓ କମ୍ ଖର୍ଚ୍ଚରେ ହେଉଥିବା କୃଷି ବ୍ୟବସାୟ ଯାହାକୁ ଯୁବପିଢ଼ି ଗ୍ରହଣ କରି ସ୍ୱାବଲମ୍ବୀ ହୋଇପାରିବେ। ଏ ପ୍ରକାରର ପ୍ରଶିକ୍ଷଣ ବିଶ୍ୱବିଦ୍ୟାଳୟର ଏକ ଅଗ୍ରଣୀ ଉଦ୍ୟମ ଏବଂ ଏହା ଓଡ଼ିଶାରେ ଛତୁ ଚାଷକୁ ପ୍ରୋତ୍ସାହିତ କରିବା ସହ ଯୁବକମାନଙ୍କୁ ନୂଆ ରୋଜଗାରର ମାର୍ଗ ଦେଖାଇବ। ବିଶ୍ୱବିଦ୍ୟାଳୟ ପିଏମ୍ ଉଷା ସଂଯୋଜକ ପ୍ରଫେସର ଇନ୍ଦ୍ରଜିତ ନାଏକ ନିଜ ବକ୍ତବ୍ୟରେ କ୍ୟାରିଅର୍ କାଉନ୍‌ସେଲିଂ ସେଲର ଏହି ଉଦ୍ୟମ ପିଏମ୍ ଉଷାର ମୁଖ୍ୟ ଲକ୍ଷ୍ୟ ସହ ସମ୍ପୂର୍ଣ୍ଣ ସଂଗତିପୂର୍ଣ୍ଣ ଏବଂ ଏହା ଛାତ୍ରଛାତ୍ରୀମାନଙ୍କୁ ବ୍ୟାବହାରିକ ଦକ୍ଷତା ପ୍ରଦାନ କରି ସେମାନଙ୍କର ରୋଜଗାର ସମ୍ଭାବନା ବଢ଼ାଇବ ବୋଲି କହିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ତଥା କ୍ୟାରିଅର୍ କାଉନ୍‌ସେଲିଂ ସେଲ ସଂଯୋଜକ ପ୍ରଫେସର ସୁକାନ୍ତ କୁମାର ନାୟକ କହିଥିଲେ ଯେ ଏହି ପ୍ରଶିକ୍ଷଣରେ ଛତୁର ଜୀବବିଜ୍ଞାନ, ଚିହ୍ନଟ, ଚାଷ ପ୍ରଣାଳୀ, ସ୍ପନ୍ ଉତ୍ପାଦନ, ବ୍ୟାବସାୟିକ ସୁଯୋଗ ଓ ମୂଲ୍ୟ ସଂଯୋଜନ ଉତ୍ପାଦ ବିଷୟରେ ତଥ୍ୟ ଓ ବ୍ୟାବହାରିକ ଉଭୟ ପ୍ରଶିକ୍ଷଣ ଦିଆଯିବାର କାର୍ଯ୍ୟକ୍ରମ ରହିଛି ଏବଂ କ୍ଷେତ୍ର ପରିଦର୍ଶନ ମଧ୍ୟ ଆୟୋଜନ କରାଯିବ। ଏହା ଛାତ୍ରଛାତ୍ରୀମାନଙ୍କୁ ସିଧାସଳଖ ରୋଜଗାର ସହ ଯୋଡ଼ିବ ଏବଂ ସେମାନଙ୍କର ଉଦ୍ୟୋଗୀ ମାନସିକତା ଗଢ଼ି ତୋଳିବ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ, ଆର୍‌ଡିଏସ୍ ଡିଗ୍ରୀ କଲେଜ, ଆଞ୍ଚଳିକ ମହାବିଦ୍ୟାଳୟ ଗଡ଼ିଆ, ବାରିପଦା କଲେଜ, ଏମ୍‌ପିସି କଲେଜ ଆଦି ଅନୁଷ୍ଠାନର ବିଭିନ୍ନ ବିଭାଗର ୪୮ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ସମାରୋହରେ ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, ବିଶ୍ୱବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଯୋଗଦେଇଥିଲେ।

### ସାମ୍ନାକୁ ଆସିଲା ରାଇସ୍ ମିଲ୍‌ରେ ଚାଉଳ ଦୁର୍ନୀତି

## ମିଲ୍‌ରେ ଅଧିକାରୀଙ୍କ ତଦନ୍ତ; ଗାଁରେ ହୋ-ହଲ୍ଲା



**ଉଦଳା, ୧୧।୧୨(ସମିସ):** ଚାଉଳ ଯୋଗାଣରେ ଦୁର୍ନୀତିର ତଦନ୍ତ କରୁଛନ୍ତି ଅଫିସର, ଆଉ ଚାଉଳ ଟ୍ରକ୍‌କୁ ଗାଁରେ ଲୁଚାଇ ରଖିଛନ୍ତି ମିଲ୍ କର୍ତ୍ତୃପକ୍ଷ। ଚାଉଳ ପ୍ରସ୍ତୁତ କରି ଯୋଗାଣ କରୁଥିବା ମିଲ୍‌ରେ ଦୁର୍ନୀତି ଅଭିଯୋଗର ତଦନ୍ତ କରିଲେ ଅଧିକାରୀ, ତେଣେ ଗ୍ରାମବାସୀ ଦୁଇ ଚାଉଳ ଟ୍ରକ୍‌କୁ ରଖିଲେ ଅଟକ। ଏଭଳି ଘଟଣା ଘଟିଛି ଉଦଳା ବ୍ଲକ କୁଟଲିଙ୍ଗ ଗ୍ରାମରେ। ଏହି ଗ୍ରାମରେ ଚାଲିଥିବା ଚାଉଳ ପ୍ରସ୍ତୁତି ମିଲ୍ ଏବଂ ଚାଉଳ ଗୋଦାମରେ ଦୁର୍ନୀତି ଏବଂ ଚାଉଳ ପ୍ରସ୍ତୁତିରେ ଘୋଟାଲା ହେଉଥିବା ଅଭିଯୋଗକୁ ନେଇ ରାଜ୍ୟ ଯୋଗାଣ ଅଧିକାରୀଙ୍କ ସହିତ ବାରିପଦା ଏବଂ ସ୍ଥାନୀୟ ଯୋଗାଣ ବିଭାଗ ମିଳିତ ଭାବେ ଗୁରୁବାର ମିଲ୍‌ରେ ଚଢ଼ଉ କରିଛନ୍ତି। ଚଢ଼ଉ ସମୟରେ ଷ୍ଟକ୍ ଯାଞ୍ଚ କରିବା ସହିତ ଚାଉଳ ପ୍ରସ୍ତୁତି ଏବଂ ଚାଉଳର ମାନକୁ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ଅନେକ ତଥ୍ୟ ମଧ୍ୟ ତଦନ୍ତକାରୀ ଅଧିକାରୀଙ୍କ ହାତରେ ଲାଗିଛି। ହେଲେ ମିଲ୍ ମାଲିକ ତଦନ୍ତ ପାଇଁ ଆସିବା ଜାଣି ଦୁଇଟି ଭଙ୍ଗା ଏବଂ ଖରାପ ଚାଉଳ ବୋଝେଇ ଟ୍ରକ୍‌କୁ କୁଟଲିଙ୍ଗ ଗାଁରେ ଦିନ ତମାମ ଲୁଚାଇ ରଖିଥିଲେ। ଯାହାକି ଦିନ ତମାମ ଚାଉଳ ଗାଡ଼ି ଦୁଇଟି ଛିଡ଼ା ହୋଇଥିବାବେଳେ ଗ୍ରାମବାସୀମାନେ ଗାଡ଼ିରେ ଖରାପ ଚାଉଳ ଲୁଚାଇ ରଖିଥିବା ଜାଣିପାରିଥିଲେ। ତା’ ପରେ ଗାଁରେ ଦୁଇ ଗାଡ଼ିକୁ ଅଟକ ରଖିଥିଲେ। ତଦନ୍ତ ଅଧିକାରୀଙ୍କ ନଜରରୁ ଦୁର୍ନୀତିକୁ ଲୁଚାଇବା ପାଇଁ ଚାଉଳ ଗାଡ଼ି ଗ୍ରାମରେ ଲୁଚାଇ ରଖିଥିବା କହିଛନ୍ତି। ଯାହାକି ଏହି ଭଙ୍ଗା ଏବଂ ଖରାପ ଚାଉଳକୁ ବୋରାରେ ଭର୍ତ୍ତି କରି ଦୁର୍ନୀତି କରି ଚାଉଳ ଯୋଗାଉଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ରାଜ୍ୟ ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀଙ୍କ ସହିତ ରାଜ୍ୟରୁ ୩ ଜଣିଆ ଟିମ୍ ଏବଂ ସ୍ଥାନୀୟ ଅଞ୍ଚଳର ଯୋଗାଣ ଅଧିକାରୀ ସାମିଲ୍ ରହି ଦୀର୍ଘ ଘଣ୍ଟା ଚଢ଼ଉ କରିଥିଲେ।

## ଲିଙ୍ଗଭିତ୍ତିକ ହିଂସା ବିରୋଧରେ ସଚେତନତା

**ବାରିପଦା, ୧୧।୧୨(ସମିସ):** ଭାରତ ସରକାରଙ୍କ ନିର୍ଦ୍ଦେଶ ତଥା ଓଡ଼ିଶା ସରକାର ଏବଂ ରାଜ୍ୟ ସମାଜ କଲ୍ୟାଣ ବୋର୍ଡର ଆଦେଶ କ୍ରମେ ଲିଙ୍ଗଭିତ୍ତିକ ହିଂସା ବିରୋଧରେ ସଚେତନତା କାର୍ଯ୍ୟକ୍ରମ ଗତ ନଭେମ୍ବର ୨୫ରୁ ଆରମ୍ଭ ହୋଇ ଚଳିତ ମାସ ୧୦ ତାରିଖରେ ଉଦ୍‌ଯାପନୀ କାର୍ଯ୍ୟକ୍ରମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମୟୂରଭଞ୍ଜର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସବିତା ମାଝୀ ଯୋଗ ଦେଇଥିବାବେଳେ ଅନ୍ୟତମ ଅତିଥି ଭାବେ ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା ସୁରକ୍ଷା ଅଧିକାରିଣୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ, ପ୍ରୋଗ୍ରାମ ଅଫିସର, ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ, ଜିଲ୍ଲା ମହିଳା ସଶକ୍ତୀକରଣ କେନ୍ଦ୍ରର କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ତାଙ୍କ ସମେତ ସଖୀ ୱାନ୍ ଷ୍ଟପ ସେଣ୍ଟର, ଶକ୍ତି ସଦନ ଏବଂ ପରିବାର ପରାମର୍ଶ କେନ୍ଦ୍ରର କର୍ମଚାରୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ ସମେତ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ବିଗତ ୧୬ ଦିନ ଧରି ଚାଲିଥିଲା। ଏହି ଅବସରରେ ପ୍ରବନ୍ଧ (ଲିଙ୍ଗଭିତ୍ତିକ ହିଂସା) ପ୍ରତିଯୋଗିତାରେ ମନୋନୀତ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ



**ବୈଶିଙ୍ଗା, ୧୧।୧୨(ସମିସ):** ହେମପୁରସ୍ଥିତ କୈଳାସ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା-୨୦୨୫ କ୍ରୀଡ଼ା ଶିକ୍ଷକ ବିନ୍ନି ସଞ୍ଜୀବନ ବାରିକଙ୍କ ନେତୃତ୍ୱରେ ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସମରଜିତ୍ ମହାପାତ୍ରଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ଏହି କ୍ରୀଡ଼ା ପ୍ରତିଯୋଗିତାର ଶୁଭ ଉଦ୍‌ଘାଟନ କରିଥିଲେ ବିଶିଷ୍ଟ ଶିକ୍ଷାବିତ୍ ସଞ୍ଜୟ କୁମାର ମିଶ୍ର। ସିନିୟର, ଜୁନିୟର ଏବଂ ସବ୍‌ଜୁନିୟର ବିଭାଗରେ ସର୍ବମୋଟ ୩୦ଟି ଖେଳ ଅନୁଷ୍ଠିତ ହୋଇଥିଲା। ନିକଟସ୍ଥ ହେମପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଯାମିନୀକାନ୍ତ ମହାନ୍ତଙ୍କ ନେତୃତ୍ୱରେ ତାଙ୍କ ବିଦ୍ୟାଳୟର ପିଲାମାନେ ମଧ୍ୟ ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ଆସନ୍ତା ୧୭ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ବିଦ୍ୟାଳୟର ବାର୍ଷିକ ଉତ୍ସବରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବ। ଏହି କ୍ରୀଡ଼ା ଉତ୍ସବକୁ ସଫଳ କରିବାରେ ତୁଷାରକାନ୍ତ ପାତ୍ର, ଚନ୍ଦନ କୁମାର ଦାସ, ଜୟଶ୍ରୀ ପାଢ଼ୀ, ପ୍ରଭାତୀ ପ୍ରଧାନ, ରାଜନନ୍ଦିନୀ ପାତ୍ର, ସବିତା ବାରିକ, ପ୍ରଜ୍ଞା ପାରମିତା ମଲ୍ଲିକ, ସଙ୍ଗୀତା ନାୟକ, କୌଶଲ୍ୟା ଭୂୟାଁ, ଶୁଭଲକ୍ଷ୍ମୀ ଷଡ଼ଙ୍ଗୀ, ଜଗନ୍ନାଥ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ।

## ବ୍ଲକ୍‌ସ୍ତରୀୟ କୁଇଜ୍ ପ୍ରତିଯୋଗିତା

**କୁଆମରା, ୧୧।୧୨(ସମିସ):** ବ୍ଲକସ୍ତରୀୟ କୁଇଜ୍ ପ୍ରତିଯୋଗିତା ଖୁଣ୍ଟା ବ୍ଲକ ବଡ଼ପଥରା ପଞ୍ଚାୟତସ୍ଥିତ ତାଡ଼କିଝରଣ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ମନମୋହନ ହେମ୍ବ୍ରମଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ବିଦ୍ୟାଳୟରୁ ୧୯୦ ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଏଥିରେ ସିନିୟର, ଜୁନିୟର ଓ ସବ୍ ଜୁନିୟର ତିନୋଟି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ବିଭାଗରୁ ରିୟାଂଶୀ ବାରିକ, କନିଷ୍ଠ ବିଭାଗରୁ ସୁଶ୍ରୀ ସାହିଲ ମଲ୍ଲିକ ଓ ସର୍ବକନିଷ୍ଠ ବିଭାଗର ଏଲିନା ରାଣୀ ନନ୍ଦ ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲାସ୍ତରକୁ ମନୋନୀତ ହୋଇଛନ୍ତି। ପ୍ରତି ବିଭାଗରୁ ତିନି ଜଣ ଲେଖାଏଁ ମୋଟ୍ ୯ ଜଣଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ପୁରସ୍କାର ବିତରଣ ଉତ୍ସବରେ ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀ ହେମ୍ବ୍ରମଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ସରପଞ୍ଚ ମଙ୍ଗଳ ମାଝୀ, ମୁଖ୍ୟବକ୍ତା ପ୍ରିୟବ୍ରତ ମାଝୀ, ସମ୍ମାନିତ ଅତିଥି ବିଆର୍‌ସିସି ବୃନ୍ଦାବନ ମାରାଣ୍ଡି, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଅର୍ଜୁନ ମୁର୍ମୁ, ସାଂଗଠନିକ ସମ୍ପାଦକ କ୍ଷେତ୍ର ମୋହନ ସିଂ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହ ପ୍ରଚେଷ୍ଟା ଓ ସଂଘର୍ଷ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ଶିକ୍ଷକ ଅଜୟ କୁମାର ମହାନ୍ତ ଓ ସିଆର୍‌ସିସି କରୁଣାକର ସୋରେନ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଶିକ୍ଷକ ଗୋବିନ୍ଦ ବଲ୍ଲଭ ଜେନା, ଗୋବିନ୍ଦ ଟୁଡୁ, ପ୍ରଶାନ୍ତ ନାଏକ, ଗଦାଧର ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ବିପର୍ଯ୍ୟୟ ପରିଚାଳନା ଦକ୍ଷତା ବିକାଶ ତାଲିମ ଶିବିର ଉଦ୍‌ଯାପିତ

## ‘ବିପର୍ଯ୍ୟୟ ପରିଚାଳନା ଏକ ସାମୂହିକ ପ୍ରୟାସ’




**ବାରିପଦା, ୧୧।୧୨(ସମିସ):** ସ୍ଥାନୀୟ ମୁର୍ଗାବାଡ଼ିସ୍ଥିତ ପଞ୍ଚାୟତ ସଂଶାଧନ କେନ୍ଦ୍ର ସଭାଗୃହରେ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ମୟୂରଭଞ୍ଜ ଓ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ଭୁବନେଶ୍ୱର ଦ୍ୱାରା ଆୟୋଜିତ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀମାନଙ୍କ ଦୁଇ ଦିନିଆ ବିପର୍ଯ୍ୟୟ ପରିଚାଳନା ଓ ପ୍ରଶମନ ଦକ୍ଷତା ବିକାଶ ତାଲିମ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ଜରୁରୀକାଳୀନ ବିଭାଗର ଜିଲ୍ଲା ପ୍ରକଳ୍ପ ଅଧିକାରୀ ଜଗବନ୍ଧୁ ମହାନ୍ତି ସ୍ୱାଗତ ଅଭିଭାଷଣ, ଅତିଥି ପରିଚୟ ପ୍ରଦାନ ସହିତ ଏହି ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ତତ୍‌ପରେ ମୁଖ୍ୟଅତିଥି ତଥା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ବିପର୍ଯ୍ୟୟ ପରିଚାଳନା ଏକ ସାମୂହିକ ପ୍ରୟାସ ବୋଲି କହିଥିଲେ।

ବିଗତ ଦିନରେ ଆମେ ଅନେକ ବିପର୍ଯ୍ୟୟର ସାମ୍ନା କରିଛେ ଓ ଏସବୁର ସଫଳ ମୁକାବିଲାରେ ସ୍ଥାନୀୟ ପ୍ରଶାସନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଜନ ସହଭାଗିତା ଏବଂ ସମସ୍ତ ବିଭାଗର ସହଯୋଗରେ ବ୍ଲକ, ପଞ୍ଚାୟତ ତଥା ଗ୍ରାମ୍ୟସ୍ତରୀୟ ଯୋଜନା ପ୍ରସ୍ତୁତ, ସଠିକ୍ ଡାଟାବେସ୍ ପ୍ରସ୍ତୁତ, ଯୋଜନାର ସଫଳ ରୂପାୟଣ ମାଧ୍ୟମରେ ଏହି କାର୍ଯ୍ୟ ଅଧିକ ସକ୍ରିୟ ଓ ସଫଳ ହୋଇପାରିବ ବୋଲି ଆଶାବ୍ୟକ୍ତ କରିଥିଲେ। ଉଦ୍‌ଯାପନୀ ସଭାରେ ଜିଲ୍ଲା ଜରୁରୀକାଳୀନ ବିଭାଗର ଡେପୁଟି କଲେକ୍ଟର ଶ୍ରଦ୍ଧାସୁମନ ଯୋଗଦେଇ ଗ୍ରାମ୍ୟସ୍ତରରୁ ମାଇକ୍ରୋ ପ୍ଲାନ୍ ପ୍ରସ୍ତୁତ, ଅସୁରକ୍ଷିତ ଗୋଷ୍ଠୀ ସମୂହର ଚିହ୍ନଟକରଣ, ବିପର୍ଯ୍ୟୟ ପରିଚାଳନାରେ ନୂତନ ଜ୍ଞାନକୌଶଳର ପ୍ରୟୋଗ, ଜନସହଭାଗିତା, ସଠିକ୍ ଡାଟାବେସ୍ ପ୍ରସ୍ତୁତ ସହିତ ଜିଲ୍ଲା ଜରୁରୀକାଳୀନ ବିଭାଗ ବିପର୍ଯ୍ୟୟ ପରିଚାଳନା କିପରି କରିଥାଏ, ଲୋକମାନଙ୍କୁ କ୍ଷତିପୂରଣ ସହାୟତା ପ୍ରଦାନର ନିୟମାବଳୀ, ରିଲିଫ କୋଡ୍ ଆଦି ସମ୍ପର୍କରେ ବ୍ୟାପକ ଭାବରେ ବୁଝାଇଥିଲେ। ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ଭୁବନେଶ୍ୱରର ରାଜ୍ୟ ପ୍ରକଳ୍ପ ଅଧିକାରୀ ମେଘନାଦ ବେହେରା ଓ ଜେଣ୍ଡର ସ୍ପେଶାଲିଷ୍ଟ ଆରଣ୍ୟକ ମିଶ୍ର ରିସୋର୍ସ ପର୍ସନ ଭାବରେ ଯୋଗଦେଇ ଜିଲ୍ଲାରେ ସଂଗଠିତ ହେଉଥିବା ପ୍ରମୁଖ ବିପର୍ଯ୍ୟୟ ସମୂହର ପରିଚାଳନା, ସାମଗ୍ରିକ ବିପର୍ଯ୍ୟୟ ପରିଚାଳନାରେ ଗ୍ରାମ ପଞ୍ଚାୟତର ଭୂମିକା ଆଦି ବିଷୟ ଉପରେ ତାଲିମ ଦେଇଥିଲେ। ଉକ୍ତ ତାଲିମ କାର୍ଯ୍ୟକ୍ରମରେ ଜିଲ୍ଲାର ୨୬ଟି ବ୍ଲକର ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ଓ ବ୍ଲକ ନୋଡାଲ ଅଫିସର ଯୋଗଦେଇଥିଲେ। ଡିପିଓ ଶ୍ରୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଯୁବ ବ୍ୟବସାୟୀଙ୍କ ପରଲୋକ



**କରଞ୍ଜିଆ, ୧୧।୧୨(ସମିସ):** କରଞ୍ଜିଆ ସହରର ଚନ୍ଦ୍ରମୋହନ ସାହୁଙ୍କ ପୁତ୍ର ସୌଭାଗ୍ୟ ସାହୁଙ୍କର ବୁଧବାର ନିଜ ବାସଭବନରେ ଦେହାନ୍ତ ହୋଇଯାଇଛି। ସହରର ଜଣାଶୁଣା ବ୍ୟବସାୟୀ ସୌଭାଗ୍ୟଙ୍କୁ ମୃତ୍ୟୁ ବେଳକୁ ମାତ୍ର ୪୮ ବର୍ଷ ବୟସ ହୋଇଥିଲା। ସେ କିଛି ବର୍ଷ ଆଗରୁ କର୍କଟ ରୋଗରେ ପୀଡ଼ିତ ଥାଇ ଚିକିତ୍ସିତ ହେଉଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାର ହେବାକ୍ଷଣି ଅନେକ ଶୁଭେଚ୍ଛୁ, ଆତ୍ମୀୟସ୍ୱଜନ, ବନ୍ଧୁବାନ୍ଧବ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ମୃତ୍ୟୁ ସମୟରେ ତାଙ୍କ ସ୍ତ୍ରୀ, ପୁଅ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

WALK-IN INTERVIEW

| POST | DEPARTMENT | QUALIFICATION |
|---|---|---|
| PRINCIPAL | - | As per AICTE Norms |
| Lecturer | Mechanical/Elect/Comp. Sc. Elect & ETC Engg. | B.Tech / M.Tech in relevant field of Engg. |
| Lecturer | Math, Phy., Chem. English Mech. Engg./Elect. | M.Sc/ PG in relevant subject |
| Lab Demonstrator | Engg.Comp. Sc. Engg./ Elect. & ETC Engg. | Diploma/ITI in relevant Dept |
| Librarian | Library | B.Lib. / M.Lib. |
| Off. Supdt./Off.Asst./ Accountant | Office | Graduate and having experience in relevant field |
| DTP Operator | Office / Exam | Graduate/Graphic design, Odia, Hindi, Eng Typing |
| Marketing Exe. | Admission | 5 yrs. exp. in admn. maktg. |

Interested candidates may send their resume on saividyapeethpuri@gmail.com by 18th Dec. 2025
Date of Interview : 21.12.2025 (Sunday) at 10a.m. to 4p.m.
SAI VIDYAPEETH
At-Phula Alasa, Mula Alasa, Satyabadi, Puri-752014
* No TA/DA provided

ସକାଳ
THE SAKALA

# ସମ୍ପାଦକୀୟ



ଖୁସିର ସୂତ୍ର ବହୁତ ସରଳ, କିନ୍ତୁ ସରଳ ଜୀବନର ସୂତ୍ର ବଡ଼ କଠିନ
-ରବୀନ୍ଦ୍ରନାଥ ଟାଗୋର

## ଇତିହାସ କ୍ଷମା ଦେବନି

ୟୁନେସ୍କୋର ଅସ୍ପର୍ଶମାନ ସାଂସ୍କୃତିକ ଐତିହ୍ୟ(ଇନ୍‌ଟାଞ୍ଜିବଲ୍ କଲ୍‌ଚରାଲ୍ ହେରିଟେଜ୍) ମାନ୍ୟତା ତାଲିକାରେ ସଦ୍ୟସ୍ଥାନିତ ହୋଇଛି ଭାରତର ଆଲୋକର ପର୍ବ ଦୀପାବଳୀ। ସମଗ୍ର ଭାରତବର୍ଷ ପାଇଁ ଏହା ଗୌରବର ବିଷୟ। କିନ୍ତୁ ଏଠାରେ ଆନନ୍ଦ-ବିଷାଦ ବିଜଡ଼ିତ ପ୍ରଶ୍ନଟିଏ ଉଠୁଛି ଯେ ରଥଯାତ୍ରା ଆଉ କେତେଦିନ ଧରି ଏ ମାନ୍ୟତାରୁ ବଞ୍ଚିତ ହୋଇଚାଲିଥିବ ଏବଂ ଓଡ଼ିଶାବାସୀ ଏ ପକ୍ଷପାତିତାକୁ ସହି ଚାଲିଥିବେ?

ଅଧିକାର ମାଗିବାରେ ଆମେ ଆମ ଦୁର୍ବଳତା ପ୍ରଦର୍ଶନ କରିଆସୁଥିବା ବେଳେ ପ୍ରଶ୍ନ ପଚାରିବାର ସାହସ ମଧ୍ୟ ବୋଧହୁଏ ହରେଇ ବସିଛୁ। ତେଣୁ ଆମର ଏହି ଦୁର୍ବଳତା ଓ ଅଜଣା ବାଧ୍ୟବାଧକତାର ସୁଯୋଗ ନେଇ ୟୁନେସ୍କୋର ଉପରୋକ୍ତ ସମ୍ମାନଜନକ ତାଲିକାର ପରବର୍ତ୍ତୀ ସଂସ୍କରଣରେ ସ୍ଥାନ ଦେବା ଲାଗି ରଥଯାତ୍ରାକୁ ପୁଣି ଥରେ ଉପେକ୍ଷା କରି ବିହାରର 'ଛଟ୍ ପୂଜା'କୁ ସୁପାରିସ କରାଯାଇଛି। 'ଛଟ ପୂଜା'କୁ ସୁପାରିସ ପଛର ରାଜନୀତି ବୁଦ୍ଧିଜୀବୀ ଓ ସଂସ୍କୃତିପ୍ରେମୀଙ୍କୁ ଅଛପା ନାହିଁ। କିନ୍ତୁ ଦେଶର ରାଜନୀତିର ନାଭିକେନ୍ଦ୍ର ଶ୍ରୀଜଗନ୍ନାଥ ଏ ପ୍ରସଙ୍ଗରେ ଅପାଂକ୍ତେୟ ହୋଇପଡୁଛନ୍ତି କିଭଳି? ଜାତୀୟସ୍ତରର ରାଜନେତାମାନେ ଓଡ଼ିଶା ଆସିଲେ 'ଜୟ ଜଗନ୍ନାଥ' ଧ୍ୱନିରୁ ଅଭିଭାଷଣ ଆରମ୍ଭ କରିବାରେ ହେଳା କରୁନାହାନ୍ତି। ଅଥଚ ରଥଯାତ୍ରାର ମାନ୍ୟତା ପ୍ରସଙ୍ଗକୁ ପାଶୋରି ପକାଉଛନ୍ତି। ଏହା ଓଡ଼ିଶା ପ୍ରତି ଉଦ୍ଦେଶ୍ୟମୂଳକ ପକ୍ଷପାତିତା ନା ଶ୍ରୀଜଗନ୍ନାଥ ପରମ୍ପରା ପ୍ରତି ହୀନମନ୍ୟତା, ତାହା ବୁଝିବା କଷ୍ଟକର। 'ଛଟ୍ ପୂଜା' ଠାରୁ ରଥଯାତ୍ରା କ'ଣ ଅର୍ବାଚୀନ? ଏବେ ଦଳମତ ନିର୍ବିଶେଷରେ ଏହି ପ୍ରଶ୍ନ ଉଠିବା ଜରୁରୀ। ହୁଏତ ଆଗାମୀ ଦିନରେ 'ଛଟ ପୂଜା'କୁ ଏହି ମର୍ଯ୍ୟାଦାଜନକ ମାନ୍ୟତା ମିଳିବ। ତେଣୁ ଆମେ ଆଉ କେତେଦିନ ଏଭଳି ଅନ୍ୟ ରାଜ୍ୟର ଉତ୍କର୍ଷରେ ଉତ୍ଫୁଲ୍ଲିତ ହେଉଥିବା ଏବଂ ପକ୍ଷପାତିତାକୁ ମୁଣ୍ଡପାତି ନିରବରେ ସହି ନେଉଥିବା?

ଓଡ଼ିଶାର ସୌଭାଗ୍ୟ, ଗର୍ବ ଓ ଗୌରବ ଯେ ଭାରତର ରାଷ୍ଟ୍ରମୁଖ୍ୟ ଜଣେ ଓଡ଼ିଆ। ପୁରୀର ସାଂସଦ କେନ୍ଦ୍ର ସରକାରୀ ଦଳରେ ଗୁରୁତ୍ୱପୂର୍ଣ୍ଣ ପଦ ମଣ୍ଡନ କରୁଛନ୍ତି; ବିଧାୟକ ମଧ୍ୟ ରାଜ୍ୟ ଶାସକ ଦଳର। ଉଭୟ କେନ୍ଦ୍ର ଓ ରାଜ୍ୟରେ ଗୋଟିଏ ଦଳର ଶାସନ ଚାଲିଛି। 'ଜାତୀୟ ସ୍ମାରକୀ କର୍ତ୍ତୃପକ୍ଷ'ର ସର୍ବୋଚ୍ଚ ପଦରେ ଜଣେ ଓଡ଼ିଆ ଗତ ତିନିବର୍ଷ ଧରି ଅଧିଷ୍ଠିତ। ଏଭଳି ଅପୂର୍ବ ସଂଯୋଗ ଓ ସୁଯୋଗ କେବେ ଆସି ନଥିଲା କି ଆଉ ଆସିବ ନାହିଁ। ବୋଧହୁଏ ଏହି ବିରଳ ସଂଯୋଗ ଓଡ଼ିଆ ପ୍ରାଣର ଆରାଧ୍ୟ ଦେବତା ଏବଂ ଓଡ଼ିଶାର ସର୍ବୋଚ୍ଚ ଓ ସର୍ବମାନ୍ୟ ନେତା ଶ୍ରୀଜଗନ୍ନାଥଙ୍କ ଇଚ୍ଛାରେ ସୃଷ୍ଟି ହୋଇଛି। ଏହି ସୁଯୋଗର ସଦୁପଯୋଗ କରିବା ଆମର କର୍ତ୍ତବ୍ୟ ଓ ଦାୟିତ୍ୱ। ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ସାଂସଦମାନେ ଦଳୀୟ ରାଜନୀତିର ବାଧ୍ୟବାଧକତାରୁ ଊର୍ଦ୍ଧ୍ୱକୁ ଉଠି ଦଳମତ ନିର୍ବିଶେଷରେ ଓଡ଼ିଶାର ବୃହତ୍ତର ସ୍ୱାର୍ଥ, ସ୍ୱାଭିମାନ ଓ ସମ୍ମାନ ସମ୍ବଳିତ ଏହି ପ୍ରସଙ୍ଗ କେନ୍ଦ୍ର ସରକାରଙ୍କ ଆଗରେ ଉପସ୍ଥାପନ କରନ୍ତୁ। ଓଡ଼ିଶା ଆଉ କେତେଦିନ ଅବହେଳିତ ହୋଇ ରହିବ - ଏ ଅସ୍ମିତା ବିଜଡ଼ିତ ପ୍ରଶ୍ନ ପଚାରନ୍ତୁ। ସଂସଦର ଶୀତକାଳୀନ ଅଧିବେଶନ ଜାରି ରହିଥିବାରୁ ଏ ପ୍ରଶ୍ନ ସମଗ୍ର ଦେଶରେ ଗୁଞ୍ଜରିତ ହୋଇପାରିବ। ଅନେକ ବିଳମ୍ବ ହେଲାଣି। ଆମେ ଯଦି ଶ୍ରୀଜଗନ୍ନାଥଙ୍କ ଆଶ୍ରିତ ହୋଇ ତାଙ୍କର ଟେକ ରଖିବାରେ ଅବହେଳା କରିବା, ଇତିହାସ କ୍ଷମା ଦେବ ନାହିଁ।

## ସାମାଜିକ ଗଣମାଧ୍ୟମର ନିଷିଦ୍ଧାଞ୍ଚଳ

ବିକଶିତ ରାଷ୍ଟ୍ର ଅଷ୍ଟ୍ରେଲିଆ ବିଶ୍ୱର ପ୍ରଥମ ରାଷ୍ଟ୍ର ଭାବେ ସାମାଜିକ ଗଣମାଧ୍ୟମ କଟକଣାକୁ କାର୍ଯ୍ୟକାରୀ କରି ଏକ ଯୁଗାନ୍ତକାରୀ ପଦକ୍ଷେପ ନେଇଛି। ଏଣିକି ସେଠାରେ ୧୬ ବର୍ଷରୁ କମ୍ ବୟସର କିଶୋରମାନେ ସ୍ୱାଧୀନ ଭାବରେ ସାମାଜିକ ଗଣମାଧ୍ୟମରେ ଆକାଉଣ୍ଟ ଖୋଲିପାରିବେ ନାହିଁ। ସ୍ୱାଭାବିକ ଭାବେ ମାନବ ଅଧିକାର ସଂଗଠନ ଓ ସାମାଜିକ ଗଣମାଧ୍ୟମ ସଂସ୍ଥାଗୁଡ଼ିକ ଅଷ୍ଟ୍ରେଲିଆ ସରକାରଙ୍କ ଏ ସମ୍ପର୍କିତ ଆଇନ୍(ସୋସିଆଲ୍ ମିଡିଆ ମିନିମମ୍ ଏଜ ଆକ୍ଟ)କୁ ସମାଲୋଚନା କରିଥିବା ବେଳେ ଅଭିଭାବକମାନେ ବିପୁଳ ସ୍ୱାଗତ କରିଛନ୍ତି। ୧୬ ବର୍ଷ ବୟସରୁ କମ୍ ବର୍ଗ ଦ୍ୱାରା ଖୋଲାଯାଇଥିବା ଲକ୍ଷଲକ୍ଷ ଆକାଉଣ୍ଟକୁ ଏହି ଆଇନ ବଦଳରେ ରଦ୍ଦ କରିଦିଆଯାଇଛି। କିଶୋରମାନଙ୍କ ମାନସିକତା ଓ ଶାରୀରିକ ଅବସ୍ଥା ଉପରେ ସାମାଜିକ ଗଣମାଧ୍ୟମର କୁପ୍ରଭାବ ବଢ଼ି ଚାଲିଥିବାରୁ ଏହାର ନିରାକରଣ ପାଇଁ ମନସ୍ତତ୍ତ୍ୱବିତ୍ ଓ ସମାଜ ବିଜ୍ଞାନୀମାନେ ଗୁରୁତ୍ୱାରୋପ କରି ଆସୁଥିଲେ। କିନ୍ତୁ ଏଥିସହିତ ବିପୁଳ ରାଜସ୍ୱ ହାନିର ଆଶଙ୍କା ଥିବାରୁ କୌଣସି ରାଷ୍ଟ୍ର ନିର୍ଣ୍ଣାୟକ ନିଷ୍ପତ୍ତି ନେବାକୁ କୁଣ୍ଠା ପ୍ରକାଶ କରୁଥିଲେ। ଅଷ୍ଟ୍ରେଲିଆ ଏ ଦିଗରେ ସାହସିକ ପଦକ୍ଷେପ ନେବା ପରେ ବିଶ୍ୱସ୍ତରରେ ଏହାର ପ୍ରଭାବ ଅନୁଭୂତ ହେବ ବୋଲି ଆଶା କରାଯାଉଛି।

ଭାରତରେ ଯେ ଏ ସମ୍ପର୍କରେ ପୂର୍ବରୁ ବିଚାର ଆଲୋଚନା ହୋଇ ନାହିଁ କିମ୍ବା ପଦକ୍ଷେପ ନିଆଯାଇନାହିଁ, ତା' ନୁହେଁ। କିନ୍ତୁ ଦୃଢ଼ ଇଚ୍ଛାଶକ୍ତି ଅଭାବରୁ ଯୋଜନାର ସଫଳ ରୂପାୟନ ହୋଇପାରିନାହିଁ। ଭାରତ ସରକାର ଡିଜିଟାଲ୍ ପର୍ସନାଲ୍ ଡାଟା ପ୍ରୋଟେକ୍‌ସନ୍ ଆଇନ ୨୦୨୩ ଅଧୀନରେ ଏକ ଚିଠା ଅଧିନିୟମ ଆଗତ କରିଛନ୍ତି, ଯେଉଁଥିରେ ୧୮ ବର୍ଷରୁ କମ୍ ବୟସର ପୁଅଝିଅ ସାମାଜିକ ଗଣମାଧ୍ୟମରେ ଆକାଉଣ୍ଟ ଖୋଲିବା ପାଇଁ ପିତାମାତା ଓ ଅଭିଭାବକଙ୍କ ଅନୁମୋଦନ ନେବା ନିହାତି ଆବଶ୍ୟକ। ଗତ କିଛି ମାସ ତଳେ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟ ବିଦ୍ୟାଳୟମାନଙ୍କରେ ସ୍ମାର୍ଟଫୋନ୍ ବ୍ୟବହାରକୁ ନିଷିଦ୍ଧ କରିଥିଲେ। ୟୁନେସ୍କୋ ମଧ୍ୟ ଏ ପ୍ରସଙ୍ଗରେ ଏକ ସନ୍ତୁଳିତ ମାର୍ଗଦର୍ଶିକା ଜାରି କରିବା ଉପରେ ଅତୀତରେ ଗୁରୁତ୍ୱ ଦେଇଛି।

ବର୍ତ୍ତମାନର ତୀବ୍ର ଜ୍ଞାନ-ପ୍ରତିଯୋଗିତା ପୂର୍ଣ୍ଣ ଛାତ୍ରଜୀବନରେ ଇଣ୍ଟରନେଟ୍, ସାମାଜିକ ଗଣମାଧ୍ୟମ ଓ ସ୍ମାର୍ଟଫୋନର୍ ଅପରିହାର୍ଯ୍ୟ ଆବଶ୍ୟକତାକୁ ଅସ୍ୱୀକାର କରିହେବ ନାହିଁ। କିନ୍ତୁ ଏହାର ଦୁରୁପଯୋଗ ହିଁ ସେମାନଙ୍କୁ ହତାଶା, ଅବସାଦ ଓ ଅପରାଧ ମୁହାଁ କରୁଛି। ଏପରିକି କୋମଳମତି ଛାତ୍ରଛାତ୍ରୀ ଜୀବନ ହାରୁଥିବା ଭଳି ଦୁଃଖଦ ଘଟଣାମାନ ଘଟୁଛି। ଅଷ୍ଟ୍ରେଲିଆରେ ସରକାରୀ ସ୍ତରରେ ହୋଇଥିବା ଏ ସମ୍ପର୍କିତ ସର୍ବେକ୍ଷଣରୁ କିଶୋରାବସ୍ଥାରେ ସାମାଜିକ ଗଣମାଧ୍ୟମର ପ୍ରଭାବ ବିଷୟରେ ଉଦ୍‌ବେଗଜନକ ତଥ୍ୟ ମିଳିବା ପରେ ଉପରୋକ୍ତ ଆଇନ ଅଣାଯାଇଛି। ଆଇନ ପ୍ରଣୟନ ହେଲେ ମଧ୍ୟ ଏହାର ରୂପାୟନରେ ଅନେକ ଦ୍ୱନ୍ଦ୍ୱ ଓ ପ୍ରତିବନ୍ଧକ ରହୁଛି। ଯଦିଓ କିଶୋର/କିଶୋରୀଙ୍କୁ ସମ୍ପୂର୍ଣ୍ଣ ରୂପେ ସାମାଜିକ ଗଣମାଧ୍ୟମରୁ ଦୂରେଇ ରଖିବା ଏକ କଷ୍ଟସାଧ୍ୟ ବ୍ୟାପାର, ଏହା ଅସମ୍ଭବ ମଧ୍ୟ ନୁହେଁ। ଅଭିଭାବକଙ୍କ ଉଦାସୀନତାକୁ ଆଇନ କିଛିମାତ୍ରାରେ ଦୂର କରି ଏବଂ ସେମାନଙ୍କୁ ଜାଗ୍ରତ କରି ଦାୟିତ୍ୱବୋଧ ସମ୍ପର୍କରେ ସଚେତନ କରିପାରିବ।

# ପ୍ରକୃତି ଓ ପରିବେଶ ସଂରକ୍ଷଣରେ ସ୍ଥାନୀୟ ଅଧିବାସୀ

ଡକ୍ଟର ସୁନ୍ଦର ନାରାୟଣ ପାତ୍ର

୧୯୭୨ ମସିହାରେ ସ୍ୱିଡେନର ଷ୍ଟକହୋମରେ ପ୍ରଥମ ଥର ପାଇଁ 'ମାନବୀୟ ପରିବେଶ' ଉପରେ ମିଳିତ ଜାତିସଂଘ ଆନୁକୂଲ୍ୟରେ ଏକ ବିଶ୍ୱସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହା ଥିଲା ଶିଳ୍ପ-ଅର୍ଥନୈତିକ ପ୍ରଗତି ଯୋଗୁଁ ପରିବେଶ ପ୍ରଦୂଷଣ ଜନିତ ବିପର୍ଯ୍ୟୟ ଏବଂ ବିକାଶର ଢାଞ୍ଚାରେ ପରିବର୍ତ୍ତନ ବିଷୟରେ ଚର୍ଚ୍ଚା ପାଇଁ ଏକ ବିଶ୍ୱବ୍ୟାପୀ ସମାବେଶ। ପ୍ରକୃତି ସଂରକ୍ଷଣ ପାଇଁ ଅନ୍ତର୍ଜାତୀୟ ସଂଘ(ଆଇୟୁସିଏନ୍)ର ୧୯୮୦ରେ ବିଶ୍ୱ ସଂରକ୍ଷଣ ରଣନୀତି ଥିଲା ପ୍ରଥମ ରିପୋର୍ଟ, ଯେଉଁଥିରେ 'ସ୍ଥାୟୀ ବିକାଶ' ନାମକ ଏକ ସଂକ୍ଷିପ୍ତ ଅଧ୍ୟାୟ ଅନ୍ତର୍ଭୁକ୍ତ କରାଯାଇଥିଲା। ୧୯୮୩ ମସିହାରେ 'ନିରନ୍ତର ବିକାଶ' ମଡେଲକୁ ଅନୁସରଣ କରିବା ପାଇଁ ମିଳିତ ଜାତିସଂଘ 'ବିଶ୍ୱ ପରିବେଶ ଓ ବିକାଶ ଆୟୋଗ' ସ୍ଥାପନ କରିଥିଲା, ଯାହାକୁ ସାଧାରଣତଃ 'ବ୍ରୁଣ୍ଡଲ୍ୟାଣ୍ଡ କମିଶନ' କୁହାଯାଏ। ନରୱେର ତତ୍କାଳୀନ ମହିଳା ପ୍ରଧାନମନ୍ତ୍ରୀ ଗ୍ରୋ ହାର୍ଲେମ 'ବ୍ରୁଣ୍ଡଲ୍ୟାଣ୍ଡ କମିଶନ'ର ଅଧ୍ୟକ୍ଷା ଭାବରେ ନିଯୋଜିତ ହୋଇଥିଲେ। 'ନିରନ୍ତର ବିକାଶ'ର କମିଶନ୍ ନିର୍ଦ୍ଧାରିତ ସଂଜ୍ଞା ହେଉଛି - 'ଏପରି ଏକ ବିକାଶ, ଯାହା ଭବିଷ୍ୟତ ପିଢ଼ିର ନିଜସ୍ୱ ଆବଶ୍ୟକତା ପୂରଣ କରିବାର କ୍ଷମତା ସହିତ କୌଣସି ଆପତ୍ତି ନକରି ବର୍ତ୍ତମାନର ଆବଶ୍ୟକତା ପୂରଣ କରେ।' ନିରନ୍ତର ବିକାଶର ତିନୋଟି ମୁଖ୍ୟ ସ୍ତମ୍ଭ ମଧ୍ୟରେ ଅର୍ଥନୈତିକ ଅଭିବୃଦ୍ଧି, ପରିବେଶ ସୁରକ୍ଷା ଓ ସାମାଜିକ ସମାନତା ଅନ୍ତର୍ଭୁକ୍ତ।

ବ୍ରୁଣ୍ଡଲ୍ୟାଣ୍ଡ କମିଶନ ୧୯୮୭ ମସିହାରେ 'ଆମର ସାଧାରଣ ଭବିଷ୍ୟତ' ନାମକ ଏକ ରିପୋର୍ଟ ପ୍ରକାଶ କରିଥିଲେ, ଯାହାକୁ 'ବ୍ରୁଣ୍ଡଲ୍ୟାଣ୍ଡ ରିପୋର୍ଟ' ମଧ୍ୟ କୁହାଯାଏ। ରିପୋର୍ଟରେ ସ୍ୱୀକୃତି ଦିଆଯାଇଥିଲା ଯେ ଦାରିଦ୍ର୍ୟ ହ୍ରାସ, ଲିଙ୍ଗ ସମାନତା ଏବଂ ଧନୀ ଓ ଗରିବଙ୍କ ମଧ୍ୟରେ ସମ୍ପତ୍ତି ପୁନଃବଣ୍ଟନ ରୂପରେ ମାନବ ସମ୍ବଳ ବିକାଶ ପରିବେଶ ସଂରକ୍ଷଣ ପାଇଁ ରଣନୀତି ପ୍ରସ୍ତୁତ କରାଯିବା ଉପରେ ଗୁରୁତ୍ୱ ଦିଆଯିବ। 'ବ୍ରୁଣ୍ଡଲ୍ୟାଣ୍ଡ କମିଶନ'ଙ୍କ ରିପୋର୍ଟ ଜୁନ୍ ୧୯୯୨ ରେ ବ୍ରାଜିଲର ରିଓ ଡି ଜେନେରିଓରେ ଅନୁଷ୍ଠିତ 'ପରିବେଶ ଓ ନିରନ୍ତର ବିକାଶ' ଉପରେ ବିଶ୍ୱ ସମ୍ମିଳନୀର ଏକ ପୂର୍ବସୂରୀ ଥିଲା। ଏହି ସମ୍ମିଳନୀରେ ଭବିଷ୍ୟତରେ ପୃଥିବୀରେ ଜୀବନକୁ ଅଧିକ ସ୍ଥାୟୀ କରିବା ପାଇ 'ଖସଡ଼ା-୨୧' ନାମରେ ଜଣାଶୁଣା ଏକ ବ୍ୟାପକ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରାଗଲା।

ଜଳବାୟୁ ପରିବର୍ତ୍ତନ ଉପରେ ମିଳିତ ଜାତିସଂଘ ଫ୍ରେମୱାର୍କ ସମ୍ମିଳନୀ (ୟୁଏନ୍‌ଏଫ୍‌ସିସିସି)ର 'କନଫରେନ୍ସ ଅଫ ପାର୍ଟିସ(କୋପ୍)'ର ୩୦ତମ ସମ୍ମିଳନୀ ସଦ୍ୟ ସମାପ୍ତ ହୋଇଛି, ଯାହା ଗତ ନଭେମ୍ବର ୬ ରୁ ୨୧ ତାରିଖ ପର୍ଯ୍ୟନ୍ତ ବ୍ରାଜିଲର ବେଲେମଠାରେ ଅନୁଷ୍ଠିତ ହୋଇଥିଲା। କୋପ୍୩୦ ଶିଖର ସମ୍ମିଳନୀର ଲକ୍ଷ୍ୟ ଥିଲା ୨୧ତମ ଶତାବ୍ଦୀ ଶେଷ ସୁଦ୍ଧା ପ୍ୟାରିସ ଚୁକ୍ତିନାମାର ତାପମାତ୍ରା ମାନଦଣ୍ଡକୁ ୧.୫ ଡିଗ୍ରୀରେ ସୀମିତ ରଖିବା ପାଇଁ ସ୍ପଷ୍ଟ ପଥ ସ୍ଥାପନ କରିବା। ଏକ ଭଲ ଖବର ହେଉଛି ଯେ ସ୍ଥାନୀୟ ଅଧିବାସୀ ଓ ମହିଳାମାନଙ୍କୁ ସ୍ୱୀକୃତି ପ୍ରଦାନ, ଯାହା ପୂର୍ବରୁ କେବେ ବି ମିଳି ନ ଥିଲା। ଖସଡ଼ା କାର୍ଯ୍ୟକ୍ରମର ଏକ ଅଂଶ ଥିଲା 'ମହିଳା: ଭବିଷ୍ୟତକୁ ମାର୍ଗଦର୍ଶନ କରୁଥିବା ସ୍ୱର' ଅଧିବେଶନ, ମହିଳାମାନେ ଜଳବାୟୁ ସମସ୍ୟା ମୁକାବିଲା କାର୍ଯ୍ୟରେ ଯୋଗଦାନ ଏବଂ ନେତୃତ୍ୱ ନେବାର ଉପାୟଗୁଡ଼ିକୁ ଆଲୋକିତ କରିଥିଲା। ଭାରତବର୍ଷର ଆଭିମୁଖ୍ୟର ଏକ ଅଂଶ ଭାବରେ ଚଳିତ ବର୍ଷ ନଭେମ୍ବର ୩ୟ ସପ୍ତାହରେ ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗରେ ଅନୁଷ୍ଠିତ ଜି୨୦ ଶିଖର ସମ୍ମିଳନୀରେ ଘୋଷଣାପତ୍ରରେ ମହିଳା ଓ ଝିଅମାନଙ୍କ ସଶକ୍ତୀକରଣ ପାଇଁ ଏକ ପ୍ରୟାସ କରାଯାଇଥିଲା।

ଖୁସିର କଥା, 'ପ୍ରକୃତି ସହିତ ଶାନ୍ତି' ବିଷୟବସ୍ତୁ ଉପରେ କଲମ୍ବିଆ (ଦକ୍ଷିଣ ଆମେରିକା)ର କାଲିରେ ୨୦୨୪ ଅକ୍ଟୋବର ୨୧ ରୁ ନଭେମ୍ବର ୧ ପର୍ଯ୍ୟନ୍ତ ଅନୁଷ୍ଠିତ ମିଳିତ ଜାତିସଂଘ ଜୈବ ବିବିଧତା ସମ୍ବନ୍ଧୀୟ ସମ୍ମିଳନୀ(ୟୁଏନ୍‌ସିବିଡି) ର ୧୬ତମ ପକ୍ଷ ସମ୍ମିଳନୀ(କୋପ୍-୧୬) ବିଶ୍ୱ ଜୈବିକ ବିବିଧତା ପ୍ରୟାସରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତିକୁ ଚିହ୍ନିତ କରିଥିଲା, ବିଶେଷକରି 'କାଲି ପାଣ୍ଠି' ପ୍ରତିଷ୍ଠା ମାଧ୍ୟମରେ। ଏହା ଏପରି ଏକ ପାଣ୍ଠି, ଯାହା ଆଦିବାସୀ ଓ ସ୍ଥାନୀୟ ସମ୍ପ୍ରଦାୟ, ବିଶେଷକରି ମହିଳା ଓ ଯୁବପିଢ଼ିଙ୍କ ଆତ୍ମ-ଚିହ୍ନିତ ଆବଶ୍ୟକତା ଉପରେ ଧ୍ୟାନ ଦେବ।

୧୧୦୦ ବର୍ଗ କିଲୋମିଟରରୁ ଅଧିକ ପରିବ୍ୟାପ୍ତ ଓଡ଼ିଶାର ଚିଲିକା ଲାଗୁନ୍ ହେଉଛି ଏସୀୟ ଉପମହାଦେଶର ସବୁଠାରୁ ବଡ଼ ଲୁଣାପାଣି ହ୍ରଦ। ଲକ୍ଷ ଲକ୍ଷ ପ୍ରବାସୀ ଏବଂ ନିବାସୀ ପକ୍ଷୀଙ୍କ ପାଇଁ ଏକ ଶୀତକାଳୀନ ଆଶ୍ରୟସ୍ଥଳ ଏବଂ ଏକ ଜୈବ ବିବିଧତା ସ୍ଥାନବ୍ୟତୀତ ଏହି ଲାଗୁନ୍ ଦୁଇଲକ୍ଷରୁ ଅଧିକ ମତ୍ସ୍ୟଜୀବୀ ଏବଂ ସେମାନଙ୍କ ପରିବାରଙ୍କ ଜୀବିକା ନିର୍ବାହରେ ସହାୟକ ହୁଏ। ୧୯୯୧ ମସିହାରେ ଓଡ଼ିଶା ସରକାର ସମନ୍ୱିତ ଚିଙ୍ଗୁଡ଼ି ଫାର୍ମ ପ୍ରକଳ୍ପ(ଆଇଏସ୍‌ଏଫ୍‌ପି) ପାଇଁ ଟାଟା ଆଇରନ୍ ଆଣ୍ଡ ଷ୍ଟିଲ୍ କମ୍ପାନୀ ସହିତ ଏକ ଲିଜ୍ ଚୁକ୍ତିନାମା ସ୍ୱାକ୍ଷର କରିଥିଲେ।। ଏହି ପ୍ରକଳ୍ପ ମୁଖ୍ୟତଃ ଅନ୍ତର୍ଜାତୀୟ ବଜାରକୁ ରପ୍ତାନି ପାଇଁ ବାଣିଜ୍ୟିକ ଚିଙ୍ଗୁଡ଼ି ଉତ୍ପାଦନ ପାଇଁ ୩୨, ୦୦୦ ହେକ୍ଟର ଚିଲିକା ଲାଗୁନ୍‌କୁ ଘନିଷ୍ଠ ଜଳକୃଷି ଫାର୍ମରେ ପରିଣତ କରିବାକୁ ଯୋଜନା କରିଥିଲା। ନିଳାମ୍ବୁ ଚିଲିକାର ପ୍ରାକୃତିକ ପରିସଂସ୍ଥା ତଥା ସ୍ଥାନୀୟ ଅର୍ଥନୈତିକ ଆତ୍ମନିର୍ଭରଶୀଳତା ଉପରେ ପ୍ରକଳ୍ପର ବିପରିତ ପ୍ରଭାବ ଆଶଙ୍କାରେ ସ୍ଥାନୀୟ ଅଧିବାସୀ, ମତ୍ସ୍ୟଜୀବୀ ସମ୍ପ୍ରଦାୟ ଓ ମହିଳାମାନେ ତୀବ୍ର ପ୍ରତିରୋଧ କରିଥିଲେ ଏବଂ 'ଚିଲିକା ବଞ୍ଚାଓ ଆନ୍ଦୋଳନ' ମାଧ୍ୟମରେ ଏକ ପ୍ରଭାବଶାଳୀ ପଦକ୍ଷେପ ନେଇଥିଲେ। ଫଳରେ ପ୍ରକଳ୍ପଟି ଶେଷରେ ବନ୍ଦ ହୋଇଯାଇଥିଲା।

ବଲାଙ୍ଗୀର ଜିଲ୍ଲାର ଗନ୍ଧମାର୍ଦ୍ଦନ ପାହାଡ଼ ଏବଂ କଳାହାଣ୍ଡି ଜିଲ୍ଲାର ନିୟମଗିରି ପାହାଡ଼ରେ ବକ୍ସାଇଟ୍‌ର ପ୍ରଚୁରତା, ପ୍ରବଳ ବିରୋଧ ସତ୍ତ୍ୱେ, ବାରମ୍ବାର ଖଣି ନିବେଶକମାନଙ୍କୁ ଆକର୍ଷିତ କରିଛି। ସ୍ଥାନୀୟ ଆଦିବାସୀ ଓ ଅଣ-ଆଦିବାସୀ ସମ୍ପ୍ରଦାୟ ସମେତ ମହିଳା ଓ ପୁରୁଷମାନେ ବଲାଙ୍ଗୀର ଜିଲ୍ଲାରେ 'ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ' ଏବଂ କଳାହାଣ୍ଡି ଜିଲ୍ଲାରେ 'ନିୟମଗିରି ସୁରକ୍ଷା ସମିତି' ଗଠନ କରି ବକ୍ସାଇଟ୍ ଖଣିକୁ ପ୍ରତିରୋଧ କରିଥିଲେ। ଏହି ଆନ୍ଦୋଳନ ମାଧ୍ୟମରେ ଶହ ଶହ ଜାତୀୟ ଔଷଧୀୟ ଉଦ୍ଭିଦ ସମେତ ଜୈବ ବିବିଧତାର ସଂରକ୍ଷଣ କରିବା ପାଇଁ ଐତିହାସିକ ପାହାଡ଼ଗୁଡ଼ିକୁ ବିନାଶକାରୀ ଖଣି କାର୍ଯ୍ୟକଳାପରୁ ସାହସର ସହିତ ନିବୃତ କରାଇ ସୁରକ୍ଷା ପ୍ରଦାନ କରିଥିଲେ। ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ଜଙ୍ଗଲରେ 'ଶିମିଳିପାଳ ବନ ଉନ୍ନୟନ ନିଗମ' ପ୍ରତିଷ୍ଠା କରି ରାଜ୍ୟ ସରକାର ଗଛ କାଟିବା ପାଇଁ ଯୋଜନା କରିଥିଲେ। ସ୍ଥାନୀୟ ସମ୍ପ୍ରଦାୟ ଓ ଓଡ଼ିଶା ପରିବେଶ ସମିତି ଦ୍ୱାରା ଏହାର ବିରୋଧ ଓ ପ୍ରତିରୋଧ କରାଯାଇଥିଲା। ଓଡ଼ିଶା ବିଧାନସଭାର ଗୃହ କମିଟି ସୁପାରିସ ଅନୁସାରେ ରାଜ୍ୟ ସରକାର ସାମୟିକ ଗଛ କଟା ବନ୍ଦ ରଖିଲେ ଏବଂ ଶେଷରେ ୧୯୯୪ ମସିହାରେ ସେଠାରେ ଏକ ସଂରକ୍ଷିତ ଜୈବମଣ୍ଡଳ ଘୋଷଣା କରାଯାଇଥିଲା।

୧୯୭୦ ଦଶକରେ ଓଡ଼ିଶାର ନୟାଗଡ଼ ଜିଲ୍ଲାର କେଶରପୁର ନାମକ ଏକ ଛୋଟ ଗାଁରୁ 'ଠେଙ୍ଗାପାଳି' ନାମକ ସ୍ଥାନୀୟ ଜଙ୍ଗଲକୁ ସୁରକ୍ଷା ଦେବାର ଏକ ନୂତନ ଅଭିଯାନ ଆରମ୍ଭ ହୋଇଥିଲା। ଗାଁର ମହିଳାମାନେ ପାଳି କରି ଜଙ୍ଗଲକୁ ଜଗି ରହିଲେ ଏବଂ ୫୦୦ ଏକରରୁ ଅଧିକ ଜଙ୍ଗଲ ଜମିକୁ ସେମାନଙ୍କ ସୁରକ୍ଷା ଅଧୀନରେ ପୁନର୍ଜୀବିତ କରିଥିଲେ। କୋରାପୁଟ ଜିଲ୍ଲାର ପାତ୍ରପୁଟ ଗାଁର ଆଦିବାସୀ ମହିଳା ପଦ୍ମଶ୍ରୀ କମଳା ପୂଜାରୀ ଶହେରୁ ଅଧିକ ସ୍ଥାନୀୟ ଧାନ କିସମ ଏବଂ କିଛି ବିରଳ ହଳଦୀ, କଳାଜିରା ଏବଂ ଅନ୍ୟାନ୍ୟ ଜିନୀୟ ଜାତୀୟ ବିହନ ସଂରକ୍ଷଣ କରିଥିଲେ। ନୟାଗଡ଼ ଜିଲ୍ଲାରେ 'ସମ୍ଭବ'ର ପଦ୍ମଶ୍ରୀ ସାବରମତୀ ସମଭାବରେ ଏକ ଜୈବିକ ଫାର୍ମ ବିକଶିତ କରି ଅନେକ ପ୍ରକାରର ଧାନ କିସମ ସଂରକ୍ଷଣ କରି ରଖିଛନ୍ତି।

ଜଳବାୟୁ ପରିବର୍ତ୍ତନ ଏବଂ ସମୁଦ୍ର ଜଳର ଆଚରଣଗତ ପରିବର୍ତ୍ତନ ଯୋଗୁଁ ସମୁଦ୍ର ସ୍ତର ବୃଦ୍ଧି ଲୁଣାପାଣି ପ୍ରବେଶ କେବଳ ଚାଷଜମି ନୁହେଁ, ବରଂ ଉପକୂଳ ଓଡ଼ିଶାର ସମଗ୍ର ଜୀବିକାକୁ ବିପଦରେ ପକାଇଛି। ଭାରତ ସରକାର, ସବୁଜ ଜଳବାୟୁ ପାଣ୍ଠି ଓ ୟୁଏନ୍‌ଡିପିର ସମର୍ଥନରେ ସମଗ୍ର ଓଡ଼ିଶାରେ ୩୦୦ରୁ ଅଧିକ ସ୍ଥାନୀୟ ମହିଳା ଜଳବାୟୁ ପ୍ରତିରୋଧୀ ସ୍ଥାୟୀ କୃଷି, ପୁନରୁଦ୍ଧାର ଓ ବାତ୍ୟା ବିରୋଧରେ ପ୍ରାକୃତିକ ଢାଲ ଲୁଣା ବା ହେନ୍ତାଳ ଜଙ୍ଗଲକୁ ସୁରକ୍ଷା ଦେବା ପାଇଁ ଆଗକୁ ଆସିଛନ୍ତି। ୧୯୭୬ ମସିହାରେ ଭାରତୀୟ ସମ୍ବିଧାନର ୪୨ତମ ସଂଶୋଧନରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ସମ୍ବିଧାନର ଧାରା ୪୮-ଏ କୁ ସଂଲଗ୍ନ କରିଥିଲେ, ଯେଉଁଥିରେ କୁହାଯାଇଛି ଯେ: 'ପରିବେଶର ସୁରକ୍ଷା, ଉନ୍ନତି ଏବଂ ଦେଶର ଜଙ୍ଗଲ ଓ ବନ୍ୟପ୍ରାଣୀଙ୍କୁ ସୁରକ୍ଷା ଦେବା ପାଇଁ ରାଷ୍ଟ୍ର ପ୍ରୟାସ ଜାରି ରଖିବ।'

ଜଣେ ବୁଝିପାରିବ ଯେ ପ୍ରକୃତି ଓ ପରିବେଶ ସଂରକ୍ଷଣ ସର୍ବଦା ସ୍ଥାନୀୟ ଅଧିବାସୀ, ଆଦିବାସୀ ସମ୍ପ୍ରଦାୟ ଓ ମହିଳାମାନଙ୍କର ଏକ ପ୍ରମୁଖ ଚିନ୍ତାର ବିଷୟ ହୋଇ ରହିଛି। କାରଣ ସେମାନେ ସମାଜରେ ସବୁଠାରୁ ଦୁର୍ବଳ ବର୍ଗର।

(ସଭାପତି, ଓଡ଼ିଶା ପରିବେଶ ସମିତି)
ମୋ: ୯୭୭୭୮୦୦୪୦୮

# ଦେୟମୁକ୍ତ ଉପଦେଶ

ରାକେଶ ପଣ୍ଡା

ଦେୟମୁକ୍ତ ଉପଦେଶ ତଥା ମାଗଣାରେ ପରାମର୍ଶ ଦେବା ଅଧିକାଂଶ ଭାରତୀୟଙ୍କ ସହଜାତ ପ୍ରବୃତ୍ତି। ପାଶ୍ଚାତ୍ୟଦେଶଗୁଡ଼ିକରେ ଏକ ବିଶ୍ୱାସ ଅଛି ଯେ ଭାରତରେ ପ୍ରତ୍ୟେକ ବ୍ୟକ୍ତି ଜଣେ ଜଣେ ବିଶେଷଜ୍ଞ, ଯେଉଁମାନେ କି ମାଗଣାରେ ସ୍ୱତଃ ବିଭିନ୍ନ କ୍ଷେତ୍ରରେ ପରାମର୍ଶ ବାଣ୍ଟିଥା'ନ୍ତି ଏବଂ ଏହି କାର୍ଯ୍ୟକଳାପରୁ ସେମାନଙ୍କର ଏକ ସ୍ୱତନ୍ତ୍ର ଉପଲବ୍ଧି ହୋଇଥାଏ।

ଅବାଞ୍ଛିତ ପରାମର୍ଶ ଦେବା ଯେପରି ଆମର ଏକ ନୈତିକ କର୍ତ୍ତବ୍ୟ ପାଲଟି ଯାଇଛି। ଅନେକ ଥର ମନେହୁଏ ଯେ ଯଦି ଜଣେ ବ୍ୟକ୍ତି ପରାମର୍ଶ ନ ଦିଏ, ତେବେ ସେ ଅନ୍ୟମାନଙ୍କ ନଜର ବା ଧ୍ୟାନରୁ ଦୂରେଇ ରହିଥାଏ। ସାଧାରଣତଃ, ଆମର ଭାବନାରେ ଯେଉଁମାନେ ପରାମର୍ଶ ଦେଇ ପାରିବେ ନାହିଁ ସେମାନଙ୍କୁ ଅଦରକାରୀ ବୋଲି ଧରାଯାଏ। ଏହିପରି ଏକ ଚିନ୍ତାଧାରା ମଧ୍ୟରେ ରହି ଲୋକମାନଙ୍କୁ ପରାମର୍ଶ ଦେବା କାର୍ଯ୍ୟକଳାପ ଧୀରେ ଧୀରେ ଏକ ମାଇଲଖୁଣ୍ଟ ହୋଇଯାଏ। ବିଶେଷକରି କୌଣସି ଏକ ନୂତନ ବୈବାହିକ ସମ୍ପର୍କ ସଂଗଠିତ ସମୟରେ ଅବାଞ୍ଛିତ ପରାମର୍ଶର ଗୁରୁତ୍ୱ ବଢ଼ିଯାଇଥାଏ। ବେଳେବେଳେ ଦୂର ସମ୍ପର୍କୀୟଙ୍କ ଅବାଞ୍ଛିତ ପରାମର୍ଶ ହେତୁ ଏକ ସୁ-ସଂଯୁକ୍ତ ସମ୍ପର୍କ ଭାଙ୍ଗିଯାଏ, ଯାହା କି ସମୟ ସହିତ ବୁଝାପଡ଼େ।

ଅନେକ ସମୟରେ ଦେଖାଯାଏ ଯେ, ଚଳଚ୍ଚିତ୍ର ଓ ସିରିଏଲ ଦେଖିବା ସମୟରେ, ବସ୍ କିମ୍ବା ରେଳରେ ଯାତ୍ରା ସମୟରେ, ଚାହା ଓ ପାନ ଦୋକାନ ଆଗରେ ବସି ଗୁଲିଖଟି ଆସରରେ ଏବଂ ବିଭିନ୍ନ ପ୍ରକାରର ଅବସରକାଳୀନ ସମୟ ଅତିବାହିତ ସମୟରେ, ଜଣେ ଅନ୍ୟ ଜଣଙ୍କ ଦରକାରିତାକୁ ନେଇ ଯଥା; ଶାରୀରିକ ଓ ମାନସିକ ସମସ୍ୟା, ଉଚ୍ଚଶିକ୍ଷା ଓ ଚାକିରି ବିଷୟ, ବ୍ୟବସାୟ, ଦାମ୍ପତ୍ୟ ବିବାଦ, ଘରୋଇ ତଥା ସାମାଜିକ କଳହ, ଥାନା, କୋର୍ଟ, କଚେରି ସମସ୍ୟା, ଅଳ୍ପ ଜ୍ଞାନ ଥାଇ ଜ୍ୟୋତିଷ ବିଦ୍ୟାରେ ଭବିଷ୍ୟତ ବାଣୀ, ଦୈନିକ ଆହାର ଗ୍ରହଣ ଓ ପୁଷ୍ଟିସାଧନ ସମ୍ବନ୍ଧୀୟ ବିଷୟ ଆଦି ବିଭିନ୍ନ ଦିଗ ଓ କ୍ଷେତ୍ରରେ ସମାଧାନର ଏକ ତାଲିକା ଓ ସୂତ୍ର ନେଇ ମାଗଣା ଉପଦେଶ ତଥା ପରାମର୍ଶ ବାଣ୍ଟି ଚାଲନ୍ତି।

ବିନା କାରଣରେ ଆମେ ଅନ୍ୟକୁ ଉପଦେଶ ଅବା ପରାମର୍ଶ ଦେଇଥାଉ ଏବଂ ନିଜର ପରାମର୍ଶକୁ ପ୍ରମାଣ କରିବା ପାଇଁ ଆମେ ମଧ୍ୟ ଏପରି ଉଦାହରଣ ଉପସ୍ଥାପନ କରୁ, ଯେପରି ଏହି ବିଷୟରେ ଅନ୍ୟ କୌଣସି ପରାମର୍ଶ କିମ୍ବା ସୂତ୍ର ଅନ୍ୟ କୌଣସି ବ୍ୟକ୍ତିଙ୍କ ନିକଟରେ ଉପଲବ୍ଧ ନାହିଁ। ଏହା ପ୍ରକୃତି ସହିତ ଏକ ସନ୍ତୁଳନ ସୃଷ୍ଟି କରିବା ତଥା ନିଜର ପ୍ରକୃତିକୁ ବାହ୍ୟ ପ୍ରକୃତି ସହିତ ସନ୍ତୁଳନ କରିବା ପରିବର୍ତ୍ତେ ଆମେ ନିଜର ଅହଂ ସହିତ ବାସ କରୁ। ଏହିପରି ଭାବରେ ଆମେ ଅନ୍ୟମାନଙ୍କୁ ଉପଦେଶ ଦେବାରେ ଅଭ୍ୟସ୍ତ ହୋଇଥାଉ। ଆମ ଚାରିପାଖରେ କିଛି ଲୋକ ଅଛନ୍ତି, ଯେଉଁମାନେ ସଂପୂର୍ଣ୍ଣ କଥା ଶୁଣନ୍ତି ନାହିଁ ଏବଂ ଏହା ପୂର୍ବରୁ ପରାମର୍ଶ ଦେବା ଆରମ୍ଭ କରି ଦିଅନ୍ତି। ଏହି କାରଣରୁ ସେମାନଙ୍କର କଥା ଓ ଉପଦେଶ ଅନ୍ୟମାନଙ୍କ ପାଇଁ ଏକ ଥଟ୍ଟାରେ ପରିଣତ ହୋଇଥାଏ। ତାଙ୍କର ଏହି ଅଭ୍ୟାସ ଓ ଆଚରଣ ହେତୁ ତାଙ୍କ ଆଖପାଖରେ ଉପସ୍ଥିତ ଲୋକମାନେ ତାଙ୍କଠାରୁ ଦୂରେଇ ରହିବାକୁ ଲାଗିନ୍ତି। ଯେପରି ଅନୁଭବ ହୁଏ, ଯଦି ବିନା କାରଣରେ ଜଣେ ବ୍ୟକ୍ତି ନିଜର ଜ୍ଞାନ ଓ ଅଭିଜ୍ଞତାକୁ ଉପସ୍ଥାପନ କରନ୍ତି, ତେବେ ଏହା ପ୍ରତିଟି ସମୟରେ ବୃଥା ବୋଲି ପ୍ରମାଣିତ ହୋଇଥାଏ। ଏହାଦ୍ୱାରା ତାଙ୍କଠାରୁ ଧୀରେ ଧୀରେ କେହି କିଛି ଆଶା କରନ୍ତି ନାହିଁ ଏବଂ ଇଚ୍ଛାକୃତ ସମ୍ମାନ ପାଇବାକୁ ସେ କେବେ ହେଲେ ସମର୍ଥ ହୁଅନ୍ତି ନାହିଁ।

ଏହା ସତ୍ୟ ଯେ, ବିନା ପ୍ରଶ୍ନରେ ପରାମର୍ଶ ଦେବାରେ କୌଣସି ପରାମର୍ଶର ମୂଲ୍ୟ ନ ଥାଏ। ଯଦି ଜଣେ ବ୍ୟକ୍ତି ଚାହାନ୍ତି ଲୋକମାନେ ତାଙ୍କୁ ଅନ୍ତରରୁ ସମ୍ମାନ ଦିଅନ୍ତୁ, ତେବେ ସେ ଆଦୌ ଅବାଞ୍ଛିତ ପରାମର୍ଶ ଦେବା ଉଚିତ ନୁହେଁ। କାରଣ ଅନେକ ସମୟରେ ଉକ୍ତ ପରାମର୍ଶ ଜଣେ ବ୍ୟକ୍ତି ତଥା ଶ୍ରୋତାଙ୍କୁ ବ୍ୟଥିତ କରେ ଏବଂ ବିଷୟବସ୍ତୁଟି ଅନ୍ୟ ଏକ ଦିଗକୁ ଚାଲିଯିବାର ସମ୍ଭାବନା ରହିଥାଏ। ଏହାଛଡ଼ା ବର୍ତ୍ତମାନ ସମୟର ସବୁଠୁ ବଡ଼ ସତ୍ୟ ହେଉଛି, ଜଣେ ବ୍ୟକ୍ତି ଅନ୍ୟ ଜଣଙ୍କୁ ନିଜର ଅଭିଜ୍ଞତା ହେଉ ଅବା ଜ୍ଞାନର ସାହାଯ୍ୟରେ ଅନ୍ୟ ଜଣେ ବ୍ୟକ୍ତିକୁ ଯେତେ ପରାମର୍ଶ ବାଣ୍ଟନ୍ତୁ ନା କାହିଁକି, ନିଜ ହିସାବରେ କାର୍ଯ୍ୟଟିକୁ ଯେପରି କରିବା କଥା ସେ ତାହା ହିଁ କରିଥାଏ। ଯେତେବେଳେ ଜଣେ ବ୍ୟକ୍ତି ନିଜର ଦରକାରିତାକୁ ଆଖିଆଗରେ ରଖି ନିଜଆଡୁ ଜଣଙ୍କୁ କିଛି ପଚାରନ୍ତି ସେତେବେଳେ ହିଁ ସେ ନିଜର ଜୀବନ ଅଭିଜ୍ଞତା, ବାସ୍ତବିକ ଅନୁଭବ ଓ କୌଣସି ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଥିବା ବିଶେଷଜ୍ଞାନ ହିସାବରେ ତଥା ଏହାକୁ ଆଧାର କରି ପରାମର୍ଶ ଦେବା ଉଚିତ। ମହାପୁରୁଷମାନେ କହନ୍ତି, ଅନ୍ୟମାନଙ୍କୁ ପରାମର୍ଶ ଦିଅ ନାହିଁ, ନିଜ ଉପରେ ସେହି ପରାମର୍ଶ ବ୍ୟବହାର କର ଏବଂ ଜୀବନକୁ ଉନ୍ନତ କରିବାକୁ ଚେଷ୍ଟା କର। ତେବେ ତୁମେ 'ସ୍ୱତନ୍ତ୍ର' ହୋଇଯିବ।

ଏହି ପରିପ୍ରେକ୍ଷୀରେ, ପ୍ରତ୍ୟକ ବ୍ୟକ୍ତି ଆତ୍ମବିଶ୍ଳେଷଣ କରିବା ପୂର୍ବକ ନିଜେ ନିଜକୁ ଏକ ପ୍ରଶ୍ନ ପଚାରିବା ଉଚିତ ଯେ, 'ମୁଁ ଏହି ଲୋକମାନଙ୍କ ମଧ୍ୟରୁ ଜଣେ କି?' କିଛି କଥାବାର୍ତ୍ତା ନ କରି, ସାମନା ଲୋକଟିର ବିନା ଇଚ୍ଛାରେ ଏବଂ କୌଣସି ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ନିଜର ବିଶେଷଜ୍ଞାନ, ଅଭିଜ୍ଞତା ଓ ବାସ୍ତବିକ ଅନୁଭବ ନ ଥାଇ ତାଙ୍କୁ ପରାମର୍ଶ ଦେବା ମୋ'ର ଏକ ବଦଅଭ୍ୟାସ କି?' ଯଦି ହଁ, ତେବେ ଉକ୍ତ ଗୁଣର ପରିବର୍ତ୍ତନ ଆବଶ୍ୟକ ନିଶ୍ଚୟ। ବର୍ତ୍ତମାନ ସମୟରେ ନିଜେ କିପରି ନିଜର ଆଚରଣ ଉପରେ ନିୟନ୍ତ୍ରଣ ରକ୍ଷା କରି ଉକ୍ତ ଅଭ୍ୟାସକୁ ଉନ୍ନତ କରିପାରିବେ, ସେ ସମ୍ବନ୍ଧରେ ଆତ୍ମଚିନ୍ତନ କରିବା ଜରୁରୀ।

ବନ୍ଦାଲୋ(କଟକ) ମୋ: ୯୩୩୭୮ ୯୭୬୫୦

# ବୁଢ଼ିଆଣୀ ମନ୍ଦିର

## ବିଚିତ୍ର ବିଶ୍ୱାସ

ଓଜସ୍ୱିନୀ

ଭାରତୀୟମାନେ ପ୍ରକୃତିର ଉପାସକ। ବେଦ-ଉପନିଷଦର ଅନେକ ଶ୍ଳୋକ ମାଧ୍ୟମରେ ପ୍ରକୃତିର ଉପାସନା କରାଯାଇଛି। ଦେବାଦେବୀଙ୍କ ସହିତ ଦାନବ, ଗଛଲତା, ପଶୁପକ୍ଷୀ ମଧ୍ୟ ଭାରତୀୟଙ୍କ ପାଇଁ ପୂଜନୀୟ। ପୁରାଣଶାସ୍ତ୍ର ଅନୁସାରେ କୌଣସି ନା କୌଣସି ପଶୁପକ୍ଷୀ ପ୍ରତ୍ୟେକ ଦେବଦେବୀଙ୍କ ବାହନ ଭାବେ ରହିଛନ୍ତି। ତେଣୁ 'ତୀର୍ଥରାଜ ପ୍ରୟାଗ' ଭଳି 'ସର୍ପତୀର୍ଥ', 'ପକ୍ଷୀତୀର୍ଥ' ମଧ୍ୟ ଅତ୍ୟନ୍ତ ପବିତ୍ର ଓ ପୂଜନୀୟ। ଭାରତର ଅନେକ ସ୍ଥାନରେ କୀଟପତଙ୍ଗଙ୍କୁ ମଧ୍ୟ ପୂଜା କରାଯାଉଛି। କାହିଁ କେଉଁ କାଳରୁ ଆସ୍ଥା ଓ ବିଶ୍ୱାସର ସ୍ଥଳ ପାଲଟିଥିବା ଏହିସବୁ ମନ୍ଦିରରେ ସବୁ ସମୟରେ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଥାଏ। ଭକ୍ତଙ୍କ ପ୍ରଗାଢ଼ ବିଶ୍ୱାସ ଯୋଗୁଁ ଏହିସବୁ ମନ୍ଦିରମାନଙ୍କରେ ଅନେକ ଦୈବୀ ଚମତ୍କାର ମଧ୍ୟ ପରିଲକ୍ଷିତ ହୋଇଥାଏ। ନିମିଷକ ମଧ୍ୟରେ ଦୁରାରୋଗ୍ୟରୁ ମୁକ୍ତି ମିଳିବା ସହିତ ଅନେକ ସାଂସାରିକ ସମସ୍ୟାର ନିବାରଣ ମଧ୍ୟ ହୋଇଥାଏ। ଏଭଳି ଗୋଟିଏ ମନ୍ଦିର ହେଉଛି ବୁଢ଼ିଆଣୀ ମନ୍ଦିର।

ହିନ୍ଦୁ ଧର୍ମବିଶ୍ୱାସ ଅନୁସାରେ ଘରେ ବୁଢ଼ିଆଣୀ ଜାଲ ଲାଗିବା ଶୁଭଙ୍କର ନୁହେଁ। କିନ୍ତୁ ଏହାର ବିପରୀତ ଭାବେ ଭାରତର କେତେକ ଅଞ୍ଚଳରେ ପ୍ରତିଷ୍ଠିତ ବିଚିତ୍ର ବିଶ୍ୱାସର ଧାରାରେ ବୁଢ଼ିଆଣୀମାନଙ୍କୁ ପୂଜା କରାଯାଉଛି। ଏପରିକି ବୁଢ଼ିଆଣୀ ପୂଜା ପାଉଥିବା ସ୍ୱତନ୍ତ୍ର ମନ୍ଦିର ମଧ୍ୟ ଅଛି। ସେସବୁ ମନ୍ଦିର ଭିତରୁ ଗୋଟିଏ ହେଉଛି କେରଳରେ ଥିବା ପଲ୍ଲିୟାରା ଶ୍ରୀଭଗବତୀ ମନ୍ଦିର ବା କୋଞ୍ଜମନ ଚିଲଂଥିୟାମ୍ବଲମ୍ ମନ୍ଦିର। 'ଚିଲଂଥିୟାମ୍ବଲମ'ର ଅର୍ଥ ହେଉଛି ବୁଢ଼ିଆଣୀ ମନ୍ଦିର।

କେରଳର ପଥାନାମାଥିଟା ଜିଲ୍ଲା ଅନ୍ତର୍ଗତ କୋଞ୍ଜମନ ଗାଁରେ ଥିବା ଏହି ମନ୍ଦିରରେ କାହିଁ କେଉଁ କାଳରୁ ବୁଢ଼ିଆଣୀ ବିଷ ଦ୍ୱାରା ହେଉଥିବା ଅନେକ ଚର୍ମରୋଗର ଚିକିତ୍ସା କରାଯାଏ। ଏଥିସହିତ ଅନ୍ୟ ବିଷାକ୍ତ କୀଟ ଦଂଶନ ଦ୍ୱାରା ହେଉଥିବା ରୋଗର ଚିକିତ୍ସା କରାଯାଇଥାଏ। ଅନେକ ଶ୍ରଦ୍ଧାଳୁ ଏଠାରେ ଚିକିତ୍ସିତ ହୋଇ ସମ୍ପୂର୍ଣ୍ଣ ସୁସ୍ଥତା ଲାଭ କରିଛନ୍ତି। ତେଣୁ ଏହି ମନ୍ଦିର ସହିତ ଭକ୍ତଙ୍କ ଆସ୍ଥା ଓ ବିଶ୍ୱାସ ଅତୁଟ ରହିଛି। କୁହାଯାଏ ଯେ ଏହି ମନ୍ଦିରକୁ ଶକ୍ତିଭଦ୍ର ସାମ୍ରାଜ୍ୟର ଅନ୍ତିମ ରାଜାଙ୍କ ଶାସନ ସମୟରେ ନିର୍ମାଣ କରାଯାଇଥିଲା। ବୁଢ଼ିଆଣୀ ଦେବୀ ମା' ଭଗବତୀଙ୍କ ମନ୍ଦିରର ପ୍ରସାଦ ଏବଂ ଏହି ମନ୍ଦିରରେ ଥିବା ଏକ କୂଅର ଚମତ୍କାରୀ ଜଳ ଦ୍ୱାରା ଚିକିତ୍ସା କରାଯାଏ। ମନ୍ଦିର ସମ୍ପର୍କିତ ସବୁଠାରୁ ଆଶ୍ଚର୍ଯ୍ୟଜନକ ତଥ୍ୟ ହେଉଛି ଏହି କୂଅର ପାଣି ଆୟୁର୍ବେଦ ଔଷଧ ଭଳି ସୁଗନ୍ଧ ପ୍ରଦାନକାରୀ ଏବଂ କାଢ଼ା ପିଇବା ଭଳି ସ୍ୱାଦ ଅନୁଭୂତ ହୋଇଥାଏ। ତେବେ ଏହି ମନ୍ଦିରରେ ବୁଢ଼ିଆଣୀଙ୍କୁ କାହିଁକି ପୂଜା କରାଯାଏ ଏବଂ କୂଅର ପାଣି କିଭଳି ଔଷଧୀୟ ସ୍ୱାଦ ପ୍ରଦାନ କରିଥାଏ, ତାହାକୁ ନେଇ ଏକ ଲୋକକଥା ଅଛି।

ରାଜା ରବୀନ୍ଦ୍ରନ୍ ବିକ୍ରମନ୍ ଜଣେ ସୁଶାସକ ସହିତ ପ୍ରଖ୍ୟାତ ଆୟୁର୍ବେଦ ଚିକିତ୍ସକ ମଧ୍ୟ ଥିଲେ। ତାଙ୍କର ରାଜଭବନ ଓ ରାଜଉଦ୍ୟାନ ଅତି ଦୁର୍ଲଭ ଚେରମୂଳି ଲତା, ଗୁଳ୍ମ ଓ ବୃକ୍ଷରେ ଭରପୂର ଥିଲା। ସେ ମଧ୍ୟ ଅନେକ ବିରଳ ଚିକିତ୍ସା ପଦ୍ଧତିକୁ ଆୟତ୍ତ କରିଥିଲେ। ରାଜା ରବୀନ୍ଦ୍ରନ୍‌ଙ୍କର ୩ଟି କନ୍ୟା ଥିଲେ। କିନ୍ତୁ ସମସ୍ତେ ଅବିବାହିତା ଥିବାରୁ ତାଙ୍କର ଉତ୍ତରାଧିକାରୀ କେହି ନଥିଲେ। ଏହା ସହିତ ତାଙ୍କର ଆୟୁର୍ବେଦ ଚିକିତ୍ସା ପଦ୍ଧତିକୁ ମଧ୍ୟ କେହି ଶିଖିବାକୁ ଓ ଗ୍ରହଣ କରିବାକୁ ମନ ବଳାଇଲେ ନାହିଁ। ତେଣୁ ରାଜା ବିକ୍ରମନ୍ ମୃତ୍ୟୁ ପୂର୍ବରୁ ତାଙ୍କର ସମସ୍ତ ଅମୂଲ୍ୟ ଚେରମୂଳି ଓ ଔଷଧକୁ ମାଟିତଳେ ପୋତି ଦେଲେ। କିଛିଦିନ ପରେ ତାଙ୍କର ଜ୍ୟେଷ୍ଠ ଓ ମଧ୍ୟମା କନ୍ୟା କୌଣସି ଦୁରାରୋଗ୍ୟରେ ପୀଡ଼ିତ ହୋଇ ପରଲୋକଗମନ କଲେ। ଏହା ଦେଖିବା ପରେ କନିଷ୍ଠା କନ୍ୟା ରାଜ ଭବନରେ ଥିବା ଶାହି କକ୍ଷ (ପଲ୍ଲିୟାରା) ରେ ଘୋର ତପସ୍ୟା ଆରମ୍ଭ କଲେ।

ତପସ୍ୟା ସମୟରେ ରାଜକୁମାରୀଙ୍କ ଶରୀରରେ ଗୋଟିଏ ବଡ଼ ବୁଢ଼ିଆଣୀ ସବୁବେଳେ ବସି ରହୁଥିଲା। ଅନେକ ବର୍ଷ ତପସ୍ୟା କରିବା ପରେ ରାଜକୁମାରୀ ସ୍ୱୟଂ ସମାଧି ନେଇଥିଲେ। ସମାଧି ନେବାର ଅନେକ ବର୍ଷ ପରେ ମଧ୍ୟ କେହି ରାଜକୁମାରୀଙ୍କ ଉକ୍ତ କକ୍ଷକୁ ଯିବା ପାଇଁ ସାହସ କରିନଥିଲେ। ଏକଦା ଉକ୍ତ କକ୍ଷର ଦ୍ୱାର ଆପେ ଆପେ ଖୋଲିଗଲା। ଲୋକମାନେ ଦେଖିବାକୁ ପାଇଲେ ଯେ ଯେଉଁ ଅବସ୍ଥାରେ ରାଜକୁମାରୀ ସମାଧି ନେଇଥିଲେ, ଉକ୍ତ ସ୍ଥାନରେ ବୁଢ଼ିଆଣୀ ରୂପରେ ଜଣେ ସୁନ୍ଦରୀ ଦେବୀ ବିରାଜମାନ କରିଛନ୍ତି। ଏହା ସହିତ ରାଜମହଲ ଭିତରେ ଥିବା କୂଅର ଜଳରୁ ଚେରମୂଳିର ସୁଗନ୍ଧ ଆସୁଥିଲା। ସେହି ଦିନଠାରୁ ଲୋକମାନେ ରାଜକୁମାରୀଙ୍କୁ ଭଗବତୀଙ୍କ ସ୍ୱରୂପ ମନେକରି ଶ୍ରୀପଲ୍ଲିୟାରା ଭଗବତୀ ବା ବୁଢ଼ିଆଣୀ ଦେବୀ ଭାବେ ପୂଜାର୍ଚ୍ଚନା କରି ଆସୁଛନ୍ତି।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୁନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

■ ମାଲକାନଗିରି ଗୋଷ୍ଠୀ ସଂଘର୍ଷ ଘଟଣା

# ଆଉ ୨୪ ଘଣ୍ଟା ଇଣ୍ଟରନେଟ୍ କଟକଣା

■ ସ୍ଥିତି ଅନୁଧ୍ୟାନ ପାଇଁ ମାଲକାନଗିରିରେ ଦୁଇ ମନ୍ତ୍ରୀ
■ ମାଲ୍ୟବନ୍ତ ମହୋତ୍ସବ ସ୍ଥଗିତ

ମାଲକାନଗିରି, ୧୧।୧୨(ସମିସ): ମାଲକାନଗିରି ଜିଲ୍ଲାର ଏମଭି ୨୬ ଗ୍ରାମରେ ଲାଗି ରହିଥିବା ଉତ୍ତେଜନା ପରିସ୍ଥିତି ବର୍ତ୍ତମାନ ଶାନ୍ତ ହେଉଥିବା ବେଳେ ଘରକୁ ଫେରୁଛନ୍ତି ଲୋକେ। ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା ପାଇଁ ଜିଲ୍ଲା ପ୍ରଶାସନ ପଦକ୍ଷେପ ନେଇଥିବା ବେଳେ ସ୍ଥିତିର ସମୀକ୍ଷା କରିବା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଦିନିକିଆ ମାଲକାନଗିରି ଜିଲ୍ଲା ଗସ୍ତ କରିଛନ୍ତି ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ।

ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଏମଭି ୨୬ ଗ୍ରାମରେ ହୋଇଥିବା ଉତ୍ତେଜନାମୂଳକ ପରିସ୍ଥିତି ଉପରେ ଉପ-ମୁଖ୍ୟମନ୍ତ୍ରୀ ଏକ ସମୀକ୍ଷା ବୈଠକ କରିଛନ୍ତି। ଏହି ସମୀକ୍ଷା ବୈଠକରେ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ, ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ସଂଗ୍ରାମ କେଶରୀ ମହାପାତ୍ର, ଏଡିଜି ସଞ୍ଜୀବ ପଣ୍ଡା, ଡିଆଇଜି କନୱାର ବିଶାଲ ସିଂ, ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଓ ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ ଏଚ୍ ଉପସ୍ଥିତ ଥିବା ବେଳେ ଉଭୟ ପକ୍ଷଙ୍କ ସହ ସ୍ୱତନ୍ତ୍ର ଭାବେ ଆଲୋଚନା କରାଯାଇଛି। ଜିଲ୍ଲା ଆଦିବାସୀ ସମାଜ ଓ ଜିଲ୍ଲା ବଙ୍ଗାଳୀ ସମାଜ ଉଭୟ ପକ୍ଷ ନିଜ ନିଜର ଦାବି ଉପସ୍ଥାପନ କରିବା ସହ ଉପ-ମୁଖ୍ୟମନ୍ତ୍ରୀ ସହ ଆଲୋଚନା କରିଛନ୍ତି। ଉଭୟ ପକ୍ଷଙ୍କ ଦାବି ଶୁଣିବା ପରେ ରାଜ୍ୟ ସରକାରଙ୍କ ନିକଟରେ ରିପୋର୍ଟ ଉପସ୍ଥାପନ କରାଯିବ ଏବଂ ପରବର୍ତ୍ତୀ ସମୟରେ ଏହା ଉପରେ ମୁଖ୍ୟମନ୍ତ୍ରୀ ପଦକ୍ଷେପ ନେବେ ବୋଲି ଉପ-ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

ଦୁଇପକ୍ଷ ମଧ୍ୟରେ ପୂର୍ବଭଳି ସମ୍ପୂର୍ଣ୍ଣ ରୂପେ ଶାନ୍ତି ଫେରିଆସିବା ନିମନ୍ତେ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟ ରହିଛି। ଜିଲ୍ଲାରେ ପୂର୍ବଭଳି ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ବଜାୟ ରଖିବାକୁ ଉପ-ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ସେହିପରି ଜିଲ୍ଲାରେ ଆଇନଶୃଙ୍ଖଳା ପରିସ୍ଥିତି ଉପରେ କଡ଼ାକଡ଼ି ନଜର ରଖିବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି ଉପ-ମୁଖ୍ୟମନ୍ତ୍ରୀ। ଏମଭି ୨୬ ଗ୍ରାମରେ କ୍ଷୟକ୍ଷତିର ଆକଳନ କରି ତ୍ୱରିତ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଧୀରେଧୀରେ ସୁଧୁରୁଛି ଏମଭି-୨୬ ଗ୍ରାମର ସ୍ଥିତି। ପ୍ରତ୍ୟେକ ଘରର କ୍ଷତି ହୋଇଥିବା ସମସ୍ତ ସମ୍ପତ୍ତିକୁ ଅତି ଗୁରୁତର ସହ ଆକଳନ କରୁଛି ଜିଲ୍ଲା ପ୍ରଶାସନ। ଜିଲ୍ଲା ପ୍ରଶାସନ ପକ୍ଷରୁ ଏମଭି-୨୬ ଗ୍ରାମର ଗ୍ରାମବାସୀଙ୍କୁ କିଚେନ୍ ସେଟ୍, ଆବଶ୍ୟକୀୟ ପୋଷାକ, ମଗ୍, ବାଲ୍ଟି ଓ କମ୍ବଳ ଇତ୍ୟାଦି ଜରୁରୀ ସାମଗ୍ରୀ ଯୋଗାଇ ଦେବା ନିମନ୍ତେ ଓଡ଼ିଶା ରେଡକ୍ରସ୍ ରାଜ୍ୟ ଶାଖାକୁ ଅବଗତ କରାଯାଇଛି। ଏମଭି ୨୬ ଗ୍ରାମର ସମୁଦାୟ ୨୩୪ଟି ଦୋକାନ ଓ ଗୃହ ନିମନ୍ତେ ପ୍ରାୟ ୫ କୋଟି ମୂଲ୍ୟର କ୍ଷତିପୂରଣ ପ୍ରଦାନ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆକଳନ କରାଯାଇଛି। ତେବେ ପ୍ରଶାସନ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଜିଲ୍ଲାରେ ଇଣ୍ଟରନେଟ୍ ସେବାକୁ ଆହୁରି ୨୪ ଘଣ୍ଟା ବନ୍ଦ ରଖାଯାଇଛି। ଚଳିତ ମାସରେ ହେବାକୁ ଥିବା ମାଲ୍ୟବନ୍ତ ମହୋତ୍ସବକୁ ସ୍ଥଗିତ ରଖାଯାଇଛି। ଏହା ଜାନୁଆରୀରେ ହେବା ସମ୍ଭାବନା ରହିଛି।

■ ଜବରଦଖଲ ପାଇଁ ରାସ୍ତା ପ୍ରଶସ୍ତିକରଣ ବାଧାପ୍ରାପ୍ତ ପ୍ରସଙ୍ଗ

## ତୁରନ୍ତ ଉଚ୍ଛେଦ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ,୧୧।୧୨(ସମିସ): ବାଲେଶ୍ୱର ଜିଲ୍ଲା ତାମୁଲିଆ ଛକରୁ ଫକୀରମୋହନ ଗୋଲେଇ ଛକ ପର୍ଯ୍ୟନ୍ତ ଓଟି ରୋଡ୍ ଏବଂ ଜାତୀୟ ରାଜପଥକୁ ସଂଯୋଗ କରୁଥିବା ଫ୍ଲାଏଓଭ୍ ବ୍ରିଜ୍ ନିକଟ ରାସ୍ତା ସମ୍ପ୍ରସାରଣ କାମ ଜବରଦଖଲ ଜନିତ ସମସ୍ୟାରୁ ଅଟକିଥିବା ପ୍ରସଙ୍ଗରେ ରୁଜୁ ଜନସ୍ୱାର୍ଥ ମାମଲାର ଶୁଣାଣି କରି ତ୍ୱରିତ ଉଚ୍ଛେଦ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ସୂର୍ଯ୍ୟକାନ୍ତ ସାହୁଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏହି ପ୍ରସଙ୍ଗରେ ଜଣିକିଆ ବିଚାରପତି ପ୍ରଦାନ କରିଥିବା ଆଦେଶ କାର୍ଯ୍ୟକାରୀ କରିବା ସହ ଗଠିତ କମିଟି ସରକାରଙ୍କ ଯୋଜନା ଅନୁଯାୟୀ ଆବଶ୍ୟକ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ହାଇକୋର୍ଟ କହିବା ସହ ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ମାମଲାରୁ ପ୍ରକାଶ ଯେ ଉପରୋକ୍ତ ସ୍ଥାନରେ ପ୍ରବଳ ଟ୍ରାଫିକ ଭିଡ ହେତୁ, ସରକାର ରାସ୍ତା ପ୍ରଶସ୍ତୀକରଣ ଏବଂ ଡ୍ରେନେଜ୍ ନିର୍ମାଣ ପାଇଁ ପାଣ୍ଠି ମଞ୍ଜୁର କରିଛନ୍ତି। ଯଦିଓ ରାସ୍ତାର କିଛି ଅଂଶ ସମ୍ପୂର୍ଣ୍ଣ ହୋଇଛି, ସରକାରୀ ଜମି ଉପରେ ଜବରଦଖଲ ଯୋଗୁଁ, କାର୍ଯ୍ୟ ସମାପ୍ତ ହୋଇପାରିନାହିଁ। ଜଣିକିଆ ବିଚାରପତିଙ୍କ ଆଦେଶ କ୍ରମେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଥିଲେ ସୁଦ୍ଧା କିଛି ସୁଫଳ ନ ମିଳିବାରୁ ଆବେଦନକାରୀ ଦୁଇଜଣିଆ ଖଣ୍ଡପୀଠରେ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ।

■ ଓଡ଼ିଶା ସାହିତ୍ୟ ଏକାଡେମୀରେ ଅଚଳାବସ୍ଥା ପ୍ରସଙ୍ଗ

## ସତ୍ୟପାଠ ଦାଖଲ ସରକାର ସମୟ ନେଲେ

କଟକ,୧୧।୧୨(ସମିସ): ଓଡ଼ିଶା ସାହିତ୍ୟ ଏକାଡେମୀରେ ବର୍ଷାଧିକ ସମୟ ଧରି ଅଚଳାବସ୍ଥା ଦେଖାଦେଇଛି। ଏହାର ସଭାପତି ଓ ଉପ-ସଭାପତି ଭଳି ପଦବୀ ଖାଲି ସହ ନୂଆ କାର୍ଯ୍ୟନିର୍ବାହୀ ପରିଷଦ ଗଠନ କରାନଯିବା ପ୍ରସଙ୍ଗରେ ରୁଜୁ ମାମଲାରେ ସତ୍ୟପାଠ ଦାଖଲ କରିପାରିନାହାନ୍ତି ସରକାର। ଏହି ପ୍ରସଙ୍ଗରେ ଜବାବ ଦାଖଲ ପାଇଁ ରାଜ୍ୟ ସରକାର ପୁଣି ଅଧିକ ସମୟ ଲୋଡ଼ିଥିବା ବେଳେ ଆସନ୍ତା ଡିସେମ୍ବର ୧୬ରେ ମାମଲାର ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ କରିଛନ୍ତି ହାଇକୋର୍ଟ। ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଇନଜୀବୀ ପ୍ରବୀର ଦାସଙ୍କ ତରଫରୁ ରୁଜୁ ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ପ୍ରକାଶଥାଉକି ଗତ ଅକ୍ଟୋବର ୨୭ରେ ୩ସପ୍ତାହ ମଧ୍ୟରେ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ ହାଇକୋର୍ଟ। ଆବେଦନକାରୀ ଦର୍ଶାଇଛନ୍ତି ଯେ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଓ ଉପ-ସଭାପତିଙ୍କ କାର୍ଯ୍ୟକାଳ ଗତ ୨୦୨୪ ମେ' ୨୦ରେ ସମାପ୍ତ ହୋଇଥିଲେ ମଧ୍ୟ ରାଜ୍ୟ ସରକାର ଏହି ଦୁଇ ଗୁରୁତ୍ୱପୂର୍ଣ୍ଣ ପଦରେ କାହାରିକୁ ନିଯୁକ୍ତ କରିନାହାନ୍ତି। ସେହିଭଳି ଏକାଡେମୀର ସାଧାରଣ ପରିଷଦ ଏବଂ କାର୍ଯ୍ୟନିର୍ବାହୀ ବୋର୍ଡ ୨୦୨୩ ଜୁଲାଇ୧୯ ପରଠାରୁ ଅଚଳ ହୋଇପଡ଼ିଛି।

## ଭୁବନେଶ୍ୱରରେ ଖୋଲିବ ସିଏଜିର ପୂର୍ବାଞ୍ଚଳ ଶାଖା

ଭୁବନେଶ୍ୱର,୧୧।୧୨(ସମିସ): ଆସନ୍ତା ଓଡ଼ିଆ ନବବର୍ଷ ତଥା ଏପ୍ରିଲ ୧୫ ତାରିଖରୁ ଭାରତର ନିୟନ୍ତ୍ରକ ତଥା ମହା ଲେଖା ପରୀକ୍ଷକ (ସିଏଜି)ର ପୂର୍ବାଞ୍ଚଳ ଶାଖା ଭୁବନେଶ୍ୱରରେ ଖୋଲିବ। ଏଥିପାଇଁ ସିଏଜି ଅନୁମୋଦନ କରିଛନ୍ତି। ଏହା ପୂର୍ବ ଭାରତରେ ତଦାରଖ ବିକେନ୍ଦ୍ରୀକରଣ ଏବଂ ଅଡିଟ ପ୍ରଶାସନକୁ ସୁଦୃଢ଼ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ଭୂମିକା ଗ୍ରହଣ କରିବ ବୋଲି କୁହାଯାଉଛି।

ସୂଚନା ଅନୁଯାୟୀ, ନୂତନ କାର୍ଯ୍ୟାଳୟ ୧୫ ଏପ୍ରିଲ ୨୦୨୬ ରୁ କାର୍ଯ୍ୟ ଆରମ୍ଭ କରିବ। ପୂର୍ବାଞ୍ଚଳ ମୁଖ୍ୟାଳୟ ଜଣେ ଉପ ନିୟନ୍ତ୍ରକ ଏବଂ ଅଡିଟର ଜେନେରାଲ (ଡେପୁଟି ସିଏଜି)/ଅତିରିକ୍ତ ଉପ ନିୟନ୍ତ୍ରକ ଏବଂ ଅଡିଟର ଜେନେରାଲ (ଅତିରିକ୍ତ ଡେପୁଟି ସିଏଜି) (ପୂର୍ବାଞ୍ଚଳ) ଅଧୀନରେ କାର୍ଯ୍ୟ କରିବେ। ବର୍ତ୍ତମାନ ଦିଲ୍ଲୀ ସିଏଜି ମୁଖ୍ୟାଳୟ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ପୂର୍ବାଞ୍ଚଳ ଶାଖାର ସମସ୍ତ କାର୍ଯ୍ୟ ଭୁବନେଶ୍ୱର ପୂର୍ବାଞ୍ଚଳ ଶାଖାରେ ସମ୍ପାଦିତ ହେବ। ନୂତନ ମୁଖ୍ୟାଳୟ ବିହାର, ଝାଡ଼ଖଣ୍ଡ, ଓଡ଼ିଶା ଏବଂ ପଶ୍ଚିମବଙ୍ଗର ଅଡିଟ କାର୍ଯ୍ୟାଳୟଗୁଡ଼ିକୁ ତଦାରଖ କରିବ। ଯାହା ଚାରିଟି ରାଜ୍ୟରେ ଅଡିଟ କାର୍ଯ୍ୟକଳାପର ଅଧିକ ସମନ୍ୱୟ ଏବଂ ଉତ୍ତମ ତଦାରଖ କରିବାକୁ ସକ୍ଷମ କରିବ। ଏହି ପଦକ୍ଷେପକୁ ଦାୟିତ୍ୱ ବୃଦ୍ଧି ଏବଂ ସାର୍ବଜନୀନ ଆର୍ଥିକ ପରିଚାଳନାର ଗୁଣବତ୍ତା ଉନ୍ନତ କରିବା ଦିଗରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ଭାବରେ ଦେଖାଯାଉଛି।

■ ମଦ ଦୋକାନୀଙ୍କଠାରୁ ମାସିକିଆ ଲାଞ୍ଚ ଆଦାୟ ଘଟଣା

## ପ୍ରାକ୍ତନ ଇନ୍ସପେକ୍ଟରଙ୍କ ଆବେଦନ ହାଇକୋର୍ଟରେ ଖାରଜ

କଟକ,୧୧।୧୨(ସମିସ): ଜନୈକ ମଦ ଦୋକାନୀଙ୍କ ଠାରୁ ମାସିକିଆ ଚାନ୍ଦା ଆକାରରେ ୫୦ହଜାର ଟଙ୍କା ଲାଞ୍ଚ ଗ୍ରହଣ ଅଭିଯୋଗରେ ହୋଇଥିବା ମାମଲାରେ ଅଭିଯୁକ୍ତ ପ୍ରାକ୍ତନ ବାଲେଶ୍ୱର ଜିଲ୍ଲା ଚାନ୍ଦିପୁର ଥାନା ଆଇଆଇସି ଗଣେଶ୍ୱର ପ୍ରଧାନଙ୍କ ଅଡୁଆ ବଢ଼ିଛି। ଏହି ମାମଲାରୁ ମୁକ୍ତ ପାଇଁ କରିଥିବା ଆବେଦନକୁ ନିମ୍ନ ଅଦାଲତଙ୍କ ଖାରଜ ନିର୍ଦ୍ଦେଶ ବିରୋଧରେ ରୁଜୁ ଆବେଦନକୁ ହାଇକୋର୍ଟ ମଧ୍ୟ ଖାରଜ କରିଦେଇଛନ୍ତି। ଗଣେଶ୍ୱର ପ୍ରଧାନଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ଚିତ୍ତରଂଜନ ଦାଶ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ତଦନ୍ତ ସମୟରେ ରେକର୍ଡ ହୋଇଥିବା ଏତଲା ଏବଂ ସାକ୍ଷୀଙ୍କ ବୟାନକୁ ଅନୁଧ୍ୟାନ କରିବା ପରେ ଏହା ସ୍ପଷ୍ଟ ହୋଇଥିଲା ଯେ ଆବେଦନକାରୀ ହିଁ ଅଭିଯୋଗକାରୀଙ୍କୁ ତାଙ୍କ ମଦ ଦୋକାନ ଚଳାଇବା ପାଇଁ ପ୍ରତି ମାସରେ ପଚାଶ ହଜାର ଟଙ୍କା ଏଏସଆଇଙ୍କ ହାତରେ ଦେବାକୁ କହିଥିଲେ। ମାମଲାରୁ ପ୍ରକାଶ ଯେ ଗତ ୨୦୨୩ ଜୁଲାଇରେ ସମ୍ପୃକ୍ତ ଅଭିଯୋଗକାରୀ ମଦ ଦୋକାନୀଙ୍କଠାରୁ ୫୦ ହଜାର ଟଙ୍କା ଲାଞ୍ଚ ସେହି ସମୟରେ ଚାନ୍ଦିପୁର ଥାନାରେ ଏଏସଆଇ ଥିବା ପ୍ରଦୀପ କୁମାର ମହାନ୍ତି ଗ୍ରହଣ କରିଥିଲେ। ଭିଜିଲାନ୍ସ ପକ୍ଷରୁ ଉଭୟ ଆଇଆଇସି ଓ ଏଏସଆଇଙ୍କ ବିରୋଧରେ ମାମଲା ହୋଇଥିଲା। ତେବେ ଏହି ମାମଲାରେ ସମ୍ପୃକ୍ତି ନଥିବା ଦର୍ଶାଇ ଆବେଦନାକରୀ ବାଲେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତରେ ଡିସଚାର୍ଜ ଆବେଦନ କରିଥିଲେ ହେଁ ତାହା ଖାରଜ ହେବାରୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଓଡ଼ିଶାର ୩୫...

ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ନୂଆକରି ନାଗରିକତା ପାଇଥିବା ନବରଙ୍ଗପୁର ଜିଲ୍ଲାର ବାସିନ୍ଦାଙ୍କୁ ଆଶ୍ୱାସନା ଦେଇ କହିଥିଲେ ଯେ, ଆପଣମାନଙ୍କୁ ନାଗରିକତା ପ୍ରମାଣପତ୍ର ମିଳିଲା। ଭାରତର ନାଗରିକ ଭାବେ ସମସ୍ତ ସୁବିଧା ସୁଯୋଗ ପାଇବେ, ଭୂମିହୀନଙ୍କୁ ଭୂମି ପ୍ରଦାନ କରାଯିବ ଏବଂ ଆବଶ୍ୟକସ୍ଥଳେ ଜାତି ପ୍ରମାଣପତ୍ର ମଧ୍ୟ ଯୋଗାଇ ଦିଆଯିବ। ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ ଯେ ଦେଶ ସ୍ୱାଧୀନତା ପରେ ନିଜ ଭିଟାମାଟିରେ ଶରଣାର୍ଥୀ ହୋଇ ରହିବା ଅତ୍ୟନ୍ତ କଷ୍ଟଦାୟକ । ଆଜି ଏହି ନାଗରିକତା ପ୍ରମାଣପତ୍ର ପ୍ରଦାନ ମାଧ୍ୟମରେ ଏଥିରୁ ସେମାନଙ୍କୁ ମୁକ୍ତି ମିଳିଛି ବୋଲି ସେ କହିଛନ୍ତି ।

### ସଞ୍ଜ ନଇଁଲେ...

ରହୁଥିବା ବେଳେ ଅନେକ ଜିଲ୍ଲାରେ ଶୀତଲହରୀ ସମ ପରିସ୍ଥିତି ସୃଷ୍ଟି ହୋଇଛି। ଦିନରେ ତାପମାତ୍ରା ସ୍ୱାଭାବିକ ରହୁଥିବା ବେଳେ ସଞ୍ଜ ନଇଁଲେ ପାରଦ ଖସିବା ସହ ଥଣ୍ଡାର ରାଜୁତି ଆରମ୍ଭ ହୋଇଯାଉଛି। ଯେତେ ରାତି ବଢୁଛି ସେତେ ଥଣ୍ଡାର ପ୍ରକୋପ ବଢିବା ସହ ଜାଡ଼ରେ ସାରା ରାଜ୍ୟ ଏବେ ଥରୁଛି। ଅନ୍ୟପଟେ ଗୁରୁବାର ଆଇଏମ୍‌ଡି ପକ୍ଷରୁ ପ୍ରକାଶିତ ବିସ୍ତାରିତ ପରିସର ଆକଳନରେ କୁହାଯାଇଛି ଯେ ଆସନ୍ତା ୨ ସପ୍ତାହ ପର୍ଯ୍ୟନ୍ତ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବ ନାହିଁ। ତେଣୁ ଓଡ଼ିଶାରେ ଦୁଇ ସପ୍ତାହ ପର୍ଯ୍ୟନ୍ତ ଶୀତ ଲହରୀ ସ୍ଥିତି ଜାରି ରହିବାର ସମ୍ଭାବନା ରହିଛି।

ଗତ ବର୍ଷ ରାଜ୍ୟରେ ଗୋଟିଏ ଦିନ ବି ଶୀତ ଲହରୀ (କୋଲ୍ଡ ୱେଭ୍) ସ୍ଥିତି ସୃଷ୍ଟି ହୋଇ ନ ଥିବା ବେଳେ ଚଳିତ ବର୍ଷ ଏବେ ସୁଦ୍ଧା ୯ ଦିନ ଶତ ଲହରୀ ସ୍ଥିତି ସୃଷ୍ଟି ହୋଇସାରିଛି। ଚଳିତ ବର୍ଷ ଡିସେମ୍ବର ମାସରେ ୬ ଦିନ 'କୋଲ୍ଡ ୱେଭ୍' ସ୍ଥିତି ସୃଷ୍ଟି ହୋଇଥିବା ବେଳେ ନଭେମ୍ବରରେ ମଧ୍ୟରେ ୩ ଦିନ କୋଲ୍ଡ ୱେଭ୍ ହୋଇଛି। ଆଗାମୀ ୨ ସପ୍ତାହ ଶୀତ ଲହରୀ ସ୍ଥିତି ପାଇଁ ପାଗ ଅନୁକୂଳ ରହିଥିବାରୁ ଏହି ସଂଖ୍ୟାରେ ଆହୁରି ବୃଦ୍ଧି ନେଇ ଆକଳନ କରାଯାଉଛି। ପୂରା ଶୀତ ଋତୁରେ ଅର୍ଥାତ ଅକ୍ଟେମ୍ବର ଶେଷରୁ ଜାନୁଆରୀ ଶେଷ ମଧ୍ୟରେ ୫-୬ ଦିନ କୋଲ୍ଡ ୱେଭ୍ ସ୍ଥିତି ସୃଷ୍ଟି ହୋଇଥାଏ। ହେଲେ ଚଳିତ ବର୍ଷ ଡିସେମ୍ବର ପ୍ରଥମ ସପ୍ତାହରୁ ଏହି ସଂଖ୍ୟା ୯ ରେ ପହଞ୍ଚି ସାରିଥିବାରୁ ସାରା ରାଜ୍ୟରେ ଲୋକେ ଶୀତରେ କଲବଲ ହେଉଛନ୍ତି।

ଅନ୍ୟପଟେ ଶୀତ ଆକଳନକୁ ନେଇ ଏଥର ଡବ୍ଲୁଏମ୍‌ଓ ଓ ଆଇଏମ୍‌ଡି ଫେଲ୍ ମାରିଛନ୍ତି। ସାଧାରଣତଃ ଲା-ନିନା ବର୍ଷରେ ଶୀତ ଅଧିକ ହେବାର ସମ୍ଭାବନା ଥିବାରୁ ଏବର୍ଷ ଶୀତ ଅଧିକ ପରିବର୍ତ୍ତେ କମ୍ ରହିବ ବୋଲି ଏହି ଦୁଇ ସଂସ୍ଥା ଆକଳନ କରିଥିଲେ। ଦେଶରେ ଉତ୍ତର ଭାରତରେ ସାଧାରଣତଃ ଶୀତ ଅଧିକ ରହେ। ସେଠାରୁ ରାଜ୍ୟକୁ ଆସୁଥିବା ଶୁଷ୍କ ଓ ଥଣ୍ଡା ବାୟୁ ଦ୍ୱାରା ରାଜ୍ୟରେ ଶୀତ ବଢ଼େ। ମାତ୍ର ଆଇଏମ୍‌ଡି ଆକଳନ ଅନୁଯାୟୀ ଉତ୍ତର ଭାରତରେ ଚଳିତ ବର୍ଷ ଅପେକ୍ଷାକୃତ ଶୀତ କମ୍ ରହିଛି। ହେଲେ ସେଠାରୁ ଆସୁଥିବା ସ୍ୱାଭାବିକ ବାୟୁ ଦ୍ୱାର ଓଡ଼ିଶା, ଛତିଶଗଡ଼ ଓ ମଧ୍ୟପ୍ରଦେଶ ଆଦି ରାଜ୍ୟରେ ଶୀତ ଅଧିକ ରହୁଛି। ଏହାକୁ ନେଇ ଆଇଏମ୍‌ଡି ସମେତ ଅନ୍ୟ ପାଣିପାଗ ବିଜ୍ଞାନୀମାନେ ମଧ୍ୟ ଦ୍ୱନ୍ଦରେ ପଡ଼ିଛନ୍ତି। ତେବେ ରାଜ୍ୟରେ ୧୩-୧୭ ମଧ୍ୟରେ ଅଧିକାଂଶ ଅଞ୍ଚଳରେ କୁହୁଡ଼ି ପାଇଁ ପାଗ ଅନୁକୂଳ ରହୁଛି। ଏହି ସମୟରେ ପୂର୍ବ ଦିଗରୁ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ଆସିବା ଦ୍ୱାରା କୁହୁଡ଼ି ବଢ଼ିବା ନେଇ ଆକଳନ କରାଯାଉଛି।

### ଶିମିଳିପାଳରେ...

ଅନୁଭୂତ ହେବାର ସମ୍ଭାବନା ରହିଛି ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି। ଶୀତ ଯୋଗୁଁ ସନ୍ଧ୍ୟା ସମୟରେ ରାସ୍ତାଘାଟ ଜନଶୂନ୍ୟ ହୋଇଯାଉଛି। ଶୀତରୁ ବର୍ତ୍ତିବା ପାଇଁ ସ୍ଥାନେ ସ୍ଥାନେ ଲୋକେ ନିଆଁ ଜାଳି ଘଣ୍ଟା ଘଣ୍ଟା ବସି ରହୁଥିବାର ଦେଖିବାକୁ ମିଳିଛି। ରାଇରଙ୍ଗପୁର ଉପଖଣ୍ଡରେ ମଧ୍ୟ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ରେକର୍ଡ କରାଯାଇଛି। ଏଥିଯୋଗୁଁ ଜନଜୀବନକୁ ଅସ୍ତବ୍ୟସ୍ତ ହୋଇପଡ଼ିଛି। ରାଇରଙ୍ଗପୁର ସମେତ ଯଶିପୁର, ଠାକୁରମୁଣ୍ଡା, କରଞ୍ଜିଆ, ରରୁଆଁ ଓ ଶୁକୁଳି ଆଦି ଅଞ୍ଚଳରେ ମଧ୍ୟ ତାପମାତ୍ରା ନିମ୍ନଗାମୀ ହୋଇ ୧୦ ଡିଗ୍ରୀ ଓ ତଳକୁ ଖସିଛି। ଶୀତ ପ୍ରକୋପରେ ବାମନଘାଟି ଓ ପାଞ୍ଚପିଢ଼ ଉପଖଣ୍ଡ ମଧ୍ୟ ଥରୁଛି।

### ୫ଟି ରାଜ୍ୟ...

ପୁଡୁଚେରୀ, ଲାକ୍ଷାଦୀପ, ରାଜସ୍ଥାନ ଓ ପଶ୍ଚିମବଙ୍ଗରେ ସମୟସୀମା ଗୁରୁବାର ହିଁ ଶେଷ ହୋଇଛି ଓ ଏହାର ଚୂଡାନ୍ତ ଭୋଟର ତାଲିକା ଡିସେମ୍ବର ୧୬ରେ ପ୍ରକାଶ କରାଯିବ। ଏହିସବୁ ରାଜ୍ୟରେ ସମୟସୀମାରେ ବୃଦ୍ଧି କରାଯାଇନାହିଁ।

ଏହା ପୂର୍ବରୁ କମିସନ କେରଳରେ ଶେଷ ତାରିଖକୁ ୧୧ରୁ ଡିସେମ୍ବର ୧୮ ତାରିଖକୁ ବୃଦ୍ଧି କରିଛନ୍ତି। ପୂର୍ବରୁ ନଭେମ୍ବର ୩୦ରେ ଏସ୍‌ଆଇଆର୍‌ର ସମୟସୀମାକୁ କମିସନ ଗୋଟିଏ ସପ୍ତାହ ବୃଦ୍ଧି କରିଥିଲେ। ସେତେବେଳେ କମିସନ କହିଥିଲେ ଯେ, ଚୂଡାନ୍ତ ମତଦାତା ସୂଚୀ ୨୦୨୬ ଫେବୃଆରୀ ୧୪ରେ ପ୍ରକାଶିତ ହେବ। ଭୋଟର ହଟାଇବା କିମ୍ବା ସାମିଲ କରିବା ପାଇଁ ଗଣନା ଅବଧି କିମ୍ବା ଭୋଟର ଯାଞ୍ଚ୍ ଏବେ ଡିସେମ୍ବର ୧୧ ପର୍ଯ୍ୟନ୍ତ ଚାଲିବ। ପୂର୍ବରୁ ଏହା ଡିସେମ୍ବର ୪ ପର୍ଯ୍ୟନ୍ତ ସ୍ଥିର କରାଯାଇଥିଲା। ଚିଠାତାଲିକା ପ୍ରଥମେ ଡିସେମ୍ବର ୨ରେ ପ୍ରକାଶିତ ହେବାର ଥିଲା। କିନ୍ତୁ ଏବେ ଡିସେମ୍ବର ୧୬ରେ ପ୍ରକାଶିତ ହେବ। ଇତିମଧ୍ୟରେ କମିସନ କହିଛନ୍ତି ।।ଯେ ମୃତ୍ୟୁ ଯୋଗୁଁ ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ଭୋଟରଙ୍କ ସୂଚୀ ରାଜନୈତିକ ଦଳଗୁଡିକୁ ଦିଆଯିବ।

### ୱାଟକୋ ପାଇପ...

ପକ୍ଷରୁ ପିଏଚ୍‌ଡି ପାଇପ ମରାମତି କାର୍ଯ୍ୟ ଜାରି ରହିଛି। ମରାମତି କାର୍ଯ୍ୟ ପାଇଁ ୱାଟ୍‌କୋ ଶିବଶକ୍ତି ଠିକାସଂସ୍ଥାକୁ ଦାୟିତ୍ୱ ଦେଇଛି। ଭତରା ମେଡିକାଲରୋଡ୍ ପାଖରେ କୁବେରଙ୍କ ଖଳା ରହିଛି। ଖଳାରୁ କିଛି ଦୂରରେ ଶିବଶକ୍ତି ଠିକା ସଂସ୍ଥା ଗୋଟାଏ ସ୍ଥାନରେ ପ୍ରାୟ ମାସେ ହେଲାଣି ମରାମତି କାର୍ଯ୍ୟ ଜାରି ରଖିଛି। ଉକ୍ତ ପଏଣ୍ଟରେ ୩ଥର ଚାବି ପରିବର୍ତ୍ତନ କରାଗଲାଣି। କୁବେର ମଧ୍ୟ ପିଏଚ୍‌ଡି ବିଭାଗରେ କାମ କରୁଥିଲେ। ତେଣୁ ଠିକା ସଂସ୍ଥା ମରାମତି କାମ ଠିକ ଭାବେ କରୁନଥିବା ମଧ୍ୟ କହିଥିଲେ। ପାଖରେ ଖଳା ରହିଛି ପାଇପ ଫାଟିଲେ ଧାନ ନଷ୍ଟ ହେବ ବୋଲି ପୂର୍ବରୁ ଠିକାସଂସ୍ଥାକୁ ଜଣାଇଥିଲେ। କିନ୍ତୁ ବୁଧବାର ବିଳମ୍ବିତ ରାତିରେ ପାଇପ ଫାଟି ସକାଳ ପର୍ଯ୍ୟନ୍ତ ପାଣି ବୋହି ଶୁଖାଯାଇଥିବା ଧାନ ଓଦା ହୋଇ ପୂରା ନଷ୍ଟ ହୋଇଯାଇଛି।

ସୂଚନାଯୋଗ୍ୟ, ଋଣ କରି କୁବେର ଏଥର (ନିଜର ୪ ଏକର ଓ ଅନ୍ୟର ୪ ଏକର) ମୋଟ ୮ ଏକର ଚାଷ କରିଥିଲେ। ୬ ଦିନ ହୋଇଛି ଧାନ କାଟି ନିଜ ଖଳାକୁ ଆଣି ଶୁଖାଇଛନ୍ତି। ଧାନ ଓଦା ଥିଲେ ମିଲରମାନେ କାଟିବେ, ତେଣୁ ଶୁଖିଲା ଧାନ ବିକିବା ପାଇଁ ଖଳାରେ ରଖିଥିଲେ। ତିନିଶହ ବସ୍ତାରେ ଥିବା ବେଳେ ଅନ୍ୟ ସମସ୍ତ ଧାନ ଶୁଖାଯାଇଥିଲା। ଟୋକନ ମଧ୍ୟ ଆସି ସାରିଛି। ଆସନ୍ତା ୧୯ ତାରିଖରେ ମାନେଶ୍ୱର ମାର୍କେଟ୍ ୟାର୍ଡରେ ଧାନ ଦେବାର ରହିଥିଲା। କିନ୍ତୁ ଏବେ ଧାନ ଜଳମଗ୍ନ ହୋଇ ରହିଛି। କେତେ ବସ୍ତା ଧାନ ପାଣି ସୁଅରେ ଭାସି ମଧ୍ୟ ଗଲାଣି। ଏହି ଧାନ ଶୁଖିବା ପାଇଁ ଏବେ ୧୫ ଦିନରୁ ଅଧିକ ସମୟ ଲାଗିବ। ସେପଟେ ବସ୍ତାରେ ରଖା ଯାଇଥିବା ଧାନ ମଧ୍ୟ ସମ୍ପୂର୍ଣ୍ଣ ଓଦା ହୋଇଯାଇଛି। ଫଳରେ କୁବେର ସେହି ଧାନକୁ ନେଇ କଣ କରିବେ ବୋଲି ଚିନ୍ତାରେ ପଡ଼ି ଯାଇଛନ୍ତି। ୱାଟକୋର ଭୁଲ ଯୋଗୁଁ କୁବେର ଲକ୍ଷାଧିକ ଟଙ୍କାର କ୍ଷତି ସହିବେ। ପରିବାରରେ କୁବେରଙ୍କୁ ମିଶାଇ ୪ ଜଣ ସଦସ୍ୟ। ଧାନ ଚାଷ କରି ପରିବାର ଭରଣାପୋଷଣ କରିଥାନ୍ତି। ଏବେ ବର୍ଷଯାକର ସମ୍ପତ୍ତି ଠିକା ସଂସ୍ଥା ପାଇଁ ଉଜୁଡ଼ିଗଲା। ସେପଟେ ପାଣି ପାଇପ ମରାମତି କରୁଥିବା ଠିକା ସଂସ୍ଥା ନିଜ ମୁଣ୍ଡରୁ ଦୋଷ ଖସାଇବାକୁ ଚେଷ୍ଟା କରୁଛି। ଠିକା ସଂସ୍ଥାର ସୁପରଭାଇଜର୍ ପ୍ରଶାନ୍ତ ଡେଙ୍ଗ ସବୁ ୱାଟ୍‌କୋର ଦୋଷ ବୋଲି କହି ଖସି ଯିବାକୁ ଉଦ୍ୟମ କରିଛନ୍ତି। ୱାଟକୋ ଅଧିକାରୀଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

### ମୋକିମ୍ ଝଡ଼...

ସେହିପରି ଖଡ୍‌ଗେଙ୍କ ବୟସକୁ ନେଇ ପ୍ରଶ୍ନ କରିବା ଓ ରାହୁଲଙ୍କୁ ଦେଖା ନ କରିପାରିବା ପ୍ରସଙ୍ଗକୁ ମଧ୍ୟ ସେ ପସନ୍ଦ କରିନାହାନ୍ତି। ରାହୁଲ ଗାନ୍ଧୀ ସାରା ଦେଶ କଥା ବୁଝୁଛନ୍ତି, ମୁଁ ତାଙ୍କୁ ଲେଖିଥିବା ଚିଠିର ଉତ୍ତର ପାଇଛି। ତେଣୁ ଏହାକୁ ଏକ ଇସ୍ୟୁ କରିବା ବେକାର କଥା ବୋଲି ଜୟଦେବ କହିଛନ୍ତି।

ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ କହିଛନ୍ତି ଯେ ମୋକିମ ଏପରି କାର୍ଯ୍ୟ କରି ନିଜ ଝିଅ କ୍ୟାରିୟରକୁ ନଷ୍ଟ କରୁଛନ୍ତି। ସେ ତାଙ୍କର ବେପାର କରନ୍ତୁ କି ନୂଆ ଦଳ କରିବାର ଥିଲେ କରନ୍ତୁ। ଯଦି ଚିଠି ଲେଖିଲେ, ତାହା ପଦାକୁ ଆସିଲା କାହିଁକି ? ମୋକିମ ଯାହା କହିବା କଥା ହାଇକମାଣ୍ଡଙ୍କୁ କୁହନ୍ତୁ। ମତେ ବି ଦଳ ଧୋକା ଦେଇଥିଲା, ମାତ୍ର ମୁଁ କଂଗ୍ରେସର କ୍ଷତି କରିନାହିଁ। ଉଭୟ ନେତା ଆଉ ବ୍ୟକ୍ତିଗତ ଲଢେଇ କରନ୍ତୁ ନାହିଁ, କଂଗ୍ରେସର କ୍ଷତି କରନ୍ତୁ ନାହିଁ ବୋଲି ସେ କହିଛନ୍ତି। ତେବେ ଏହି ବିବାଦ ସହ ପିସିସି କୋଷାଧ୍ୟକ୍ଷ ସିଦ୍ଧାର୍ଥ ସ୍ୱରୂପ ଦାସ ବିଧାୟକ ରମେଶ ଜେନାଙ୍କ ବିରୋଧରେ ଥାନାରେ ଏତଲା ଦେଇଥିବାରୁ ତାହା ମଧ୍ୟ ଅନ୍ୟ ଏକ ଦିଗକୁ ଇଙ୍ଗିତ କରିଛି। ଅନେକ ଯୁବ ନେତା ଭକ୍ତଙ୍କ ସମୟରେ ଅସନ୍ତୋଷ ରହିଥିବା ସହ ଯେଉଁମାନେ ନିଲମ୍ବିତ ହୋଇଥିଲେ ସେମାନେ ମଧ୍ୟ ଏବେ ମୁହଁ ଖୋଲିବା ଆରମ୍ଭ କରିଛନ୍ତି। ପିସିସି ସଭାପତି ଭକ୍ତ ଦାସଙ୍କ କାର୍ଯ୍ୟଶୈଳୀ ଉପରେ ଦଳର ଗୋଟିଏ ଗୋଷ୍ଠୀ ଅସନ୍ତୋଷ ପ୍ରକାଶ କରି ପ୍ରଶ୍ନ ଉଠାଉଛନ୍ତି। ତେବେ ମୋକିମ ଚିଠି ଦେବା ତରିକାକୁ ବିରୋଧ କରାଯାଇଛି। ହାଇକମାଣ୍ଡ କିପରି ମୋକିମ ଓ ଭକ୍ତଙ୍କ କଳିର ସମାଧାନ କରୁଛନ୍ତି, ତା ଉପରେ କଂଗ୍ରେସ ନେତାଙ୍କ ନଜର ରହିଛି।

CAD-2661
ଜିଲ୍ଲା ପରିଷଦ, କନ୍ଧମାଳ
ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ
ଓଡିଶା ସରକାର
ZILLA PARISHAD, KANDHAMAL
Panchayati Raj & Drinking Water Department
Government of Odisha

Tender Call Notice No. 561/Date 10.12.2025
TENDER CALL NOTICE

For and on behalf of Govt. of Odisha the undersigned invites sealed tenders in duplicate super scribing the tender notice number and date from reputed potential suppliers, tent houses and electrical decorators to take up the tent and allied work of Kandhamal Mahotsav and Pallishree Mela-2026 to be held at Kandhamal Stadium, Phulbani for the period from 7th to 11th Jan, 2026.

The detailed Tender Call Notice and Tender Document can be seen and downloaded from www.kandhamal.odisha.gov.in.

The authority reserves the right to reject any or all the bids without assigning any reason thereof.

OIPR-19273/11/0005/2526
CDO-cum-EO,
Zilla Parishad, Kandhamal

**AFFIDAVIT**
By virtue of an affidavit sworn before Executive Magistrate, Rayagada, No. 1128 dated 11.12.2025, I, Sangyabati Sahu, aged about 21 years, D/o - Kshiradri Sahu, permanent resident of Tikira, PO - Seriguma, PS/Block - Kalyansinghpur, Dist - Rayagada, 765017, Odisha, declare that I have changed my name from N. Sagyan Bati to Sangyabati Sahu. Henceforth, I shall be known as **Sangyabati Sahu** for all purposes.

**AFFIDAVIT**
I, Devasmita Das, aged about 37 years, W/o- Bijoya Kumar Mohanty, resident of At/po- Barapada, Ps- Alakund, Dist- Jajpur, Odisha, Pin- 755004, do hereby declare by this affidavit No. 2501, dtd- 11/12/2025, that now onwards I shall be known as **DEBASMITA MOHANTY** for all future purposes.

**AFFIDAVIT**
By virtue of an affidavit sworn before the Executive Magistrate, Nandapur, no. 108, dated. 10.12.2025, I Bhanu Pangi, D/o - Lachhana Hantal, W/o - Ramesh Pangi, currently residing at Vill - Tading, PO - Chatwa, PS - Padwa, Dist - Koraput, declare that BHANU HANTAL and BHANU PANGI is one and same person. Henceforth I shall be known as **BHANU PANGI** for all purposes.

**AFFIDAVIT**
By virtue of an affidavit sworn before the Notary Public, Borigumma, Dist - Koraput, affidavit no. 2202, dated 09.12.2025 I, Najarita Tara, W/o – Suresh Tara, Residences of – Hardaput, PO – Hardaput, PS – Borigumma, Dist - Koraput, Odisha, Pin – 764055 state that my Son Rihan Tara and Akhil Tara is one and same person. Henceforth, he shall be known as **Rihan Tara** for all purposes.
Sd/- Najarita Tara

**AFFIDAVIT**
By virtue of an affidavit sworn before the Notary Public, Sonepur, I, Narasing Prasad Dash, Vill.: Bijepur, P.O.: Hikudi, P.S.: Birmaharajpur, District– Subarnapur, Odisha, do hereby declare that my correct and actual name is "Narasing Prasad Dash" but it wrongly mentioned as Nrusingha Prasad Dash in my Aadhar card & Narsingha Prasad Dash in my sons Aadhar card. That "Narasing Prasad Dash", "Nrusingha Prasad Dash" & "Narsingha Prasad Dash" is one and the same person i.e. myself.

**AFFIDAVIT**
By virtue of an affidavit sworn before Executive Magistrate, Komna dated 08.12.2025 I, Prema Rana, Address – At/Po- Bhela, P.S-Komna, Dist. Nuapada, Odisha, PIN – 766106 declare that I have changed my name from Michha Rana to Prema Rana. Henceforth, I shall be known as Prema Rana for all purpose.
Sd/- Prema Rana

**AFFIDAVIT**
By virtue of an affidavit sworn before Executive Magistrate kanas, No-4458, dated 10/12/2025 I, Sri Sanjay Kumar Jena, resident of At- Nabada, Po- Khandahata, Block- Kanas, Ps- Gadisagoda, Dist- Puri, Odisha, Pin- 752017 declare that I have changed the name of my daughter from **Kritimaye Jena to Samrudhi Jena.** Henceforth, she shall be known as **Samrudhi Jena** for all purposes.
**Sanjay Kumar Jena**

**ନାମ ପରିବର୍ତ୍ତନ**
ମୁଁ ସେକ୍ ବେଲାଲ (**SK Belal**) ବୟସ ୩୫ବର୍ଷ, ପିତା- ଏସକେ ଇଜାର, ଗ୍ରାମ/ପୋ-ଗୋଲାଡ଼ିଆ, ଥାନା-ଚାନ୍ଦବାଲି, ଜିଲ୍ଲା-ଭଦ୍ରକ, ଏହିକି ମୋର ଆଧାର କାର୍ଡ଼ରେ ମୋର ନାମ ସେକ ବେଲାଲ (ଏସକେ ବେଲାଲ) ଉଲ୍ଲେଖ ଥାଇ ଏଲ୍‌ଆଇସି ପଲିସି ବଣ୍ଡ ନଂ-୫୮୭୩୭୬୫୯୧ ରେ ମୋର ନାମ ଏସକେ ବେଲାଲ ପରିବର୍ତ୍ତେ ଏସକେ ଗୁଲଜାର ବୋଲି ଉଲ୍ଲେଖ ଅଛି । ଏଗ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ କନିକାଙ୍କ ନିକଟରେ ଏଫିଡେଭିଟ୍ ନଂ- ୬୬୦୯, ତା- ୦୧/୧୨/୨୦୨୫ ବଳରେ ମୁଁ ଏବେ ମୋର ସମସ୍ତ ଦରକାରୀ କାଗଜପତ୍ରରେ ସେକ୍ ବେଲାଲ (ଏସକେ ବେଲାଲ), ପିତା- ଏସକେ ଇଜାର, ନାମରେ ପରିଚିତ ହେବି ।

**AFFIDAVIT**
By virtue of an affidavit before the Notary Public, Titilagarh, on dated: 09/12/2025. I, **Sanjukta Sahu** (applicant name), W/o- Subodh Sahu, permanent resident of AT- Hatpadapara, Titilagarh, PO/PS- Titilagarh, Dist- Balangir, (Odisha), PIN- 767033 now residing at the same place declare that I have changed my minor daughter's name from **Shidi Sahu** (old name) to **Shiddhi Rani Sahu** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she shall be known as **Shiddhi Rani Sahu** (new name) for all future purposes.
**Sanjukta Sahu**

**AFFIDAVIT**
By virtue of an affidavit sworn before Notary Public, Bhubaneswar, dated- 09/12/2025, I, **Satujoda Venkataramana Patnaik,** Address: Flat No. C-2/308A, Nadiabada Street, Po/Ps: Jeypore, Dist: Koraput, Odisha, Pin: 764001 declare that I have changed my name from **S V R Patnaik** to **Satujoda Venkataramana Patnaik.** Henceforth, I shall be known as **Satujoda Venkataramana Patnaik** for all purposes.
**Satujoda Venkataramana Patnaik**

**Tender Notice**
GSSS invites quotations from reputed and experienced service providers for Pond Desilting and Toilet Construction work . Interested firms are requested to submit their Expression of Interest (EOI) to receive the detailed BOQ /RFQ by emailing procurement@igsss.net within 5 days. For more information, **please contact 9711387171 / 8984983103**

ADMISSION NOTICE-2025-26
**Manjari Devi College**
Affiliated to Utkal University, OUHS, PCI, OSBP & DMLT/RTEB
Campus:
262, Puranpadhan, Balakati, Bhubaneswar
Mob. 7019799641, 7978608747, 9853801459
Email: mdscnbbsr@gmail.com
• **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
• **D. Pharm** Rs. 48,000/- P.A. Eligibility: +2 Sc. (PCB/M)
• **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
• **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
• **M.P.H.** Rs. 42,000/- P.A. Eligibility: Any Graguate
ALL COURSE FEES ARE EXCLUDING HOSTEL

TPWODL
**TP WESTERN ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017
**NOTICE INVITING TENDER**
**Tender Notice No. TPWODL/IA/O/SITC/2500001107**
TP Western Odisha Distribution Limited, invites tender quotations (in 2part bidding) from eligible vendors for the following package :
**Rate Contract for Electrification of households through solar PV standalone system with AMC for 5 years.**
Interested bidders are to submit Tender Participation Fee and Authorization Letter through email on or before **19th Dec. 2025, 15:00Hrs.**, after which the link from e-Tender system shall be shared with them.
For detailed tender documents of the above-mentioned tender, please visit Tender section of **www.tpwesternodisha.com.** All details for participating in tender is given in the tender document.
All future correspondence regarding the tender, bid submission, date extension etc. will take place with the participating bidders only through E-Tender system.
Sd/- **Head- Contracts & Procurement**

CAD-2655
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
ଆକାଶ ଶୋଭା ବିଲ୍ଡିଂ,
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ପତ୍ର ସଂଖ୍ୟା 23889 /ଭୁ.ଉ.କ.,ଭୁବନେଶ୍ୱର ତା 04.12.2025 ରିଖ
CPDCP-283/94
**ସୂଚନା**
ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଡିଷ୍ଟ୍ରିକ୍ଟ ସେଣ୍ଟର ସେଲ୍ଫ ଫାଇନାନସିଂ କମର୍ସିଆଲ କମ୍ପ୍ଲେକ୍ସ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ଅନ୍ତର୍ଗତ ପ୍ଲଟ୍ ନଂ-84 କୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୧୭୬୧/ଏ.ଏଲ୍ ତା-୨୨.୦୨.୨୦୦୬ ରିଖ ଅନୁଯାୟୀ ତୃତୀୟପକ୍ଷ ଅନ୍ତରଣ ଆଧାରରେ (୧) ଶ୍ରୀମତୀ ଅନୀମା ଜେନା, ସ୍ୱାମୀ–ନନ୍ଦ କିଶୋର ଜେନା ଓ (୨) ସନ୍ଧିତ ସ୍ୱରୁପ ଜେନା, ପିତା– ନନ୍ଦ କିଶୋର ଜେନା, ଗ୍ରାମ-ବାଗରୁଖି, ପୋଷ୍ଟ-ବୈଟିପୁର, ଥାନା- ଜଳେଶ୍ୱର, ଜିଲ୍ଲା-ବାଲେଶ୍ୱର ଙ୍କ ନାମରେ ଆବଣ୍ଟନ ପରିବର୍ତ୍ତନ କରାଯାଇଅଛି ।
ଆବଣ୍ଟନଗ୍ରାହୀ ସନ୍ଧିତ ସ୍ୱରୁପ ଜେନା ଙ୍କର ଗତ ତା-୧୪.୧୦.୨୦୧୪ ରିଖରେ ମୃତ୍ୟୁ ବରଣ କରିଅଛନ୍ତି । (**Death certificate Registration No. 11/2014-15** dated 28.10.2014. **Legal heir certificate Misc.Case No. e-LHC/530 of 2019 dated 30.10.2019** ଅନୁଯାୟୀ ସନ୍ଧିତ ସ୍ୱରୁପ ଜେନାଙ୍କର ଉତ୍ତରାଧିକାରୀ (୧) ନନ୍ଦ କିଶୋର ଜେନା (ପିତା) ଓ ଅନୀମା ଜେନା (ମା) ଅଟନ୍ତି ।
ବର୍ତ୍ତମାନ (୧) ନନ୍ଦ କିଶୋର ଜେନା ଓ ଅନୀମା ଜେନା ସେମାନଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।
ଏଣୁ ଉକ୍ତ ପ୍ଲଟ୍‌ର ମାଲିକାନାସତ୍ୱ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ କରିବାପାଇଁ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ସୂଚନା ପ୍ରକାଶନର ପନ୍ଦର(୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ସତ୍ୱ ନନ୍ଦ କିଶୋର ଜେନା ଓ ଅନୀମା ଜେନାଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ ଆଇନ ଅନୁଯାୟୀ ସଂପାଦନ କରାଯିବ ।
ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
OIPR-13033/11/0415/2526

### ରବି ଋତୁ ପାଇଁ ଜିଲ୍ଲାସ୍ତରୀୟ କୃଷି ନିର୍ଦ୍ଧାରଣ କମିଟି ବୈଠକ

# ୧.୧୯ ଲକ୍ଷ ହେକ୍ଟର ଜମିରେ ଧାନ ଓ ଅଣ ଧାନ ଚାଷ ଲକ୍ଷ୍ୟ

**ବାରିପଦା,୧୧।୧୨(ସମିସ):**

ବାରିପଦା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଆଗାମୀ ରବି ଋତୁ ପାଇଁ ଜିଲ୍ଲାସ୍ତରୀୟ କୃଷି ନିର୍ଦ୍ଧାରଣ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ



## ୧୯ ହଜାର କ୍ୱିଣ୍ଟାଲ ମାଣ୍ଡିଆ କ୍ରୟ ଲକ୍ଷ୍ୟ

ବୈଠକରେ ବାରିପଦା ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ା ଓ ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଟଙ୍କଧର କାଲୋ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଲୋକନାଥ ମିଶ୍ର ବୈଠକର ଆଭିମୁଖ୍ୟ ଏବଂ ପୂର୍ବବର୍ଷ ଓ ଚଳିତ ବର୍ଷର ଖରିଫ ଓ ରବି ଋତୁ ଫସଲର ଏକ ତୁଳନାତ୍ମକ ବିବରଣୀ ଦେଇଥିଲେ। ସୂଚନା ଥାଉକି, ଖରିଫ ଋତୁରେ ୨୦୨୫-୨୬ ସମୟରେ ୨ ଲକ୍ଷ ୯୨ ହଜାର ୮୬୦ ହେକ୍ଟର ଚାଷ ଜମିରେ ଧାନ ଏବଂ ୧ ଲକ୍ଷ ୧୩ ହଜାର ୭୬୦ ହେକ୍ଟର ଅଣଧାନ ଫସଲ ଅଧୀନରେ ସମୁଦାୟ ୪ ଲକ୍ଷ ୬ ହଜାର ୬୨୦ ହେକ୍ଟର ଜମିରେ ଚାଷ କାର୍ଯ୍ୟ କରାଯାଇଥିଲା। ସେହିପରି ୨୦୨୫-୨୬ ରବି ଋତୁରେ ଜିଲ୍ଲାରେ ଚଳିତ ବର୍ଷ ୧ ଲକ୍ଷ ୧୯ ହଜାର ୬୦ ହେକ୍ଟର ଚାଷ ଜମିରେ ଧାନ ଓ ଅଣ ଧାନ ଚାଷ କରାଯିବା ନେଇ ଲକ୍ଷ୍ୟ ରଖାଯାଇଛି ବୋଲି ଉଲ୍ଲେଖ କରିଥିଲେ। ସେଥିରୁ ଜଳସେଚିତ ୧ଲକ୍ଷ ୭୨୪ ହେକ୍ଟର ଓ ୧୮ ହଜାର ୩୩୬ ହେକ୍ଟର ଅଣ ଜଳସେଚିତ ଜମିରେ ଏହି ଚାଷ ହେବା ନେଇ ଲକ୍ଷ୍ୟ ରଖାଯାଇଛି। ଚଳିତ ବର୍ଷ ହାଲୁକା ଏବଂ ମଧ୍ୟମ କିସମ ଫସଲର ବିଭିନ୍ନ ଉତ୍ସ ପାଇଁ ଜଳସେଚନର ସର୍ବୋଚ୍ଚ ଉପଯୋଗରେ ଗୁରୁତ୍ୱ ଦିଆଯିବ। ତତ୍‌ସହିତ ଡାଲି ଏବଂ ତୈଳବୀଜ ଉତ୍ପାଦନ ଉପରେ ଧ୍ୟାନ ଦେବା ପାଇଁ ଉପଯୁକ୍ତ ପଦକ୍ଷେପ ନିଆଯିବ।

କମ୍ପୋଷ୍ଟ, ବାୟୋ-ସାର ଏବଂ ଅନ୍ୟାନ୍ୟ ଜୈବ ଇନ୍‌ପୁଟ ବ୍ୟବହାର କରି ଜୈବିକ ଚାଷ ଦ୍ୱାରା ମୃତ୍ତିକାର ସ୍ୱାସ୍ଥ୍ୟ ବଜାୟ ରହିବ ଏବଂ ଉଚ୍ଚ ଉତ୍ପାଦନ ସ୍ତର ବଜାୟ ରହିବ ବୋଲି ବୈଠକରେ ନିଷ୍ପତ୍ତି ନିଆଗଲା। ପ୍ରଦର୍ଶନ ତାଲିମ, କ୍ଷେତ୍ର ପରିଦର୍ଶନ, ସଚେତନତା ଅଭିଯାନ ଏବଂ ଏକ୍ସପୋଜର ପରିଦର୍ଶନ ମାଧ୍ୟମରେ କୃଷି ପ୍ରଣାଳୀରେ ଟେକ୍ନୋଲୋଜି ସହ ଡିବିଟି ମୋଡ୍‌ରେ ଫାର୍ମ ଯନ୍ତ୍ରର ଲୋକପ୍ରିୟତା ବୃଦ୍ଧି କରାଯିବା ପାଇଁ ଚାଷୀମାନଙ୍କୁ ଉତ୍ସାହିତ କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ। ରବିଋତୁ ପାଇଁ ମୟୂରଭଞ୍ଜରେ ବାଣିଜ୍ୟିକ କୃଷିକୁ ଉତ୍ସାହିତ କରିବା ସହ ବିଶେଷକରି ପୁଞ୍ଜି ବିନିଯୋଗ ସବ୍‌ସିଡି ପ୍ରଦାନ କରି ବେରୋଜଗାର ଯୁବକମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଅଧୀନରେ ଥିବା ଉଦ୍ୟୋଗୀମାନେ ପର୍ଯ୍ୟାବରଣ ବନ୍ଧୁତ୍ୱ ପାଇଁ ଇଣ୍ଟିଗ୍ରେଟେଡ୍ ପୁଷ୍ଟିକର ପରିଚାଳନା, ଇଣ୍ଟିଗ୍ରେଟେଡ୍ କୀଟନାଶକ ପରିଚାଳନା ଏବଂ କୀଟନାଶକର ନିରାପଦ ବ୍ୟବହାର ପାଇଁ ଗୁରୁତ୍ୱ ଦିଆଯିବ। ଆଗାମୀ ରବି ଋତୁରେ ଗଚ୍ଛିତ ଭୂପୃଷ୍ଠ/ଭୂତଳ ଜଳର ପ୍ରଭାବଶାଳୀ ଉପଯୋଗ ପାଇଁ ବିଚାରଯୋଗ୍ୟ ଫସଲ ଯୋଜନା ପାଇଁ ସର୍ବାଧିକ ଗୁରୁତ୍ୱ ଦିଆଯିବ। ଅଧିକ ଜଳସେଚନ ଉତ୍ସ (ସାର୍ଟିଫାଏଡ୍ କମାଣ୍ଡ ଏରିଆ) ଅଧୀନରେ ଡାଲି, ତୈଳ ବୀଜ, ଗହମ, ଆଳୁ ଏବଂ ପନିପରିବା ଚାଷ କରିବାକୁ ଚାଷୀମାନେ ଉତ୍ସାହିତ ହେବେ। ଶ୍ରୀଅନ୍ନ ଅଭିଯାନ ମାଧ୍ୟମରେ ପ୍ରତ୍ୟେକ ବ୍ଲକ୍‌ରେ ବିଭିନ୍ନ ଗୋଷ୍ଠୀ ଦ୍ୱାରା ପରିଚାଳିତ ବିହନ କେନ୍ଦ୍ରକୁ ସଶକ୍ତ କରିବା, କୃଷି ଉତ୍ପାଦକ ସଂଗଠନର ଗଠନ, ଅଂଶଗ୍ରହଣକାରୀ, ବିଭିନ୍ନ ପରୀକ୍ଷଣ ମାଧ୍ୟମରେ ମିଲେଟର ସର୍ବୋତ୍ତମ ସ୍ଥାନୀୟ କିସମର ଚୟନ, କିଓସ୍କ ଇତ୍ୟାଦି ମାଧ୍ୟମରେ ମିଲେଟ ବ୍ୟବହାର ଏବଂ ପଦୋନ୍ନତ କରିବା ଉପରେ ନିଷ୍ପତ୍ତି ନିଆଯାଇଛି। ସେହିଭଳି ଉଦ୍ୟାନ କୃଷି ପାଇଁ ମହିଳା ଏବଂ ଶିଶୁବିକାଶ ବିଭାଗ ସହ ମିଳିତ ଭାବରେ ଏହି ଉଦ୍ୟାନ କୃଷି ବିଭିନ୍ନ ପରିବା ଯଥା ବାଇଗଣ, ଲଙ୍କା, ଟମାଟୋ, କଖାରୁ, କାକୁଡ଼ି, ଲାଉ ଇତ୍ୟାଦି ଚାଷ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଗଲା। ଏହି ବୈଠକରେ କୃଷି ପ୍ରଯୁକ୍ତିବିଦ୍ୟା ଏଜେନ୍ସି ଦ୍ୱାରା ମାଣ୍ଡିଆ କ୍ରୟ କମିଟିର ବୈଠକ ମଧ୍ୟ ହୋଇଥିଲା। ଯେଉଁଥିରେ କୃଷି ବିଭାଗ ଉପନିର୍ଦ୍ଦେଶିକା ମଧୁସ୍ମିତା ଜେନା ଆଗାମୀ ରବି ଋତୁ ପାଇଁ ହେବାକୁ ଥିବା ବିଷଦ୍ ବିବରଣୀ ଉପସ୍ଥାପନା କରିଥିଲେ। ପୂର୍ବ ବର୍ଷ ୧୮ ହଜାର ୬୭୫ କ୍ୱିଣ୍ଟାଲ ମାଣ୍ଡିଆ କ୍ରୟ ହୋଇଥିବାବେଳେ ଚଳିତ ବର୍ଷ ପାଇଁ ୧୯ ହଜାର କ୍ୱିଣ୍ଟାଲ କ୍ରୟ ହେବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ରମଣୀ ରଞ୍ଜନ ବିଶ୍ୱାଳ, କୃଷିବିଜ୍ଞାନ କେନ୍ଦ୍ର ବରିଷ୍ଠ ବୈଜ୍ଞାନିକ ଡ. ସଂଘମିତ୍ରା ପଟ୍ଟନାୟକ, ଦୀପକ ମହାନ୍ତି, ନାବାର୍ଡର ଡିଡିଏମ୍ ସ୍ମାରକ ମହାନ୍ତି, ଜିଲ୍ଲାର କୃଷି ଅଧିକାରୀ ବୃନ୍ଦ, ବିଭିନ୍ନ ବିଭାଗୀୟ ଅଧିକାରୀ, ବିଭିନ୍ନ ଏଜେନ୍ସି ଓ ବ୍ୟାଙ୍କର କର୍ମକର୍ତ୍ତା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଏଡିଏ ଅର୍ଚ୍ଚନା ବଳା, ରମ୍ୟରଞ୍ଜନ ମହାନ୍ତ ପରିଚାଳନା କରିଥିଲେ।

## ଦୁଗୁଧା ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଉଦଳା,୧୧।୧୨(ସମିସ):** ମୟୂରଭଞ୍ଜ ଜିଲ୍ଲା ଉଦଳା ବ୍ଲକ୍ ଅନ୍ତର୍ଗତ ଦୁଗୁଧା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ତିନି ଦିନ ଧରି ବିଦ୍ୟାଳୟର ପିଲାମାନଙ୍କ ମଧ୍ୟରେ ଚାରୋଟି ଗ୍ରୁପ୍‌ରେ ମୋଟ ୨୦ଟି କ୍ରୀଡ଼ା ପ୍ରତଯୋଗିତା ହୋଇଥିଲା। ଏହି ପ୍ରତିଯୋଗିତାରେ କୃତୀ ପିଲାମାନଙ୍କୁ ପ୍ରମାଣପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଛି। ପ୍ରଧାନଶିକ୍ଷୟିତ୍ରୀ ଅନୁପମା ସାହୁଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ମୁଖ୍ୟଅତିଥି ଭାବେ ଏବିଇଓ ସନ୍ଧ୍ୟାରାଣୀ ବାରିକ୍, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନରେନ୍ଦ୍ର ମୋହନ ଜେନା, ସ୍ୱତନ୍ତ୍ର ଅତିଥି ଭାବେ ଶଶିଧର ହୋତା, ବିଶିଷ୍ଟ ଅତିଥି ଭାବେ ସନ୍ତୋଷ କୁମାର ସେନାପତି, ସମ୍ମାନିତ ଅତିଥି ଭାବେ ଉପେନ୍ଦ୍ର ନାଥ ପୁହାଣ, କଳ୍ପଲତା ମତୁଆଳ, ଏସ୍‌ଏମ୍‌ସି ଚେୟାରମ୍ୟାନ୍ ରଥିଆ ମହାକୁଡ଼ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ଦୈତାରୀ ବିନ୍ଧାଣି ମଞ୍ଚ ପରିଚାଳନା କରିଥିବାବେଳେ ଶିକ୍ଷୟିତ୍ରୀ ଶିଖା ସଦୁଆଳ ବିବରଣୀ ପାଠ କରିଥିଲେ ଏବଂ ଶିକ୍ଷକ ବ୍ରଜ କିଶୋର ବିନ୍ଧାଣି ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରଶାନ୍ତ କୁମାର ଜେନା, କ୍ଷୀରୋଦ ପୁହାଣ, ପ୍ରଧାନ ହେମ୍ବ୍ରମ, ସରସ୍ୱତୀ ନାୟକ, ସିଆର୍‌ସିସି ନନ୍ଦନ କୁମାର ପଣ୍ଡା, ଏସ୍‌ଏମ୍‌ସି ସଭ୍ୟ/ସଭ୍ୟା ଏବଂ ଅଭିଭାବକ ସହଯୋଗ କରିଥିଲେ।

## ସାରସ୍ୱତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**କୁଆମରା,୧୧।୧୨(ସମିସ):** ଗୋପବନ୍ଧୁ ନଗର ବ୍ଲକ୍ କୁଆମରା ସାରସ୍ୱତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୪୫ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ବିଜୟ କୁମାର ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ଅଧ୍ୟକ୍ଷ ଗୋପିନାଥ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାସ୍ତବ ଜ୍ଞାନ ହାସଲ କରିଥିବା ଛାତ୍ର ପ୍ରକୃତ ଗୁଣି ଏବଂ ପରିଶ୍ରମ ସୌଭାଗ୍ୟର ଜନନୀ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ଅଧ୍ୟାପକ ସଞ୍ଜୟ କୁମାର ପ୍ରଧାନ, ଶିଶିର ପୃଷ୍ଟି ଓ ରବିନ୍ଦ୍ର ପଣ୍ଡା ଯୋଗଦେଇ ମାର୍ଗଦର୍ଶନ କରିଥିଲେ। ଏହି ଅବସରରେ ଚଳିତ ବର୍ଷ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ଦୁଇ ଚାମ୍ପିଅନ ବାଳକ ବିଭାଗର ଚନ୍ଦନ ହାଁସଦା, ବାଳିକା ବିଭାଗର ପୂଜା ଦଳେଇ ଓ ଚଳିତ ବର୍ଷ ଉତ୍ତମ ଛାତ୍ର ଭାବେ ପବିତ୍ର ସାମଲ ଓ ଛାତ୍ରୀ ସାବିତ୍ରୀ ସିଂଙ୍କ ସମେତ ମୋଟ୍ ୮୦ ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା। ଅଶୋକ କୁମାର ରାମ୍, ରତ୍ନାକର ମିଶ୍ର, ଗଜେନ୍ଦ୍ର ନାଥ ନାୟକ, ଗଣେଶ ଜେନା, ସ୍ମରଣିକା ପଟ୍ଟନାୟକ, ପ୍ରୀତି ସୋନା, ରାଜଲକ୍ଷ୍ମୀ ପଣ୍ଡା, ଜ୍ୟୋତିର୍ମୟୀ ସାହୁ, ସରୋଜିନୀ ସାହୁ, ମଦନମୋହନ ସିଂ, ସୁଧାକର ଶତପଥୀ ପ୍ରମୁଖ ପରିଚାଳନା କରିଥିଲେ। ଅପରାହ୍ଣରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




## ଜିଲ୍ଲା ଦିବ୍ୟାଙ୍ଗ ମହାସଂଘର ସାଧାରଣ ବୈଠକ

**ବେତନଟୀ,୧୧।୧୨(ସମିସ):** ବୁଧବାର ବେତନଟୀ ବ୍ଲକ୍‌ସ୍ଥିତ ପୁରୁଣିଆ ଫୁଟ୍‌ବଲ୍ ପଡ଼ିଆଠାରେ ଜିଲ୍ଲା ଦିବ୍ୟାଙ୍ଗ ମହାସଂଘ ପକ୍ଷରୁ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ୫୦୦ରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ଉପସ୍ଥିତ ରହି ସେମାନେ ଅସୁବିଧା ଭୋଗୁଥିବା ସମସ୍ତ ବିଷୟରେ ଆଲୋଚନା କରିଥିଲେ। ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ଦିବ୍ୟାଙ୍ଗଙ୍କ ପ୍ରତି କରୁଥିବା ଅବହେଳା ପ୍ରତିବାଦରେ ସମସ୍ତ ଦିବ୍ୟାଙ୍ଗ ଏକତ୍ରିତ ହୋଇ ପ୍ରତିବାଦ କରିବାକୁ ସମସ୍ତ ଦିବ୍ୟାଙ୍ଗ ପ୍ରସ୍ତୁତ ହେବା ପାଇଁ ଜିଲ୍ଲା ଦିବ୍ୟାଙ୍ଗ ସଭାପତି ଅରୁଣ କୁମାର ବେହେରା ଆହ୍ୱାନ ଦେଇଥିଲେ। ଦିବ୍ୟାଙ୍ଗ ସାର୍ଟିଫିକେଟ ପ୍ରଦାନଠାରୁ ଆରମ୍ଭ କରି ଭତ୍ତା ଓ ଅନ୍ୟ ଯୋଜନାରେ ସାମିଲ୍ କରାଇ ଦିବ୍ୟାଙ୍ଗଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ କରାଇବାରେ ଜିଲ୍ଲା ପ୍ରଶାସନ ବିଫଳ ହୋଇଛି। କେବଳ କାଗଜକଲମରେ ସମସ୍ତ କାର୍ଯ୍ୟକ୍ରମ କରାଯାଉଥିବା ଅଭିଯୋଗ କରିଛନ୍ତି ଦିବ୍ୟାଙ୍ଗମାନେ। ଏବେ ଜିଲ୍ଲାରେ ବ୍ଲକ୍‌ସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆୟୋଜନ କରାଯାଉଛି; କିନ୍ତୁ ଉକ୍ତ ଶିବିରରେ ବିଭିନ୍ନ ଅବ୍ୟବସ୍ଥା ଦେଖିବାକୁ ମିଳୁଛି। ଆଗାମୀ ଦିନରେ ଯେତେ ଶିବିର ଆୟୋଜନ କରାଯାଇଥିଲା ସେସବୁ ସେମିତି ଫାଇଲ୍ ହୋଇ ରହିଛି। ଜିଲ୍ଲାର ଦିବ୍ୟାଙ୍ଗ ସଭାପତିଙ୍କ ଅଭିଯୋଗ ଅନୁସାରେ, ଜିଲ୍ଲାରେ ଥିବା ସାମାଜିକ ସୁରକ୍ଷା ଭିନ୍ନକ୍ଷମ ବିଭାଗ କାର୍ଯ୍ୟାଳୟ କେବଳ ଏନ୍‌ଜିଓମାନଙ୍କୁ ନେଇ ପରିଚାଳିତ ହେଉଛି। ଉକ୍ତ କାର୍ଯ୍ୟାଳୟରେ କେହି ବି ଦିବ୍ୟାଙ୍ଗ ନିଯୁକ୍ତି ପାଇନାହାନ୍ତି, ସେଥିପାଇଁ ଦିବ୍ୟାଙ୍ଗଙ୍କ ପାଇଁ ଏପରି ଅବହେଳା କରାଯାଉଛି। ଏବେ ଜିଲ୍ଲାରେ ପ୍ରାୟ ୭୫ହଜାରରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ବ୍ୟକ୍ତି ଅଛନ୍ତି। ପ୍ରାୟ ୫୦ ହଜାର ବ୍ୟକ୍ତି ଭତ୍ତା ପାଇବା ପାଇଁ ଆବେଦନ କରିଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ଭତ୍ତା ପାଇନାହାନ୍ତି। ଏବେ ଜିଲ୍ଲାରେ ଜଣେ ମଲେ ଅନ୍ୟ ଜଣେ ଭତ୍ତା ପାଉଛନ୍ତି। ୩୫୦୦ ଟଙ୍କା ଭତ୍ତା ପାଇବା ପାଇଁ ଆହୁରି ୫୦୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ବଞ୍ଚିତ ଅଛନ୍ତି। ଏମିତି ଅନେକ ଅସୁବିଧାର ସମାଧାନ ପାଇଁ ଜିଲ୍ଲାରେ ସମସ୍ତ ଦିବ୍ୟାଙ୍ଗ ଏକତ୍ରିତ ହୋଇ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ବ୍ଲକ୍‌ସ୍ତରୀୟ ସାଧାରଣ ସଭା ଆୟୋଜନ କରାଯାଇଛି। ସଭାରେ ବେତନଟୀ ବ୍ଲକ୍ ସଭାପତି ରଞ୍ଜିତ ସିଂହଙ୍କ ସହିତ ଶତାଧିକ ଦିବ୍ୟାଙ୍ଗ ଯୋଗଦେଇଥିଲେ।

## 'ଆସ ସ୍କୁଲ ଯିବା' ଶିକ୍ଷା ସଭା

**ବହଳଦା,୧୧।୧୨(ସମିସ):** ବହଳଦା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅନ୍ତର୍ଗତ ବହଳଦା ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ସିଆର୍‌ସିସି ସୂର୍ଯ୍ୟକାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କ୍ଲଷ୍ଟରସ୍ତରୀୟ ସଭା "ଆସ ସ୍କୁଲ ଯିବା' କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଅଧାରୁ ପାଠ ଛାଡ଼ିଥିବା ଛାତ୍ରଛାତ୍ରୀ, ଆଦୌ ନାମଲେଖାଇ ନ ଥିବା ଏବଂ ବିଦ୍ୟାଳୟ ବାହାରେ ଥିବା ପିଲାମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ୍ କରାଯିବା। ସିଆର୍‌ସିସି ସୂର୍ଯ୍ୟକାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବହଳଦା ସରପଞ୍ଚ ଲକ୍ଷ୍ମଣ ହାଁସଦାଙ୍କ ସହିତ ବହଳଦା କ୍ଲଷ୍ଟରର ସମସ୍ତ ପ୍ରଧାନଶିକ୍ଷକ, ସହକାରୀ ଶିକ୍ଷକ ଓ ଅଭିଭାବକ ଉପସ୍ଥିତ ଥିଲେ। ଏହ କାର୍ଯ୍ୟକ୍ରମରେ ପାଠପଢ଼ାରୁ ଦୂରେଇ ରହିଥିବା ଛାତ୍ରଛାତ୍ରୀଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ୍ କରାଯିବା ଉପରେ ବିସ୍ତୃତ ଆଲୋଚନା କରାଯିବା ସହିତ ସରକାରଙ୍କ ଲୋକାଭିମୁଖୀ ଯୋଜନାଗୁଡ଼ିକ ସମ୍ପର୍କରେ ସଚେତନ କରାଯାଇଥିଲା।

## ଛଉ ନୃତ୍ୟରେ କଳାକାରଙ୍କ ଅବଦାନ ଅତୁଳନୀୟ

**ବାରିପଦା,୧୧।୧୨(ସମିସ):** ବାରିପଦା ଛଉ ପଡ଼ିଆରେ ଚାଲିଥିବା ମୟୂରଭଞ୍ଜ ମହୋତ୍ସବରେ ଛଉ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ପୁରସ୍କୃତ ଜିଲ୍ଲାର ୨ ଛଉ ନୃତ୍ୟ ଗୁରୁ ଓ ୩ କଳାକାରଙ୍କୁ କମିଟି ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସେମାନେ ହେଲେ ଢୋଲ ବାଦ୍ୟ ଗୁରୁ ବିଘ୍ନରାଜ ଧଡା, ମହୁରୀ ବାଦ୍ୟ ଗୁରୁ ବିରଞ୍ଚି ମହାନ୍ତ, ଛଉ କଳାକାର ସୁଶାନ୍ତ ବେହେରା, ସଚିନା ଧଡା ଓ ଶିବ ଚରଣ ମହାନ୍ତ। ଯାହାକୁ ନେଇ ଜିଲ୍ଲାର କୋଣ ଅନୁକୋଣରେ ଥିବା ଛଉ କଳାକାରମାନେ ଖୁସିପ୍ରକଟ କରିବା ସହ ଉତ୍ସାହିତ ହୋଇଛନ୍ତି।



ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ କଳାକାରଙ୍କୁ ସମ୍ବର୍ଦ୍ଧନା

ବିଶ୍ୱ ପ୍ରସିଦ୍ଧ ମୟୂରଭଞ୍ଜ ଜିଲ୍ଲାର "ଛଉ' ନୃତ୍ୟରେ ଅନ୍ତର୍ନିହିତ ବୀର ରସ, ସାମରିକ କୌଶଳ ଓ ବଳିଷ୍ଠ ସାମରିକ ଭଙ୍ଗୀ ସହିତ ବୀର ବାଦ୍ୟର ସାମଞ୍ଜସ୍ୟ ବେଶ୍ ଚିତାକର୍ଷକ ହୋଇଥାଏ। ରାଜତନ୍ତ୍ର ପରେ ଏହାର ଉତ୍‌ଥାନ ପତନ ଲାଗି ରହିଥିବାରୁ କଳାର ଅସ୍ତିତ୍ୱ ବଜାଇ ରଖିବା ଅସମ୍ଭବ ହୋଇପଡ଼ିଛି। ଛଉ ନୃତ୍ୟର ଅନ୍ତୁଡ଼ିଶାଳ ବୋଲାଉଥିବା ବାରିପଦାଠାରେ ଏହାର ବିକାଶ ଓ ପ୍ରଚାର କ୍ଷେତ୍ରରେ ମୟୂରଭଞ୍ଜ ଛଉ ନୃତ୍ୟ ପ୍ରତିଷ୍ଠାନ ପ୍ରତିଷ୍ଠିତ ହୋଇଥିଲା। କୌଣସି କାରଣରୁ ଏହା ଅବହେଳିତ ହୋଇ ସୁପ୍ତ ଅବସ୍ଥାରେ ପଡ଼ି ରହିଥିଲା। ଯାହାକୁ ନେଇ ସ୍ଥାନୀୟ ସଂଗଠକ, ଛଉ ପ୍ରେମୀ ଓ ଜିଲ୍ଲା ପ୍ରଶାସନର ପ୍ରଚେଷ୍ଟାରେ ୨୦୨୨ରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହାର ପୁନରୁଦ୍ଧାର ପାଇଁ ପ୍ରୟାସ କରାଯାଇଥିଲା। ଛଉ ନୃତ୍ୟ ବିକାଶ ଓ କଳାକାରଙ୍କ ଜୀବନଜୀବିକା ପାଇଁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଭୁବନେଶ୍ୱର ପକ୍ଷରୁ ବାରିପଦାଠାରେ ଛଉ ତାଲିମ କେନ୍ଦ୍ର ଖୋଲାଯାଇ ଛଉ ବିଶେଷଜ୍ଞ ପ୍ରତିନିଧିଙ୍କୁ ମନୋନୀତ କରାଯାଇଥିଲା। ଏଥିରେ ଜିଲ୍ଲାକୁ ପ୍ରତିନିଧିତ୍ୱ କରୁଥିବା ଲଡୁକେଶ୍ୱର ରଣାଙ୍କ ମାର୍ଗଦର୍ଶନରେ ପରିଚାଳନା କରାଯାଇ ଅନେକ କଳାକାର ସୃଷ୍ଟି କରାଯାଇଥିଲା। ମାତ୍ର ୨ବର୍ଷ ପରେ ଉକ୍ତ ତାଲିମ କେନ୍ଦ୍ର ବନ୍ଦ ହୋଇଯିବାରୁ ଛଉ କଳାକାରଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ଏଭଳି ପରିସ୍ଥିତିରେ "ଛଉ' ଅନେକ ବାଧାବିଘ୍ନ ଦେଇ ଗତି କରୁଛି। କଳା ଓ କଳାକାରକୁ ବଞ୍ଚାଇ ରଖିବା ପାଇଁ ବିଭିନ୍ନ ସଂଗଠନ ପକ୍ଷରୁ ଅକ୍ଳାନ୍ତ ପ୍ରୟାସ ଜାରି ରହିଛି। ନିଜ ପରିଚୟ ଓ ଉଚିତ୍ ପାରିଶ୍ରମିକରୁ ବଞ୍ଚିତ ରହି ଛଉକୁ ବିଶ୍ୱ ଦରବାରରେ ପହଞ୍ଚାଇବାରୁ କଳାକାରଙ୍କ ଅବଦାନ ଅତୁଳନୀୟ। ତେବେ ୧୯୯୬ ପରଠାରୁ ଛଉକୁ ନେଇ କୌଣସି ପୁରସ୍କାର ପ୍ରଦାନ କରାଯାଇ ନ ଥିଲା। ଦୀର୍ଘ ୩୦ବର୍ଷ ପରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଏକକାଳୀନ ଜିଲ୍ଲାର ୫ ଦକ୍ଷ ଶିଳ୍ପୀଙ୍କୁ ଛଉ ନୃତ୍ୟ ଓ ବାଦ୍ୟ ପାଇଁ ଶ୍ରେଷ୍ଠ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଭଳି ସମ୍ମାନ ପାଇଁ କଳାକାର କାର୍ତ୍ତିକ ଘଡ଼େଇ, ଟାର୍‌ଜନ ଘଡ଼େଇ, ଦୀପୁ ଧଡା ଓ ଦେବନାରାୟଣ ଧଡା ପ୍ରମୁଖ ସମେତ ସମସ୍ତ କଳାକାର ଓ ଛଉ ପ୍ରେମୀ ତଥା ସଂଗଠନ ପକ୍ଷରୁ ରଣାଙ୍କୁ ସାଧୁବାଦ ଜ୍ଞାପନ କରିବା ସହିତ ମୁଖ୍ୟମନ୍ତ୍ରୀ, ସଂସ୍କୃତି ମନ୍ତ୍ରୀ, ଏକାଡେମୀର ସଚିବ ଓ ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

## ତାଲୁକ୍ ଆଇନ ସେବା କମିଟି ପକ୍ଷରୁ ମାନବାଧିକାର ଦିବସ

**କରଞ୍ଜିଆ,୧୧।୧୨(ସମିସ):** କରଞ୍ଜିଆସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ କରଞ୍ଜିଆ ତାଲୁକ୍ ଆଇନ ସେବା କମିଟି ପକ୍ଷରୁ ଅଧ୍ୟକ୍ଷ ତଥା ଏଡିଜେ ଆଶିଷ ରଞ୍ଜନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ମାନବାଧିକାରୀ ଦିବସ ପାଳିତ ହୋଇଯାଇଛି। ଏଥିରେ ଅତିଥି ଭାବେ ସବ୍ ଜଜ୍ ଅମିତ୍ ସ୍ୱରୂପ ସେଠ୍, ଏସ୍‌ଡିଜେଏମ୍ ପ୍ରଭାତ କୁମାର ସାମଲ, ଆଇନଜୀବୀ ପଙ୍କଜ ବାସିନୀ ମହାନ୍ତି, ଦିବ୍ୟପ୍ରସାଦ ସାହୁ, ଅଭିଜିତ୍ ମହାନ୍ତ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନଆଚାର୍ଯ୍ୟ ମହେନ୍ଦ୍ର କୁମାର ସାହୁ ପ୍ରମୁଖ ଯୋଗଦେଇ ଫାଣ୍ଡାମେଣ୍ଟାଲ ରାଇଟ୍ସ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମସ୍ତ ଅତିଥିବୃନ୍ଦ ଛାତ୍ରଛାତ୍ରୀମାନଙ୍କୁ ସମସ୍ତଙ୍କ ମୌଳିକ ଅଧିକାର ବିଷୟରେ ଅବଗତ କରାଇଥିଲେ। ଏହି ଦିବସରେ ତାଲୁକ୍ ଆଇନ ସେବା କମିଟିର ଅର୍ଚ୍ଚନା ସାହୁ, ନାରାୟଣ ସାହୁ, ସିନ୍ଧୁଜିତ୍ ଦାସ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଗୁରୁଜୀ, ଗୁରୁମା' ଓ ଛାତ୍ରଛାତ୍ରୀମାନେ ସହଯୋଗ କରିଥିଲେ।

**ଉଦଳା**

ଉଦଳା ବାର୍ ପରିସରରେ ତାଲୁକ ଆଇନ ସହାୟତା କକ୍ଷ ଦ୍ୱାରା ମାନବାଧିକାର ଦିବସ ପାଳିତ ହୋଇଯାଇଛି। ଏଥିରେ ତାଲୁକ ଆଇନ ସହାୟତା କକ୍ଷର ଅଧ୍ୟକ୍ଷ ପ୍ରଦୀପ କୁମାର ବେହେରା ଅଧ୍ୟକ୍ଷତା କରିଥିବାବେଳେ ସମ୍ମାନିତ ଅତିଥି ଭାବେ ଏସ୍‌ଡିଜେଏମ୍ ଅନୁରାଗ ଦେହୁରୀ ମଞ୍ଚାସୀନ ଥିଲେ। ନିରାକାର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବୈଠକର ଆଭିମୁଖ୍ୟ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ପରେ ମଞ୍ଚାସୀନ ଅତିଥି ରଜତ ମହାପାତ୍ର, ପଦ୍ମଲୋଚନ ଦାଶ, ଲମ୍ବୋଦର ବେହେରା, ବସନ୍ତ ପରିଡ଼ା ନିଜ ନିଜର ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସତ୍ୟବ୍ରତ ମିଶ୍ର, ସରୋଜ ରଞ୍ଜନ ବେହେରା, ଶ୍ରୀକୃଷ୍ଣ ବେହେରା, ମକରାନନ୍ଦ ପଲେଇ, ବିରଞ୍ଚି ନାରାୟଣ କର ଆଲୋଚନାରେ ଅଂଶଗ୍ରହଣ କରିଥିଲେ ଏବଂ ଜାତୀୟ ମାନବାଧିକାର ଓ ସାମ୍ବିଧାନିକ ଅଧିକାର ସମ୍ପର୍କରେ ନିଜର ମତପୋଷଣ କରିଥିଲେ।

## ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

**ରାସଗୋବିନ୍ଦପୁର,୧୧।୧୨(ସମିସ):** ଭାରତୀୟ ଶିକ୍ଷା ସଂସ୍ଥାନ ପକ୍ଷରୁ ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ରାସଗୋବିନ୍ଦପୁର ବ୍ଲକ୍‌ସ୍ଥିତ ବିନୋଦରାୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଟାୱାର ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲାର ୧୩ଟି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ତେବେ ଦୌଡ଼, ହାଇଜମ୍ପ୍ ଏହିପରି ୧୪ଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୧୦୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରଥମେ ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟା ସୁଗନ୍ଧା ବେହେରାଙ୍କ ପୌରୋହିତ୍ୟରେ ଉଦ୍‌ଘାଟକ ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅମ୍ବିକାରାଣୀ ଖଟୁଆ ଯୋଗଦେଇ କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଏକ ପୁରସ୍କାର ବିତରଣୀ ସଭା ଅନୁଷ୍ଠିତ ହୋଇଥିଲା। ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ସମାବେଶ ଆରମ୍ଭରେ ବିଦ୍ୟାଳୟର ସମ୍ପାଦକ ସଞ୍ଜୀବ କୁମାର ମଣ୍ଡଳ ଅତିଥି ସମ୍ଭାଷଣ ଦେବା ସହିତ ଶ୍ରୀ ମଣ୍ଡଳଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ବେଣୁଧର ଚାନ୍ଦ, ମୁଖ୍ୟବକ୍ତା ଭାବେ ରାସଗୋବିନ୍ଦପୁର ସାମ୍ବାଦିକ ସଂଘ ସଭାପତି ଅଶୋକ କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବେ ପ୍ରଧାନଅଚାର୍ଯ୍ୟା ସୁଗନ୍ଧା ବେହେରା, ସମ୍ମାନିତ ଅତିଥି ଭାବେ ମୟୂରଭଞ୍ଜ ଜିଲ୍ଲା ସଂଯୋଜକ ଦିଲ୍ଲୀପ କୁମାର ଗିରି, ବିଶିଷ୍ଟ ଅତିଥି ଭାବେ ସାମ୍ବାଦିକ ଶିରିଶ ଚନ୍ଦ୍ର ମହାନ୍ତି, ଅବସରପ୍ରାପ୍ତ ଏବିଇଓ ସରସ୍ୱତୀ ପ୍ରଧାନ ପ୍ରମୁଖ ଯୋଗଦେଇ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ହାସଲ କରିଥିବା ୮୦ ଜଣ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସହ ପ୍ରଧାନଆଚାର୍ଯ୍ୟା ସୁମିତ୍ରା ଘୋଷ ସମସ୍ତ ଖେଳର ବିବରଣୀ ପ୍ରଦାନ କରିଥିବାବେଳେ ସମସ୍ତ ଖେଳକୁ ଗୁରୁଜୀ ବିକାଶ କୁମାର ସାହୁ, ଗୁରୁମା' ବନଜା ମହାନ୍ତି, ସଂଯୁକ୍ତା ଗରେଇ, ସୁଜାତା ବେହେରା, ଲୋପାମୁଦ୍ରା ସିଂ, ମଞ୍ଜୁଶ୍ରୀ ବେହେରା, ଅଞ୍ଜଳି ବାନାର୍ଜୀ, ସୁଦୀପ୍ତି ମଣ୍ଡଳ, ପ୍ରବୀର ପରିଡ଼ା ଓ ୧୩ଟି ବିଦ୍ୟାଳୟର ଗୁରୁଜୀ, ଗୁରୁମା' ଉପସ୍ଥିତ ରହି ଖେଳକୁଦ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଗୁରୁମା' ସଂଯୁକ୍ତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

### ଏମ୍‌ପିସି ସ୍ୱୟଂଶାସିତ କଲେଜର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

## ପୁରୁଷ ବର୍ଗରେ ହାଡ଼ିବନ୍ଧୁ ଓ ମହିଳାରେ ସନ୍ଧ୍ୟା ଚାମ୍ପିଅନ



**ବାରିପଦା,୧୧।୧୨(ସମିସ):** ଏମ୍‌ପିସି ସ୍ୱୟଂଶାସିତ କଲେଜର ଆଥ୍‌ଲେଟିକ୍ ଆସୋସିଏସନ୍ ପକ୍ଷରୁ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। କଲେଜର ଅଧ୍ୟକ୍ଷ ନାରାୟଣ ପ୍ରସାଦ ବେହେରା ଉଦ୍‌ଯାପନୀ ଉତ୍ସବରେ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ସମ୍ମାନିତ ଅତିଥି କଳିଙ୍ଗ ଷ୍ଟାଡିୟମ୍‌ର ପୂର୍ବତନ କାର୍ଯ୍ୟନିର୍ବାହୀ କୁମାର ରଞ୍ଜନ ପଣ୍ଡା ଏବଂ ପ୍ରାଧ୍ୟାପିକା ଡ. ଆଲ୍‌ବର୍ଟିନା ତିର୍କୀ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରଣାଦାୟୀ ବକ୍ତବ୍ୟ ରଖିବା ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି କ୍ରୀଡ଼ା ଉତ୍ସବରେ ଦୌଡ଼କୁଦ, ଲମ୍ବ ଡିଆଁ, ଉଚ୍ଚ ଡିଆଁ, ଡିସ୍‌କସ୍ ଥ୍ରୋ, ଜାଭେଲିନ୍ ଥ୍ରୋ ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପୁରୁଷ ବର୍ଗରେ ହାଡ଼ିବନ୍ଧୁ କିସ୍କୁ ଚାମ୍ପିଅନ ହୋଇଥିଲାବେଳେ ମହିଳା ବର୍ଗରେ ସନ୍ଧ୍ୟାରାଣୀ ମୁର୍ମୁ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲେ। କଲେଜ ଆଥ୍‌ଲେଟିକ୍ ଆସୋସିଏସନର ଉପସଭାପତି ଡ. ଦୀପକ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଥିଲା। କଲେଜର କ୍ରୀଡ଼ା ଶିକ୍ଷକ ସତ୍ୟନାରାୟଣ ବାରିକ କ୍ରୀଡ଼ା ଉତ୍ସବକୁ ପରିଚାଳନା କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଅଧ୍ୟାପକ/ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଶେଷରେ ଅଧ୍ୟାପିକା ଡ. ସୋନାଲି ମହାନ୍ତ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ।

# ୬ ବର୍ଷ ବିତିଲା ସମ୍ପୂର୍ଣ୍ଣ ହେଉନି ପୋଲ

### ଜିଲ୍ଲାପାଳଙ୍କୁ ବାରମ୍ବାର ଅଭିଯୋଗ ଜଣାଇଲେ ବି ଫଳ ଶୂନ୍

**ବିଜାତଳା,୧୧।୧୨(ସମିସ):**

ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାରେ ଥିବା ପୋଲର ନିର୍ମାଣ କାର୍ଯ୍ୟ ୬ ବର୍ଷ ବିତିଯାଇଥିଲେ ସୁଦ୍ଧା ସମ୍ପୂର୍ଣ୍ଣ ହେଉନାହିଁ। ଯାହା ଫଳରେ ଆଦିବାସୀ ଗ୍ରାମବାସୀମାନେ ନାନାଦି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଚଳପ୍ରଚଳ ନିମନ୍ତେ ଅନେକ ବାଧା ସୃଷ୍ଟି ହେଉଥିବାବେଳେ ବର୍ଷା ଦିନରେ ଗ୍ରାମ ବାହ୍ୟ ଜଗତରୁ ବିଚ୍ଛିନ୍ନ ହେଉଛି। ବାମନଘାଟି ଉପଖଣ୍ଡର ବିଜାତଳା ବ୍ଲକ୍ ଅନ୍ତର୍ଗତ ଚଢ଼େଇପାହାଡ଼ି ଗ୍ରାମ ପଞ୍ଚାୟତର ଭୀମକାନ୍ଧା ଗ୍ରାମରେ ଏହିପରି ସମସ୍ୟା ରହିଛି।



ଅନେକ ଦାବି ପରେ ଗ୍ରାମ ଆରମ୍ଭରେ ଏକ ପୋଲ ନିର୍ମାଣ କାର୍ଯ୍ୟ ଗତ ୬ବର୍ଷ ପୂର୍ବେ ଆରମ୍ଭ ହୋଇଥିଲା। କିନ୍ତୁ ଆଜି ପର୍ଯ୍ୟନ୍ତ ପୋଲ ନିର୍ମାଣ କାର୍ଯ୍ୟ ଶେଷ ହୋଇପାରିଲା ନାହିଁ। ନିର୍ମାଣ କାର୍ଯ୍ୟ ବିନା ଫଳକରେ ଚାଲିଛି। କେଉଁ ବିଭାଗରୁ କେତେ ଟଙ୍କା ବିନିଯୋଗ ହେଉଛି ତାହା ମଧ୍ୟ ଲୋକେ ଜାଣିନାହାନ୍ତି। ଲୋକଙ୍କ କହିବା ମୁତାବକ, ୨୦୧୯ରେ ଉକ୍ତ ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଉକ୍ତ ପୋଲ ଦେଇ ସ୍ଥାନୀୟ ଗ୍ରାମ ସମେତ ଅନ୍ୟ ଲୋକେ ମଧ୍ୟ ଚଳପ୍ରଚଳ କରିପାରିବେ। ପୋଲ ନିର୍ମାଣ ହେଲେ ଗୋରୁମହିଷାଣୀ ବଜାରକୁ ଅତି ଅଳ୍ପ ସମୟରେ ଲୋକେ ପହଞ୍ଚିପାରିବେ। କିନ୍ତୁ ତାହା ଆଜିଯାଏ ଅସମ୍ପୂର୍ଣ୍ଣ ହୋଇ ରହିଛି। ଏନେଇ ଚଢ଼େଇପାହାଡ଼ି ଗ୍ରାମ ପଞ୍ଚାୟତର ସମିତିସଭ୍ୟା କୁନି ସର୍ଦ୍ଦାର ଏବଂ ପଞ୍ଚାୟତବାସୀ ବାମନଘାଟି ଉପଖଣ୍ଡସ୍ତରୀୟ ଯୁଗ୍ମ ଶୁଣାଣି ଶିବିରରେ ଜିଲ୍ଲାପାଳଙ୍କୁ ବାରମ୍ବାର ଦାବି ଜଣାଇଛନ୍ତି। କିନ୍ତୁ କୌଣସି ସୁଫଳ ମିଳିପାରିଲା ନାହିଁ। ପ୍ରଶାସନ ସବୁ ଜାଣି ସୁଦ୍ଧା ପୋଲ ହୋଇ ନ ପାରିବା ଅତି ଦୁର୍ଭାଗ୍ୟଜନକ ଅଟେ ବୋଲି ଗ୍ରାମବାସୀମାନେ କହିଛନ୍ତି। ଗାଁ ବିକାଶ ନେଇ ରାଜ୍ୟ ସରକାର ମିଛ ଡିଣ୍ଡିମ ପିଟୁଥିବାବେଳେ ଗ୍ରାମବାସୀମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପୋଲ ନ ଥିବାବେଳେ ବର୍ଷା ଦିନରେ ଲୋକେ ବିପଦସଙ୍କୁଳ ଭାବେ ଚଳପ୍ରଚଳ କରୁଛନ୍ତି। ବଣ ପାହାଡ଼ ଘେରା ଉକ୍ତ ଗ୍ରାମବାସୀଙ୍କ ପାଇଁ ଗମନାଗମନ ଏକ ପ୍ରମୁଖ ସମସ୍ୟା ଅଟେ। ଯାହାର କି କୌଣସି ସମାଧାନ ହେଉନାହିଁ। ପୋଲ କେବେ ନିର୍ମାଣ ହେବ ଓ ତାଙ୍କ ଦୁଃଖ ଦୂର ହେବ ସେନେଇ ଗ୍ରାମବାସୀମାନେ ଚାତକ ଭଳି ଚାହିଁ ବସିଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ୟା ପ୍ରତି ତୁରନ୍ତ ଦୃଷ୍ଟି ଦେଇ ପୋଲ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଦାବି ହୋଇଛି।

# ଯୋଡ଼ା ପୁଲିସ କବ୍‌ଜାରେ ସାଇବର ଠକ



ଯୋଡ଼ା, ୧୧।୧୨(ସମିସ): ଜଣେ ସାଇବର ଠକକୁ ଠାବ କରି ଯାଞ୍ଚ କରିବା ପରେ ଗୁରୁବାର ଯୋଡ଼ା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏକ ସାମ୍ବାଦିକ ସମ୍ମିଳନୀରେ ଦେଇଥିବା ସୂଚନା ଅନୁଯାୟୀ, ଦେବଗଡ଼ ତାଳେଇଶୋର ଅଞ୍ଚଳର ଚନ୍ଦ୍ରଶେଖର ସାମଲ (୨୧) ଯୋଡ଼ା ଖଣି ଅଞ୍ଚଳ ଓ ଦେବଗଡ ଅଞ୍ଚଳର ବିଭିନ୍ନ ବ୍ୟାଙ୍କରେ ଆକାଉଣ୍ଟ ଖୋଲି ସାଇବର କ୍ରାଇମରେ ସମ୍ପୃକ୍ତ ଥିଲା। ରାଜ୍ୟ ପୁଲିସ ପକ୍ଷରୁ ସାଇବର କ୍ରାଇମ ଉପରେ ତନାଘନା କାର୍ଯ୍ୟ ଚାଲିଥିବା ବେଳେ ଯୋଡ଼ା ଥାନା ପକ୍ଷରୁ ମଧ୍ୟ ସାଇବର ସଚେତନତା ଓ ସାଇବର କ୍ରାଇମକୁ କମ କରିବା ପାଇ ଏକ ଟିମ କାର୍ଯ୍ୟ କରି ଆସୁଛି। ଉକ୍ତ ଘଟଣାକୁ ଏହି ତଦନ୍ତ ପରିସରଭୁକ୍ତ କରି ଯୋଡ଼ା ପୁଲିସ ଅଭିଯୁକ୍ତ ବିଷୟରେ ସନ୍ଧାନ ପାଇଥିବା ବେଳେ ଅଭିଯୁକ୍ତ ଚନ୍ଦ୍ରଶେଖର ସାମଲ ନିଜ ଦୋଷ ସ୍ୱୀକାର କରିଛି ବୋଲି ବଡ଼ବିଲ ଏସଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ ଓ ଯୋଡ଼ା ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରଶାନ୍ତ ସାମଲ ସୂଚନା ପ୍ରଦାନ କରିଛନ୍ତି। ଅଭିଯୁକ୍ତ ପାଖରୁ ଏଟିଏମ କାର୍ଡ, ବ୍ୟାଙ୍କ ପାସବୁକ, ଚେକବୁକ, ମୋବାଇଲ ଫୋନ୍ ଜବତ କରାଯାଇଛି। ଅଭିଯୁକ୍ତ କିଛି ମଧ୍ୟସ୍ଥିଙ୍କ ପ୍ରରୋଚନାରେ ଏତେଗୁଡ଼ିଏ ବ୍ୟାଙ୍କ ଆକାଉଣ୍ଟ ଖୋଲିଥିଲା। ଯେଉଁଥିରେ ତାଙ୍କ ଆକାଉଣ୍ଟଙ୍କୁ ଟଙ୍କା ଆସୁଥିଲା ଏବଂ ତାଙ୍କୁ ଏହାର କମିସନ ତାଙ୍କୁ ମିଳୁଥିଲା। ଏହି ମଧ୍ୟସ୍ଥଙ୍କୁ ମଧ୍ୟ ଯୋଡ଼ା ପୁଲିସ ଖୋଜିବା ଆରମ୍ଭ କରିଛି। ସାଇବର ଠକେଇର ଏହି କାର୍ଯ୍ୟକଳାପକୁ ରାଜ୍ୟ ସାଇବର ସୁରକ୍ଷା ବିଭାଗ ପକ୍ଷରୁ ଜିଲ୍ଲାର ବିଭିନ୍ନ ଥାନାକୁ ସୂଚନା ଦିଆଯାଇଥିବା ବେଳେ ଉକ୍ତ ଘଟଣା ବିଷୟରେ ମଧ୍ୟ ଜିଲ୍ଲା ସାଇବର ସୁରକ୍ଷା ବିଭାଗ ପକ୍ଷରୁ ଯୋଡ଼ା ଥାନାକୁ ସୂଚନା ଦିଆଯାଇଛି।

## ୭ ଦିନ ହେଲା ଡଅଁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା

# ଶିକ୍ଷକ ଅଭାବକୁ ନେଇ ପ୍ରତିବାଦ; ପିଲାଙ୍କୁ ସ୍କୁଲ ଛାଡ଼ୁନାହାନ୍ତି ଅଭିଭାବକ

ହାଟଡ଼ିହୀ,୧୧।୧୨(ସମିସ): ହାଟଡ଼ିହୀ ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକ ଅଭାବ ଲାଗିରହିଥିବା ବେଳେ ଡଅଁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବକୁ ନେଇ ଗତ ୭ଦିନ ହେଲା ବିଦ୍ୟାଳୟ ମୁଖ୍ୟ ଫାଟକରେ ଅଭିଭାବକ ଓ ବିଦ୍ୟାଳୟ କମିଟି ତାଲା ପକାଇ ପିଲାମାନଙ୍କୁ ବିଦ୍ୟାଳୟକୁ ଛାଡୁନାହାନ୍ତି। ମାତ୍ର ଏଥିପ୍ରତି ଶିକ୍ଷା ବିଭାଗର ନଜର ପଡୁ ନଥିବାରୁ ଅସନ୍ତୋଷ ବୃଦ୍ଧି ପାଉଛି। ଅଭିଯୋଗ ଅନୁଯାୟୀ, ବିଦ୍ୟାଳୟରେ ୧ମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ଶ୍ରେଣୀ ସହ ଶିଶୁ ବାଟିକା ରହିଛି। ୨୧୪ ଜଣ ଛାତ୍ରଛାତ୍ରୀ ଶିକ୍ଷା ଗ୍ରହଣ କରୁଥିବା ବେଳେ ୫ଜଣ ଶିକ୍ଷକଶିକ୍ଷୟିତ୍ରୀ ଶିକ୍ଷାଦାନ କରୁଛନ୍ତି। ସେଥିମଧ୍ୟରୁ ପ୍ରଧାନଶିକ୍ଷକ ସରକାରୀ କାର୍ଯ୍ୟକ୍ରମ ଓ ଅନ୍ୟାନ୍ୟ କାର୍ଯ୍ୟରେ ବ୍ୟସ୍ତ ରହୁଥିବାରୁ ପାଠପଢ଼ା ଠିକ ସେ ହୋଇପାରୁନି। ଛାତ୍ରଛାତ୍ରୀମାନେ ୭ଦିନ ଧରି ସ୍କୁଲକୁ ନଆସିବାରୁ ସ୍କୁଲ ବନ୍ଦ ରହିଛି। ଅନ୍ୟପକ୍ଷରେ, ଜଣେ ଶିକ୍ଷକ ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମରେ ନିୟୋଜିତ ହେଉଛନ୍ତି। ୩ ଶିକ୍ଷକ ଓ ଶିକ୍ଷୟିତ୍ରୀ ୯ଟି ଶ୍ରେଣୀରେ ଶିକ୍ଷାଦାନ କରୁଥିବାରୁ ପାଠପଢ଼ା ବାଧାପ୍ରାପ୍ତ ହେଉଛି। ଏହାକୁ ନେଇ ନଭେମ୍ବର ୨୪ରେ ଛାତ୍ରଛାତ୍ରୀ ଅଭିଭାବକ ଧାରଣାରେ ବସିଥିଲେ। ଖୁବ୍‌ଶୀଘ୍ର ଶିକ୍ଷକ ଯୋଗାଇ ଦିଆଯିବ ବୋଲି ଶିକ୍ଷାଧିକାରୀଙ୍କ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଆଜି ପର୍ଯ୍ୟନ୍ତ ଶିକ୍ଷକ ନିଯୁକ୍ତି ହୋଇନାହିଁ। ଫଳରେ କମିଟି ସଦସ୍ୟ ଓ ଅଭିଭାବକମାନେ ବିଦ୍ୟାଳୟକୁ ଛାତ୍ରଛାତ୍ରୀଙ୍କୁ ଛାଡ଼ି ନଥିବାବେଳେ ୭ଦିନ ହେଲା ଫାଟକରେ ତାଲା ପକାଇ ପ୍ରତିବାଦ କରୁଛନ୍ତି। ଧାରଣାକୁ ୭ଦିନ ବିତିଯାଇଥିଲେ ବି ଶିକ୍ଷା ବିଭାଗର କୌଣସି ଅଧିକାରୀ ବିଦ୍ୟାଳୟକୁ ଯାଇ ନଥିବା କମିଟି ସଦସ୍ୟ ଓ ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଅସନ୍ତୋଷ ବୃଦ୍ଧି ପାଉଛି। ବିଇଓ ରାଜୀବ ଦଳେଇ କହିଛନ୍ତି, ଜଣେ ଶିକ୍ଷକ ଦିଆଯାଇଛି। ଅଳ୍ପ ଦିନେ ପରେ ପରୀକ୍ଷା ଥିବାରୁ ଅନ୍ୟ କୌଣସି ବିଦ୍ୟାଳୟରୁ ଶିକ୍ଷକ ସ୍ଥାନାନ୍ତର କରିବା ସମ୍ଭବ ହୋଇପାରୁନାହିଁ। ପରୀକ୍ଷା ପରେ କେଉଁ ବିଦ୍ୟାଳୟରେ ଅଧିକ ଶିକ୍ଷକ ଅଛନ୍ତି, ସେଠାରୁ ସ୍ଥାନାନ୍ତର କରାଯାଇପାରିବ ବୋଲି କହିଛନ୍ତି। ଅଭିଭାବକମାନେ ସେମାନଙ୍କ ପିଲାମାନଙ୍କୁ ବିଦ୍ୟାଳୟକୁ ଛାଡ଼ନ୍ତୁ ବୋଲି ଅନୁରୋଧ କରିଛନ୍ତି।

# ସଫଳ ବ୍ୟବସାୟୀ ଭାବେ ଉପାଧ୍ୟକ୍ଷ ରତିକାନ୍ତ ସମ୍ବର୍ଦ୍ଧିତ

ହାଟଡ଼ିହୀ,୧୧।୧୨(ସମିସ): ବ୍ଲକ୍ ଉପାଧ୍ୟକ୍ଷ ରତିକାନ୍ତ ରାଉତ ଜଣେ ସଫଳ ଏବଂ ପ୍ରତିଷ୍ଠିତ ବ୍ୟବସାୟୀ ଭାବେ ଭୁବନେଶ୍ୱର ଝାରପଡ଼ା ଏସବିଆଇ ତରଫରୁ ସମ୍ବର୍ଦ୍ଧିତ ହୋଇଛନ୍ତି। ରତିକାନ୍ତ ସାଇକୃପା କନ୍‌ଷ୍ଟ୍ରକ୍ସନ ଏଣ୍ଡ ବିଲଡର ପ୍ରମୋଟର ଭାବେ ଭୁବନେଶ୍ୱର ଅଞ୍ଚଳରେ



ବେଶ ପରିଚିତ। ଏସବିଆଇ ବ୍ୟାଙ୍କ ସହ ତାଙ୍କର ଉତ୍ତମ କାରବାର ଏବଂ ଜଣେ ସଫଳ ବ୍ୟବସାୟୀ ଭାବେ ଭୁବନେଶ୍ୱର ଉତ୍ତରାଞ୍ଚଳ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ମୁଖ୍ୟଶାଖାର ମୁଖ୍ୟ ପ୍ରବନ୍ଧକ ଅମିତ ମିଶ୍ର, ଶୁଭେନ୍ଦୁ ଆଚାର୍ଯ୍ୟ, ଝାରପଡା ଶାଖା ପ୍ରବନ୍ଧକ ଫାଲଗୁ ନିରଞ୍ଜନା ସାହୁ, ସହକାରୀ ପ୍ରବନ୍ଧକ ରଶ୍ମିରଞ୍ଜନ ଦାଶ ପ୍ରମୁଖ ରତିକାନ୍ତଙ୍କୁ ତାଙ୍କର ବ୍ୟବସାୟିକ ସଫଳତା ପାଇଁ ପୁରସ୍କୃତ କରିଛନ୍ତି। ହାଟଡ଼ିହୀ ବ୍ଲକ ବଞ୍ଚୋ ଗ୍ରାମର ରତିକାନ୍ତ ଜଣେ ସାମାଜିକ କର୍ମୀ ଭାବେ ବିଭିନ୍ନ କ୍ଷେତ୍ରର ସାମାଜିକ କାର୍ଯ୍ୟରେ ନିଜକୁ ସାମିଲ କରି ବେଶ୍ ପ୍ରଶଂସା ସାଉଁଟିଛନ୍ତି। ଏଥିସହ ସେ ମହିଳା ସୁରକ୍ଷା କମିଟିର ମଧ୍ୟ ଜଣେ ସକ୍ରିୟ ସଦସ୍ୟ ରହିଥିବା ବେଳେ ପୂର୍ବରୁ ରତିକାନ୍ତ ସାଂସଦ ପ୍ରତିନିଧି ଭାବେ ତାଙ୍କର କାର୍ଯ୍ୟ ଦାୟିତ୍ୱ ତୁଲାଇଛନ୍ତି।

● ଶିକ୍ଷାବର୍ଷ ସରିବା ଉପରେ

# ଅନେକ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ମିଳିନି ପୋଷାକ



ଆନନ୍ଦପୁର,୧୧।୧୨ (ସମିସ): ଚଳିତ ଶିକ୍ଷାବର୍ଷ ସରିବାକୁ ଆଉ ମାତ୍ର ଦୁଇମାସ ଥିବା ବେଳେ ଆନନ୍ଦପୁର ଉପଖଣ୍ଡର ଅଧିକାଂଶ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ପୋଷାକ ମିଳିନାହିଁ। ଏନେଇ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପ୍ରତେକ ବର୍ଷ ବିଦ୍ୟାଳୟ କମିଟି ଅଧକ୍ଷ, ପରିଚାଳନା କମିଟି ପ୍ରଧାନଶିକ୍ଷକଙ୍କ ମିଳିତ ମିଳିତ ବୈଠକରେ ନିଷ୍ପତ୍ତି ହୋଇ ଶିକ୍ଷାବର୍ଷ ପ୍ରାରମ୍ଭରେ ପୋଷାକ ବିତରଣ କରାଯାଉଥିବାବେଳେ ଛାତ୍ରଛାତ୍ରୀ ଥିବା ବିଦ୍ୟାଳୟଗୁଡିକରେ ପରିଚାଳନା କମିଟି ପୋଷାକ ବିତରଣ କରିସାରିଲେଣି। ମାତ୍ର ୫୦ରୁ ଅଧିକ ଛାତ୍ର ବିଦ୍ୟାଳରେ ଜିଲ୍ଲା ଶିକ୍ଷାଧିକାରୀ ଏବଂ ଡିପିସିଇସିଙ୍କ ଦ୍ୱାରା ଟେଣ୍ଡର ପକାଇ ମନୋନୀତ ହୋଇଥିବା ଏସଏଚଜି ଗ୍ରୁପଙ୍କୁ ପୋଷାକ ବିତରଣ ପାଇଁ ୱାର୍କଅଡର ମିଳିଛି। ଏନେଇ ବିଡିଓଙ୍କ ନିର୍ଦ୍ଦେଶରେ ବ୍ଲକ୍ ଶିକ୍ଷାଧିକାରୀ କେଉଁ ବିଦ୍ୟାଳୟ ପାଇଁ କେଉଁ ଏସଏଚଜି ଗ୍ରୁପ ମନୋନୀତ ହୋଇଛନ୍ତି ସେମାନଙ୍କୁ ଅବଗତ କରାଇଥିଲେ ମଧ୍ୟ ବିଡିଓ କିମ୍ବା ବ୍ଲକ ଶିକ୍ଷାଧିକାରୀଙ୍କ କୋହଳ ମନଭାବ ପାଇଁ ଶିକ୍ଷାବର୍ଷ ସରିବାକୁଥିବାବେଳେ ଆଜି ତାରିଖରେ ମଧ୍ୟ ଅଧିକାଂଶ ବିଦ୍ୟାଳୟର ଛାତ୍ରଛାତ୍ରୀ ପୋଷାକ ପାଇପାରି ନାହାନ୍ତି। ଯା'ଫଳରେ ଅଭିଭାବକ ଏବଂ ଛାତ୍ରଛାତ୍ରୀଙ୍କ ମହଲରେ ଅସନ୍ତୋଷ ଦେଖାଦେଇଛି। ପ୍ରତ୍ୟେକ ବିଡିଓ ଏହାକୁ ଗୁରୁତର ସହ ପଦକ୍ଷେପ ନେଇ ପୋଷାକ ମିଳି ନ ଥିବା ବିଦ୍ୟାଳୟରେ ପୋଷାକ ଯୋଗାଇ ଦେବାକୁ ବିଇଓଙ୍କୁ ନିର୍ଦ୍ଦେଶ ଦେବାକୁ ଅଭିଭାବକ ଦାବି କରିଛନ୍ତି।


# ସାଇବର ଅପରାଧ ସଚେତନତା ଅଭିଯାନ




କେନ୍ଦୁଝର, ୧୧।୧୨(ସମିସ): କେନ୍ଦୁଝର ଅଡିଟୋରୀୟମରେ କେନ୍ଦୁଝର ପୁଲିସ ପକ୍ଷରୁ ସାଇବର ସେଫଟି ଅଭିଯାନ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଯୁବଗୋଷ୍ଠୀ, ସ୍ୱୟଂସହାୟକ ଗୋଷ୍ଠୀ, କଲେଜ ଛାତ୍ରଛାତ୍ରୀ, ଡାକ୍ତରୀ ଛାତ୍ରଛାତ୍ରୀ, ସାଧାରଣ ନାଗରିକ, ଗଣମାଧ୍ୟମ ପ୍ରତିନିଧି, ବିଭିନ୍ନ ରାଜନୈତିକ ଦଳ ସଦସ୍ୟଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ ମୁଖ୍ୟଅତିଥି, ଜିଲ୍ଲାପାଳ ବିଶାଳ ସିଂ ସମ୍ମାନିତ ଅତିଥି, ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଧନରାଜ ଏଚଡି, କେନ୍ଦୁଝର ପୌରଅଧ୍ୟକ୍ଷା ନିକୁ ସାହୁ ଅନ୍ୟତମ ଅତିଥି, ବ୍ରାଣ୍ଡ ଅମ୍ବାସାଡର ଓଲିଉଡର ଚର୍ଚ୍ଚିତ ଅଭିନେତ୍ରୀ ଏଲିନା ସାମନ୍ତରାୟ ପ୍ରମୁଖ ଯୋଗ ଦେଇଥିଲେ। କେନ୍ଦୁଝର ଆରକ୍ଷୀ ଅଧୀକ୍ଷକ ନିତିନ କୁଶଳକର ସଭାପତିତ୍ୱ କରିଥିଲେ। ବିଭିନ୍ନ ସଚେତନଧର୍ମୀ ପ୍ରାମାଣିକ ଚଳଚିତ୍ର ପ୍ରଦର୍ଶନ ସହ କ୍ଷୁଦ୍ର ନାଟକ ଓ ସଂଗୀତ ପରିବେଷଣ କରାଯାଇଥିଲା। ରାଜ୍ୟରେ ପ୍ରଥମଥର ପାଇଁ ଅନୁସନ୍ଧାନ ପୋର୍ଟାଲ, ଇ ଡ୍ୟୁଟି ପରିଚାଳନା, ଇ ବିଟ ଓ ପ୍ରୋଜେକ୍ଟ ରାକ୍ଷୀର ଶୁଭ ଉନ୍ମୋଚନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଆଭାସୀ ମାଧ୍ୟମରେ ସମବେତ ଗୋଷ୍ଠୀଙ୍କୁ ସାଇବର ସଚେତନତା ସମ୍ପର୍କରେ ଶପଥ ପାଠ କରାଇଥିଲେ। ପ୍ରବନ୍ଧ ଲିଖନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ପୋର୍ଟାଲର ବ୍ୟବହାର ଓ ଉପକାରିତା ସମ୍ପର୍କରେ ତଥ୍ୟ ପ୍ରଦାନ କରାଯାଇଥିଲା।

# ଜିଲ୍ଲା ପରିଷଦ ପୂର୍ବତନ ସଦସ୍ୟଙ୍କ ପରଲୋକ

ହାଟଡ଼ିହୀ,୧୧।୧୨(ସମିସ): କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକ ଅଣା ଗ୍ରାମର ବରିଷ୍ଠ ବିଜେଡି ନେତା ତଥା ଜିଲ୍ଲା ପରିଷଦର ପୂର୍ବତନ ସଦସ୍ୟ ସନାତନ ବେହେରାଙ୍କ ୬୭ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ଜଣେ ମିଷ୍ଟଭାଷୀ,



ନିଷ୍ପାପର, ପରୋପକାରୀ ଓ ଉତ୍ତମ ଗୁଣବତ୍ତାର ବ୍ୟକ୍ତି ଥିଲେ। ପ୍ରଥମେ ଶାସଙ୍ଗ ହାଟଡିହୀ ସମନ୍ୱୟ ପଞ୍ଚାୟତର ସରପଞ୍ଚ, ଏହାପରେ ହାଟଡିହୀ ପଞ୍ଚାୟତର ସମିତିସଭ୍ୟ ଓ ପରେ ୩୫ନଂ ଜୋନର ଜିଲ୍ଲାପରିଷଦ ସଦସ୍ୟ ଭାବେ ଲୋକଙ୍କ ସେବାରେ ନିୟୋଜିତ ରହିଥିଲେ। ଦୀର୍ଘଦିନ ହେବ ଅସୁସ୍ଥ ଥିବାବେଳେ ଗତ ବୁଧବାର ନିଶ୍ୱାସ ନେବାରେ ବାଧା ସୃଷ୍ଟି ହେବାରୁ ତାଙ୍କୁ ପରିବାର ଲୋକ କଟକ ବଡ଼ ମେଡିକାଲକୁ ନେଇଯାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ବିୟୋଗରେ ଅଣା ଗ୍ରାମ ସହ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମରଶରୀର ଗ୍ରାମରେ ପହଞ୍ଚିବା ପରେ ବନ୍ଧୁ ପ୍ରିୟଜନଙ୍କ ସହ ପଞ୍ଚାୟତର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ପରିବାର ପକ୍ଷରୁ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ପୂର୍ବତନ ବିଧାୟକ ମାୟାଧର ଜେନା, ଭାଗୀରଥି ସେଠୀ, ହାଟଡିହୀ ସରପଞ୍ଚ ଚିନ୍ମୟ ନାୟକ, ସମିତିସଭ୍ୟ କୈଳାସ ରାଉତ, ଘସିପୁରା ବିଜେପି ନେତା ଶମ୍ଭୁନାଥ ରାଉତ, ସାମାଜିକ କର୍ମୀ ସୁରେନ୍ଦ୍ର ଜେନା, ଗୌରାଙ୍ଗ ରଣା, ଉପେନ୍ଦ୍ର ସେନାପତି, ଭିକାରୀ ଚରଣ ରାଉତ, ଗୋପାଳ ନାୟକ, ବିଶ୍ୱନାଥ ନାୟକ, ଦିଲ୍ଲୀପ ମଲ୍ଲିକଙ୍କ ସହ ଶତାଧିକ ବିଜେଡିପ୍ରେମୀ ତାଙ୍କ ବାସଭବନରେ ପହଞ୍ଚି ଶୋକସନ୍ତପ୍ତ ପରିବାରଙ୍କୁ ଭେଟି ସମବେଦନା ଜଣାଇଛନ୍ତି।

# ଝୁମ୍ପୁରାରେ କାଠ ଡିପୋ ଉଦ୍‌ଘାଟିତ



ବାଲିବନ୍ଧ,୧୧।୧୨ (ସମିସ): ଝୁମ୍ପୁରାଠାରେ କାଠ ଡିପୋ ଓ ପ୍ରକ୍ରିୟାକୃତ ଲଘୁ ବନଜାତ ଦ୍ରବ୍ୟ ବିକ୍ରୟକେନ୍ଦ୍ର ବୁଧବାର ଉଦଘାଟିତ ହୋଇଯାଇଛି। ଓଏଫଡିସି, ବଡ଼ବିଲ ଏସ୍‌ଡିଏମ ସନ୍ତୋଷ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କେନ୍ଦୁଝର ବନଖଣ୍ଡ ଅଧିକାରୀ ଏଚଡି ଧନରାଜ ମୁଖ୍ୟଅତିଥି, କେନ୍ଦୁଝର ଓଏଫଡିସି ଡିଭିଜନାଲ ମ୍ୟାନେଜର ଏନଏସଜେପି. ସିଂ, ବାଲିବନ୍ଧ ଫରେଷ୍ଟର ରାଜେନ୍ଦ୍ର ଜେନା, ଝୁମ୍ପୁରା ସରପଞ୍ଚ ରେବତୀ ବିରୁଆ, ସମିତିସଭ୍ୟ କୁଞ୍ଜବିହାରୀ ନାଏକ, ପୂର୍ବତନ ଜିଲ୍ଲା ପାରିଷଦ ତଥା ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ଅନୁବ୍ରତ ବେହେରା, ମୁଖ୍ୟମନ୍ତ୍ରୀଙ୍କ ଝୁମ୍ପୁରା ବ୍ଲକ ପ୍ରତିନିଧି ମହେନ୍ଦ୍ର ପଟ୍ଟନାୟକ, ସାଂସଦ ପ୍ରତିନିଧି ପଞ୍ଚାନନ ସାହୁଙ୍କ ସମେତ ବିଜୟାନନ୍ଦ ବେହେରା, ଉମାକାନ୍ତ ମହାନ୍ତ, ବୃନ୍ଦାବନ ମହାନ୍ତ, ରଞ୍ଜନ ବେହେରା, ଶାନ୍ତୁ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଝୁମ୍ପୁରାବାସୀଙ୍କ ପାଇଁ ଏହି ବହୁ ପ୍ରତୀକ୍ଷିତ କାଠ ଡିପୋ ଦ୍ୱାରା ଜନସାଧାରଣ ଉପକୃତ ହେବେ ବୋଲି ମତ ପ୍ରକାଶ ପାଇଥିଲା। ଜାଳେଣି କାଠ ସହ ମହୁ, ଝୁଣା, ଆଚାର, ଜଙ୍ଗଲଜାତ ଦ୍ରବ୍ୟରୁ ପ୍ରସ୍ତୁତ ରସ (ଜୁସ), ଅନେକ ଜଙ୍ଗଲଜାତ ଦ୍ରବ୍ୟ ସୁଲଭ ମୂଲ୍ୟରେ ବିକ୍ରୟ କରାଯିବ ବୋଲି ଜିଲ୍ଲା ବନଖଣ୍ଡ ଅଧିକାରୀ ଶ୍ରୀ ଧନରାଜ ସୂଚନା ଦେଇଛନ୍ତି।

# ଆଇନା ସିଲେଇ କୌଶଳ ତାଲିମ ଶିବିର



ଆନନ୍ଦପୁର, ୧୧।୧୨ (ସମିସ): ଭିଆରଓ ୟାଡିସି ଆଶାପୁରୀରେ ଆୟୋଜିତ ଆଇନା କାମ ହାତ ସୁଇ-ସୂତା ପ୍ରଶିକ୍ଷଣରେ ଗ୍ରାମୀଣ ମହିଳାଙ୍କୁ ନୂତନ କୌଶଳ ତାଲିମ ପ୍ରଦାନ କରାଯାଇଛି। ଭିଆରଓ ସଂସ୍ଥାଦ୍ୱାରା ଆଶାପୁରୀର ଯୁବ କୌଶଳ ବିକାଶ କେନ୍ଦ୍ରରେ ଏକଦିନିଆ ଆଇନା କାମ ହାତ ସୁଇ-ସୁତା ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ପ୍ରଶିକ୍ଷକମାନେ ଯୋଗଦେଇଥିଲେ। ପ୍ରଶିକ୍ଷକ ସସ୍ମିତା ସାହୁ ଏବଂ ମୋନାଲିସା ୩୬ରୁ ଅଧିକ ମହିଳା ଏବଂ ଯୁବତୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ପ୍ରଶିକ୍ଷକଙ୍କ ଦ୍ୱାରା ତିଆରି ସୁଇ-ସୂତା କାମଗୁଡ଼ିକର ଏକ ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା, ଯେଉଁଠାରେ ସେମାନଙ୍କ ସୃଜନଶୀଳତା ଓ ପ୍ରଗତି ପ୍ରଦର୍ଶିତ ହୋଇଥିଲା। ଭିଆରଓ ଦଳ ପ୍ରଶିକ୍ଷୁମାନଙ୍କ ଉତ୍ସାହକୁ ସ୍ୱାଗତ କରି, ଗ୍ରାମୀଣ ମହିଳାଙ୍କ ପାଇଁ ଏପରି କୌଶଳ ବିକାଶ ପ୍ରୟାସ ଜାରି ରଖିବା ପାଇଁ ପରାମର୍ଶ ଦେଇଥିଲେ। ଆଇନା କାମ ହାତ ସୁଇ-ସୂତା ପ୍ରଶିକ୍ଷଣ ଭିଆରଓ ସଂସ୍ଥାଙ୍କ ପକ୍ଷରୁ ନାରୀ ସଶକ୍ତିକରଣ, କୌଶଳ ବିକାଶ ଏବଂ ସୁସ୍ଥିର ଜୀବିକା ସୃଷ୍ଟି ପ୍ରତି ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଆୟୋଜକ ପ୍ରକାଶ କରିଥିଲେ।

# ମାନପୁରରେ ଅଣୁ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ସଚେତନତା



କେନ୍ଦୁଝର, ୧୧।୧୨(ସମିସ): ଗ୍ରାମାଞ୍ଚଳ ମହିଳା ଓ ପୁରୁଷଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଜିଲ୍ଲା ଶିଳ୍ପ କେନ୍ଦ୍ର ଓ ହସ୍ତତନ୍ତ ବିଭାଗ ପକ୍ଷରୁ ଦିନିକିଆ ସଚେତନତା କାର୍ଯ୍ୟକ୍ରମ ମନୋରମା ବିଦ୍ୟାଭବନ ମାନପୁରଠାରେ ଆୟୋଜିତ ହୋଇଯାଇଛି। ଏଥିରେ ଜିଲ୍ଲା ଶିଳ୍ପ କେନ୍ଦ୍ରର ମହାପ୍ରବନ୍ଧକ ଅଜୟ ମହାନ୍ତ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଗ୍ରାମୀଣ ଆତ୍ମ ନିଯୁକ୍ତି ତାଲିମ କେନ୍ଦ୍ରର ନିର୍ଦ୍ଦେଶକ ହରେକୃଷ୍ଣ ମହାନ୍ତ ଯୋଗ ଦେଇଥିଲେ। ହସ୍ତକଳା ଓ ହସ୍ତଶିଳ୍ପ ପାଇଁ ରହିଥିବା ସରକାରୀ ଯୋଜନା ଓ ତାଲିମ କାର୍ଯ୍ୟକ୍ରମ ସମ୍ପର୍କରେ ହସ୍ତଶିଳ୍ପ ସହନିର୍ଦ୍ଦେଶକ ଲଳାଟେନ୍ଦୁ ସର୍ଦ୍ଦାର ସୂଚନା ଦେଇଥିଲେ। ନାବାର୍ଡର ଉପନିର୍ଦ୍ଦେଶକ ଖୁରେଶ କୁମାର ନାୟକ ଆତ୍ମନିଯୁକ୍ତି ଓ କୃଷି ପାଇଁ ସରକାରଙ୍କ ପକ୍ଷରୁ ଋଣ ଓ ରିହାତି ସୁବିଧା ବିଷୟରେ ଆଲୋଚନା କରିଥିଲେ। ସମାଜସେବୀ ଧରିତ୍ରୀ ରାଉତ ଆତ୍ମ ନିଯୁକ୍ତି ମାଧ୍ୟମରେ ନିଜର ଆୟ ବଢ଼ାଇବା ସହ କିପରି ନିଯୁକ୍ତି ସୁଯୋଗ ସୃଷ୍ଟି କରି ହେବ ସେଥିପାଇଁ ଉତ୍ସାହିତ କରିଥିଲେ। ବିଦ୍ୟା ଭବନର ସମ୍ପାଦକ ଆଲୋକ ମିଶ୍ର ଏହି ସଚେତନତା କାର୍ଯକ୍ରମକୁ ସଂଯୋଜନା କରିଥିବା ବେଳେ ସହକାରୀ ଶିଳ୍ପ ଅଧିକାରୀ ଶ୍ୟାସୁନ୍ଦର ହେମ୍ବ୍ରମ କାର୍ଯକ୍ରମ ସହଯୋଗ କରିଥିଲେ। ପ୍ରାୟ ୫୦ ଗ୍ରାମବାସୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ଧରଣୀଧର ବିଶ୍ୱବିଦ୍ୟାଳୟରେ ମାନବାଧିକାର ଦିବସ




କେନ୍ଦୁଝର, ୧୧।୧୨(ସମିସ): ଧରଣୀଧର ବିଶ୍ୱବିଦ୍ୟାଳୟରେ ଜିଲ୍ଲା ଆଇନସେବା ପ୍ରାଧିକରଣର ମିଳିତ ସହଯୋଗରେ ବିଶ୍ୱ ମାନବାଧିକାର ଦିବସ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସେବା ଯୋଜନାର(ଏନ୍‌ଏସ୍‌ଏସ୍) ପ୍ରୋଗ୍ରାମ ଅଫିସର ଦିନେଶ ମହାରଣା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅକ୍ଷୟ କୁମାର ଚକ୍ର ସଭାପତିତ୍ୱ କରିଥିଲେ। ଆଡଭୋକେଟ ଅର୍ଚ୍ଚନା ଦାସ, ଶିଶୁ ନ୍ୟାୟବୋର୍ଡର ସଦସ୍ୟ ମାନସ ପଣ୍ଡା, କେନ୍ଦୁଝର ଟାଉନ ପୁଲିସ ଷ୍ଟେସନର ଉପନିରୀକ୍ଷକ ପୂର୍ଣ୍ଣମୟୀ ସେଠୀ, ଜିଲ୍ଲା ଲୋକ ଅଦାଲତର ଅବସରପ୍ରାପ୍ତ ବିଚାରପତି ଇ. ବିଘ୍ନେଶ୍ୱର ରାଓ, କେନ୍ଦୁଝର ଜିଲ୍ଲା ପୁଲିସ ଉପଅଧୀକ୍ଷକ, ଜିଲ୍ଲା ବରିଷ୍ଠ ବିଚାରପତି ସସ୍ମିତା ନନ୍ଦିନୀ ତ୍ରିପାଠୀଙ୍କ ସହ ବିଶ୍ୱବିଦ୍ୟାଳୟର ଦୁଇ ଜଣ ଛାତ୍ରୀ ଶୁଭଶ୍ରୀ ସାହୁ ଏବଂ ଓମ୍‌ମୟୀ ମହାନ୍ତ ବିଭିନ୍ନ କ୍ଷେତ୍ରରେ ମାନବାଧିକାର ବିଷୟରେ ମତ ବ୍ୟକ୍ତ କରିଥିଲେ। ସମାଜ ବିଜ୍ଞାନର ବିଭାଗର ବିଭାଗୀୟ ମୁଖ୍ୟ ସୁଶ୍ରୀ ସଙ୍ଗୀତା ନାଏକ ଏହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ। ରାଜନୀତି ବିଜ୍ଞାନର ଅଧ୍ୟାପିକା ସ୍ନେହଲତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# 'ନୂତନ ବୈଜ୍ଞାନିକ ଚିନ୍ତାଧାରା ଉଦ୍ରେକର ମାଧ୍ୟମ ବିଜ୍ଞାନ ପ୍ରଦର୍ଶନୀ'

## ଜିଲ୍ଲାସ୍ତରୀୟ ବାଲ୍ ବୈଜ୍ଞାନିକ ମେଳା



କେନ୍ଦୁଝର, ୧୧।୧୨(ସମିସ): କେନ୍ଦୁଝର ଜିଲ୍ଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ୨୦୨୫-୨୬ ପିଏମଶ୍ରୀ ବାଳିକା ଉଚ୍ଚବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ ସମାରୋହରେ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲା ବେଳେ ମୁଖ୍ୟବକ୍ତା ଭାବେ ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷା କଲ୍ୟାଣୀ ମାଝୀ ବିଜ୍ଞାନ ପ୍ରଦର୍ଶନୀ ମାଧ୍ୟମରେ ଶିଶୁଙ୍କଠାରେ ନୂତନ ବୈଜ୍ଞାନିକ ଚିନ୍ତାଧାରାର ଅଭ୍ୟୁଦୟ ଘଟିଥାଏ ବୋଲି ପ୍ରକାଶ କରିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ରୁଦ୍ରନାରାୟଣ ସାମଲ ଓ ମଣ୍ଡଳ ଶିକ୍ଷାଧିକାରୀ, ପାଟଣାର ପୂର୍ଣ୍ଣଚନ୍ଦ୍ର ଅମାନ୍ତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ବିଜ୍ଞାନ ପରିଦର୍ଶକ ପରମେଶ୍ୱର ମହାନ୍ତ ବିଜ୍ଞାନ ପ୍ରଦର୍ଶନୀର ବିବରଣୀ ପ୍ରଦାନ କରିଥିବା ବେଳେ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ସଦରର କପିଳଚନ୍ଦ୍ର ଦାଶ ମଞ୍ଚ ପରିଚାଳନା କରିଥିଲେ। ମଣ୍ଡଳ ଶିକ୍ଷାଧିକାରୀ, ଘଟଗାଁ ତଥା କେନ୍ଦୁଝର ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ୍‌ର ପ୍ରଧାନଶିକ୍ଷକ ସଭାପତିତ୍ୱ କରିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସତ୍ୟନାରାୟଣ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲାସ୍ତରୀୟ ବାଲବୈଜ୍ଞାନିକ ପ୍ରଦର୍ଶନୀର ମୁଖ୍ୟ ବିଷୟବସ୍ତୁ: "ବିଜ୍ଞାନ, ପ୍ରଯୁକ୍ତି, ଯାନ୍ତ୍ରିକ ବିଜ୍ଞାନ ଓ ଗଣିତ ମାଧ୍ୟମରେ ଭାରତକୁ ଉନ୍ନତ ଓ ସ୍ୱାବଲମ୍ବୀ କରିବା' ଏବଂ ଉପରୋକ୍ତ ମୁଖ୍ୟ ବିଷୟବସ୍ତୁ ଆଧାରିତ ୭ଟି ଉପମୁଖ୍ୟ ବିଷୟବସ୍ତୁରେ ସମୁଦାୟ ୯୧ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ତନ୍ମଧ୍ୟରୁ ପ୍ରତି ଉପ ବିଷୟବସ୍ତୁରୁ ସର୍ବୋତ୍କୃଷ୍ଟ ୭ଟି ପ୍ରକଳ୍ପ ରାଜ୍ୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀରେ କେନ୍ଦୁଝର ଜିଲ୍ଲା ତରଫରୁ ଅଂଶଗ୍ରହଣ କରିବେ। ଉଦଯାପନୀ ସମାରୋହରେ ଧରଣୀଧର ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ପ୍ରତିଭା ପୃଷ୍ଟି ମୁଖ୍ୟଅତିଥି ଭାବେ କୃତୀ ବୈଜ୍ଞାନିକଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଉପ ବିଷୟବସ୍ତୁ ମଧ୍ୟରୁ ଧାରଣକ୍ଷମ କୃଷିରେ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ, ଟୁଙ୍ଗୁରୁଡ଼ିର ରାନୀ ପ୍ରଧାନ, ଆବର୍ଜନା ପରିଚାଳନା ଓ ପ୍ଲାଷ୍ଟିକର ବିକଳ୍ପରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗୋବିନ୍ଦପୁରର କୋମଲ ମହାନ୍ତି, ସବୁଜଶକ୍ତିରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଶାଳପଡ଼ା, ଆନନ୍ଦପୁରର ବି.ଯଶସ୍ୱୀ ପ୍ରୀତମ, ଆମୋଦଦାୟକ ଗାଣିତିକ ପ୍ରକଳ୍ପରେ ଓଡିଶା ଆଦର୍ଶ ବିଦ୍ୟାଳୟ,ଶାଳପଡ଼ା, ଆନନ୍ଦପୁରର ଆଦ୍ୟସ୍ରଷ୍ଟା ପଟ୍ଟନାୟକ, ବିକାଶଶୀଳ ପ୍ରଯୁକ୍ତି ବିଦ୍ୟାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଶାଳପଡ଼ା, ଆନନ୍ଦପୁରର ଦେବାଞ୍ଜନ ଘଡେଇ, ସ୍ୱାସ୍ଥ୍ୟ ଓ ପରିଚ୍ଛନ୍ନତାରେ ଓଡିଶା ଆଦର୍ଶ ବିଦ୍ୟାଳୟ, ସୁଆଁପଦାର ଅନୁସୟା ପୃଷ୍ଟି, ଜଳ ସଂରକ୍ଷଣ ଓ ପରିଚାଳନାରେ ଆଶାଦେବୀ ଉଚ୍ଚବିଦ୍ୟାଳୟ, ଜମ୍ବୀରା, ହାଟଡିହିର ଲିପ୍ସାରାଣୀ ରାଉତ ମନୋନୀତ ହୋଇଛନ୍ତି। ୨୦୨୪-୨୫ ଶିକ୍ଷା ବର୍ଷର ରାଷ୍ଟ୍ରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ, ଭୋପାଳଠାରେ ଅନୁଷ୍ଠିତ ହୋଇଥିବା ବିଜ୍ଞାନ ପ୍ରଦର୍ଶନୀରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗୋବିନ୍ଦପୁରର କୁନି ବୈଜ୍ଞାନିକ ଦେବସ୍ମିତା ରାଉତ ଓ ମାର୍ଗଦର୍ଶୀ ବିଜ୍ଞାନ ଶିକ୍ଷକ ବିଜୟ କୁମାର ମିଶ୍ରଙ୍କୁ ଜିଲ୍ଲା ତରଫରୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଛି। ବିଜ୍ଞାନ ପ୍ରକଳ୍ପ ବିଚାରକ ଭାବେ ଯୋଗେଶ୍ୱର ପତି, ପ୍ରାକ୍ତନ ଅଧ୍ୟାପକ, ପଦାର୍ଥ ବିଜ୍ଞାନ, କୁଳମଣି ପ୍ରଧାନ, ଅଧ୍ୟକ୍ଷ ପିଏନ. ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଟିକେଶ୍ୱର ବାରିକ, ଅଧ୍ୟାପକ, ଜଗବନ୍ଧୁ ଡିଗ୍ରୀ ମହାବିଦ୍ୟାଳୟ ହରିଚନ୍ଦନପୁର ଓ ସନତ ଦାସ, ଅଧ୍ୟାପକ, ଉଦ୍ଭିଦ ବିଜ୍ଞାନ, ଆଞ୍ଚଳିକ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପଦ୍ମପୁର ଯୋଗ ଦେଇଥିଲେ।

# ଡ. କମଳେଶ ଦିଦିଜୀଙ୍କୁ ଶ୍ରଦ୍ଧାଞ୍ଜଳି



ଚମ୍ପୁଆ, ୧୧।୧୨(ସମିସ): ଚମ୍ପୁଆ ବ୍ରହ୍ମାକୁମାରୀ ସେବାକେନ୍ଦ୍ର ପକ୍ଷରୁ ଦିବଂଗତ ଓଡ଼ିଶା ମୁଖ୍ୟ ବ୍ରହ୍ମାକୁମାରୀ କମଳେଶ ଦିଦିଜୀଙ୍କୁ ଭକ୍ତପୁତ ତଥା ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସେବାକେନ୍ଦ୍ର ସଞ୍ଚାଳିକା ସୌଦାମିନି ଭଉଣୀଙ୍କ ଅଧ୍ୟକ୍ଷତାରେ ଏକ ସ୍ମୃତିସଭାରେ ବ୍ରହ୍ମାକୁମାର ଡମ୍ବୁରୁ, ପ୍ରେମଚାନ୍ଦ, ଧର୍ମାନନ୍ଦ, ଧନେଶ୍ୱର, ବ୍ରହ୍ମାକୁମାରୀ ଅନୁପମା, ଗାୟତ୍ରୀ ଏବଂ ସଂଗିତା ଯୋଗ ଦେଇଥିଲେ। ସମସ୍ତ ଭାଇଭଉଣୀଙ୍କୁ ବ୍ରହ୍ମାଭୋଜନ ଅର୍ପଣ କରାଯାଇଥିଲା।

### ମୁଖ୍ୟମନ୍ତ୍ରୀ(ଲକ୍ଷ୍ମୀ) ବସ୍ ପରିଚାଳନାରେ ଆର୍ଥିକ ଅନିୟମିତତା ଅଭିଯୋଗ

# ଆଦାୟ ଗୋଟିଏ ସ୍ଥାନରୁ; ଜମା ଭିନ୍ନ ସ୍ଥାନରେ

ବାରିପଦା,୧୧।୧୨(ସମିସ)

- ୧୭ ଲକ୍ଷରୁ ଊର୍ଦ୍ଧ୍ୱ ଯାତ୍ରୀ ଭଡ଼ା ଟଙ୍କା ଅନିୟମିତତା
- ଜାଲ୍ ବ୍ୟାଙ୍କ ସିଲ୍, ରସିଦ୍ ବ୍ୟବହାର
- ବ୍ଲକ୍ ସୁପରଭାଇଜର ଫେରାର

ଓଏସ୍ଆରଟିସିର ମୁଖ୍ୟମନ୍ତ୍ରୀ(ଲକ୍ଷ୍ମୀ) ବସ୍ ପରିଚାଳନାରେ ମୟୂରଭଞ୍ଜ ଜିଲ୍ଲାରୁ ଆର୍ଥିକ ଅନିୟମିତତା ଅଭିଯୋଗ ଆସିଛି। ଦୁଇ ବର୍ଷରେ ପାଖାପାଖି ୧୭ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଅନିୟମିତତା ଜଣାପଡ଼ିବାପରେ ବିଭାଗ ପକ୍ଷରୁ ଖୋଳତାଡ଼ ଆରମ୍ଭ ହୋଇଛି। ସମ୍ପୃକ୍ତ ସୁପରଭାଇଜର ଫେରାର୍ ଥିବାରୁ ଅନିୟମିତତା ପାଇଁ କାରଣ ଦର୍ଶାଅ ନୋଟିସ ଜାରି ପରେ ଅପରାଧିକ ମାମଲା ରୁଜୁ ହେବାକୁ ଯାଉଛି। ସୁପରଭାଇଜର ଜଣକ ହେଲେ ବିଶୋଇ ବ୍ଲକ୍ ଦାୟିତ୍ୱରେ ଥିବା ଲଳିତ କୁମାର ବାରିକ। ୨୦୨୪-୨୫ ଓ ୨୦୨୫-୨୬ ଆର୍ଥିକ ବର୍ଷରେ ପ୍ରାୟ ୧୭ ଲକ୍ଷ ୩୦ ହଜାର ୪୪୪ ଟଙ୍କା ଯାତ୍ରୀ ଭଡ଼ା ଆତ୍ମସାତ୍ କରିଥିବା ଅଭିଯୋଗ ହୋଇଛି। ସେ ନଭେମ୍ବର ୨୫ରୁ ବ୍ଲକ୍ ମୁଖ୍ୟାଳୟ ଛାଡ଼ି ଫେରାର୍ ଥିବାବେଳେ ବିନା ଅନୁମତିରେ ଅନୁପସ୍ଥିତି ନେଇ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି।

ପ୍ରକାଶ ଯେ, ଜିଲ୍ଲାର ବିଶୋଇ ବ୍ଲକ୍ ଅଞ୍ଚଳରେ ଚଳାଚଳ କରୁଥିବା ୩ଟି ମୁଖ୍ୟମନ୍ତ୍ରୀ (ଲକ୍ଷ୍ମୀ) ବସ୍‌ର ପ୍ରତ୍ୟେକ ଦିନର ଯାତ୍ରୀ ଭଡ଼ା ସୁପରଭାଇଜର କଣ୍ଡକ୍ଟରଙ୍କଠାରୁ ସଂଗ୍ରହ କରି ଜମା କରିବା ପରିବର୍ତ୍ତେ ନିଜେ ରଖୁଥିଲେ। ଉକ୍ତ ଟଙ୍କା ସ୍ଥାନୀୟ ବ୍ୟାଙ୍କରେ ଜମା କରିବା ପରିବର୍ତ୍ତେ ୧୧୦ କିଲୋମିଟର ଦୂରରେ ଥିବା ବଡ଼ସାହି ବ୍ଲକ୍‌ର ପ୍ରତାପପୁର ଗ୍ରାମ୍ୟ ବ୍ୟାଙ୍କ ଶାଖାର ନକଲି ସିଲ୍ ଓ ଜାଲ୍ ଦସ୍ତଖତ ବ୍ୟବହାର ପୂର୍ବକ ଜାଲ୍ ରସିଦ୍ ତିଆରି କରି ଜମା କରୁଥିବା ହେଲେ ୨ ବର୍ଷ ଧରି ଜିଲ୍ଲା ମ୍ୟାନେଜରଙ୍କ ହ୍ୱାଟ୍ସଆପ୍ ଗ୍ରୁପରେ ଅବଗତ କରୁଥିଲେ। ଏହା ଜଣାପଡ଼ିବା ପରେ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ତେବେ ସୁପରଭାଇଜର କେବଳ ଏକୁଟିଆ ଏଥିରେ ସଂଶ୍ଳିଷ୍ଟ ନା ଆଉ କିଏ ଅଛନ୍ତି ତାହା ତଦନ୍ତସାପେକ୍ଷ। ଏଥିରେ କିଛି ବରିଷ୍ଠ ଅଧିକାରୀଙ୍କ ସମ୍ପୃକ୍ତି ଥିବା ଜିଲ୍ଲା କାର୍ଯ୍ୟାଳୟ ଅନୁମାନ କରୁଛି।

ସୂଚନାଯୋଗ୍ୟ, ମୟୂରଭଞ୍ଜରେ ୨୬ଟି ବ୍ଲକରେ ୧୦୩ଟି ମୁଖ୍ୟମନ୍ତ୍ରୀ ବସ୍(ଲକ୍ଷ୍ମୀ ବସ୍) ଚଳାଚଳ କରୁଛି। ଏହାର ତଦାରଖ ପାଇଁ ୨୭ ଜଣ ସୁପରଭାଇଜର, ୨ଜଣ ସହକାରୀ ମ୍ୟାନେଜର, ଜଣେ ଜିଲ୍ଲା ମ୍ୟାନେଜର ଓ ଜଣେ ହିସାବ ରକ୍ଷକ ନିୟୋଜିତ ଥାଇ ମଧ୍ୟ ଏତେ ବଡ଼ ଅନିୟମିତତା କିପରି ଧରା ନ ପଡ଼ିଲା, ତାହା ବ୍ୟବସ୍ଥା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ତେବେ ଏପର୍ଯ୍ୟନ୍ତ ସମ୍ପୃକ୍ତ ସୁପରଭାଇଜରଙ୍କ ବିରୋଧରେ ଥାନାରେ ଏତଲା ହୋଇନାହିଁ ତାଙ୍କ ସହ ଗୁପ୍ତ ଆପୋଷ ଆଲୋଚନାରେ ଅନିୟମିତତା ଅର୍ଥ ଆଦାୟ ପାଇଁ ଚେଷ୍ଟା କରାଯାଉଛି ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି। ଏନେଇ ଜିଲ୍ଲା ମ୍ୟାନେଜର ସତ୍ୟଜିତ୍ ବିଷୋୟୀ କହିଛନ୍ତି ଯେ କାର୍ଯ୍ୟାଳୟ ପକ୍ଷରୁ ସୁପରଭାଇଜରଙ୍କୁ କାରଣଦର୍ଶାଅ ନୋଟିସ ଦେଇଛୁ। ନିର୍ଦ୍ଧାରିତ ସମୟ ମଧ୍ୟରେ ଯଦି ସେ ସ୍ପଷ୍ଟ ଉତ୍ତର ନ ଦିଅନ୍ତି ତେବେ ଆମେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟରେ ରହିଥିବା ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିବୁ। ସେଠାରୁ ଯାହା ନିର୍ଦ୍ଦେଶ ମିଳିବ ତାହାକୁ ଅନୁପାଳନ କରିବୁ। ସେହିପରି ପ୍ରତାପପୁର ଗ୍ରାମ୍ୟ ବ୍ୟାଙ୍କ ଶାଖା ମ୍ୟାନେଜର ଗଣେଶ ବାରିକ କହିଛନ୍ତି ଯେ ଆମ ବ୍ୟାଙ୍କରେ ସୁପରଭାଇଜର ଜଣକ ପୂର୍ବରୁ ଅର୍ଥ ଜମା କରୁଥିଲେ। ମାତ୍ର ବିଗତ ୧୮ ମାସ ହେଲା ଜମା କରିନାହାନ୍ତି। ବ୍ୟାଙ୍କର ସିଲ୍ ଓ ନାମକୁ ଅପବ୍ୟବହାର କରିଥିଲେ ଆଇନଗତ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

## ଜଡ଼ିଦା ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଭୋଟ୍

**କପ୍ତିପଦା,୧୧।୧୨(ସମିସ):** କପ୍ତିପଦା ବ୍ଲକ୍ ଅଧୀନ ଜଡ଼ିଦା ଗ୍ରାମ ପଞ୍ଚାୟତର ସରପଞ୍ଚ ମିନତୀ ମଢ଼େଇଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ହେବା ପରେ କପ୍ତିପଦା ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ ତାଙ୍କର ଚିଠି ନଂ୫୮୧୯ତା ୫.୧୨.୨୦୨୫ରେ ଭୋଟ୍ ପାଇଁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ମୁତାବକ ଗୁରୁବାର ପୂର୍ବାହ୍ଣ ୧୧ଟାରେ ଜଡ଼ିଦା ପଞ୍ଚାୟତ କାର୍ଯ୍ୟାଳୟରେ ଗୋପବନ୍ଧୁ ନଗର ବ୍ଲକ୍‌ର ବିଡିଓ ପୃଥ୍ୱୀରାଜ ପରିଡ଼ାଙ୍କ ତତ୍ତ୍ୱାବଧାନରେ ଭୋଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅନାସ୍ଥା ଭୋଟ୍‌ରେ ୱାର୍ଡ ନଂ ୪ର ୱାର୍ଡ ମେମ୍ବର ଲମ୍ବୋଦର ମାରାଣ୍ଡି ଓ ୱାର୍ଡ ନଂ ୯ର ୱାର୍ଡ ମେମ୍ବର ସିରିଆ ହାଁସଦା ଅନୁପସ୍ଥିତ ଥାଇ ୧୩ ଜଣ ୱାର୍ଡ ମେମ୍ବର ଭୋଟ୍ ଦେଇଥିଲେ। ଏହି ଭୋଟ୍ ହେବା ପୂର୍ବରୁ ସରପଞ୍ଚ ମିନତୀ ମଢ଼େଇଙ୍କ ତରଫରୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଏହାକୁ ଚ୍ୟାଲେଞ୍ଜ କରି କେସ୍ ନଂ ଡବ୍ଲ୍ୟୁପି(ସି)୩୪୯୮୪/୨୦୨୫ରେ ଏକ ରିଟ୍ ପିଟିସନ ଦାଖଲ ହେବା ପରେ କୋର୍ଟ ଏହାକୁ ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଭୋଟ୍ ଗଣତି ନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଭୋଟ୍ ସମୟରେ ଘଟଣାସ୍ଥଳରେ ଉଭୟଙ୍କ ତରଫରୁ କୌଣସି ଗଣ୍ଡଗୋଳ ହେବାର ଆଶଙ୍କା ଥିବାରୁ କପ୍ତିପଦା ଥାନା ଅଧିକାରିଣୀ ବବିତା ପୁହାଣଙ୍କ ସମେତ ଏକ ପ୍ଲାଟୁନ ପୁଲିସ ମୁତୟନ ହୋଇଥିବାର ଦେଖିବାକୁ ମିଳିଥିଲା। ତେବେ ଶାନ୍ତିଶୃଙ୍ଖଳାର ସହିତ ସମସ୍ତ କାର୍ଯ୍ୟ ସମାପନ ହୋଇଥିବାର ଜଣାପଡ଼ିଛି।

## ଗୋ-ବନ୍ଧ୍ୟା ନିରାକରଣ ଶିବିର



**ରାଇରଙ୍ଗପୁର,୧୧।୧୨(ସମିସ):** ରାଇରଙ୍ଗପୁର ଉପଖଣ୍ଡ ପ୍ରାଣୀ ଚିକିତ୍ସା କେନ୍ଦ୍ର ପକ୍ଷରୁ କୁସୁମୀ ବ୍ଲକ୍‌ରେ ଗୋ ବନ୍ଧ୍ୟା ନିରାକରଣ ଶିବିର ଆୟୋଜନ କରାଯାଇଛି। ସ୍ଥାନୀୟ ଚାଷୀମାନେ ଉକ୍ତ ଶିବିରକୁ ନିଜ ଗାଈ ନେଇ ଗୋ ବନ୍ଧ୍ୟା ନିରାକରଣ ନିମନ୍ତେ ଚିକିତ୍ସା କରାଯାଇ ମାଗଣାରେ ଔଷଧ ଓ ଇଞ୍ଜେକ୍ସନ ପ୍ରଦାନ କରାଯାଇଛି। ଅଭିଜ୍ଞ ପ୍ରାଣୀ ଚିକିତ୍ସକଙ୍କ ଜରିଆରେ ଶିବିରରେ ଚିକିତ୍ସା କରାଯାଇଛି। ଏହାସହିତ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଗାଈମାନଙ୍କ ବିଭିନ୍ନ ରୋଗ ବାବଦରେ କହିବା ସହ କିପରି ତାହାର ନିରାକରଣ କରାଯିବ ସେ ବାବଦରେ ମଧ୍ୟ ଜଣାଇଥିଲେ। ଏହାପରେ ଗାଈଗୁଡ଼ିକର ପରୀକ୍ଷା କରାଯାଇ ଗୋ ବନ୍ଧ୍ୟା ନିରାକରଣ ନେଇ ଚିକିତ୍ସା କରାଯାଇଛି। ଉକ୍ତ ଶିବିରରେ ଅଭିଜ୍ଞ ଡାକ୍ତର ଓ କର୍ମଚାରୀ ଉପସ୍ଥିତ ଥିଲେ।

## ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

**ମହୁଲଡିହା,୧୧।୧୨(ସମିସ):** ଅନୁସୂଚିତ ଜାତି, ଜନଜାତି ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ଠାକୁରମୁଣ୍ଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ଗୁରୁବାର ଉଦ୍‌ଘାଟିତ ହୋଇଛି। ଏହା ଶୁକ୍ରବାର ଉଦ୍‌ଯାପିତ ହେବ। ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ କୁଞ୍ଜ ବିହାରୀ ପ୍ରଧାନ ଯୋଗଦେଇ କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ।



ଏହି ଅବସରରେ ପ୍ରଧାନଶିକ୍ଷକ ବଳରାମ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟଅତିଥି ଛାତ୍ରୀମାନଙ୍କୁ ସଂସ୍କାରଯୁକ୍ତ ହେବା ସହ ସଂସାରର ମଙ୍ଗଳବିଧାନ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଠାକୁରମୁଣ୍ଡା ପ୍ରେସ୍ କ୍ଲବ୍ ସଭାପତି ଶରତ ତ୍ରିପାଠୀ ଯୋଗଦେଇ କ୍ରୀଡ଼ା ଜୀବନର ଅଙ୍ଗ ବୋଲି କହିଥିଲେ। କ୍ରୀଡ଼ା ଏକ ମନୋଭାବ ଏବଂ ସବୁ କାମ ଭଳି କ୍ରୀଡ଼ାକୁ ଗ୍ରହଣ କଲେ ନିଶ୍ଚିତ ଉତ୍କର୍ଷ ମିଳିବ। କ୍ରୀଡ଼ାରେ ଏବେ ଭରପୂର ସୁଯୋଗ ରହିଥିବାରୁ କ୍ୟାରିୟର ଭାବେ ମଧ୍ୟ ଚୟନ କରିପାରିବା ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରାକେଶ ରଞ୍ଜନ ଦାସ ଯୋଗଦେଇ ଖେଳରେ ହାର୍‌ଜିତ୍‌କୁ ଗୁରୁତ୍ୱ ନ ଦେଇ ସମସ୍ତେ ଭାଗ ନେବାକୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସୁଜିତ୍ ଲୁଗୁନ ଏବଂ ପଦ୍ମଲୋଚନ ନନ୍ଦ ଯୋଗଦେଇଥିଲେ। ଶିକ୍ଷକ ତରଣୀସେନ ମହାନ୍ତ ଧନ୍ୟବାଦ ଦେଇଥିଲେ।

## ଡେପୁଟେସନରେ ଯାଇଛନ୍ତି ଡାକ୍ତର: ଫେରାଇ ଆଣୁନି ପ୍ରଶାସନ; ରୋଗୀସେବା ବ୍ୟାହତ

**କରଞ୍ଜିଆ,୧୧।୧୨(ସମିସ):** କରଞ୍ଜିଆ ଉପଖଣ୍ଡ ସରକାରୀ ଡାକ୍ତରଖାନା ଓଡ଼ିଶାର ଉତ୍ତରାଞ୍ଚଳର ଏକ ଅଗ୍ରଣୀ ଡାକ୍ତରଖାନା। ଏଠାରେ ପ୍ରତ୍ୟହ ଉପଖଣ୍ଡର ୫ଟି ବ୍ଲକ୍, ନିକଟ କେନ୍ଦୁଝର ଜିଲ୍ଲାର ଅନେକ ଅଞ୍ଚଳ, ପଡ଼ୋଶୀ ଝାଡ଼ଖଣ୍ଡ ରାଜ୍ୟର କିଛି ଅଞ୍ଚଳବାସୀ ଏହି ଡାକ୍ତରଖାନା ଉପରେ ନିର୍ଭର କରି ଉପକୃତ ହୁଅନ୍ତି। ଦୀର୍ଘ ଦିନ ଧରି ଏହି ଡାକ୍ତରଖାନାରେ ଆବଶ୍ୟକ ଡାକ୍ତର ନ ଥିବାରୁ ଏଠାରେ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥିଲା। ତେବେ ଗଣମାଧ୍ୟମର ପ୍ରବଳ ଚାପ ଓ ପ୍ରଭାବ ଯୋଗୁଁ ଏବେ କିଛି ଡାକ୍ତର ଓ କର୍ମଚାରୀଙ୍କୁ ନିଯୁକ୍ତି ମିଳିବାରୁ ସ୍ୱାସ୍ଥ୍ୟ ସେବା ସ୍ୱାଭାବିକ ହେବାରେ ଲାଗିଛି। ବର୍ତ୍ତମାନ ସୁଦ୍ଧା କରଞ୍ଜିଆ ଡାକ୍ତରଖାନାରେ ସାଧାରଣ ସ୍ୱାସ୍ଥ୍ୟସେବା ପାଇଁ ନିଶ୍ଚେତକ ବିଶେଷଜ୍ଞ, ଆଉ ଦୁଇ ଜଣ ଶଲ୍ୟ ଚିକିତ୍ସକ, ଭେଷଜ ଚିକିତ୍ସକଙ୍କ ଆବଶ୍ୟକତା ରହିଛି। ତେବେ ଜଣେ ଗଳା, ନାସା ଓ କର୍ଣ୍ଣ ବିଶେଷଜ୍ଞ ଡା. ବୀରକିଶୋର ଜ୍ୟୋତିଷୀ ଏଠାରେ ସାଧାରଣ ବିଭାଗରେ ନିଯୁକ୍ତି ମିଳିଥିଲା। ଡା. ଜ୍ୟୋତିଷୀ ନିଯୁକ୍ତିରେ ଏହି ଅଞ୍ଚଳରେ ଶହଶହ ରୋଗୀ ଉପକୃତ ହେଉଥିଲେ। ଏହି ଡାକ୍ତରଙ୍କୁ ଏଠାରୁ ଡେପୁଟେସନରେ ଅନ୍ୟ ସ୍ଥାନକୁ ପଠାଯାଇଛି। ତାଙ୍କ ଅନୁପସ୍ଥିତିରେ ଏହି ଅଞ୍ଚଳରେ ଗଳା, ନାସା ଓ କର୍ଣ୍ଣ ରୋଗରେ ନାନା ସମସ୍ୟା ଦେଖାଦେଇଛି। ଗରିବ ଲୋକ ଚିକିତ୍ସା ପାଇଁ ବାହାରକୁ ଯାଇପାରୁ ନାହାନ୍ତି। ଏଣୁ ଡା. ଜ୍ୟୋତିଷୀଙ୍କୁ ପୂର୍ବପରି କରଞ୍ଜିଆ ଡାକ୍ତରଖାନାକୁ ଫେରାଇ ଆଣିବା ପାଇଁ ଦାବି ହେଉଛି।

## ବିଦ୍ୟୁତ୍ ଯୋଗାଣ ଦାବିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

**ବାରିପଦା,୧୧।୧୨(ସମିସ):** ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ୍ ଅନ୍ତର୍ଗତ ଭାଲିଆଡାଳ ଗ୍ରାମ ପଞ୍ଚାୟତର ୬୦୦ ପରିବାରକୁ ବିଦ୍ୟୁତ୍ ସେବା ଯୋଗାଇଦେବା ଦାବିରେ ଗୁରୁବାର ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ 'ଶରତ ବିକାଶ ମଞ୍ଚ' ସଭାପତି ଗାମାଏ ରୀମିଲ ସିଂ ଗୋଇପାଇଙ୍କ ନେତୃତ୍ୱରେ ଭାଲିଆଡାଳ ଗ୍ରାମର ଶତାଧିକ ଜନସାଧାରଣଙ୍କ ଦ୍ୱାରା ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଆନ୍ଦୋଳନ ପରେ ଜିଲ୍ଲାପାଳ ହେମକାନ୍ତ ସୟଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି।



ଆନ୍ଦୋଳନକାରୀଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ପଞ୍ଚାୟତରେ ୯୦୦ ପରିବାର ବସବାସ କରୁଥିବାବେଳେ ସେଥିରୁ କେବଳ ୩୦୦ ପରିବାରକୁ ଆଜକୁ ୮/୯ ବର୍ଷ ତଳେ ବିଦ୍ୟୁତ୍ ସେବା ଯୋଗାଇ ଦିଆଯାଇଥିବା ବେଳେ ଆଉ ୬୦୦ ପରିବାର ବିଦ୍ୟୁତ୍ ସେବାରୁ ବଞ୍ଚିତ ଅଛନ୍ତି। ଫଳରେ ଲୋକେ ବିଭିନ୍ନ ସମସ୍ୟା ଭୋଗୁଛନ୍ତି। ରାତିରେ ପିଲା ପାଠପଢ଼ି ପାରୁନାହାନ୍ତି ଏବଂ ରାତିରେ ଜଙ୍ଗଲ ଜନ୍ତୁଙ୍କ ଆକ୍ରମଣର ଭୟ ରହୁଛି। ମୋବାଇଲ୍ ଚାର୍ଜ କରିବାର ସମସ୍ୟା ଭୋଗୁଛନ୍ତି। ଅଭିଯୋଗର ଅନୁସନ୍ଧାନ କରାଯାଇ ୩ ଦିନ ମଧ୍ୟରେ ବିଦ୍ୟୁତ୍ ଯୋଗାଣ କରାଯିବା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ଆନ୍ଦୋଳନକାରୀଙ୍କୁ ଆଶ୍ୱାସନା ଦେଇଛନ୍ତି। ବିକ୍ଷୋଭରେ ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ଜାହ୍ନବୀ ସୟ, ଯୁବନେତା ନବୀନ ମୁଣ୍ଡରୀ, ଡିବାର ପୂର୍ତ୍ତି, ବୀର ସିଂ ହେମ୍ବ୍ରମ ପ୍ରମୁଖ ନେତୃତ୍ୱ ନେଇଥିଲେ। ଦାବି ପୂରଣ ନ ହେଲେ ଆସନ୍ତା ଜାନୁଆରୀ ମାସରେ ବିଧାନସଭା ଘେରଉ କରାଯିବ ବୋଲି ସରପଞ୍ଚ ଜାହ୍ନବୀ ସୟ ଚେତାବନୀ ଦେଇଛନ୍ତି। ଗ୍ରାମରେ ପାନୀୟଜଳର ଉତ୍କଟ ସମସ୍ୟା ସମ୍ପର୍କରେ ମଧ୍ୟ ଦାବିପତ୍ରରେ ଦର୍ଶାଯାଇଛି।

## ମାର୍ଗଶୀର ଶେଷ ଗୁରୁବାରରେ ଲକ୍ଷ୍ମୀନାରାୟଣଙ୍କ ପୂଜା

**ବିଶୋଇ,୧୧।୧୨(ସମିସ):** ମାର୍ଗଶୀର ମାସ ଶେଷ ଗୁରୁବାରରେ ଷ୍ଟାଣ୍ଡ ଫର୍ ନିଡି ୟୁଥ୍ କ୍ଲବ୍ ଆନୁକୂଲ୍ୟରେ ବିଶୋଇ ବ୍ଲକ୍ ଛକ ନିକଟରେ ଧୂମ୍‌ଧାମରେ ଲକ୍ଷ୍ମୀନାରାୟଣଙ୍କ ପୂଜାର୍ଚ୍ଚନାରେ ସମଗ୍ର ପୁରପଲ୍ଲୀ ଚଳଚଞ୍ଚଳ ହୋଇପଡ଼ିଛି। ଚଳିତ ବର୍ଷ ଏହି ପୂଜା ୫ ବର୍ଷରେ ପଦାର୍ପଣ କରିଛି। ୧୭ ଜଣ ମହିଳା ଶ୍ରଦ୍ଧାଳୁଙ୍କ ଦ୍ୱାରା ଘୋଟ ଅଣାଯିବା ପରେ



ବଜରଙ୍ଗ ପୀଠର ମୁଖ୍ୟ ପୂଜକ ନିରାକାର ଦାସ ଯଥାବିଧିରେ ଲକ୍ଷ୍ମୀନାରାୟଣଙ୍କୁ ପୂଜାର୍ଚ୍ଚନା କରିଥିଲେ। ପୂଜାରେ ବହୁ ମହିଳା ଭକ୍ତ ଯୋଗଦେଇ ଧନଦାତ୍ରୀ ମା' ଲକ୍ଷ୍ମୀଙ୍କ ନିକଟରେ ଉପାସନା କରିବା ସହିତ ଲକ୍ଷ୍ମୀପୁରାଣ ପାଠ କରିଥିଲେ। କ୍ଲବ୍ ପକ୍ଷରୁ ଚଳିତ ବର୍ଷ ଲକ୍ଷ୍ମୀନାରାୟଣଙ୍କ ଆକର୍ଷଣୀୟ ମୃଣ୍ମୟୀ ମୂର୍ତ୍ତି ସହିତ ସୁନ୍ଦର ତୋରଣ ଶୋଭାପାଉଛି। କ୍ଲବ୍‌ର ସଭାପତି ସୁନିଲ ମହାପାତ୍ର, କୁନା ମାହାଲି, ରବୀନ୍ଦ୍ର ମହାନ୍ତ, ଅବ୍‌ଦୁଲ କାଲାମ ପ୍ରମୁଖ ପୂଜା ପରିଚାଳନାରେ ସହଯୋଗ କରିଥିଲେ।

## କ୍ଲଷ୍ଟରସ୍ତରୀୟ ଶିକ୍ଷା ସଭା

**ଖୁଣ୍ଟି,୧୧।୧୨(ସମିସ):** ଶୁକୁଳି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧୀନସ୍ଥ ତେରଣ୍ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସିଆର୍‌ସିସି ଅଗସ୍ତି ଗିରିଙ୍କ ଅଧ୍ୟକ୍ଷତାରେ ସରକାରଙ୍କ ମହତ୍ତ୍ୱାକାଂକ୍ଷୀ ଯୋଜନା 'ଆସ ସ୍କୁଲ ଯିବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷେ ଉକ୍ତ କ୍ଲଷ୍ଟର ଅନ୍ତର୍ଗତ ବହୁ ବୁଦ୍ଧିଜୀବୀ, ଛାତ୍ରଛାତ୍ରୀଙ୍କ ଅଭିଭାବକ, ସ୍ୱେଚ୍ଛାସେବୀ ସଂଗଠନର କାର୍ଯ୍ୟକର୍ତ୍ତା ସମେତ ଶିକ୍ଷକଶିକ୍ଷୟିତ୍ରୀ କୃତିବାସ ଜେନା, ହେମନ୍ତ ସିଂ, ସୁଶାନ୍ତ ଗିରି, ହରପ୍ରିୟା ପାତ୍ର, ସସ୍ମିତା ସାହୁ, ରାହୁଲ୍ ବେହେରା, ପ୍ରଭାତୀ ସେଠୀ, ବନିତାରାଣୀ ବେହେରା ତଥା ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ ତରଫରୁ ପ୍ରିୟଙ୍କା ଘଣ୍ଟିଆଳି, ଦିପ୍ତୀମୟୀ ରଥ, ଦୀପକ ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବରିଷ୍ଠ ଶିକ୍ଷକ ବନମାଳୀ ନାଏକ ଏହି ମହତ୍ ଲକ୍ଷ୍ୟ ହାସଲ ପାଇଁ ସମ୍ମିଳିତ ଉଦ୍ୟମ ଜାରି ରଖିବାକୁ ବକ୍ତବ୍ୟ ରଖିଥିବାବେଳେ ବିଦ୍ୟାଳୟକୁ ଆଦୌ ଆସୁ ନ ଥିବା ଏବଂ ଅଧାରୁ ପାଠ ଛାଡ଼ିଦେଇଥିବା ପିଲାମାନଙ୍କୁ ଶିକ୍ଷା ପ୍ରତି ଆକୃଷ୍ଟ କରାଇ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ୍ କରିବା ପାଇଁ ସଂକଳ୍ପବଦ୍ଧ ହେବା ସହିତ ସମାଜରେ ଏକ ଶୈକ୍ଷିକ ବାତାବରଣ ସୃଷ୍ଟି କରିବା ପାଇଁ ମତପ୍ରକାଶ ପାଇଥିଲା।

### ମୁଖ୍ୟମନ୍ତ୍ରୀଙ୍କୁ ୧୨ ଦଫା ଦାବିପତ୍ର ପ୍ରଦାନ

# ଜିଲ୍ଲାପାଳ କାର୍ଯ୍ୟାଳୟରେ ଗୋଷ୍ଠୀ ସହାୟିକାଙ୍କ ବିକ୍ଷୋଭ

କେନ୍ଦୁଝର, ୧୧।୧୨(ସମିସ)




ଓଡ଼ିଶା ଗୋଷ୍ଠୀ ସହାୟିକା ସିଆରପି-ସିଏମ୍ ସଂଘ (ଏଆଇଟିୟୁସି) ଡକରାରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ଶହ ଶହ ଗୋଷ୍ଠୀ ସହାୟିକା ମହିଳାମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ରାଜ୍ୟରେ କାର୍ଯ୍ୟରତ ଗୋଷ୍ଠୀ ସହାୟିକା ସିଆରପି ସିଏମ୍ ମହିଳାମାନେ ତଳ ସ୍ତର ତଥା ଗ୍ରାମାଞ୍ଚଳରେ ମହିଳାଙ୍କୁ ସଚେତନ କରାଇବା, ସମାଜର ମୁଖ୍ୟସ୍ରୋତରେ ସାମିଲ କରାଇବା ଓ ବିଭିନ୍ନ ରାସ୍ତାରେ ରୋଜଗାରକ୍ଷମ, ସ୍ୱାବଲମ୍ବୀ କରାଇବା ପାଇଁ ଦିନରାତି ପରିଶ୍ରମ କରୁଥିବା ବେଳେ ସେମାନେ ଅନେକ ସମସ୍ୟା ଦେଇ ଗତି କରୁଛନ୍ତି। ସିଆରପି ସିଏମ୍ ମାନଙ୍କର ପ୍ରୋତ୍ସାହନ ରାଶି ବ୍ୟବସ୍ଥା ବାତିଲ କରି ମାସିକ ଭତ୍ତା ପ୍ରଦାନ, ବକେୟା ଦରମା ଓ ପ୍ରତି ମାସରେ ନିର୍ଦ୍ଦିଷ୍ଟ ତାରିଖରେ ଦରମା ପ୍ରଦାନ, ସର୍ବନିମ୍ନ କୁଶଳୀ ଶ୍ରମିକର ସର୍ବନିମ୍ନ ମଜୁରୀ ଓ ଟିଏ-ଡିଏ ପ୍ରଦାନ, ଭିଆରଏଫ କାର୍ଯ୍ୟ ନିମନ୍ତେ ଅଧିକ ପାରିଶ୍ରମିକ, ସ୍ଥାୟୀ ନିଯୁକ୍ତି ଓ ପରିଚୟପତ୍ର ପ୍ରଦାନ, ଅନ୍‌ଲାଇନ୍ କାର୍ଯ୍ୟ ପାଇଁ ଲ୍ୟାପଟପ୍ ପ୍ରଦାନ, ଆଞ୍ଚଳିକ ମଞ୍ଚ ସଭାଗୃହ ନିର୍ମାଣ, ଡ୍ରେସ୍‌କୋଡ ପାଇଁ ବାର୍ଷିକ ଦୁଇ ଯୋଡ଼ା ଶାଢି ପ୍ରଦାନ, ରାଜସ୍ୱ ଗ୍ରାମ ଅନୁସାରେ ଗୋଟିଏ ସିଏଲ୍‌ଏଫ୍ ଗଠନ ପ୍ରକ୍ରିୟା ବାତିଲ କରିବା ଇତ୍ୟାଦି ୧୨ ଦଫା ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି। ଏହି ବିକ୍ଷୋଭରେ ଏଆଇଟିୟୁସି ରାଜ୍ୟ କାର୍ଯ୍ୟକାରୀ ସଭାପତି ସାଥୀ ମହେଶ୍ୱର ରାଉତ, ରାଜ୍ୟ ନେତା ବ୍ରଜବନ୍ଧୁ ପ୍ରଧାନ, ସୁବାସ ମହାପାତ୍ର, ସିଆରପି ସିଏମ୍ ଜିଲ୍ଲା ନେତ୍ରୀ ଲିପିକା ବାରିକ-ଯୋଡା, ଲକ୍ଷ୍ମୀପ୍ରିୟା ମହାନ୍ତ, ଚମ୍ପୁଆ, ସାଗରିକା ବେହେରା-ଝୁମ୍ପୁରା, ଇନ୍ଦୁମତି ଜେନା-ହରିଚନ୍ଦନପୁର, ଡଲି ଜେନା, ସବିତା ମହାନ୍ତ, ସସ୍ମିତା ମହାନ୍ତ ଓ ଏଆଇଟିୟୁସି ଜିଲ୍ଲା ସଂପାଦକ ସାଥୀ କପିଳ ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ଲୁହାପଥର ସହ ଟ୍ରକ୍ ଜବତ: ଖଣି ମାଫିଆ ଫେରାର୍

ଯୋଡ଼ା, ୧୧।୧୨(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣି ଅଞ୍ଚଳରେ ଖଣିଜ ଚୋରା କାରବାର ଥମୁନି। ସରକାର ଏହାକୁ ରୋକିବାରେ ବିଭିନ୍ନ ପ୍ରକାର ପ୍ରୟାସ ଚଳାଉଥିଲେ ସୁଦ୍ଧା ଚୋରି ବନ୍ଦ ହୋଇ ପାରୁନାହିଁ। ଖଣି ବିଭାଗ, ପୁଲିସ, ବନ ବିଭାଗ ପକ୍ଷରୁ ବାରମ୍ବାର ଖୋଳାତାଡ଼ ଜାରି ରହିଥିଲେ ମଧ୍ୟ ଜଳାବାଟ ଦେଖି ଖଣିଜ ଚୋର ମୂଲ୍ୟବାନ ଲୁହାପଥର, ମାଙ୍ଗାନିଜ ଚୋରି କରି ରାଜସ୍ୱ ହାନି କରାଉଛନ୍ତି। ଏମିତି ଘଟଣା ଦେଖିବାକୁ ମିଳିଛି ଯୋଡ଼ା ବାଂଶପାଣି ଅଞ୍ଚଳରେ। ଯୋଡ଼ା ପୁଲିସ ଦ୍ୱାରା ରାତ୍ରିରେ ପାଟ୍ରୋଲିଂ ସମୟରେ ଏକ ଚୋରାରେ ଚାଲାଣ ହେଉଥିବା ଲୁହାପଥର ଟ୍ରକ୍‌କୁ ଅଟକାଇଥିଲା। ପୁଲିସ ଗାଡ଼ି ଆସିବା ଖଣି ମାଫିଆ ଓ ଗାଡି ଚାଳକ ଫେରାର ହୋଇଯାଇଥିବା ବେଳେ ଯୋଡ଼ା ପୁଲିସ ଗାଡ଼ିଟିକୁ ଜବତ କରି ତଦନ୍ତ ଚଳାଇଛି।

## ନିଜ ଖର୍ଚ୍ଚରେ ରାସ୍ତା ତିଆରି କଲେ ଯୁବକ



**ତୁରୁମୁଙ୍ଗା, ୧୧।୧୨(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ବଡ଼ପାଟଣା ପଞ୍ଚାୟତ ଅନ୍ତର୍ଗତ ଗୁଲୁଦିପଶି ଗ୍ରାମର ଝାଟିପଡ଼ା ସାହିର କିଛି ଯୁବକ ଶ୍ରମଦାନ କରି ଗୁରୁବାର ସ୍ୱାମଠାରୁ ଝାଟିପଡ଼ା ସାହିକୁ ଯାଇଥିବା ଅଣଓସାରିଆ ରାସ୍ତାକୁ ତିଆରି କରିଛନ୍ତି। ପୂର୍ବରୁ ଏହି ରାସ୍ତାଟି ବର୍ଷା ପାଣିରେ ଧୋଇ ହୋଇଯାଇଥିବାରୁ ଯିବାଆସିବାରେ ଅନେକ ଅସୁବିଧା ହେଉଥିଲା। ଜରୁରୀ ସମୟରେ ଏହି ରାସ୍ତା ଦେଇ ଯିବାଆସିବା କରିବା ସମ୍ଭବ ହେଉ ନଥିବାରୁ ସାହିର କିଛି ଯୁବକ ଏହି ସମସ୍ୟାକୁ ଦେଖି ରାସ୍ତାରେ ମାଟି ମୋରମ ପକାଇ ସମତୁଳ କରିଛନ୍ତି। ଗ୍ରାମର ବରାଳ ବାରିକଙ୍କ ନେତୃତ୍ୱରେ ଏହି ରାସ୍ତା ନିର୍ମାଣ ହୋଇଥିବା ବେଳେ ସନ୍ତୋଷ ସେଠୀ, ସଙ୍ଖାଳି ବାରିକ, ଟୁଣ୍ଟୁ ନାଏକ, ଭୁବନା ଦେହୁରୀ, ଶ୍ରୀକାନ୍ତ ରାଉତ, ପୂର୍ଣ୍ଣ ରାଉତ, ମଦନ ବାରିକ, ଯୁଗଳ କିଶୋର ବାରିକ, ପଦ୍ମନାଭ ନାଏକ ପ୍ରମୁଖ ଶ୍ରମ ଦାନ କରିଥିଲେ। ଯୁବକଙ୍କ କାର୍ଯ୍ୟକୁ ଗ୍ରାମବାସୀ ପ୍ରଶଂସା କରିଛନ୍ତି।

## ୨ ବାଲି ବୋଝେଇ ହାଇୱା ଓ ୧ ଟ୍ରାକ୍ଟର ଜବତ

**ବହଳଦା,୧୧।୧୨(ସମିସ):** ମୟୂରଭଞ୍ଜ ଜିଲ୍ଲା ତିରିଂ ଥାନା ବହଳଦା ଥାନା ଅଞ୍ଚଳରେ କିଛିଦିନ ପୂର୍ବରୁ ଜିଲ୍ଲା ଖଣି ବିଭାଗ ଓ ପୁଲିସର ମିଳିତ ଚଢ଼ଉରେ ଲକ୍ଷାଧିକ ମୂଲ୍ୟର ଗଚ୍ଛିତ ବାଲି ସହିତ ଗୋଟିଏ ଜେସିବି ମେସିନ ଜବତ କରାଯାଇଥିବାବେଳେ ପୁଣି ବାଲି ଚୋରା ଚାଲାଣ ଆରମ୍ଭ ହୋଇଯାଇଛି। ତେବେ ଗୁରୁବାର ଦୁଇଟି ବାଲି ବୋଝେଇ ହାଇୱା ସହିତ ଗୋଟିଏ ଟ୍ରାକ୍ଟରକୁ ଜବତ କରିଛି ତିରିଂ ଥାନା ପୁଲିସ। ଏନେଇ ତିରିଂ ଥାନାରେ ପୃଥକ୍ ୩ଟି ମାମଲା ରୁଜୁ କରାଯାଇଥିବା ନେଇ ତିରିଂ ଥାନା ଆଇଆଇସି ପ୍ରଶାନ୍ତ କୁମାର ଜେନା କହିଛନ୍ତି।

## ପ୍ରସ୍ତାବିତ ଷ୍ଟିଲପ୍ଲାଣ୍ଟ ପାଇଁ ଗ୍ରାମସଭା ଆଜି

ତୁରୁମୁଙ୍ଗା, ୧୧।୧୨(ସମିସ): କେନ୍ଦୁଝରରେ ଷ୍ଟିଲ୍ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ପ୍ରଥମ ଗ୍ରାମସଭା ଶୁକ୍ରବାର ପାଟଣା ବ୍ଲକ ଚେମଣା ପଞ୍ଚାୟତ ଭୃଙ୍ଗରାଜପଶିରେ କରାଯିବ। ସକାଳ ୧୦ଟା ୩୦ମିନିଟ୍ ସମୟରେ ଅନୁଷ୍ଠିତ ହେବ ପ୍ରଥମ ଗ୍ରାମସଭା। ଗାଁର ୨୯ ଏକର ୬୧୦ ଡିସିମିଲ୍ ଜମି ଅଧିଗ୍ରହଣ ପ୍ରସ୍ତାବ ଉପରେ ଗ୍ରାମସଭାରେ ଲୋକଙ୍କଠାରୁ ମତାମତ ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି। ଏହି ଗ୍ରାମସଭାରେ ପାଟଣା ବ୍ଲକର ଅଧିକାରୀମାନେ ଉପସ୍ଥିତ ରହିବା ପାଇଁ ପାଟଣା ବିଡିଓ ସମସ୍ତଙ୍କୁ ଅବଗତ କରିଛନ୍ତି। ଗୁରୁବାର ଭୃଙ୍ଗରାଜପଶିଠାରେ ଜୋନ ଅଫିସର ରଣଜିତଦାଶ, ପାଟଣା ବିଡିଓ ମାନସ ଦଣ୍ଡପାଟ ପାଟଣା ତହସିଲଦାର ଅଶ୍ୱିନୀ ନାଏକ, ଅତିରିକ୍ତ ତହସିଲଦାର ଶରଣ ଜେନା ଚମ୍ପୁଆ ଏସଡିପିଓ ରଶ୍ମିରଞ୍ଜନ ସାହୁ, ତୁରୁମୁଙ୍ଗା ଥାନାଧିକାରୀ ଦୀପ୍ତିରଞ୍ଜନ ସାହୁ, ସହକାରୀ ଯନ୍ତ୍ରୀ ସୁସ୍ମିତା ବେହେରା ପ୍ରମୁଖ ଅନୁଧ୍ୟାନ କରିଛନ୍ତି। ଗ୍ରାମସଭାକୁ ଶୃଙ୍ଖଳିତ ଭାବେ କରିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପୁଲିସ ବଳ ମୁତୟନ କରଯାଇଥିବା ଦେଖାଯାଇଛି।

## ବଡ଼ପଦନା ଛକରେ ଇଣ୍ଡିଆ ୱାନ୍ ଏଟିଏମ୍



ଆନନ୍ଦପୁର, ୧୧।୧୨ (ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ରାମଚନ୍ଦ୍ରପୁର ପଞ୍ଚାୟତର ବଡ଼ପଦନା ଛକରେ ନୂତନ କରି ଇଣ୍ଡିଆ ୱାନ ଏଟିଏମ ଉଦଘାଟିତ ହୋଇଯାଇଛି। ମୁଖ୍ୟଅତିଥି ପୂର୍ବତନ ଘସିପୁରା ବ୍ଲକ ଅଧ୍ୟକ୍ଷ ଦେବାଶିଷ ପାତ୍ର, ଅନ୍ୟତମ ଅତିଥି ରାମଚନ୍ଦ୍ରପୁର ସରପଞ୍ଚ ପ୍ରଦୀପ ସାହୁ, ସମିତିସଭ୍ୟ ମନ୍ମଥ ସାହୁ, ଯୁବ ବ୍ୟବସାୟୀ ରାଜକିଶୋର ସାହୁ, ନରୋତ୍ତମ ପୃଷ୍ଟି ପ୍ରମୁଖ ଯୋଗଦାନ କରିଥିଲେ। ବଡପଦନା ବ୍ୟବସାୟର ପେଣ୍ଠସ୍ଥଳ ହୋଇଥିବା ବେଳେ ସ୍ଥାନୀୟ ଲୋକେ ବ୍ୟାଙ୍କ ସେବା ପାଇଁ ଏହି ଏଟିଏମ୍‌ରୁ ବେଶ୍ ଉପକୃତ ହେବେ। ଅଞ୍ଚଳର ୧୦ଟି ପଞ୍ଚାୟତର ପ୍ରାୟ ୫୦ ଗ୍ରାମର ଲୋକେ ସହଜରେ ଟଙ୍କା ଉଠାଣକୁ ନେଇ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି।

## ଗଦାଧର ମିଶ୍ରଙ୍କ ପୁସ୍ତକ ଉନ୍ମୋଚିତ




ଆନନ୍ଦପୁର, ୧୧।୧୨(ସମିସ): ପୂର୍ବୀ ପ୍ରକାଶନୀର ପୁସ୍ତକମେଳାରେ ଅଧ୍ୟାପକ ଗଦାଧର ମିଶ୍ରଙ୍କ ଲିଖିତ "ଓଡ଼ିଆ ସାହିତ୍ୟର ସାମାଜିକ ଓ ସାଂସ୍କୃତିକ ଇତିହାସ' ଗ୍ରନ୍ଥ ଉନ୍ମୋଚିତ ହୋଇଯାଇଛି। ବିଶିଷ୍ଟ ପ୍ରକାଶକ ଓ ନିର୍ଦ୍ଦେଶକ ବିରଞ୍ଚି ନାରାୟଣ ଦାସଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କୃତ ବିଶିଷ୍ଟ ଲେଖିକା ଡ ଶକୁନ୍ତଳା ବଳିୟାରସିଂହ, ବିଶିଷ୍ଟ ସାମ୍ବାଦିକ ଓ ଲେଖକ ଭାସ୍କର ପରିଚ୍ଛା, ବିଶିଷ୍ଟ ଅନୁବାଦିକା ରେବା ପଟ୍ଟନାୟକ, ବୈଜ୍ଞାନିକ ଡ ଚିତ୍ତରଞ୍ଜନ ମିଶ୍ର ପ୍ରମୁଖ ରାଜ୍ୟର ବିଶିଷ୍ଟ ବିଦ୍ୱାନ ଏହି ଗ୍ରନ୍ଥକୁ ପ୍ରଶଂସା କରିଥିଲେ। ଏହି ଅବସରରେ ବିଶିଷ୍ଟ ଲେଖକ ଡ ରବିନାରାୟଣ ପଣ୍ଡା, ବିଶିଷ୍ଟ କବି ଓ ଚଳଚିତ୍ର ନିର୍ଦ୍ଦେଶକ ଡ ଅଜୟ ସ୍ୱାଇଁ ଓ ପୂର୍ବତନ ବିଧାୟକ ଡ ଦିଲ୍ଲୀପ ଶ୍ରୀଚନ୍ଦନ ପ୍ରମୁଖ ଅଧ୍ୟାପକ ଶ୍ରୀ ମିଶ୍ରଙ୍କୁ ଅଶେଷ ଶୁଭେଚ୍ଛା ଜଣାଇଛନ୍ତି।

## 'ମୋ ଗାଁ ମହାନ' ନାଟକ ମଞ୍ଚସ୍ଥ

ଆନନ୍ଦପୁର, ୧୧।୧୨ (ସମିସ): କୋଣାର୍କଠାରେ ରାଜ୍ୟସ୍ତରୀୟ ହସ୍ତଶିଳ୍ପ ମେଳାରେ ବୀଣାପାଣି କଳା ନିକେତନ ନୃତ୍ୟାନୁଷ୍ଠାନର ନୃତ୍ୟଶିଳ୍ପୀମାନେ କୋଣାର୍କ ନାଟ୍ୟ ମଣ୍ଡପରେ "ମୋ ଗାଁ ମୋ ପାଇଁ ମହାନ' ନୃତ୍ୟାଭିନୟ ଉପସ୍ଥାପନ କରି ପର୍ଯ୍ୟଟକଙ୍କୁ ବିମୋହିତ କରିଥିଲେ। ଗାଁ ମାଟିର ସ୍ୱପ୍ନକୁ ନିଜ ପରିଶ୍ରମ ମୁତାବକ ଝାଳ ନିଗାଡି ଚାଷୀ କ'ଣ କରିପାରେ ତାର ଜ୍ୱଳନ୍ତ ଦୃଷ୍ଟାନ୍ତ ଦେଖିବାକୁ ମିଳିଥିଲା ନୃତ୍ୟାଭିନୟ ମାଧ୍ୟମରେ। ନୃତ୍ୟଗୁରୁ ଜିତୁ ଦାଶଙ୍କ ନିର୍ଦ୍ଦେଶନାରେ ନୃତ୍ୟଶିଳ୍ପୀ ପ୍ରୀତିପ୍ରତ୍ୟୁଷା ମଲ୍ଲିକ, ଆରାଧ୍ୟା ସାହୁ, ମୋନିକା ଦାଶ, ଲିଜାରାଣୀ ସାହୁ, ଅନ୍ୱେଷ ସାହୁ, ଦେବହୁତି ପଟ୍ଟନାୟକ, ପରିଣତି ଚକ୍ର, ଆରୋସ୍ମିତା ତ୍ରିପାଠୀ, କ୍ରିଷ୍ଣା ପ୍ରିୟଦର୍ଶିନୀ, ବିନୋଦ ଓଝା ନାଟକକୁ ଉପସ୍ଥାପନା କରିଥିଲେ। ହସ୍ତଶିଳ୍ପର କାର୍ଯ୍ୟନିର୍ବାହୀ ଅଧିକାରୀ ବିଷ୍ଣୁପଦ ମାରାଣ୍ଡି ସମସ୍ତ କଳାକାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ।



## ଆଜିର ରାଶିଫଳ

**ମେଷ:** ସେୟାର ମାର୍କେଟରେ ଲାଭ ହେବ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁନି। ବ୍ୟବସାୟିକ ଯାତ୍ରା ଶୁଭଫଳ ପ୍ରଦାନ କରିବ। ଭାଗ୍ୟ ଆପଣଙ୍କ ସାଥ୍ ଦେବ। ଜୀବନସାଥୀଙ୍କ ବ୍ୟବହାରରେ ଖୁସି ହେବେ।

**ବୃଷ:** ସାମାଜିକ ପ୍ରତିଷ୍ଠାରେ ବୃଦ୍ଧି ହେବ। ପୁରୁଣା ରୋଗ ଦେଖାଦେଇପାରେ। ପାରିବାରିକ ସମସ୍ୟାକୁ ନେଇ ଚିନ୍ତିତ ହୋଇପାରନ୍ତି। ସଫଳତା ପାଇଁ ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ।

**ମିଥୁନ:** ରାଜନୀତିରେ ସଫଳତା ମିଳିବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ବିବେକ ଅନୁଯାୟୀ କାମ କରନ୍ତୁ। ଧାର୍ମିକ କାର୍ଯ୍ୟରେ ମନ ଦେବେ। କୋର୍ଟ କଚେରୀ ମାମଲାର ଶୁଣାଣି ହେବ ।

**କର୍କଟ:** ଧନଲାଭ ହେବ। ଜମି କିଣିବା ଯୋଗ ଅଛି। ନିଜ ଲୋକ ଶତ୍ରୁ ସାଜିପାରନ୍ତି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ।

**ସିଂହ:** ବନ୍ଧୁ ମିଳନ ଯୋଗ ଅଛି। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଉପୁଜିପାରେ। ଘରେ ପୂଜାପାଠ ଆୟୋଜନ କରିବେ। ପ୍ରେମ ସମ୍ବନ୍ଧରେ ତିକ୍ତତା ଦେଖା ଦେବ। କାର୍ଯ୍ୟକ୍ଷେତ୍ରରେ ସମସ୍ୟା ଦୂର ହେବ।

**କନ୍ୟା:** କାର୍ଯ୍ୟକ୍ଷେତ୍ରରେ ସମ୍ମାନିତ ହୋଇପାରନ୍ତି। ସେୟାର ମାର୍କେଟରେ ନିବେଶ ଲାଭଦାୟକ ରହିବ। ଛାତ୍ରଛାତ୍ରୀଙ୍କୁ ପରିଶ୍ରମର ଉଚିତ ଫଳ ମିଳିବ। ଜମି କିମ୍ବା ଯାନବାହନ କ୍ରୟ କରିପାରନ୍ତି।

**ତୁଳା:** ବନ୍ଧୁଙ୍କ ସହିତ ଦୂରସ୍ଥାନକୁ ବୁଲିବାକୁ ଯାଇପାରନ୍ତି। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ କାର୍ଯ୍ୟ ଆରମ୍ଭ କରିପାରନ୍ତି। ବୁଝିବିଚାରି ନିଷ୍ପତ୍ତି ନିଅନ୍ତୁ। ଦାମ୍ପତ୍ୟ ଜୀବନରେ ମତଭେଦ ସୃଷ୍ଟି ହେବ।

**ବିଛା:** ଅଜଣା ଲୋକଙ୍କ ଉପରେ ବିଶ୍ୱାସ କରନ୍ତୁନି। ଆୟ ବ୍ୟୟ ସମାନ ରହିବ। ବରିଷ୍ଠ ଅଧିକାରୀ କାମ ପାଇଁ ପ୍ରଶଂସା କରିବେ। ଗରିବ ଲୋକଙ୍କୁ ସାହାଯ୍ୟ କରିବେ। ମୂଲ୍ୟବାନ ସାମଗ୍ରୀକୁ ସାଇତି ରଖନ୍ତୁ।

**ଧନୁ:** ରାଜନେତାଙ୍କ ପାଇଁ ଦିନଟି ଭଲ। ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ। ଆଣ୍ଠୁଗଣ୍ଠି ସମସ୍ୟା ଦେଖାଦେଇପାରେ। ବ୍ୟବସାୟରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ପରିବାର ସଦସ୍ୟଙ୍କୁ ସମୟ ଦେବେ।


**ମକର:** ବ୍ୟବସାୟିକ ଯାତ୍ରା ସଫଳ ରହିବ। ଭାଗ୍ୟ ଆପଣଙ୍କ ସାଥ୍ ଦେବ। ପରିବାର ସହିତ ହସଖୁସିର ସମୟ ବିତାଇବେ। ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଅଟକିଥିବା କାର୍ଯ୍ୟ ପୂରା ହେବ।

**କୁମ୍ଭ:** ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ। ମାନ ସମ୍ମାନ ବୃଦ୍ଧି ପାଇବ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ବିରୋଧୀଙ୍କଠାରୁ ଦୂରେଇ ରହିବେ।

**ମୀନ:** ବ୍ୟବସାୟ ଠିକ୍ ଚାଲିବ। ଶାରୀରିକ କଷ୍ଟ ପାଇପାରନ୍ତି। ମନ ପ୍ରସନ୍ନ ରହିବ। କଥାବାର୍ତ୍ତାରେ ସଂଯମତା ରଖନ୍ତୁ। ଅଜଣା ଲୋକଙ୍କୁ ଆଦୌ ଭରସା କରନ୍ତୁନି। ଯୋଜନା ମୁତାବକ କାମ କରିବେ।

## ଆଜିର ଇତିହାସ

- ୧୮୦୦-ୱାଶିଂଟନ୍ ଡିସି ଆମେରିକାର ରାଜଧାନୀ ହେଲା।
- ୧୯୧୧- ଭାରତର ରାଜଧାନୀ କଲିକତା ବଦଳରେ ଦିଲ୍ଲୀ ହେବ ବୋଲି ଘୋଷଣା କରାଗଲା।
- ୧୯୨୩- ଇଟାଲୀରେ ନଦୀ ବନ୍ଧ ଧସିଯିବାରୁ ୬୦୦ ଲୋକଙ୍କ ପ୍ରାଣହାନି।
- ୧୯୬୩-କେନିଆ ସ୍ୱାଧୀନ ହେଲା।
- ୧୯୯୦- ଟି.ଏନ୍ ଶେଷାନ୍ ଭାରତର ମୁଖ୍ୟ ନିର୍ବାଚନ କମିଶନର ହେଲେ।



# ଆସିବ 'ଥ୍ରୀ-ଇଡିଅଟସ୍'ର ସିକ୍ୱେଲ

ବଲିଉଡ୍‌ର ମିଷ୍ଟର ପରଫେକ୍ଟନିଷ୍ଟ ଅମିର୍ ଖାନ୍‌ଙ୍କ ବହୁ ଚର୍ଚ୍ଚିତ ଫିଲ୍ମ 'ଥ୍ରୀ- ଇଡିଅଟସ୍' ଆଜିବି ସିନେପ୍ରେମୀଙ୍କ ମଧ୍ୟରେ ବେଶ୍ ଲୋକପ୍ରିୟ। ଇତିମଧ୍ୟରେ ଏହି ଫିଲ୍ମକୁ ନେଇ ଖବର ଆସିଛି। ୧୫ ବର୍ଷ ପରେ ଏହି ଫିଲ୍ମର ସିକ୍ୱେଲ ଆସିବ। ଏହାର ସିକ୍ୱେଲରେ ମୂଳ କଳାକାରମାନେ( ଅମିର୍ ଖାନ୍, କରିନା କପୁର, ସରମନ ଯୋଶି, ଆର୍. ମାଧବନ୍) ନଜର ଆସିବେ। ରାଜ୍ କୁମାର ହିରାନୀ ଏହାର ନିର୍ଦ୍ଦେଶନା ଦେବେ। ସେହିଭଳି ଅମିର୍ ଖାନ୍, ରାଜ କୁମାର ହିରାନୀ, ବିଦୂ ବିନୋଦ ଚୋପ୍ରା ମିଳିତ ଭାବେ ଏହାର ପ୍ରଯୋଜନା ଦାୟିତ୍ୱରେ ରହିବେ। ଏହାର ସୁଟିଂ ଆସନ୍ତାବର୍ଷ ମେ-ଜୁନ୍‌ରେ ଆରମ୍ଭ ହୋଇପାରେ। ଏହାର କାହାଣୀ ଲେଖା ସରିଛି। ମୂଳ ଫିଲ୍ମ ଯେଉଁଠି ଶେଷ ହୋଇଥିଲା ସେଇଠୁ ହିଁ ଏହାର ସିକ୍ୱେଲ ଆରମ୍ଭ ହେବ। ଏଠାରେ ପ୍ରକାଶ ଥାଉ କି ୨୦୦୯ ମସିହାରେ 'ଥ୍ରୀ-ଇଡିଅଟସ୍' ଫିଲ୍ମ ଆସିଥିଲା। ଏହା ଭାରତୀୟ ସିନେମା ଇତିହାସର ଏକ କଲ୍ଟ କ୍ଲାସିକ୍ ଫିଲ୍ମ ଭାବେ ଜଣାଯାଏ। ଏହି ଫିଲ୍ମ ପରେ ଭାରତୀୟ ଶିକ୍ଷା ପଦ୍ଧତିକୁ ନେଇ ତର୍କ ବିତର୍କ ଆରମ୍ଭ ହୋଇଥିଲା।

# ଏମିତି ଜଣେ ପୁଅ...



ଚୀନ୍‌ର ପୂର୍ବ ଆନହୁଇ ଅଞ୍ଚଳର ହୁଆଇନାନର ଜଣେ ଦ୍ୱିତୀୟ ଶ୍ରେଣୀ ଛାତ୍ର ନିଜ ରୋଗିଣା ମା'ର ଚିକିତ୍ସା ଲାଗି ଯାହା କରିଛି ତାହା ଏବେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ସେ ନିଜର ସହପାଠୀଙ୍କୁ ବ୍ୟବହୃତ ପ୍ଲାଷ୍ଟିକ୍ ବୋତଲ ଦାନ କରିବାକୁ ନିବେଦନ କରିଛି। ଯାହାକୁ ସେ ବିକ୍ରି କରି ପରିବାରର ଆର୍ଥିକ ସ୍ଥିତିରେ ସୁଧାର ଆଣିବ ବୋଲି ଆଶା ରଖିଛି। ତେବେ ବ୍ୟବହୃତ ପ୍ଲାଷ୍ଟିକ୍ ବୋତଲଗୁଡ଼ିକ ଦାନ କରିବା ଲାଗି ସେ କଳାପଟାରେ ସହପାଠୀଙ୍କ ଉଦ୍ଦେଶ୍ୟରେ ଏକ ବାର୍ତ୍ତା ମଧ୍ୟ ଲେଖିଛି। ତୃତୀୟ ଶ୍ରେଣୀର ସହପାଠୀଙ୍କୁ ବ୍ୟବହୃତ ବୋତଲଗୁଡ଼ିକୁ ଗୋଟିଏ ସ୍ଥାନରେ ରଖିବା ପାଇଁ ପିଲାଟି କଳାପଟାରେ ଲେଖିଛି। ଏହାସହ ଏଭଳି କରିବା ପଛର କଥା ମଧ୍ୟ ସେ ଉଲ୍ଲେଖ କରିଛି। ଏହି ବୋତଲଗୁଡ଼ିକ ବିକ୍ରି କରି ସେ ରୋଗୀଣା ମାଆଙ୍କ ଚିକିତ୍ସା ଖର୍ଚ୍ଚ ଉଠାଇବା ସହ ବାପାଙ୍କ ଋଣ ପରିଶୋଧ କରିବ ବୋଲି ସ୍ପଷ୍ଟ କରିଛି। ପିଲାଟି କହିଛି ତା'ର ବାପା ଜଣେ ଚାଷୀ ଏବଂ ତାଙ୍କ ଉପରେ ୧୪ ହଜାର ଡଲାରର ଋଣ ଅଛି। ଏହାସହ ପିଲାଟି ତା'ର ପରିବାର ତରଫରୁ ପିଲାମାନଙ୍କୁ ସ୍କୁଲ ପରୀକ୍ଷାରେ ଭଲ କରିବା ପାଇଁ ଶୁଭେଚ୍ଛା ଜଣାଇଛି। ସେହିପରି ସ୍କୁଲ ପକ୍ଷରୁ ପିଲାଟିର ପରିବାରରେ ଆର୍ଥିକ ସମସ୍ୟା ରହିଛି ବୋଲି ସ୍ପଷ୍ଟ କରାଯାଇଛି। ଅନ୍ୟପଟେ ବୋତଲଗୁଡ଼ିକ ସଂଗ୍ରହ କରିବା ପାଇଁ ଶ୍ରେଣୀଗୃହରେ ବାକ୍ସ ଏବଂ ବାଲ୍‌ଟି ରଖାଯାଇଛି। ସ୍କୁଲର କହିବା କଥା, ପିଲାଟିର ମାଆ ଅନ୍ୟ ଏକ ସହରରେ ଗୋଟିଏ କପଡ଼ା କାରଖାନାରେ କାମ କରୁଥିଲେ। ହେଲେ ଅସୁସ୍ଥତା ଯୋଗୁଁ ତାଙ୍କୁ ଚାକିରି ଛାଡ଼ି ଗାଁକୁ ଫେରିବାକୁ ପଡ଼ିଲା। ସେବେଠାରୁ ସେ ଚିକିତ୍ସାଧୀନ ଅବସ୍ଥାରେ ଅଛନ୍ତି। ସେହିପରି ଖରାପ ଫସଲ ହେତୁ ତାଙ୍କ ବାପା ଋଣଗ୍ରସ୍ତ ହୋଇପଡ଼ିଲେ। ଫଳରେ ତାଙ୍କ ପରିବାରର ଆର୍ଥିକ ସ୍ଥିତି ବିଗିଡ଼ି ଗଲା। ଅନ୍ୟପଟେ ପ୍ଲାଷ୍ଟିକ୍ ବୋତଲ ଛଡ଼ା ଅନ୍ୟ କୌଣସି ପ୍ରକାରର ଦାନ ସେ ଗ୍ରହଣ କରିବ ନାହିଁ ବୋଲି ପିଲାଟି ମଧ୍ୟ ସ୍ପଷ୍ଟ କରିଛି। ସାମାଜିକ ଗଣମାଧ୍ୟମରେ ଏକଥା ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି। ତା'ସହ ପିଲାଟିର କାମକୁ ଲୋକେ ଖୁବ୍ ପ୍ରଶଂସା କରିଛନ୍ତି। ସେହିଭଳି ପିଲାଟିକୁ ସାହାଯ୍ୟ କରିବା ନିମନ୍ତେ ସ୍କୁଲ ପକ୍ଷରୁ ବୋତଲ ସଂଗ୍ରହ ପାଇଁ ଯେମିତି ବ୍ୟବସ୍ଥା କରାଯାଇଛି ତାକୁ ଲୋକେ ମଧ୍ୟ ପ୍ରଶଂସା କରିଛନ୍ତି।

# ଏହି ସହରରେ ଚାଲେ କେବଳ ଧଳା ରଙ୍ଗର ଗାଡ଼ି

ତୁର୍କମେନିସ୍ତାନର ରାଜଧାନୀ ଅଶଗାବତ ଧଳା ମାର୍ବଲ ପଥର ସହର ଭାବେ ପରିଚିତ। ଏଠାକାର କୋଠା, ସରକାରୀ କାର୍ଯ୍ୟାଳୟ, ଫୁଟ୍‌ପାଥ ଏବଂ ସର୍ବସାଧାରଣ ସ୍ଥାନମାନଙ୍କରେ ଧଳା ମାର୍ବଲ ବ୍ୟବହାର କରାଯାଇଛି। ଯେତେବେଳେ ସୂର୍ଯ୍ୟକିରଣ ଏହି ମାର୍ବଲଗୁଡ଼ିକ ଉପରେ ପଡ଼େ, ପୂରା ସହର ଚମକି ଉଠେ। ସେହିପରି ଦିନ ହେଉ ଅବା ରାତି ଏହାର ଧଳା ଚମକ କେବେ ବି କମି ନ ଥାଏ। ଏହି ନିଆରା ଡିଜାଇନ୍ ହିଁ ଏହାକୁ ବିଶ୍ୱର ସବୁଠୁ ଅଲଗା ଏବଂ ଚମକଦାର ସହର ଭାବେ ଲୋକପ୍ରିୟ କରାଇଛି। ଏହି ସହରରେ ୨୦୧୮ ମସିହାରୁ କେବଳ ଧଳା ଗାଡ଼ି ଚାଲୁଛି। ସେତେବେଳର ରାଷ୍ଟ୍ରପତି ଗୁରବାଙ୍ଗୁଲି ବର୍ଦିମୁହାମେଦୋଭ ରାସ୍ତାରେ କେବଳ ଧଳା କିମ୍ବା ହାଲ୍‌କା ରଙ୍ଗର କାର୍ ଚାଲିବ



ବୋଲି ନିୟମ ଲାଗୁ କରିଥିଲେ। କୁହାଯାଏ, ତାଙ୍କର ଧଳା ରଙ୍ଗ ପ୍ରତି ଦୁର୍ବଳତା ଥିଲା। ତେଣୁ ତାଙ୍କର ବ୍ୟକ୍ତିଗତ ପସନ୍ଦ ସରକାରୀ ନିୟମରେ ବଦଳିଗଲା। ଯଦି କିଏ କଳା କିମ୍ବା ଅନ୍ୟ କୌଣସି ରଙ୍ଗିନ କାର୍ ଆଣନ୍ତି, ପୋଲିସ୍ ତାହାକୁ ଜବତ କରିବା ସହ ବେଶ୍ ମୋଟା ଅଙ୍କର ଜରିମାନା ଦେବାକୁ ହୋଇଥାଏ। ଏଠାରେ, ଧଳା ରଙ୍ଗ କେବଳ କାର୍‌ରେ ନୁହେଁ ବରଂ ସରକାରୀ କୋଠା, ପାର୍କ, ମଲ୍ ଏବଂ ସାର୍ବଜନୀନ କଳାରେ ମଧ୍ୟ ପ୍ରାଥମିକତା ପ୍ରଦାନ କରାଯାଏ। ଏହାବାଦ୍ ଏଠାରେ ଏତେ ବେଶି ଧଳା ମାର୍ବଲର ଅଟ୍ଟାଳିକା ଅଛି ଯେ, ଏହା ଗିନିଜ୍ ବିଶ୍ୱ ରେକର୍ଡରେ ବି ସ୍ଥାନ ପାଇଛି। ୨୦୦୦ ମସିହା ପରେ ଏଠାରେ ୫୫୦ରୁ ଅଧିକ ମାର୍ବଲ ଅଟ୍ଟାଳିକା ତିଆରି କରାଗଲା। ଏଠାରେ ରାସ୍ତା ଉପରେ ଚାଲିଲେ ଏମିତି ଲାଗେ ଯେ, ଯେମିତି ପୂରା ସହର କୌଣସି ଧଳା ଥିମ୍ ଉପରେ ନିର୍ମିତ। ଏହି ସହରର ଯୁଆଡ଼େ ଦେଖିବ, କେବଳ ଧଳା ହିଁ ଧଳା। ତେଣୁ ପର୍ଯ୍ୟଟକମାନେ ଏହି ସହର କେବଳ ବୁଲିବାକୁ ଆସନ୍ତି ନାହିଁ, ବରଂ ଏଠାକାର ବାସ୍ତୁକଳା ଏବଂ ନିଆରା ନିୟମ ବାବଦରେ ଜାଣିବାକୁ ଆସନ୍ତି। ଅନ୍ୟପଟେ ତୁର୍କମେନିସ୍ତାନର ଏହି ସହର ପ୍ରମାଣ କରିଛି ଯେ, ବେଳେବେଳେ ନିୟମ ମଧ୍ୟ କୌଣସି ସ୍ଥାନର ପରିଚୟ ପାଲଟିଥାଏ।




# ଥାଇରଏଡ୍ ଔଷଧ ନେବାକୁ ଭୁଲୁଛନ୍ତି କି



**ଥାଇରଏଡ୍ ଗ୍ରନ୍ଥି ଏକ ଅନ୍ତସ୍ରାବୀ ଗ୍ରନ୍ଥି। ଏଥିରୁ ଥାଇରଏଡ୍ ହର୍‌ମୋନ୍ କ୍ଷରଣ ହୁଏ। ଏହି ହର୍‌ମୋନ୍ ନିର୍ଦ୍ଦିଷ୍ଟ ସ୍ତରରେ ନ ରହିଲେ ଓଜନ ବୃଦ୍ଧି, ଦୁର୍ବଳତା ଆଦି ଲକ୍ଷଣ ଦେଖାଯାଏ। ଚିକିତ୍ସାରେ ବିଳମ୍ବ ହେଲେ ହାଇପରଥାଇରଏଡ୍‌ଜିମ୍, ହାଇପୋଥାଇରଏଡ୍‌ଜିମ୍ ଭଳି ରୋଗ ସୃଷ୍ଟି ହୁଏ। ସେଥିପାଇଁ ଡାକ୍ତରଙ୍କ ପରାମର୍ଶରେ ଔଷଧ ଖାଇବାକୁ ହୁଏ। ହେଲେ ଅଧିକାଂଶ ଔଷଧ ସେବନରେ ଅବହେଳା କରିଥାନ୍ତି। ଏପରି କରୁଥିଲେ ସାବଧାନ।**

ଥାଇରଏଡ୍ ଔଷଧ ଦିନେ ନଖାଇ ପରଦିନ ଖାଇବାରେ ଏତେ ସମସ୍ୟା ହୁଏନି। ହେଲେ ୨ରୁ ୩ଦିନ କିମ୍ବା ୧୦ ଦିନ ଧରି ଥାଇରଏଡ୍ ଔଷଧ ଲିଭୋଥାଇରକ୍ସିନ ( ଥାଇରଏଡ୍ ହର୍‌ମୋନ୍) ନ ଖାଇଲେ ହାଇପୋଥାଇରଏଡ୍‌ଜିମ୍ ଲକ୍ଷଣ ଦେଖାଯାଏ । ଥକ୍କାପଣ, ଥଣ୍ଡା ଲାଗିବା, କୋଷ୍ଠକାଠିନ୍ୟ, ଅବସାଦ, ଅନିଦ୍ରା, ଓଜନ ବୃଦ୍ଧି, ଶରୀର ଦରଜ, ଋତୁସ୍ରାବରେ ସମସ୍ୟା ଆଦି ହୋଇପାରେ। ଫଳରେ ପୁନର୍ବାର ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ରୋଗୀଙ୍କୁ ଔଷଧ ସେବନ କରିବାକୁ ହୁଏ। ସକାଳେ ଥାଇରଏଡ୍ ଔଷଧ ଖାଇବା ଭୁଲୁଥିଲେ, ସମାନ ଦିନ ଔଷଧ ଖାଇବା ଆବଶ୍ୟକ। ଥାଇରଏଡ୍ ଔଷଧ ସେବନର ଘଣ୍ଟାଏ ପର୍ଯ୍ୟନ୍ତ କିଛି ଖାଇବା ଅନୁଚିତ।

# ରୋଗପ୍ରତିରୋଧକ ଶକ୍ତି ବଢ଼ାଇବ ରାମଫଳ

**ଋତୁଅନୁଯାୟୀ ମିଳୁଥିବା ଫଳରେ ଅନେକ ପୋଷକତତ୍ତ୍ୱ ମିଳିଥାଏ। ଏମିତି ଏକ ଫଳ ହେଉଛି ରାମଫଳ। ଏହି ଫଳ ଶୀତଋତୁରେ ଶରୀରକୁ ଉଷୁମ ରଖିବାରେ ସାହାଯ୍ୟ କରେ।**

ରୋଗପ୍ରତିରୋଧକଶକ୍ତି ବୃଦ୍ଧି ପାଇଁ ଏହି ଫଳ ଖାଇବା ହିତକର। ଏଥିରେ ଥିବା ଭିଟାମିନ୍ -ସି' ରୋଗ ଦୂର କରେ। ନିୟମିତ ରାମଫଳ ଖାଇବା ଦ୍ୱାରା ପେଟ ସଫା ହୋଇଥାଏ। କୋଷ୍ଠକାଠିନ୍ୟ ସମସ୍ୟା ଦୂର ହୁଏ।

**ହୃତ୍‌ପିଣ୍ଡ ପାଇଁ ଭଲ:** ଏହି ଫଳ ରକ୍ତଚାପକୁ ନିୟନ୍ତ୍ରଣ କରି ହୃତ୍‌ପିଣ୍ଡକୁ ସୁସ୍ଥ ରଖେ। ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟଗୁଣ କୋଲେଷ୍ଟ୍ରଲକୁ କମ୍ କରିବାରେ ମଧ୍ୟ ସାହାଯ୍ୟ କରେ। ରାମଫଳ ପ୍ରାକୃତିକ ମଏଶ୍ଚରାଇଜର ପରି କାମ କରେ।



**ଅସ୍ଥିକୁ ଶକ୍ତ କରେ:** ଥକ୍କାପଣ ଦୂର କରିବାରେ ରାମଫଳ ପ୍ରଭାବୀ। ଏଥିରେ ଥିବା କ୍ୟାଲସିୟମ ଏବଂ ଫସ୍‌ଫରସ୍ ଅସ୍ଥି ଏବଂ ଦାନ୍ତକୁ ଶକ୍ତ କରେ। ମଧୁମେହ ରୋଗୀ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ରାମଫଳ ସେବନ କରିବା ଉଚିତ।

# ମଧୁମେହଜନିତ ଚକ୍ଷୁରୋଗ



**ଭାରତକୁ ବିଶ୍ୱର ମଧୁମେହ ରାଜଧାନୀ କୁହାଯାଏ। ମଧୁମେହ ଏବେ ପ୍ରମୁଖ ସାର୍ବଜନୀନ ସ୍ୱାସ୍ଥ୍ୟ ଚିନ୍ତାର ବିଷୟ ହୋଇଛି। ମଧୁମେହ କେବଳ ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗକୁ ପ୍ରଭାବିତ କରି ନ ଥାଏ, ବରଂ ଏହା ମଧୁମେହ-ସମ୍ବନ୍ଧୀୟ ଚକ୍ଷୁ ଜଟିଳତା ବିଶେଷକରି ଡାଇବେଟିକ୍ ରେଟିନୋପାଥି ରୋଗର ବିପଦକୁ ମଧ୍ୟ ଯଥେଷ୍ଟ ବୃଦ୍ଧି କରେ।**



ଡାକ୍ତର ଉମେଶ ଚନ୍ଦ୍ର ବେହେରା


ଦୀର୍ଘଦିନ ଧରି ମଧୁମେହ ରହିବା ଯୋଗୁଁ କ୍ଷତିଗ୍ରସ୍ତ ରକ୍ତବାହୀ ନଳୀଗୁଡ଼ିକରୁ ଲିକେଜ୍, ଫୁଲା କିମ୍ବା ରକ୍ତସ୍ରାବ କାରଣରୁ ଏହି ରୋଗ ହୁଏ। ଏହା ରେଟିନାକୁ ଆଲୋକ ଅନୁଭବ କରିବା ଏବଂ ମସ୍ତିଷ୍କକୁ ପ୍ରତିଛବି ପଠାଇବାର କ୍ଷମତାରେ ବାଧା ଦେଇ ଦୃଷ୍ଟିଶକ୍ତି ଜନିତ ସମସ୍ୟା ସୃଷ୍ଟି କରେ। ଠିକ୍ ସମୟରେ ରୋଗ ନିର୍ଣ୍ଣୟ ଏବଂ ଚିକିତ୍ସା କରା ନ ଗଲେ ଏହି ଅବସ୍ଥା ଚିରଦିନ ପାଇଁ ଦୃଷ୍ଟିଶକ୍ତି ହରାଇବାର ବିପଦ ସୃଷ୍ଟି କରିପାରେ। ପ୍ରାରମ୍ଭିକ ଟାଇପ୍ ୧ ମଧୁମେହ ରୋଗ ଥିବା ପ୍ରାୟ ୧୩% ରୋଗୀ ଏବଂ ୧୦-୧୫ ବର୍ଷ ଧରି ଏହି ରୋଗରେ ପୀଡ଼ିତ ୯୦% ରୋଗୀଙ୍କ ମଧ୍ୟରେ ଡାଏବେଟିକ୍ ରେଟିନୋପାଥି ରୋଗ ଦେଖାଯାଏ। ଡାଏବେଟିକ୍ ରେଟିନୋପାଥି ନୀରବରେ ବଢ଼ିଥାଏ। ରୋଗ ଅତି ଗୁରୁତର ନ ହେବା ଯାଏ ଏହାର କୌଣସି ଲକ୍ଷଣ ଦେଖାଯାଏ ନାହିଁ। ବିଳମ୍ବରେ ରୋଗର ମୂଲ୍ୟାଙ୍କନ ଫଳରେ ଦୃଷ୍ଟିଶକ୍ତି ହ୍ରାସ ପାଇପାରେ। ଦୃଷ୍ଟିଶକ୍ତି ହରାଇବା ଆଶଙ୍କାକୁ ହ୍ରାସ କରିବା ପାଇଁ ପ୍ରାରମ୍ଭିକ ଚିକିତ୍ସା କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଟାଇପ୍ -୧ ମଧୁମେହ ରୋଗୀଙ୍କୁ ମଧୁମେହ ନିର୍ଣ୍ଣୟ ହେବାର ୫ବର୍ଷ ପରେ ବିସ୍ତୃତ ଚକ୍ଷୁ ପରୀକ୍ଷା କରିବା ଉଚିତ। ଟାଇପ୍ -୨ ମଧୁମେହ ରୋଗୀଙ୍କୁ ରୋଗ ନିର୍ଣ୍ଣୟ ହେବାର ତୁରନ୍ତ ବିସ୍ତୃତ ଚକ୍ଷୁ ପରୀକ୍ଷା କରାଯିବା ଉଚିତ। ଟାଇପ୍ ୧ ଏବଂ ଟାଇପ୍ ୨ ମଧୁମେହ ରୋଗୀଙ୍କ ପାଇଁ ପ୍ରତି ବର୍ଷ ଚକ୍ଷୁ ପରୀକ୍ଷା କରାଯିବା ଉଚିତ। ଗର୍ଭଧାରଣ ପୂର୍ବରୁ ଏବଂ ଗର୍ଭଧାରଣର ପ୍ରଥମ ତିନିମାସରେ ବିସ୍ତୃତ ଚକ୍ଷୁ ପରୀକ୍ଷା କରିବାକୁ ପରାମର୍ଶ ଦିଆଯାଏ।

ଏହି ରୋଗ ଆରମ୍ଭରୁ ଲକ୍ଷଣ ଦେଖା ଯାଇ ନ ପାରେ। ଅବସ୍ଥା ବଢ଼ିବା ସହିତ ରୋଗୀଙ୍କଠାରେ କଳା ଦାଗ କିମ୍ବା କିଛି ଭାସିବା ପରି ଦେଖାଯିବା, ଝାପ୍ସା ଦିଶିବା, ଦୃଷ୍ଟିଶକ୍ତିରେ ସ୍ଥିରତା ନ ରହିବା, କୌଣସି ବସ୍ତୁ ଗାଢ଼ ଦେଖାଯିବା, ଦୃଷ୍ଟିଶକ୍ତି ହାନୀ ଆଦି ଲକ୍ଷଣ ଦେଖାଯାଏ।

**କିପରି କରିବେ ନିୟନ୍ତ୍ରଣ:** ଏହି ରୋଗ ନିୟନ୍ତ୍ରଣ କରିବାକୁ ରକ୍ତ ଶର୍କରାସ୍ତର ନିୟନ୍ତ୍ରଣ କରିବା, ରକ୍ତଚାପ ଏବଂ ରକ୍ତ କୋଲେଷ୍ଟେରଲ୍ ସ୍ତର ନିୟନ୍ତ୍ରଣ କରିବା, ଧୂମପାନ ଓ ତମାଖୁ ବର୍ଜନ କରିବା, ନିୟମିତ ବ୍ୟାୟାମ ଏବଂ ଓଜନ ପରିଚାଳନାକୁ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି।

**ଚିକିତ୍ସା ବିକଳ୍ପ:** ରୋଗର ଚିକିତ୍ସା ବିକଳ୍ପରେ ଇଂଟ୍ରାଭିଟ୍ରିଆଲ୍ ଇଞ୍ଜେକ୍ସନ୍, ଲେଜର୍ ଫଟୋକୋଗୁଲେସନ୍, ଅସ୍ତ୍ରୋପଚାର କରାଯାଇଥାଏ। ଏହି ଅବସ୍ଥା ଅଗ୍ରଗତି କରିଥିବା ପର୍ଯ୍ୟାୟରେ ନିର୍ଣ୍ଣୟ କରାଗଲେ ମଧ୍ୟ ରୋଗୀ ଯଥାଶୀଘ୍ର ଚକ୍ଷୁ ରୋଗ ବିଶେଷଜ୍ଞଙ୍କ ସହ ପରାମର୍ଶ କରିବା ଉଚିତ।





# ନୋରୋ ଭୂତାଣୁ

**ଶୀତଦିନେ ଭୂତାଣୁଜନିତ ପ୍ରଦାହ ଅଧିକ ଦେଖାଯାଏ। ଏବେ ଚିନ୍ତା ବଢ଼ାଉଛି ନୋରୋ ଭୂତାଣୁ। ଏହାକୁ 'ୱିଣ୍ଟର ଭୋମିଣ୍ଟିଂ' କୁହାଯାଏ। ଆମେରିକାରେ ଏହି ଭୂତାଣୁ ଏବେ ନିଜର କାୟା ବିସ୍ତାର କରିଛି।**

ଏହା କ୍ୟାଲିସିଭିରିଡେ ପରିବାରର ଏକ ଆର୍‌ଏନ୍‌ଏ ଭୂତାଣୁ। ଏହି ଭୂତାଣୁ ପ୍ରଦୂଷିତ ପାଣି, ଦୂଷିତ ଖାଦ୍ୟ, ସଂକ୍ରମିତ ବ୍ୟକ୍ତିଙ୍କ ଜରିଆରେ ସଂକ୍ରମିତ କରିଥାଏ। ସଂକ୍ରମଣର ୧୨ରୁ ୪୮ ଘଣ୍ଟା ପରେ ଲକ୍ଷଣ ଦେଖାଯାଇଥାଏ। ଅଚାନକ ବାନ୍ତି, ଝାଡ଼ା, ପେଟ ଯନ୍ତ୍ରଣା, ଜ୍ୱର, ଦୁର୍ବଳ, ଆଦି ସୃଷ୍ଟି କରାଇଥାଏ। କଞ୍ଚା ସାମୁଦ୍ରିକ ଖାଦ୍ୟ ତଥା ଓଏଷ୍ଟର ଖାଇବା ଦ୍ୱାରା ଏହି ରୋଗର ଆଶଙ୍କା ବଢ଼ିଯାଇପାରେ। ଏଥିପ୍ରତି ସତର୍କ ରହିବା ଜରୁରି। ଏହି ରୋଗ ପାଇଁ କୌଣସି ନିର୍ଦ୍ଦିଷ୍ଟ ଚିକିତ୍ସା ନାହିଁ। ଲକ୍ଷଣ ଓ ରୋଗର ତୀବ୍ରତା ଆଧାରରେ ଉପଚାର କରାଯାଇଥାଏ। ଜଳୀୟ ଅଂଶ ବଜାୟ ରଖିବାକୁ ଓଆର୍‌ଏସ୍ ପିଇବା ଜରୁରି। ଗମ୍ଭୀର ମାମଲାରେ ତୁରନ୍ତ ହସ୍‌ପିଟାଲ ଯିବା ଆବଶ୍ୟକ। ଡାକ୍ତର ରୋଗୀଙ୍କୁ ଘରେ ରହିବା ଲାଗି ପରାମର୍ଶ ଦେଇଥାନ୍ତି। ସାବୁନରେ ହାତ ଧୋଇବା, ପରିବେଶ ସଫା ରଖିବା, ସଂକ୍ରମିତ ବ୍ୟକ୍ତିଙ୍କଠାରୁ ଦୂରତା ବଜାୟ ରଖିବା ତଥା ଜନଗହଳିସ୍ଥାନକୁ ମାସ୍କ ପିନ୍ଧି ଯିବା ଆବଶ୍ୟକ।

### ମୁଲାନପୁରରେ ଡି କକ୍ ଶତକରୁ ବଞ୍ଚିତ

# ଦ୍ୱିତୀୟ ଟି-୨୦ରେ ଜିତିଲା ଦକ୍ଷିଣ ଆଫ୍ରିକା

ମୁଲାନପୁର,୧୧।୧୨(ଏଜେନ୍ସି)

ବାମହାତୀ ଓପନର କ୍ୱିଣ୍ଟନ ଡି କକ୍‌ଙ୍କ ବିସ୍ଫୋରକ ଅର୍ଦ୍ଧଶତକ ଓ ବୋଲରଙ୍କ ଶୃଙ୍ଖଳିତ ପ୍ରଦର୍ଶନ ବଳରେ ଏଠାରେ ଗୁରୁବାର ଅନୁଷ୍ଠିତ ଦ୍ୱିତୀୟ ଟି-୨୦ ମୁକାବିଲାରେ ଦକ୍ଷିଣ ଆଫ୍ରିକା ୫୧ ରନ୍‌ରେ ଭାରତକୁ ପରାସ୍ତ କରିଛି। ଏହା ଫଳରେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ୧-୧ରେ ସମାନ ସ୍ତରକୁ ଆସିଯାଇଛି। କଟକରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ଭାରତ ୧୦୧ ରନ୍‌ରେ ବିଜୟୀ ହୋଇଥିଲା। ହିମାଚଳ ପ୍ରଦେଶର ଧର୍ମଶାଳାଠାରେ ଆସନ୍ତା ୧୪ ତାରିଖ ରବିବାର ସିରିଜ୍‌ର ତୃତୀୟ ମୁକାବିଲା ଅନୁଷ୍ଠିତ ହେବ। ଏହି ମ୍ୟାଚ୍‌ରେ ମାତ୍ର ୪୬ ବଲ୍‌ରୁ ୫ ଚୌକା ଓ ୭ ଛକା ସହ ୯୦ ରନ୍ କରିଥିବା ଭ୍ରମଣକାରୀ ଦଳର ୱିକେଟକିପର ଡି କକ୍‌ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ଏଠାରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ୪ ୱିକେଟ ହରାଇ ୨୧୩ ରନ୍‌ର ବିଶାଳ ସ୍କୋର କରିଥିଲା। ଜବାବରେ ଭାରତ ୧୯.୧ ଓଭରରେ ୧୬୨ ରନ୍ କରିଥିଲା। ଘରୋଇ ବ୍ୟାଟରମାନେ ଏହି ମ୍ୟାଚ୍‌ରେ ସମ୍ପୂର୍ଣ୍ଣ ବିଫଳ ହୋଇଥିଲେ। କେବଳ ତିଲକ ବର୍ମା କିଛିଟା ଲଢୁଆ ବ୍ୟାଟିଂ କରିଥିଲେ ମଧ୍ୟ ଶେଷ ବ୍ୟାଟରଭାବେ ୩୪ ବଲ୍‌ରୁ ୨ ଚୌକା ଓ ୫ ଛକା ସହ ସର୍ବାଧିକ ୬୨ ରନ୍‌ରେ ଆଉଟ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିତେଶ ଶର୍ମା ୨୭, ଅକ୍ଷର ପଟେଲ ୨୧, ହାର୍ଦ୍ଦିକ ପାଣ୍ଡ୍ୟା ୨୦ ଓ ଅଭିଷେକ ଶର୍ମା ୧୭ ରନ୍ କରି ଦୁଇ ଅଙ୍କରେ ପହଞ୍ଚିଥିଲେ। ତାରକା ଖେଳାଳିଙ୍କ ମଧ୍ୟରେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ୫, ଉପଅଧିନାୟକ ଶୁବମନ ଗିଲ୍ ୦ ରନ୍ କରିଥିଲେ। ଦକ୍ଷିଣ ଆଫ୍ରିକୀୟ ବୋଲରଙ୍କଠାରୁ ଉଚ୍ଚକୋଟୀର ବୋଲିଂ ପ୍ରଦର୍ଶନ ଦେଖିବାକୁ ମିଳିଥିଲା। ଭାରତୀୟ ବୋଲର ୧୬ଟି ୱାଇଡ୍ ସହ ଅତିରିକ୍ତରୁ ୨୨ ରନ୍ ଦେଇଥିଲେ। ଭ୍ରମଣକାରୀ ଦଳ ମାତ୍ର ଅତିରିକ୍ତରୁ ୫ ରନ୍ ଦେଇଥିଲେ। ସଫଳ ବୋଲର ଭାବେ ପେସର ଓଟ୍ଟନେଲ ବାର୍ଟମ୍ୟାନ୍ ସର୍ବାଧିକ ୪ଟି ୱିକେଟ ପାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲୁଙ୍ଗି ଏନ୍‌ଗିଡି, ମାର୍କୋ ଜାନ୍‌ସେନ୍ ଓ ଲୁଥୋ ସିପମଲା ୨ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ। ପ୍ରଥମେ ବ୍ୟାଟିଂ କରି ଦକ୍ଷିଣ ଆଫ୍ରିକା ଦ୍ରୁତ ରନ୍ ସଂଗ୍ରହ କରିଥିଲା। ୩୮ ରନ୍‌ରେ ଦଳ ପ୍ରଥମ ୱିକେଟ ହରାଇବା ପରେ ଡି କକ୍ ଓ ମାରକ୍ରମ ଦ୍ୱିତୀୟ ୱିକେଟରେ





୪୭ ବଲ୍‌ରୁ ୮୩ ରନ୍ ଉଠାଇ ଦଳକୁ ମଜଭୁତ ସ୍ଥିତିରେ ପହଞ୍ଚାଇଥିଲେ। ଅଳ୍ପ ରନ୍ ବ୍ୟବଧାନରେ ଡି କକ୍ ଓ ବ୍ରେଭିସ୍ ଆଉଟ ହୋଇଯାଇଥିଲେ। ଡି କକ୍ ୪୬ ବଲ୍‌ରୁ ୯୦ ରନ୍ କରି ଶତକରୁ ବଞ୍ଚିତ ହୋଇଥିଲେ। କିନ୍ତୁ ୫ମ ୱିକେଟରେ ଡୋନୋଭାନ ଫେରେରା ଓ ଡେଭିଡ୍ ମିଲର ୨୩ ବଲ୍‌ରୁ ୫୩ ରନ୍ ଉଠାଇ ଦଳକୁ ଏକ ଦୃଢ଼ ସ୍ଥିତିରେ ପହଞ୍ଚାଇଥିଲେ। ଫେରେରା ୧୬ ବଲ୍‌ରୁ ୧ ଚୌକା ଓ ୩ ଛକା ସହ ୩୦ ଏବଂ ମିଲର ୧୨ବଲ୍‌ରୁ ୨ ଚୌକା ଓ ୧ ଛକା ସହ ୨୦ ରନ୍‌ରେ ଅପରାଜିତ ରହିଥିଲେ। ଭାରତ ପକ୍ଷରୁ ବରୁଣ ଚକ୍ରବର୍ତ୍ତୀ ତାଙ୍କ ୪ ଓଭର ବୋଲିଂ ସ୍ପେଲ୍‌ରେ ସବୁଠାରୁ କମ୍ ୨୯ ରନ୍ ଦେଇ ସବୁଠାରୁ ଅଧିକ ୨ଟି ୱିକେଟ ପାଇଛନ୍ତି। ଦୁଇ ଫାଷ୍ଟ ବୋଲର ଅର୍ଶଦୀପ ସିଂହ ଓ ଯଶପ୍ରୀତ୍ ବୁମ୍‌ରା ୪ ଓଭର ଲେଖାଏଁ ବୋଲିଂ କରି ଯଥାକ୍ରମେ ୫୪ ଓ ୪୫ ରନ୍ ଦେଇ ବ୍ୟୟବହୁଳ ସାବ୍ୟସ୍ତ ହୋଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

**ଦକ୍ଷିଣ ଆଫ୍ରିକା: ୨୧୩/୪, ୨୦ ଓଭର** (ଡି କକ୍- ୯୦, ମାରକ୍ରମ- ୨୯, ଫେରେରା- ୩୦*, ମିଲର- ୨୦*, ବରୁଣ- ୨/୨୯)।

**ଭାରତ: ୧୬୨/୧୦, ୧୯.୧ ଓଭର** (ତିଲକ- ୬୨, ଗିଲ୍- ୦, ସୂର୍ଯ୍ୟକୁମାର- ୫, ପାଣ୍ଡ୍ୟା- ୨୦, ବାର୍ଟମାନ- ୪/୨୪)।



## ଯୁବରାଜ, ହରମନପ୍ରୀତ୍ ସମ୍ମାନିତ

ନ୍ୟୁ ଚଣ୍ଡିଗଡ଼ର ମୁଲାନପୁରରେ ଆଜି ଭାରତ ଓ ଦକ୍ଷିଣ ଆଫ୍ରିକା ମୁକାବିଲା ସହ ପ୍ରଥମଥର ଏକ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ ଏଠାରେ ଖେଳାଯାଇଛି। ଏହି ଅବସରରେ ସ୍ଥାନୀୟ ହିରୋ ଯୁବରାଜ ସିଂହ ଓ ହରମନପ୍ରୀତ୍ କୌରଙ୍କୁ ସମ୍ମାନିତ କରାଯିବା ସହ ସେମାନଙ୍କ ନାମରେ ଷ୍ଟାଡିୟମ୍‌ର ଷ୍ଟାଣ୍ଡ ନାମିତ କରାଯାଇଛି। ୨୦୧୧ରେ ଭାରତ ଦିନିକିଆ ବିଶ୍ୱକପ୍ ଚାମ୍ପିଅନ ହୋଇଥିଲାବେଳେ ଯୁବରାଜ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ନିକଟରେ ହରମନପ୍ରୀତ୍‌ଙ୍କ ନେତୃତ୍ୱରେ ଭାରତ ମହିଳା ଦିନିକିଆ ବିଶ୍ୱକପ୍ ଚାମ୍ପିଅନ ହୋଇଥିଲା। ଯୁବରାଜ ଭାରତୀୟ ଖେଳାଳିଙ୍କୁ ପରାମର୍ଶ ଦେବା ଓ ଉତ୍ସାହିତ କରୁଥିବାର ଦେଖାଯାଇଥିଲା।

## ଅର୍ଶଦୀପ ସିଂହ: ଗୋଟିଏ ଓଭରରେ ୧୩ ବଲ, ୭ ୱାଇଡ୍

ଭାରତର ଟପ୍ ଫାଷ୍ଟ ବୋଲର ଅର୍ଶଦୀପ ସିଂହ ଏଠାରେ ଅନୁଷ୍ଠିତ ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଟି-୨୦ରେ ଏକ ନକରାତ୍ମକ ବିଶ୍ୱରେକର୍ଡ ସହ ସମକକ୍ଷ ହୋଇଛନ୍ତି। ଦକ୍ଷିଣ ଆଫ୍ରିକା ଇନିଂସରେ ୧୧ତମ ଓଭର ବୋଲିଂ କରିଥିବା ଅର୍ଶଦୀପ ୭ଟି ୱାଇଡ୍ ବଲ ପକାଇବା ଫଳରେ ଓଭରରେ ମୋଟ ୧୩ଟି ବଲ ବୋଲିଂ କରିବାକୁ ପଡ଼ିଥିଲା। ଏହି ଓଭରରେ ସେ ୧୮ ରନ୍ ଦେଇଥିଲେ। ଏହା ଫଳରେ ସେ ଆଫଗାନିସ୍ତାନର ନବୀନ-ଉଲ-ହକ୍‌ଙ୍କ ସହ ସମକକ୍ଷ ହୋଇଛନ୍ତି। ୨୦୨୪ ହରାରେରେ ଅନୁଷ୍ଠିତ ଜିମ୍ବାୱେ ବିପକ୍ଷ ମ୍ୟାଚର ଗୋଟିଏ ଓଭରରେ ନବୀନ ୧୩ଟି ବଲ୍ ପକାଇଥିଲେ। ଏମାନଙ୍କ ପଛକୁ ଦକ୍ଷିଣ ଆଫ୍ରିକାର ଫାଷ୍ଟ ବୋଲର ସିସାନ୍ଦା ମାଗଲା ୨୦୨୧ ଜୋହାନ୍ସବର୍ଗରେ ଅନୁଷ୍ଠିତ ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ୧୨ଟି ବଲ ପକାଇ ତୃତୀୟ ସ୍ଥାନରେ ରହିଛନ୍ତି। ଅର୍ଶଦୀପ ପରେ ୧୯ତମ ଓଭର ବୋଲିଂ କରିବାକୁ ଆସି ଆଉ ୨ଟି ୱାଇଡ୍ ସହ ୧୬ ରନ୍ ଦେଇଥିଲେ। ଏହି ମ୍ୟାଚ୍‌ରେ ସେ ୪ ଓଭର ବୋଲିଂ କରି ୫୪ ରନ୍ ଖର୍ଚ୍ଚ କରିଥିଲାବେଳେ ୯ଟି ୱାଇଡ୍ ବଲ ପକାଇଥିଲେ। ଏହା ମଧ୍ୟରେ ପ୍ରତିପକ୍ଷ ବ୍ୟାଟର ତାଙ୍କୁ ୫ଟି ଛକା ମାରିଥିଲେ। ଟି-୨୦ କ୍ୟାରିୟରରେ ସେ ସର୍ବାଧିକ ୬୨ ରନ୍ ବ୍ୟୟ କରିଛନ୍ତି। ୨୦୨୨ ଗୁଆହାଟୀରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଏହି ରନ୍ ବ୍ୟୟ କରିଥିଲେ।

● ଆଇସିସି ଟି-୨୦ ବିଶ୍ୱକପ୍

## ସର୍ବନିମ୍ନ ଟିକଟ୍‌ର ମୂଲ୍ୟ ୧୦୦ ଟଙ୍କା

ନୂଆଦିଲ୍ଲୀ, ୧୧।୧୨ (ଏଜେନ୍ସି): ଆଇସିସି ଟି-୨୦ ବିଶ୍ୱକପ୍‌ର ୧୦ମ ସଂସ୍କରଣ ଫେବୃଆରୀ ୭ରୁ ଭାରତ ଓ ଶ୍ରୀଲଙ୍କାରେ ମିଳିତ ଭାବେ ଆୟୋଜିତ ହେବ। ଏହି ମେଗା ଇଭେଣ୍ଟ ଲାଗି ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି ପକ୍ଷରୁ ଗୁରୁବାର ସନ୍ଧ୍ୟାରୁ ବିଧିବଦ୍ଧ ଭାବେ ଟିକଟ୍ ବିକ୍ରି ଅନଲାଇନ ମାଧ୍ୟମରେ ଆରମ୍ଭ ହୋଇଛି। ଭାରତରେ ଖେଳାଯିବାକୁ ଥିବା ବିଶ୍ୱକପ୍‌ର ମ୍ୟାଚ୍ ଲାଗି ସର୍ବନିମ୍ନ ଟିକଟ୍ ମୂଲ୍ୟ ୧.୧୧ ଡଲାର ରଖାଯାଇଛି। ଯାହାକି ଭାରତୀୟ ମୁଦ୍ରାରେ ୧୦୦ ଟଙ୍କା ହେବ। ସେହିଭଳି ଶ୍ରୀଲଙ୍କାରେ ଆୟୋଜିତ ହେବାକୁ ଥିବା ବିଶ୍ୱକପ୍ ମ୍ୟାଚର ସର୍ବନିମ୍ନ ଟିକଟ୍ ମୂଲ୍ୟ ୩.୨୬ ଡଲାର (ଭାରତୀୟ ମୁଦ୍ରାରେ ୨୯୪ ଟଙ୍କା) ରହିଛି। ଅପରପକ୍ଷରେ ଫେବୃଆରୀ ୧୫ରେ ଟୁର୍ଣ୍ଣାମେଣ୍ଟର ସବୁଠୁ ହାଇଭୋଲଟେଜ ମ୍ୟାଚ୍ ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବ। ଶ୍ରୀଲଙ୍କାରେ ଆୟୋଜିତ ହେବାକୁ ଥିବା ଏହି ମ୍ୟାଚର ସର୍ବନିମ୍ନ ଟିକଟ୍ ମୂଲ୍ୟ ୪୩୮ ଟଙ୍କା ରଖାଯାଇଛି। 'ବିଶ୍ୱକପ୍‌କୁ ଯେଉଁ ଭଳି ଅଧିକରୁ ଅଧିକ ଲୋକ ଷ୍ଟାଡିୟମରେ ଉପସ୍ଥିତ ରହି ଉପଭୋଗ କରନ୍ତୁ ସେଥିଲାଗି ଟିକଟ୍‌ର ମୂଲ୍ୟକୁ ଯଥା ସମ୍ଭବ କମ୍ ରଖାଯିବାକୁ ଚେଷ୍ଟା କରାଯାଇଛି' ବୋଲି ଆଇସିସି ପକ୍ଷରୁ କୁହାଯାଇଛି। ବିଶ୍ୱକପ୍‌ର ୱେବସାଇଟ୍ (*https://tickets.cricketworldcup.com/.*)ରୁ ପ୍ରଶଂସକମାନେ ଟିକଟ୍ କ୍ରୟ କରିପାରିବେ।

## ମେସିଙ୍କ ସହ ଫଟୋ ଉଠାଇଲେ ୧୦ ଲକ୍ଷ

ହାଇଦରାବାଦ୍, ୧୧।୧୨ (ଏଜେନ୍ସି): ଫୁଟ୍‌ବଲ ଆଇକନ୍ ଲିଓନେଲ ମେସି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ଶନିବାର ହାଇଦରାବାଦରେ ପହଞ୍ଚିବେ। ଯେଉଁଥିରେ ଏକ ହାଇପ୍ରୋଫାଇଲ ସାକ୍ଷାତ୍ ଓ ଅଭିବାଦନ ଏବଂ ଉପ୍ପଲ ଷ୍ଟାଡିୟମରେ ସାଢ଼େ ୩ ଘଣ୍ଟାର ଏକ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ରହିଛି। ଆର୍ଜେଣ୍ଟିନା ତାରକା ମେସିଙ୍କ ଏହି ଭାରତ ଗସ୍ତରେ ପ୍ରଶଂସକମାନେ ତାଙ୍କ ସହ ଫଟୋ ଉଠାଇବାର ଏକ ଦୁର୍ଲଭ ସୁଯୋଗ ପାଇବେ। ତେବେ ଫଟୋ ଉଠାଇବା ଲାଗି ଜଣେ ବ୍ୟକ୍ତିଙ୍କୁ ଜିଏସ୍‌ଟି ସହ ୯.୯୫ ଲକ୍ଷ ଟଙ୍କା ଦେବାକୁ ପଡ଼ିବ। ଏଥିଲାଗି କେବଳ ୧୦୦ଟି ସ୍ଲଟ ରହିଛି। ଫାଲାକନମ ପ୍ୟାଲେସରେ ଏହି ପ୍ରିମିୟମ ଫଟୋ ଉଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଡିଷ୍ଟ୍ରିକ୍ଟ ଆପ୍ ଜରିଆରେ ଟିକଟ୍ ବିକ୍ରି ହେଉଛି। ମେସିଙ୍କ ଏହି ଭାରତ ଗସ୍ତର ନାମ 'ଗୋଟ୍ ଟୁର୍' ରଖାଯାଇଛି। ଶନିବାର ଅପରାହ୍ଣ ୪ଟାରେ ମେସି ହାଇଦରାବାଦ୍‌ରେ ପହଞ୍ଚିବେ। ତାଙ୍କ ସହ ସାଥୀ ଆର୍ଜେଣ୍ଟିନା ଖେଳାଳି ରୋଡ୍ରିଗୋ ଡି ପଲ୍ ଓ ଉରୁଗୁଏର ତାରକା ଷ୍ଟ୍ରାଇକର ଲୁଇସ୍ ସୁଆରେଜ ମଧ୍ୟ ଏହି ଗସ୍ତରେ ଆସିବେ। ଉପ୍ପଲ ଷ୍ଟାଡିୟମରେ ୨୦ ମିନିଟ୍ ଅବଧି ବିଶିଷ୍ଟ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳାଯିବ। ଯେଉଁଥିରେ ଆରଆର୍- ୯ ଦଳ ସହ ଅପର୍ଣ୍ଣା ମେସି ଅଲ୍ ଷ୍ଟାର୍ସ ମଧ୍ୟରେ ମ୍ୟାଚ ଖେଳାଯିବ। ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ଶେଷ ୫ ମିନିଟ୍ ଖେଳିବେ ବୋଲି ଜଣାପଡ଼ିଛି। ସେହିଭଳି ବଲିଉଡ୍ ସୁପରଷ୍ଟାର୍ ଶାହରୁଖ ଖାନ ମଧ୍ୟ ମେସିଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି।

## ଜାତୀୟ ତୀରନ୍ଦାଜୀରେ ଭାଗନେବ ଓଡ଼ିଶା



କଟକ,୧୧।୧୨(ସମିସ): ୩୨ତମ ଏନଟିପିସି ଜାତୀୟ ତୀରନ୍ଦାଜୀ ପ୍ରତିଯୋଗିତା ନିମନ୍ତେ ଘୋଷିତ ଓଡ଼ିଶା ଦଳ ହାଇଦ୍ରାବାଦ ଅଭିମୁଖେ ଯାତ୍ରା କରିଛି। ଦଳରେ ୨୨ଜଣ ଖେଳାଳି ଏବଂ ୬ଜଣ ପ୍ରଶିକ୍ଷକ ରହିଛନ୍ତି। ଇଣ୍ଡିଆନ ରାଉଣ୍ଡ ବାଳକ ବିଭାଗରେ ବାହାଦୂର ମାରାଣ୍ଡି, ତ୍ରିନାଥ ମୁଣ୍ଡା, ରବି ମୁଦୁଲି, ଅଜୟ କୁମାର ମାରାଣ୍ଡି, ବାଳିକା ବିଭାଗରେ ରିଷମା ମଲ୍ଲିକ, ଅଞ୍ଜଳୀ ସସ୍ମିତା ମାର୍କେ ସ୍ଥାନ ପାଇଛନ୍ତି। ରିକର୍ଭ ରାଉଣ୍ଡ ବାଳକ ବିଭାଗରେ ଅର୍ଜୁନ ଖରା, ଭାଗବତ ବଳିଆରସିଂହ, ସୋମନାଥ ହେମ୍ବ୍ରମ, କୃଷ୍ଣ ମୁଣ୍ଡା, ବାଳିକା ବିଭାଗରେ ମନସ୍ୱରୀ ହାଁସଦାକ, ସୁନୀତା ନାଏକ, ସାବିତ୍ରୀ ପାତ୍ର, କମ୍ପାଉଣ୍ଡ ବାଳକ ବିଭାଗରେ ସାଗର ରାଇତା, କେଶବ ବାନାରା, ସଞ୍ଜୟ ହୋ, ରଶ୍ମିରଞ୍ଜନ ସେଠୀ, ବାଳିକା ବିଭାଗରେ ସ୍ୱପ୍ନାରାଣୀ ବେହେରା, ସୀତା ହେମ୍ବ୍ରମ, ନାମସୀ ମୁଣ୍ଡା, ପ୍ରୀତି ଓରାମ ରାଜ୍ୟ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ପ୍ରଶିକ୍ଷକ ରାଜେଶ ହାଁସଦା, ଆର୍ଯ୍ୟନ ସ, ଟିକିଲି ମହାକୁଳ, ଶାହେଲା ଶାହିନ, ଭଗତରାମ ନାୟକ, ମଞ୍ଜୁଳା ଆପୋଟ ଦଳ ସହ ଯାତ୍ରା କରିଛନ୍ତି। ଓଡ଼ିଶା ତୀରନ୍ଦାଜୀ ସଂଘ ପକ୍ଷରୁ ରାଜ୍ୟ ଦଳକୁ ଶୁଭେଚ୍ଛା ଜଣାଯାଇଛି।

## ପରାଜୟ ଦ୍ୱାରରେ ଓଡ଼ିଶା

ବଲାଙ୍ଗିର/କଟକ,୧୧।୧୨(ସମିସ): ବଲାଙ୍ଗିର ଗାନ୍ଧି ଷ୍ଟାଡିୟମରେ ଚାଲିଥିବା କୁଚ ବିହାର ଟ୍ରଫିର କର୍ଣ୍ଣାଟକ ବିପକ୍ଷ ମ୍ୟାଚ୍‌ରେ ଓଡ଼ିଶା ପରାଜୟ ଦ୍ୱାରରେ ପହଞ୍ଚିଛି। ଉଭୟ ପାଳିରେ ଘରୋଇ ଦଳ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। କର୍ଣ୍ଣାଟକ ଠାରୁ ପରାସ୍ତ ହେଲେ ଓଡ଼ିଶାର ଏହା କ୍ରମାଗତ ୪ର୍ଥ ପରାଜୟ ହେବ। ପ୍ରଥମ ତିନୋଟି ମ୍ୟାଚ୍‌ରୁ ଦଳ ତିନୋଟି ଯାକ ପରାସ୍ତ ହୋଇ ଏଲିଟ ଗ୍ରୁପ-ସି ଟେବଲର ୬ଷ୍ଠ ସ୍ଥାନରେ ରହିଛି। ବଲାଙ୍ଗିରରେ ଚାଲିଥିବା ୪ର୍ଥ ଲିଗ୍ ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୧୭୦ରନରେ ଅଲଆଉଟ ହୋଇଥିଲା। ଜବାବରେ ଭ୍ରମଣକାରୀ କର୍ଣ୍ଣାଟକ ୯ ୱିକେଟ ବିନିମୟରେ ୪୬୯ ରନ କରି ଆଜି ପାଳି ଘୋଷଣା କରିଥିଲା। ୨୯୯ ରନ ପଛୁଆ ରହି ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଓଡ଼ିଶା ଗୁରୁବାର ମ୍ୟାଚ୍‌ର ୩ୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ୭ ୱିକେଟ ହରାଇ ୨୧୧ରନ ସଂଗ୍ରହ କରିଛି। ଏବେବି ଦଳ ୮୮ ରନରେ ପଛୁଆ ରହିଛି। ଓଡ଼ିଶା ତରଫରୁ ସ୍ୱାଗତ ମିଶ୍ର ସର୍ବାଧିକ ୫୦ରନ କରିଛନ୍ତି। ଶୁକ୍ରବାର ଅନ୍ତିମ ଦିବସରେ ମ୍ୟାଚ୍ ଡ୍ର ରଖିବା ଓଡ଼ିଶା ପାଇଁ କଷ୍ଟକର।

● ଜାତୀୟ ଦୃଷ୍ଟିବାଧିତ ଫୁଟବଲ

## ଆଶିଷ, ପଦ୍ମିନୀଙ୍କୁ ଓଡ଼ିଶା ଦଳର ନେତୃତ୍ୱ

ଭୁବନେଶ୍ୱର, ୧୧।୧୨ (ସମିସ): ଉତ୍ତରାଖଣ୍ଡର ଡେରାଡୁନଠାରେ ଚଳିତ ମାସ ୧୩ରୁ ୧୮ ତାରିଖ ପର୍ଯ୍ୟନ୍ତ ଜାତୀୟସ୍ତରୀୟ ଦୃଷ୍ଟିବାଧିତ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଏଥିରେ ଓଡ଼ିଶାର ଉଭୟ ପୁରୁଷ ଓ ମହିଳା ଦଳ ଅଂଶଗ୍ରହଣ କରିବେ। ଆଶିଷ ସାହୁ ଓ ପଦ୍ମିନୀ ଟୁଡୁଙ୍କୁ ଯଥାକ୍ରମେ ଓଡ଼ିଶା ପୁରୁଷ ଓ ମହିଳା ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ପୁରୁଷ ଦଳରେ ଆଶିଷଙ୍କ ସହ ଆଲୋକଦୀପ୍, ଦୀପକ ସିଂ, ସିଟୁ ଦାସ, କାହ୍ନା ସିଂ, ପଙ୍କଜ ମଙ୍ଗଳ, ଶେଖର ପ୍ରଧାନ, ଆକାଶ ପଡ଼ିଆମୀ, ଜଗା ପଡ଼ିଆମୀ, ଶରତ ସିଂ ଓ ସାଇ ଶିବ ସ୍ଥାନ ପାଇଛନ୍ତି। ସେହିଭଳି ପଦ୍ମିନୀଙ୍କ ନେତୃତ୍ୱରେ ଘୋଷିତ ମହିଳା ଦଳରେ ସୁମିତ୍ରା ସିଂ, ସରସ୍ୱତୀ ମୁର୍ମୁ, ପ୍ରିୟଙ୍କା ଦାସ, ପ୍ରିୟଙ୍କା ସ୍ୱାଇଁ ଓ ପୁଷ୍ପାଞ୍ଜଳି ଭୋଇ ରହିଛନ୍ତି। ଏହି ଜାତୀୟ ଦୃଷ୍ଟିବାଧିତ ଫୁଟବଲ ଟୁର୍ଣ୍ଣାମେଣ୍ଟ ଲାଗି ଜଟଣୀସ୍ଥିତ ଆଇଆଇସି କ୍ୟାମ୍ପସରେ ଓଡ଼ିଶା ଦଳର ଚୟନ ଶିବିର ଅନୁଷ୍ଠିତ ହୋଇଥିଲା। ଆଇଆଇସିର ସୁପରିଟେଣ୍ଡେଣ୍ଟ ତ୍ରିନାଥ ପାଢ଼ୀ, ବୁଲ୍ସଆଇର ଅଧ୍ୟକ୍ଷ ତ୍ରିଲୋଚନ ବେଉରା ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।




## କିଟ୍ ଓ କିସ୍‌ରେ ଭଲିବଲ୍ ମହୋତ୍ସବ ଆରମ୍ଭ

ଭୁବନେଶ୍ୱର, ୧୧।୧୨ (ସମିସ): କିଟ୍ ଓ କିସ୍‌ରେ ଆରମ୍ଭ ହୋଇଛି ଭଲିବଲ୍ ମହୋତ୍ସବ। ଅନ୍ତର୍ଜାତୀୟ ଭଲିବଲ୍ ମହାସଂଘ (ଫିବା) ଏବଂ କିଟ୍ ଓ କିସ୍‌ର ମିଳିତ ସହଯୋଗରେ ଆୟୋଜିତ ହେଉଥିବା 'ଫିବା ଭଲିବଲ୍ ଫେଷ୍ଟିଭାଲ ୱିକ୍' ଶନିବାର ଉଦ୍‌ଯାପିତ ହେବ। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ମହିଳା ସଶକ୍ତିକରଣ ଏବଂ ତୃଣମୂଳସ୍ତରରେ ଭଲିବଲ୍ ବିକାଶକୁ ପ୍ରୋତ୍ସାହିତ କରିବା।

କିଟ୍ ଓ କିସ୍‌ର କନ୍ୟା କିରଣ ପଦକ୍ଷେପର ଏକ ଅଂଶଭାଗରେ ଓଡ଼ିଶା ସମେତ ବିଶ୍ୱର ବିଭିନ୍ନ ସ୍ଥାନରୁ ଆସିଥିବା ମହିଳା ଭଲିବଲ୍ ପ୍ରଶିକ୍ଷକଙ୍କ ପାଇଁ ଏକ କର୍ମଶାଳା ମଧ୍ୟ ଆୟୋଜିତ ହେବ। ଯେଉଁଥିରେ ଓଡ଼ିଶାରୁ ୫୦୦ଜଣ ଅଂଶଗ୍ରହଣ କରିବେ। ସେହିଭଳି ଭାରତର ଅନ୍ୟ ରାଜ୍ୟ ଓ ବିଶ୍ୱର ବିଭିନ୍ନ ସ୍ଥାନରୁ ଆହୁରି ୨୦୦ଜଣ ଏହି କର୍ମଶାଳାରେ ଯୋଗଦେବେ ବୋଲି ଜଣାପଡ଼ିଛି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅନ୍ତର୍ଜାତୀୟ ଭଲିବଲ୍ ପ୍ରଶିକ୍ଷକ ଜନ୍ କେସେଲ ଓ ଜାନା କୁଲାନ ପ୍ରଶିକ୍ଷଣ ପ୍ରଦାନ କରିବେ। ଏହି କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ଏଫଆଇଭିବି ଓ ଭଲିବଲ୍ ୱାର୍ଲ୍ଡ ଫେଡେରେସନର ବରିଷ୍ଠ ପ୍ରତିନିଧିମାନେ ଓଡ଼ିଶାରେ ଆସି ପହଞ୍ଚିଛନ୍ତି। ଏହି ଅବସରରେ ଏଫ୍‌ଆଇଭିବି ସଭାପତି ଫାବିଓ ଆଜେଭେଦୋ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତଙ୍କ ମହିଳା ସଶକ୍ତିକରଣ କାର୍ଯ୍ୟକୁ ପ୍ରଶଂସା କରିଛନ୍ତି।




## ସେମିରେ ଫାଓ, ସମ୍ବଲପୁର ଏକାଡେମୀ







ଭୁବନେଶ୍ୱର,୧୧।୧୨(ସମିସ): କଟକର ଫାଓ ଏକାଦଶ ଓ ସମ୍ବଲପୁର ଫୁଟବଲ ଏକାଡେମୀ ପ୍ରଥମ ଦୁଇ ଦଳ ଭାବେ ଚଳିତବର୍ଷର ସତ୍ୟବ୍ରତ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଆଜି ଖେଳାଯାଇଥିବା ପ୍ରଥମ କ୍ୱାର୍ଟର ଫାଇନାଲରେ ଫାଓ ଏକାଦଶ ୨-୦ ଗୋଲରେ କଟକର ଇଣ୍ଡିପେଣ୍ଡେଣ୍ଟ କ୍ଲବ୍‌କୁ ଏବଂ ଦ୍ୱିତୀୟ ମ୍ୟାଚ୍‌ରେ ସମ୍ବଲପୁର ଫୁଟବଲ ଏକାଡେମୀ ୪-୦ ଗୋଲରେ ଭୁବନେଶ୍ୱରର କିଶୋର କ୍ଲବ୍‌କୁ ପରାସ୍ତ କରିଥିଲା। ପ୍ରଥମ ମ୍ୟାଚ୍‌ରେ ବିଜୟୀ ଫାଓ ଏକାଦଶ ପକ୍ଷରୁ ଅରବିନ୍ଦ ଲାକ୍ରା ଓ ହରିଶଙ୍କର ନାୟକ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିବା ହରିଶଙ୍କର ନାୟକଙ୍କୁ ଅତିଥି ପ୍ରଦ୍ୟୁମ୍ନ ପାଢ଼ୀ ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ବିଜୟୀ ସମ୍ବଲପୁର ଫୁଟବଲ ଏକାଡେମୀ ପକ୍ଷରୁ ମହମ୍ମଦ୍ ନିଆଲ ୨ଟି, ହରି ଦାସ ଓ ସାମସନ ଗୋଟିଏ ଲେଖାଏଁ ୱିକେଟ ପାଇଥିଲେ। ନିଆଲଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ଓଡ଼ିଶା ଅଲିମ୍ପିକ୍ ସଂଘ ସଭାପତି ସମୀର ମହାନ୍ତି ପ୍ରଦାନ କରିଥିଲେ।

**ସତ୍ୟବ୍ରତ ସ୍ମାରକୀ ଫୁଟବଲ**


କ୍ଲବ୍-୭୩ ଆନୁକୂଲ୍ୟରେ ଭୁବନେଶ୍ୱର ଫୁଟବଲ ଏକାଡେମୀରେ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟକୁ ରାଜ୍ୟ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଲିମ୍ପିକ୍ ସଂଘ ସଭାପତି ସମୀର ମହାନ୍ତି, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, କ୍ଲବ-୭୩ ସଭାପତି ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତାକାଲି ସନ୍‌ରାଇଜ ବନାମ ଝାରସୁଗୁଡା ଓ ୟୁନିଟ୍-୬ ବନାମ ମଙ୍ଗଳା କ୍ଲବ୍ ମଧ୍ୟରେ ମ୍ୟାଚ୍ ଖେଳାଯିବ।

ଓଡ଼ିଶା ମାଷ୍ଟର୍ସ ୨୦୨୫

## କ୍ୱାର୍ଟର ଫାଇନାଲରେ ଉନ୍ନତି, ଥରୁନ୍

କଟକ,୧୧।୧୨(ସମିସ): ସ୍ଥାନୀୟ ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଚାଲିଥିବା ଅନ୍ତର୍ଜାତୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଓଡ଼ିଶା ମାଷ୍ଟର୍ସ-୨୦୨୫ରେ ଗୁରୁବାର ପ୍ରିକ୍ୱାର୍ଟର ଫାଇନାଲ ରାଉଣ୍ଡର ସମସ୍ତ ମ୍ୟାଚ୍ ଖେଳାଯାଇଛି। ମହିଳା ସିଙ୍ଗଲ୍ସ ବିଭାଗରେ ଟପସିଡ ଭାରତୀୟ ଖେଳାଳି ଉନ୍ନତି ହୁଡା ୨୧-୭,୨୧-୧୪ ଗେମରେ ଥାଇଲାଣ୍ଡ ଖେଳାଳି ତୀଦାପ୍ରନ କ୍ଲୀବାଇସୁନ୍‌ଙ୍କୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ମହିଳା କ୍ୱାର୍ଟରରେ ସ୍ଥାନ ସୁରକ୍ଷିତ କରିଥିବା ଅନ୍ୟ ଖେଳାଳିମାନେ ହେଲେ ତୃତୀୟ ସିଡ ତନଭି ଶର୍ମା, ପଞ୍ଚମ ସିଡ ଅନୁପମା ଉପାଧ୍ୟାୟ ଓ ଷଷ୍ଠ ସିଡ ଅନମୋଲ ଖର୍ବ। ପୁରୁଷ ବିଭାଗ ସିଙ୍ଗଲ୍ସରେ ଟପ ସିଡ ଥରୁନ ମାନେପଲ୍ଲୀ ୨୧-୧୬,୧୨-୨୧ ଓ ୨୧-୧୧ରେ ଅନ୍ୟତମ ଭାରତୀୟ ପ୍ରତିଯୋଗୀ ଗୋବିନ୍ଦ କ୍ରୀଷ୍ଣାଙ୍କୁ ହରାଇ କ୍ୱାର୍ଟରରେ ସ୍ଥାନ ପକ୍କା କରିଛନ୍ତି। ସେହିପରି ଗତ ସଂସ୍କରଣ ଚାମ୍ପିଅନ ତଥା ଅଷ୍ଟମ ସିଡ ସତୀଶ କୁମାର, ଦ୍ୱିତୀୟ ସିଡ କିରଣ ଜର୍ଜ ଏବଂ ସପ୍ତମ ସିଡ ଶଙ୍କର ସୁବ୍ରମଣ୍ୟମ ରାଉଣ୍ଡ-୮କୁ ଉନ୍ନୀତ ହୋଇଛନ୍ତି। ମହିଳା ଡବଲ୍ସ ବିଭାଗରେ ଅନୁଷ୍ଠିତ ପ୍ରିକ୍ୱାର୍ଟର ରାଉଣ୍ଡରେ ବୁଲଗେରିଆ ଯୋଡି ଗେବ୍ରିଏଲା ଷ୍ଟୋଭା ଓ ଷ୍ଟେଫନୀ ଷ୍ଟୋଭା, ଭାରତର ଅଶ୍ୱିନୀ ଭଟ୍ଟ ଓ ଶିଖା ଗୌତମ ଯୋଡ଼ି, ଷଷ୍ଠ ସିଡ କବିପ୍ରିୟା ସେଲବମ ଓ ସିମରନ ସିଂଘି, ଇଣ୍ଡୋନେସିଆ ଯୋଡି ଶିତି ସରହ ଆଜହାର ଏବଂ ଦିତ୍ୟା ରାମଧାନୀ ଯୋଡ଼ି ବିଜୟୀ ହୋଇଛନ୍ତି।

ଆଜି ପ୍ରତିଯୋଗିତାର ୩ୟ ଦିନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ବିଧାୟକ ପ୍ରକାଶ ସେଠୀ, କ୍ରୀଡା ନିର୍ଦ୍ଦେଶକ ଡଃ ବିଜୟ ଯେଦୁଲ୍ଲା, ଜିଲ୍ଲାପାଳ ଦତ୍ତାତ୍ରୟ ଭାଉ ସାହେବ ସିନ୍ଦେ, କଟକ ମହାନଗର ନିଗମର କମିଶନର କିରଣ ଦୀପ କୌର ସହୋତା ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS